

ପ୍ରେମରେ ଦିଶା
▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-200 ♦THURSDAY ♦15 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୦୦ ♦ଗୁରୁବାର ♦୧୫ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଟ୍ରେନ୍ ଉପରେ ଖସିଲା କ୍ରେନ୍; ୨୯ ମୃତ

**୬୫ ଫୁଟ୍ ଉଚ୍ଚରୁ ଖସିଲା ଭଗ୍ନାବଶେଷ**

**ଟ୍ରେନ୍ ଲାଇନଚ୍ୟୁତ, ଏକାଧିକ ବଗି କ୍ଷତିଗ୍ରସ୍ତ**



■ ବ୍ୟାଙ୍କକ୍, ୧୪।୧ (ଏଜେନ୍ସି): ଥାଇଲାଣ୍ଡରେ ଗତକାଲି ଏକ ଏକ୍ସପ୍ରେସ ଟ୍ରେନ ଉପରେ ୬୫ ଫୁଟ୍ ଉଚ୍ଚରୁ କ୍ରେନ୍ ଖସିବା ଫଳରେ ଟ୍ରେନ୍‌ର ଏକାଧିକ ବଗି କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୨୯ ଜଣ ପ୍ରାଣ ହରାଇଥିବା ବେଳେ ୮୦ ଜଣ ଆହତ ହୋଇଛନ୍ତି। ରେଳ ବ୍ରିଜ୍ ନିର୍ମାଣ ପାଇଁ ଏହି କ୍ରେନ୍‌କୁ ବ୍ୟବହାର କରାଯାଉଥିଲା। ଦୁର୍ଘଟଣା ସମୟରେ ଟ୍ରେନ୍‌ରେ ୧୯୫ଜଣ ଯାତ୍ରା କରୁଥିଲେ। ମୃତକଙ୍କ ମଧ୍ୟରେ ଅଧିକାଂଶ ସ୍କୁଲ ଛାତ୍ର ଥି।।ଲେ ବୋଲି ଅଧିକାରୀଙ୍କ ତରଫରୁ କୁହାଯାଲେ। ଦୁର୍ଘଟଣା ସମୟରେ ଟ୍ରେନ୍ ପାଖାପାଖି ଘଣ୍ଟାପ୍ରତି ୧୨୦ କିମି ବେଗରେ ଗତି କରୁଥିଲା। ଫଳରେ ଡ୍ରାଇଭରଙ୍କୁ ବ୍ରେକ୍ ଲଗାଇବାକୁ ସୁଯୋଗ ମିଳି ନଥିଲା। ଏହି ଦୁର୍ଘଟଣା ରାଖୋନ ▶ପୃଷ୍ଠା-୭

# ୧୪୨ ବର୍ଷରେ ଆଖି ବୁଜିଲେ ସାଉଦିର ନାସର

**୧୧୦ ବର୍ଷରେ ଶେଷ ବିବାହ କରି ବି ହୋଇଥିଲେ ବାପା**

**ମୃତ୍ୟୁ ପର୍ଯ୍ୟନ୍ତ ଛୁଇଁ ପାରିଲାନି ବ୍ୟାଧି**



■ ରିଆଦ, ୧୪।୧ (ଏଜେନ୍ସି): ସାଉଦି ଆରବର ସବୁଠୁ ବୟସ୍କ ବ୍ୟକ୍ତି ଶେଖ ନାସର ବିନ ରଦାନ ଅଲ ରସିଦ ଅଲ ୱାଦାଇଙ୍କ ପରଲୋକ ହୋଇଛି। ତାଙ୍କୁ ୧୪୨ ବର୍ଷ ହୋଇଥିଲା। ରସିଦଙ୍କ ଅସାଧାରଣ ଜୀବନଯାତ୍ରା, ବିବାହ, ବୟସ ଆଦି ସର୍ବଦା ଚର୍ଚ୍ଚାରେ ରହିଥିଲା। ଶେଷ ଥର ପାଇଁ ସେ ୧୧୦ ବର୍ଷ ବୟସରେ ବିବାହ କରି ଚମକାଇ ଦେଇଥିଲେ। ପରେ ଏହି ବିବାହରୁ ତାଙ୍କର କନ୍ୟାସନ୍ତାନ ଜନ୍ମ ହୋଇଥିଲା। ବୟସର ଅପରାହ୍ଣରେ ବିବାହ ପରେ ବାପା ହୋଇ ସେ ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଡାକ୍ତର ଏବଂ ଜୀବନଶୈଳୀ ଉପରେ ଗବେଷଣା କରୁଥିବା ବିଶେଷଜ୍ଞମାନେ ଶେଖ ନାସରଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଦୈନିକ ଜୀବନଚର୍ଯ୍ୟା ଉପରେ ଅଧ୍ୟୟନ କରିଥିଲେ। ଉତ୍ତମ ଜୀବନଶୈଳୀ, ବିଚକ୍ଷଣ ବୁଦ୍ଧିମତା ବିଶେଷ କରି ୧୧୦ ବର୍ଷ ପରେ ବାପା ହେବାର କ୍ଷମତାକୁ ନେଇ ତାଙ୍କୁ ବେଶ ପ୍ରଶଂସା କରାଯାଇଥିଲା। ସେ ବୃଦ୍ଧାବସ୍ଥାଜନିତ କାରଣରୁ ଶେଷ ନିଃଶ୍ୱାସ ▶ପୃଷ୍ଠା-୭

### କ୍ଷୀର ଆଉଟା ନୀତିକୁ ନେଇ ବଡୁ-ବ୍ରାହ୍ମଣ ନିଯୋଗ ବିବାଦ

# ମକରରେ ମହାପ୍ରଭୁ ଲିଙ୍ଗରାଜ ଖାଡ଼ା ଓପାସ



**କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ମକରରେ ଓପାସ ରହିଲେ ଦିଅଁ**

**ମନ୍ଦିର ପ୍ରଶାସନର ଦାୟିତ୍ୱହୀନତା, ପାଳନ ହେଲାନି ମକର ଯାତ୍ରା**

■ ଭୁବନେଶ୍ୱର, ୧୪।୧ (ସମିସ): ବାଟିବାଟି ସମ୍ପତ୍ତି, ହଜାର ହଜାର ସେବାୟତ। ମାତ୍ର ମକର ସଂକ୍ରାନ୍ତି ପରି ପବିତ୍ର ଦିନରେ ମହାପ୍ରଭୁ ଲିଙ୍ଗରାଜ ଖାଡ଼ା ଓପାସ।

ଦେଢ଼ ଦିନ ହୋଇଗଲା ବନ୍ଦ ରହିଛି ନୀତିକାନ୍ତି। ମଙ୍ଗଳବାର ସନ୍ଧ୍ୟାରୁ ଦିଅଁଙ୍କର ନବାଙ୍କ ବେଢ଼ା ନୀତି ହୋଇ ନ ଥିବାବେଳେ ବୁଧବାର ଉତ୍ତରାୟଣ ପର୍ବରେ ମଧ୍ୟ ମହାପ୍ରଭୁଙ୍କୁ ଭୋଗ ଲାଗି ହୋଇ ପାରିଲା ନାହିଁ। କ୍ଷୀର ଆଉଟା ନୀତିକୁ ନେଇ ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ମହାପ୍ରଭୁଙ୍କୁ ଓପାସ ରହିବାକୁ ପଡ଼ିଛି। ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଆଇନ ବିଭାଗ ମଧ୍ୟ ଏ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରିଛନ୍ତି। ହଜାର ହଜାର ଶ୍ରଦ୍ଧାଳୁ ମକରସଂକ୍ରାନ୍ତିରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ଠାକୁରଙ୍କ ନୀତିକାନ୍ତି ନ ହେବା ଯୋଗୁଁ ତିକ୍ତ ମନୋଭାବ ନେଇ ଫେରିଛନ୍ତି। ମକର ସଂକ୍ରାନ୍ତି ପୂର୍ବଦିନ ସନ୍ଧ୍ୟାଧୂପ ପରେ ଲିଙ୍ଗରାଜଙ୍କର ଚଳନ୍ତି ପ୍ରତିମା ନବାଙ୍କ ବେଢ଼ା ପରିକ୍ରମା କରି ମକର ବେଢ଼ାରେ ବିଜେ କରିଥାନ୍ତି। ଦିଅଁ ମକର ବେଢ଼ାରେ ବିଜେ କରିବା ପରେ ବଡୁ ସାମନ୍ତ ଘରୁ କ୍ଷୀର ଅଣାଯାଏ। ମେଘ ଡମ୍ବରୁ ଓ ଘଣ୍ଟଘଣ୍ଟା ବଜାଇ ମଶାଲ ଜଳାଇ ଏହି କ୍ଷୀର ଆସିଥାଏ। ପରେ ସେହି କ୍ଷୀରକୁ ଆଉଟା ହୋଇ ପ୍ରସ୍ତୁତ ହୋଇଥିବା ଘିଅ ମହାପ୍ରଭୁଙ୍କୁ ଲାଗି ହୋଇଥାଏ। ଚଳିତ ବର୍ଷ ଏହି କ୍ଷୀର ଆଉଟା ନୀତିକୁ ନେଇ ବଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଫଳରେ ନବାଙ୍କ ବେଢ଼ା ନୀତି ବନ୍ଦ ରହିଛି ଓ ମକର ସଂକ୍ରାନ୍ତରେ ବି ନୀତିକାନ୍ତି ହୋଇନାହିଁ।

ସଂକ୍ରାନ୍ତି ଅବସରରେ ସାରା ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲିଙ୍ଗରାଜ ମନ୍ଦିରକୁ ପ୍ରବଳ ଭିଡ଼ ହୋଇଛି। ନବାଙ୍କ ବେଢ଼ା ନୀତି ଓ ଅନ୍ୟାନ୍ୟ ନୀତିକାନ୍ତି ବନ୍ଦ ରହିଥିବାରୁ ଖାଡ଼ା ଓପାସ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ମାତ୍ର ଦୂରଦୂରାନ୍ତରୁ ପ୍ରସାଦ ପାଇବା ନିମନ୍ତେ ସଂକ୍ରାନ୍ତରେ ଠାକୁରଙ୍କୁ ଦର୍ଶନ କରିବାକୁ ଆସି ନିରାଶ ହୋଇ ପାରିଛନ୍ତି। ଭକ୍ତମାନେ ଦିଅଁଙ୍କର ପ୍ରସାଦ ମଧ୍ୟ ପାଇପାରିନଥିବା ବେଳେ ନୀତିକାନ୍ତି ବନ୍ଦ ଥିବାରୁ କୌଣସି ଅଧିକାରୀଙ୍କୁ ମନ୍ଦିରରେ ଦେଖିବାକୁ ମିଳିନାହିଁ। ସେବାୟତ, ପ୍ରଶାସନ, ସରକାର ସମସ୍ତେ ନିଜ କଥା ଚିନ୍ତା କରୁଛନ୍ତି; ମାତ୍ର ଦିଅଁଙ୍କ କଥା କେହି ଚିନ୍ତା କରୁନାହାନ୍ତି ବୋଲି ଅନେକ ଶ୍ରଦ୍ଧାଳୁ ମତ ଦେଉଥିବା ଦେଖାଯାଇଛି। ଗତବର୍ଷ ବି ଏ ନୀତି ହୋଇପାରିନଥିଲା। ▶ପୃଷ୍ଠା-୭

# ଇରାନ ସ୍ଥିତି ସାଂଘାତିକ

**▶ ତୁରନ୍ତ ଦେଶ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ**

## ଆମେରିକାକୁ ଇରାନର ଧମକ: ଆକ୍ରମଣ କଲେ ଛାଡ଼ିବୁନି



**ଆନ୍ଦୋଳନକାରୀଙ୍କ ଉପରେ ଆଖିବୁଜା ଗୁଳିମାଡ଼**

**ମୃତ୍ୟୁସଂଖ୍ୟା ୫ ହଜାର ଟପିଥିବା ଦାବି**

**ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ: ଟ୍ରମ୍ପ**

■ ତେହରାନ, ୧୪।୧ (ଏଜେନ୍ସି): ଇରାନ ସ୍ଥିତି ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି। ରସାତଳଗାମୀ ଅର୍ଥ ବ୍ୟବସ୍ଥାରୁ ତ୍ରାହି ଏବଂ ଚରମପନ୍ଥୀ ସରକାରଙ୍କ ନିଷ୍ଠୁର ନିୟମ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଜୋରଦାର ହେବାକୁ ଲାଗିଛି। ଆନ୍ଦୋଳନକାରୀ ସରକାରୀ ସଂସ୍ଥାଗୁଡ଼ିକୁ କବ୍‌ଜା କରିବାରେ ଲାଗିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପରେ ଗୋଟିଏ ଟ୍ୱିଟ କରି ବିକ୍ଷୋଭକାରୀଙ୍କୁ ସହାୟତା ଦେବା କଥା କହୁଛନ୍ତି। ମାତ୍ର ଚରମପନ୍ଥୀ ସରକାର ଏହାକୁ ଦମନ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛନ୍ତି। ଯେନତେନ ଉପାୟରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷାକର୍ମୀ ଆନ୍ଦୋଳନକାରୀଙ୍କ ଉପରକୁ ଅତର୍କିତ ଗୁଳି ମାଡ଼ କରୁଛନ୍ତି। ଏ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନରେ ସାରା ଦେଶରେ ଅତିକମ୍‌ରେ ୫ ହଜାର ଲୋକଙ୍କ ମୃତ୍ୟୁ ହେଲାଣି। ଗୁଳି ବାଜିବାରୁ ଅଧିକାଂଶ ପ୍ରାଣ ହରାଇଛନ୍ତି ବୋଲି ଇରାନ ଇଣ୍ଟରନ୍ୟାସନାଲ ପକ୍ଷରୁ ଦାବି କରାଯାଇଛି। ମାତ୍ର ଆମେରିକାର ଏକ ମାନବାଧିକାର ଗଣମାଧ୍ୟମ ଏଜେନ୍ସି ୩୫୦୦ରୁ ଅଧିକ ଲୋକେ ପ୍ରାଣ ହରାଇଥିବା କହିଛି। ଏମାନଙ୍କ ମଧ୍ୟରେ ୨୪୦୩ ବିକ୍ଷୋଭକାରୀ ଏବଂ ୧୪୭ ସରକାରୀ କର୍ମଚାରୀ ସାମିଲ ଅଛନ୍ତି।

ଇରାନ ସ୍ଥିତିକୁ ଦେଖି ଭାରତ ସରକାର ସଜାଗ ହୋଇଯାଇଛନ୍ତି। ମାର୍ଗଦର୍ଶିକା ଜାରି କରି ଇରାନରେ ରହୁଥିବା ନିଜ ନାଗରିକଙ୍କୁ ତୁରନ୍ତ ଦେଶ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଏବେ ଇରାନରେ ଥିବା ଛାତ୍ରଛାତ୍ରୀ, ପର୍ଯ୍ୟଟକ, ତୀର୍ଥଯାତ୍ରୀ, ବ୍ୟବସାୟୀ ଆଦିଙ୍କୁ ଫେରିଆସିବାକୁ ଭାରତ ସରକାର କହିଛନ୍ତି। ଇରାନର ପରିବର୍ତ୍ତିତ ପରିସ୍ଥିତିକୁ ଦେଖି ଏହି ପରାମର୍ଶ ଦିଆଯାଇଛି। ଭାରତୀୟ ନାଗରିକଙ୍କୁ ସତର୍କ ରହିବାକୁ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ନ ଯିବା ପାଇଁ କୁହାଯାଇଛି। ଆବଶ୍ୟକ ସ୍ଥଳେ ଇରାନ ସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିବାକୁ ଏବଂ ସୂଚନା ପାଇଁ ସ୍ଥାନୀୟ ଗଣମାଧ୍ୟମ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି।

ଏପରି ସମୟରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନକୁ ଧମକ ଦେଇଛନ୍ତି। ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟ୍ରମ୍ପ କହିଛନ୍ତି। ଅନ୍ୟପଟେ ୨୬ ବର୍ଷୀୟ ବି।।କ୍ଷୋଭକାରୀ ସୋଲତାନୀଙ୍କୁ ବୁଧବାର ଇରାନ ଫାଶୀ ଦେଇପାରେ। ତାଙ୍କୁ ଗତ ୮ ତାରିଖରେ ଗିରଫ କରାଯାଇଥିଲା। ୧୧ ତାରିଖରେ ତାଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସେ ଈଶ୍ୱରଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିବା ଅଭିଯୋଗ ଲଗାଯାଇଛି। ଏହି ମାମଲାରେ ଟ୍ରାଏଲ ହେବ ନାହିଁ। ପରିବାର ସଦସ୍ୟଙ୍କୁ ଭେଟିବା ପାଇଁ ତାଙ୍କୁ ମାତ୍ର ୧୦ ମିନିଟ ସମୟ ଦିଆଯିବ। ଯଦି ଇର୍ଫାନଙ୍କୁ ଫାଶୀ ଦିଆଯିବ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ▶ପୃଷ୍ଠା-୭

# ଦୁଇ ଦିନ ପରେ କମିବ ଶୀତ

■ ଭୁବନେଶ୍ୱର, ୧୪।୧ (ସମିସ): ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ରାଜ୍ୟକୁ ଏବେ ଥଣ୍ଡା ଶୁଷ୍କ ବାୟୁର ପ୍ରବାହ ଜାରି ରହିଛି। ଏହି ଶକ୍ତିଶାଳୀ ଥଣ୍ଡା ବାୟୁ ପ୍ରଭାବରେ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେଉଛି। ରାଜ୍ୟରେ ଲାଗି ରହିଥିବା ଶୀତ ସ୍ଥିତି ଆହୁରି ତିନି ଦିନ ଜାରି ରହିବ। ୧୭ ତାରିଖ ପରେ ଏକ ପଶ୍ଚିମାଝଡ଼ ସକ୍ରିୟ ହେବ। ଏହା ପ୍ରଭାବରେ ରାଜ୍ୟରେ ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବା ସହ ରାଜ୍ୟରେ ଶୀତ କମିବାର ସମ୍ଭାବନା ଥିବା ପାଣିପାଗ ବିଭାଗ କହିଛି। ଗତ ୨୪ ଘଣ୍ଟାରେ ରାଉରକେଲାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ରାଉକେଲାରେ ପାରଦ ୬ ଡିଗ୍ରୀକୁ ଖସିଥିବା ବେଳେ ଝାରସୁଗୁଡ଼ାରେ ତାପମାତ୍ରା ୬.୪, କେନ୍ଦୁଝର ୮.୮, ସମ୍ବଲପୁର ୧୦.୨, ହୀରାକୁଦ ୧୧.୪ ଓ ଭୁବନେଶ୍ୱର ୧୨.୧ ▶ପୃଷ୍ଠା-୭

# ଭାଷଣରେ ଓଡ଼ିଆ; ନଥିରେ ଇଂରାଜୀ

## କାର୍ଯ୍ୟକାରୀ ହେଉନି ଓଡ଼ିଆରେ ସରକାରୀ କାର୍ଯ୍ୟ ନିର୍ଦ୍ଦେଶ

**ନିର୍ଦ୍ଦେଶ ମାନୁ ନାହାନ୍ତି ବାବୁ; ପୁଣି ସାଧାରଣ ପ୍ରଶାସନ ବିଭାଗର ତାଗିଦ୍**

**କୋହଳ ମନୋଭାବକୁ ସାଧାରଣରେ ନାପସନ୍ଦ**

■ ଭୁବନେଶ୍ୱର, ୧୪।୧ (ସମିସ): ରାଜ୍ୟରେ ଓଡ଼ିଆ ଭାଷାରେ ସମସ୍ତ ସରକାରୀ କାର୍ଯ୍ୟ ସମ୍ପାଦନ କରିବାକୁ ବର୍ଷ ବର୍ଷ ଧରି ପ୍ରୟାସ ହୋଇ ଆସୁଛି। ବିଭିନ୍ନ ସମୟରେ ସାଧାରଣ ପ୍ରଶାସନ ବିଭାଗଠାରୁ ଆରମ୍ଭ କରି ଭାଷା-ସାହିତ୍ୟ-ସଂସ୍କୃତି ବିଭାଗ, ଏପରିକି ମୁଖ୍ୟ ସଚିବମାନେ ଓଡ଼ିଆରେ ସରକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମାତ୍ର ସରକାରରେ ଉଚ୍ଚ ପଦରେ ଥିବା ବଡ଼ବଡ଼ ବାବୁମାନେ ସରକାରଙ୍କ ଏହି ନିର୍ଦ୍ଦେଶକୁ ତିଳେମାତ୍ର ଖାତିର କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ସରକାରୀସ୍ତରରେ ସବୁ ନଥିପତ୍ର ଓଡ଼ିଆ ଭାଷାରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଏହାକୁ କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ▶ପୃଷ୍ଠା-୭

### ନିତି ଆୟୋଗ ଏକ୍ସପୋର୍ଟ ପ୍ରିପେୟାର୍ଡନେସ୍ ଇଣ୍ଡେକ୍ସ

# ୧୫ତମ ସ୍ଥାନରେ ଓଡ଼ିଶା

■ ନୂଆଦିଲ୍ଲୀ,୧୪।୧(ଏଜେନ୍ସି): ନିତି ଆୟୋଗ ପକ୍ଷରୁ ଆଜି ପ୍ରକାଶିତ ହୋଇଛି ଏକ୍ସପୋର୍ଟ ପ୍ରିପେୟାଡର୍‌ନେସ ଇଣ୍ଡେକ୍ସ ରିପୋର୍ଟ। ଏଥିରେ ତାମିଲନାଡୁକୁ ପଛରେ ପକାଇ ମହାରାଷ୍ଟ୍ର ରପ୍ତାନୀ କ୍ଷେତ୍ରରେ ଦେଶର ଶୀର୍ଷ ରାଜ୍ୟର ମାନ୍ୟତା ପାଇଛି। ଅନ୍ୟପକ୍ଷରେ ଏହି ରିପୋର୍ଟରେ ଓଡ଼ିଶା ୧୫ତମ ସ୍ଥାନରେ ରହିଛି। ବିଦେଶକୁ ସବୁଠାରୁ ଅଧିକ ରପ୍ତାନୀ କରୁଥିବା ବଡ଼ ରାଜ୍ୟ ସୂଚୀରେ ମହାରାଷ୍ଟ୍ର ତଳକୁ ତାମିଲନାଡୁ, ଗୁଜରାଟ, ଉତ୍ତରପ୍ରଦେଶ ଓ ଆନ୍ଧ୍ରପ୍ରଦେଶ ରହିଛନ୍ତି। ଏହି ରାଜ୍ୟଗୁଡ଼ିକ ସୂଚୀରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଦର୍ଶନ ଛୋଟ ରାଜ୍ୟ ବର୍ଗରେ ଥିବା ଉତ୍ତରାଖଣ୍ଡ ଓ ଜାମ୍ମୁକାଶ୍ମୀରଠାରୁ ମଧ୍ୟ ଖରାପ ରହିଛି। ୨୦୨୦ରେ




ରାଜ୍ୟ ଏକ୍ସପୋର୍ଟ ପ୍ରିପେୟାର୍ଡନେସ୍ ଇଣ୍ଡେକ୍ସରେ ଅଗ୍ରଣୀ ରାଜ୍ୟରେ ସାମିଲ ହେବା ସହ ଷଷ୍ଠ ସ୍ଥାନ ଅଧିକାର କରିଥିଲା। ମାତ୍ର ସଦ୍ୟତମ ରିପୋର୍ଟରେ ଓଡ଼ିଶା ସମବର୍ଗୀୟ ରାଜ୍ୟ ଛତିଶଗଡ଼, ରାଜସ୍ଥାନ, ବିହାର ଏବଂ ଝାଡ଼ଖଣ୍ଡ ସହ ଆକାଂକ୍ଷୀ ବର୍ଗରେ ସ୍ଥାନ ପାଇଛି। ରପ୍ତାନି ବିବିଧତା, ଦୁର୍ବଳ ନେଟୱାର୍କ ଏବଂ ଗ୍ଲୋବାଲ ଭାଲ୍ୟୁ ଚେନ୍‌ରେ ଏହି ରାଜ୍ୟଗୁଡ଼ିକର ପ୍ରଦର୍ଶନ ଖରାପ ରହିଥିବା କୁହାଯାଇଛି।

# ଗ୍ରେଟର୍ ବ୍ରହ୍ମପୁର ଯୋଜନାକୁ ଧକ୍କା

## ମହାନଗରରେ ଉପକଣ୍ଠ ଅଞ୍ଚଳ ସାମିଲକୁ ବିରୋଧ




ସାମ୍ବିଧାନିକ ଅଧିକାର ଓ ଗ୍ରାମୀଣ ହିତକୁ ନେଇ ତେଜୁଛି ଅସନ୍ତୋଷ

■ ବ୍ରହ୍ମପୁର, ୧୪।୧ (ସମିସ): ବ୍ରହ୍ମପୁର ମହାନଗର ନିଗମରେ ସହରତଳି ଗ୍ରାମଗୁଡ଼ିକୁ ସାମିଲ କରି ଗ୍ରେଟର ବ୍ରହ୍ମପୁର ନିର୍ମାଣ ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରିଥିବା ବେ।।ଳେ ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁଁ ଏହାକୁ ଝଟକା ଲାଗିଛି। ବିଭିନ୍ନ ଗ୍ରାମ ପଞ୍ଚାୟତରେ ଭିନ୍ନମତ ଦେଖିବାକୁ ମିଳୁଛି। ସହରର ଚମକ ଓ ସୁବିଧା ସତ୍ତ୍ୱେ ଅନେକ ଗ୍ରାମବାସୀ ବିକଶିତ ଗ୍ରାମୀଣ ସଂସ୍କୃତି ପରମ୍ପରା ଏବଂ ସରକାରୀ ଗ୍ରାମାଞ୍ଚଳ ଯୋଜନାରେ ଲାଭାର୍ଥୀ ହୋଇ ଗ୍ରାମରେ ରହିବାକୁ ପସନ୍ଦ କରୁଛନ୍ତି। ଏହାର ପଛରେ କୌଣସି ଭାବନା ନୁହେଁ, ବରଂ ଜୀବନ ସହ ଜଡିତ କେତେକ ବ୍ୟବହାରିକ କାରଣ ଥିବା ଦର୍ଶାଉଛନ୍ତି।

ଏଠାରେ ମୌଳିକ ପ୍ରଶ୍ନ ଉଠୁଛି, ଏହି ସହରୀକରଣ କାହା ପାଇଁ ଏବଂ କେଉଁ ମୂଲ୍ୟରେ? ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ଜଣାପଡିବା ପରେ ଉଭୟ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକ୍‌ର ୩୪ଟି ଗାଁ ମଧ୍ୟରୁ ୧୧ଟି ଗାଁରେ ଏନେଇ ବିରୋଧାଭାଷ ରହିଥିବା କୁହାଯାଉଛି। ଯାହା ସହରୀକରଣ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଆଶଙ୍କା, ଅନିଶ୍ଚିତତା ସହ ସହମତି ନଥିବା ଭଳି ମନେ ହେଉଛି। ଲାଠି ଏବଂ ବେନ୍ଧାଳିଆ ଗ୍ରାମର ଅଧିକାଂଶ ପରିବାରର ନିଜସ୍ୱ ଜମି ଓ ଘର ରହିଛି। କୃଷି, ପଶୁପାଳନ, ମତ୍ସ୍ୟପାଳନ ଭଳି ପାରମ୍ପରିକ ଜୀବିକା ସହ ମନରେଗା ଭଳି ସରକାରୀ ଯୋଜନା ଗ୍ରାମୀଣ ଜୀବନକୁ ଆର୍ଥିକ ଭାବେ ସ୍ଥିରତା ପ୍ରଦାନ କରୁଛି। ଖାଦ୍ୟସୁରକ୍ଷା ମଧ୍ୟ ଏମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଗ୍ରାମାଞ୍ଚଳରେ ସରକାରୀ କଲ୍ୟାଣ ଯୋଜନାର ଉପଲବ୍ଧ ସହଜ। ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା, ଗ୍ରାମୀଣ ଆବାସ ଯୋଜନା, ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# କଟକ ସିଟି



## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବ୍ୟାସକବି ଫକୀରମୋହନ ଜୟନ୍ତୀ



କଟକ,୧୪।୧(ସମିସ): ଓଡ଼ିଆ ଭାଷା-ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ଦିଗରେ ଫକୀରମୋହନ ସେନାପତିଙ୍କ ଅବଦାନ ଅତୁଳନୀୟ। କାବ୍ୟ-କବିତାଠାରୁ ଆରମ୍ଭ କରି ଗଳ୍ପ, ଉପନ୍ୟାସ, ଆତ୍ମଜୀବନୀ, ଅନୁବାଦ ସାହିତ୍ୟ ଆଦିର ସ୍ରଷ୍ଟା ଭାବରେ ସେ ଅମର ରହିବେ। ଏହି ମତ ପ୍ରକାଶ ପାଇଛି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବୁଧବାର ପୂର୍ବାହ୍ଣରେ ଶ୍ରୀ ରାମଚନ୍ଦ୍ର ଭବନରେ ଆୟୋଜିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଅବସରରେ। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ ଷଡ଼ଙ୍ଗୀ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳଙ୍କ ସମେତ ପୂର୍ବତନ ସଂଗଠନ ସଂପାଦକ ଡ. ସୁନାମଣି ରାଉତ, ପୃଷ୍ଠପୋଷକ ସଭ୍ୟ ଉମାଶଙ୍କର ମିଶ୍ର, ରମେଶଚନ୍ଦ୍ର ନାୟକ, ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ଭୁବନାନନ୍ଦ ମହାନ୍ତି, ମୈତ୍ରୀ ଭୂଷଣ ଖୁଣ୍ଟିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପରିସରସ୍ଥ ବ୍ୟାସକବି ଫକୀରମୋହନଙ୍କ ସମେତ ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### କଟକଣା ସତ୍ତ୍ୱେ ବଢ଼ିଲା ବାୟୁ ପ୍ରଦୂଷଣ ମାତ୍ରା

## ୩୦୦ ଛୁଇଁଲା କଟକ ସହରର ଏକ୍ୟୁଆଇ

କଟକ,୧୪।୧(ସମିସ):

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ବାୟୁ ପ୍ରଦୂଷଣର ସ୍ଥିତି ଚିନ୍ତାଜନକ ହୋଇଥିବା ବେଳେ ଏଥିରୁ ବାଦ୍ ପଡ଼ିନି କଟକ ଜିଲ୍ଲା। ଜିଲ୍ଲାରେ ଗତ ୭ତାରିଖରୁ ଏଥିପାଇଁ ୭ଦିନିଆ ବିଭିନ୍ନ କଟକଣା ଜାରି କରିଥିଲା ଜିଲ୍ଲା ପ୍ରଶାସନ; କିନ୍ତୁ ସହରରେ ବାୟୁର ଗୁଣାବତ୍ତା ମାନ ବଢିବା ବଦଳରେ କମିଥିବା ଜଣାପଡିଛି। ଏପରିକି କଟକଣା ଲଗାଯିବା ଦିନ କଟକ ସହରରେ ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ)୨୦୦ମଧ୍ୟରେ ସୀମିତ ଥିବା ବେଳେ କଟକଣାର ଶେଷ ଦିନରେ ଏହା ୩୦୦ଛୁଇଁଥିବା ଜଣାପଡିଛି। ମିଳିଥିବା ସୂଚନାନୁସାରେ ଆଜି ଅପରାହ୍ଣ ୪ଟା ସମୟରେ ସହରର ଏକ୍ୟୁଆଇ ୨୯୭ରହିଥିଲା; ଯାହାକୁ ଖରାପ ବର୍ଗଭୁକ୍ତ କରାଯାଇଛି। ପ୍ରଶାସନର କଟକଣା ସତ୍ତ୍ୱେ ବାୟୁର ଗୁଣାବତ୍ତା ମାନ ହ୍ରାସ ପାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରରେ ବାୟୁ ପ୍ରଦୂଷଣର ସ୍ଥିତି ଦିନକୁ ଦିନ ସଙ୍ଗୀନ ହୋଇଚାଲିଛି। ଶିଳ୍ପାଞ୍ଚଳ ପାଇଁ ବାୟୁ ପ୍ରଦୂଷଣ ବୃଦ୍ଧି ପାଉନାହିଁ ବରଂ ଟ୍ରାଫିକ ଓ ନିର୍ମାଣ କାର୍ଯ୍ୟ ଏହାର ପ୍ରମୁଖ କାରଣ ବୋଲି ଜଣାପଡିଛି। ପ୍ରଶାସନ ପକ୍ଷରୁ ସନ୍ଧ୍ୟା୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ନିର୍ମାଣ କାର୍ଯ୍ୟ, ଭଙ୍ଗାରୁଜା ତଥା ଉଚ୍ଛେଦ ସହ ଖୋଲାରେ ଅଳିଆ ଅବର୍ଜନା ଜାଳିବା ତଥା ହୋଟେଲ ଓ ଢାବାରେ କୋଇଲା ପୋଡିବା ଉପରେ ପ୍ରତିବନ୍ଧକ ଲଗାଇଥିଲା ପ୍ରଶାସନ। ପ୍ରଶାସନ କେବଳ କଟକଣା ଜାରି କରି ବସିଥିବା ବେଳେ ଏନଫୋର୍ସମେଣ୍ଟ ହୋଇନପାରିବାରୁ ସ୍ଥିତିରେ କିଛି ପରିବର୍ତ୍ତନ ହୋଇନଥିବା କୁହାଯାଉଛି।

ସହରରେ ଆଜି ପ୍ରଦୂଷଣ ସୃଷ୍ଟିକାରୀ ଉପାଦାନ ପିଏମ୨.୫ ସର୍ବାଧିକ ୩୩୨ଥିବା ବେଳେ ହାରାହାରି ୨୩୬ ରହିଥିଲା। ସେହିଭଳି ପିଏମ-୧୦ ସର୍ବାଧିକ ୨୭୬ ଓ ହାରାହାରି ୧୭୩, ନାଇଟ୍ରୋଜେନ ଡାଇଅକ୍ସାଇଡ ୧୧୭ ଓ ୪୪, ଆମୋନିଆ ୭ ଓ୬, ସଲଫର ଡାଇଅକ୍ସାଇଡ ୪୬ ଓ ୧୪, କାର୍ବନ ମନୋଅକ୍ସାଇଡ ୯୪ ଓ ୪୦ ରହିଥିବା ବେଳେ ଓଜୋନ ସ୍ତର ସର୍ବାଧିକ ୨୯୭ ରହିଛି। ଏକଦା ଦେଶରେ ୧୨୧ ସ୍ଥାନକୁ ବାୟୁ ପ୍ରଦୂଷଣ ଯାଞ୍ଚ ନିୟମିତ କରିବା ଉପରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗୁରୁତ୍ୱ ଦେଇଥିଲା ବେଳେ ଓଡିଶାର ୭ଟି ସ୍ଥାନକୁ ଚିହ୍ନଟ କରାଯାଇଥିଲା। ଭୁବନେଶ୍ୱର, କଟକ, ଅନୁଗୁଳ, ତାଲଚେର ,ବାଲେଶ୍ୱର, ରାଉରକେଲା ଆଦି ପ୍ରମୁଖ ସ୍ଥାନ ରହିଥିଲା। ମିଳିଥିବା ସୂଚନାନୁସାରେ, ଧାର୍ଯ୍ୟ ଜାତୀୟ ମାନଠାରୁ ଖରାପ ରହିଛି କଟକର ବାୟୁ ପ୍ରଦୂଷଣ ସ୍ଥିତି। ବିଭିନ୍ନ ପାରାମିଟରକୁ ଆକଳନ କରାଯାଇ ଧାର୍ଯ୍ୟ ହେଉଥିବା ଏୟାର କ୍ୱାଲିଟି ଇଣ୍ଡେକ୍ସ ଯାହା ରହିଥିବା ତାହାଠାରୁ ଅଧିକ ରହିଥିବା ଜଣାପଡିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପ୍ରଶାସନ ପକ୍ଷରୁ କଟକ ସହରର ପ୍ରଦୂଷଣ କମ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହା ଫଳପ୍ରଦ ହୋଇପାରି ନଥିବା ଜଣାପଡିଛି। ସହରର ବିଭିନ୍ନ ରାସ୍ତାଘାଟରେ ଧୂଳି ବାଲିର ଆସ୍ତରଣ ପ୍ରଦୂଷଣ ବୃଦ୍ଧିରେ ସହାୟକ ହେଉଛି। ବାୟୁପ୍ରଦୂଷଣ ମାତ୍ରା ପରଖିବା ପାଇଁ ଏୟାର କ୍ୱାଲିଟି ଇଣ୍ଡେକ୍ସ ନିର୍ଦ୍ଧାରଣ କଟକ ସହରର ତିନୋଟି ସ୍ଥାନରେ ବାୟୁ ପ୍ରଦୂଷଣ ଯାଞ୍ଚ ମାନୁଆଲ ପଦ୍ଧତିରେ କରାଯାଉଛି। କଟକର ବ୍ୟସ୍ତବହୁଳ ବାଦାମବାଡି, ଲିଙ୍କରୋଡ ଓ ବାରବାଟୀ ଷ୍ଟାଡିୟମ ଓ ମର୍କତନଗରଠାରେ ପ୍ରଦୂଷଣ ମାତ୍ରା ଯାଞ୍ଚ କରାଯାଉଛି। କଟକ ସହରର ବାୟୁପ୍ରଦୂଷଣ ମାତ୍ରା ଜାତୀୟ ମାନଦଣ୍ଡ ପୂରଣ କରିବା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତାହା ହାସଲ ନେଇ ଅନିଶ୍ଚିତତା ଦେଖାଦେଇଛି।

## ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ

### ଘରୋଇ ହସ୍ପିଟାଲ ନାଁରେ ମାମଲା ରୁଜୁ

କଟକ,୧୪।୧(ସମିସ): ରୋଗୀ ମୃତ୍ୟୁକୁ ନେଇ ହରିପୁର ରୋଡରେ ଥିବା ଏକ ଘରୋଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଛି। ଡାକ୍ତରଙ୍କ ଚିକିତ୍ସା ଅବହେଳାକୁ ଦାୟୀ କରି ପରିବାର ଲୋକେ ଜୋରଦାର ପାଟିତୁଣ୍ଡ କରିଥିଲେ। ଏନେଇ ପୁରୀଘାଟ ଥାନା ପୁଲିସ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି।

ସୂଚନା ଅନୁସାରେ, ଯାଜପୁର ଜିଲ୍ଲା କୁଆଖିଆ ଥାନା ସଦାନନ୍ଦପୁର ଗ୍ରାମରେ ସୁଦାମ ଚରଣ ଦାସଙ୍କ ଘର। ନିକଟରେ ତାଙ୍କର ଏକମାତ୍ର ପୁଅ ସୁନୀତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ସଂଗେସଂଗେ ସୁନୀତଙ୍କୁ ଧରି କଟକ ଆସିଥିଲେ। ଜଣେ ବ୍ୟକ୍ତିଙ୍କ କହିବାନୁସାରେ ପୁଅକୁ ହରିପୁର ରୋଡରେ ଥିବା ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତ୍ୱରିତ କିମ୍ବା ଆବଶ୍ୟକ ଚିକିତ୍ସା ସୁବିଧା ମିଳିନଥିଲା। ଫଳରେ ସୁନୀତଙ୍କ ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ବିଗିଡିବାରେ ଲାଗିଲା। ଏହା ଦେଖି ଶ୍ରୀ ଦାସ ପୁଅକୁ ଅନ୍ୟ କୌଣସି ବେସରକାରୀ ହସ୍ପିଟାଲ ନେବା ପାଇଁ ନିଷ୍ପତ୍ତି ନେଲେ। ଏଥିଲାଗି ଆବଶ୍ୟକ ଚିକିତ୍ସା ସମ୍ବନ୍ଧିତ ରିପୋର୍ଟ ଓ କାଗଜପତ୍ର ସବୁ ଦେବାକୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଲେ। ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ କୌଣସି ପ୍ରକାର ସହଯୋଗ କରିନଥିଲେ। ବହୁ ଅନୁରୋଧ କରିବା ସତ୍ତ୍ୱେ ହସ୍ପିଟାଲ କର୍ମଚାରୀ ଓ କର୍ତ୍ତୃପକ୍ଷ କାଗଜପତ୍ର ଦେଇନଥିଲେ। ଏହା ମଧ୍ୟରେ ବୁଧବାର ସୁନୀତର ମୃତ୍ୟୁ ଘଟିଥିଲା। ଏହି ବିଷୟ ନଜଣାଇ ପୁଅ ଗୁରୁତର ଥିବା କହି ହସ୍ପିଟାଲ କର୍ତ୍ତୃପକ୍ଷ ସୁନୀତଙ୍କୁ ଏସସିବି ମେଡିକାଲକୁ ପଠାଇଦେଇଥିଲେ। ଏସସିବି ମେଡିକାଲରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ଘଟିସାରିଥିବା ସମ୍ପର୍କରେ ଜଣାପଡ଼ିଥିଲା। ଏହା ଶୁଣି ପରିବାର ଲୋକଙ୍କ ପାଦ ତଳୁ ମାଟି ଖସିଯାଇଥିଲା। ସଂଗେସଂଗେ ପରିବାର ଲୋକେ ହରିପୁର ରୋଡସ୍ଥିତ ଉକ୍ତ ହସ୍ପିଟାଲକୁ ଆସି ହୋହଲ୍ଲା କରିଥିଲେ। ସୁନୀତର ମୃତ୍ୟୁ ପାଇଁ ହସ୍ପିଟାଲ ଡାକ୍ତରଙ୍କ ଚିକିତ୍ସା ଅବହେଳା ଏବଂ କର୍ମଚାରୀଙ୍କ ଅସହଯୋଗକୁ ଦାୟୀ କରି ଜୋରଦାର ପାଟିତୁଣ୍ଡ କରିଥିଲେ। ଖବର ପାଇ ପୁରୀଘାଟ ଥାନା ପୁଲିସ ପହଞ୍ଚି ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏନେଇ ମୃତକଙ୍କ ବାପା ସୁଦାମ ଦାସଙ୍କ ଏତଲା ଆଧାରରେ ପୁଲିସ କେସ ନଂ ୭/୨୬, ବିଏନଏସର ଧାରା ୧୦୬(୧), ୩୧୮ (୪), ୩(୫)ରେ ଏକ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରଦ୍ଧାନନ୍ଦ ଦାସଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

### ମୋକିମ ଫାଉଣ୍ଡେସନ 'ମେଗା ସ୍ପୋର୍ଟସ କାର୍ନିଭାଲ' ଉଦ୍‌ଯାପିତ



କଟକ,୧୪।୧(ସମିସ): କଟକର ଐତିହାସିକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମଠାରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ୧୦ ଦିନିଆ "ମେଗା ସ୍ପୋର୍ଟସ କାର୍ନିଭାଲ' ଆଜି ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଉଦଯାପିତ ହୋଇଯାଇଛି। ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ରଦ୍ଧାନନ୍ଦ ଦାସଙ୍କୁ ସମ୍ମାନଜନକ "ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ' ପ୍ରଦାନ କରାଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୁବପିଢ଼ିଙ୍କୁ କ୍ରୀଡ଼ାକୁ ଜୀବନର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରି ଦେଶ ପାଇଁ ଗୌରବ ଆଣିବାକୁ ଆହ୍ୱାନ ଦେଇଥିଲେ। ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଖେଳାଳିଙ୍କ ମନୋବଳ ବୃଦ୍ଧି କରିବା ସହ ଫାଉଣ୍ଡେସନର ଏହି ସେବା ମନୋଭାବ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ୧୦ ଦିନ ଧରି ଚାଲିଥିବା ଏହି ମେଗା ଇଭେଣ୍ଟରେ ଶତାଧିକ କ୍ରୀଡ଼ାବିତ୍ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ତାଇକୋଣ୍ଡୋ, ସ୍କାଏ, ମାର୍ଶାଲ ଆର୍ଟସ, ଚେସ୍ ଏବଂ ଯୋଗ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ "ମୋକିମ ଫାଉଣ୍ଡେସନ ପ୍ରିମିୟର ଲିଗ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟର ବିଜେତା ଓ ଉପ-ବିଜେତା ଦଳଙ୍କୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ବଲିଉଡର ଲୋକପ୍ରିୟ କମେଡିଆନ ମୁବେନ୍ ସୌଦାଗର। ସେ ନିଜର ହାସ୍ୟରସ ପରିବେଷଣ କରି ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିଥିଲେ। ଅନ୍ୟତମ ଅତିଥି ଭାବେ ଓଲିଉଡ୍ ସୁପରଷ୍ଟାର ଅନୁଭବ ମହାନ୍ତି, ବିଶିଷ୍ଟ ଶିଳ୍ପପତି ପୀୟୂଷ ମହାନ୍ତି, ମଧୁ ମହାନ୍ତି, ଅଂଶୁମାନ ଅରୋରା, ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ଏବଂ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଟ୍ରଷ୍ଟି ମେମ୍ବର ମହମ୍ମଦ ଅଲିମ୍ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରାମକୃଷ୍ଣ କୁଟୀରରେ ମକର ମିଳନ



କଟକ,୧୪।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ରାମକୃଷ୍ଣ କୁଟୀରରେ ମକର ମିଳନ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟାପିକା ବିଦ୍ୟୁତ କୁମାରୀ ଲାଲା ମୁଖ୍ୟଅତିଥି ରୂପେ କୁଟୀରର ଅନ୍ତେବାସୀଙ୍କୁ ମକର ସଂକ୍ରାନ୍ତିର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କୁଟୀରରେ ସହସମ୍ପାଦକ ଭୁବନାନନ୍ଦ ମହାନ୍ତି, ଡ. ଓଁକାର ରାଉତ, ରାକେଶ ଶତପଥୀ ପ୍ରମୁଖ ମକର ସଂକ୍ରାନ୍ତି ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ତତ୍ତ୍ୱାବଧାରକ ସୁଭାଷଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ଠାକୁରଙ୍କ ନିକଟରେ ମକର ଚାଉଳ ଭୋଗ କରାଯାଇ ଅନ୍ତେବାସୀଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା।

## ସାରଳା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଜୟନ୍ତୀ



କଟକ,୧୪।୧(ସମିସ): ସାରଳା ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କର ଜୟନ୍ତୀ, ସାରସ୍ୱତ ପୀଠ ସାରଳା ଭବନଠାରେ ପାଳିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ଼ଃ ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବରେ ଓ ଶିକ୍ଷାବିତ ଡ଼ ସତ୍ୟନାରାୟଣ ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଅଧ୍ୟାପକ କ୍ଷୀରୋଦ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କବି କ୍ରାନ୍ତିବାଳା ନାୟକ, ଶିକ୍ଷାବିତ ନଳିନୀକାନ୍ତ ପଣ୍ଡା ପ୍ରମୁଖ ଫକୀରମୋହନ ସେନାପତିଙ୍କ ଜୀବନ ସଂପର୍କରେ କହିଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥଲେ। କାର୍ଯ୍ୟକ୍ରମକୁ ବ୍ରଜକିଶୋର ବେହୁରା ପରିଚାଳନା କରିଥିଲେ।

## ସିଏନ୍‌ବିଟିକୁ ଓଏସ୍‌ଆର୍‌ଟିସିର ବସ ଚଳାଚଳକୁ ବିରୋଧ

କଟକ,୧୪।୧(ସମସ): କଟକ ନେତାଜୀ ବସ ଟର୍ମିନାଲ(ସିଏନବିଟି)କୁ ଆଜି ଓଏସଆରଟିସିର ବସ ଚଳାଚଳକୁ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ପୂର୍ବ ସରକାର ସମୟରେ କଟକ ଜିଲ୍ଲାରେ ଗ୍ରାମାଞ୍ଚଳ ତଥା ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଚଳାଚଳ କରୁଥିବା ୬ଟି ଲକ୍ଷ୍ମୀ ବସ ସିଏନବିଟିରେ ପ୍ରବେଶ କରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ବସର ରୁଟ ଅନୁମତି ନଥାଇ ସିଏନବିଟିକୁ ଆସିବା ବେଆଇନ ବୋଲି ମାଲିକମାନେ କହିଛନ୍ତି। ପୂର୍ବରୁ ଲକ୍ଷ୍ମୀ ବସ ଚଳାଚଳ ଜିଲ୍ଲା ମୁଖ୍ୟାଳୟକୁ କରାଯାଇ ନଥିବା ବେଳେ ଆଜି ଏହା ଆସିବାକୁ ନେଇ ବସ ମାଲିକମାନେ ଅସନ୍ତୋଷ ପ୍ରକାସ କରିଥିଲେ। ପରେ ପରିବହନ ଅଧିକାରୀମାନେ ଆସି ବୁଝାସୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ




କଟକ,୧୪।୧(ସମିସ): ସମାଜର ସତ୍ୟତାକୁ ବ୍ୟାସକବି ନିଜର ସାହିତ୍ୟରେ ପରିପ୍ରକାଶ କରୁଥିଲେ। ଆଜିର ସମୟରେ ମଧ୍ୟ ବ୍ୟାସକବିଙ୍କ ଲିଖିତ ଗଳ୍ପ, କବିତା ଓ ଉପନ୍ୟାସର ପ୍ରାସଙ୍ଗିକତା ରହିଛି। ଓଡ଼ିଆ ଭାଷାକୁ ଜୀବନ୍ତ କରି ରଖିବା ସହ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଫକୀରମୋହନ ସେନାପତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବୋଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତବ୍ୟକ୍ତ କରିଛନ୍ତି। ବୁଧବାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ "ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ରେ ସମ୍ମାନିତ କରାଯାଇଛି। ଡ. ଷଡ଼ଙ୍ଗୀଙ୍କୁ ୫ଲକ୍ଷ ଟଙ୍କା ପୁରସ୍କାର ରାଶି, ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯାଇଛି। ସମ୍ମାନ ଗ୍ରହଣ କରି ଡ. ଷଡ଼ଙ୍ଗୀ ବ୍ୟାସକବି ଫକୀରମୋହନଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କଥାଶିଳ୍ପୀ ଓ ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## କଟକ ଆକାଶେ ମକର ଗୁଡ଼ି

କଟକ,୧୪।୧(ସମିସ):







ସୂର୍ଯ୍ୟଦେବ ମକର ରାଶିରେ ପ୍ରବେଶ କରିବା ସହିତ ପ୍ରକୃତି ନୂଆ ଶକ୍ତିରେ ଭରିଉଠେ। ମଣିଷର ମନରେ ଜାଗିଉଠେ ନୂଆ ଆଶା। ବସନ୍ତର ମଧୁର ଆଗମନକୁ ସ୍ୱାଗତ କରୁଥିବା ପବିତ୍ର ପର୍ବ ମକର ସଂକ୍ରାନ୍ତି। ମକର ସଂକ୍ରାନ୍ତି କେବଳ ଏକ ପର୍ବ ନୁହେଁ, ଏହା ହେଉଛି ଆନନ୍ଦ, ଏକତା ଓ ପରମ୍ପରାର ଉତ୍ସବ। କଟକରେ ମକର ସଂକ୍ରାନ୍ତି ବେଶ ଧୁମଧାମରେ ପାଳିତ ହୋଇଯାଇଛି। ସହରର ସମସ୍ତ ଦେବାଳୟରେ ଦିନ ତମାମ ଭିଡ ଲାଗି ରହିଥିଲା। ଦେବାଦେବୀଙ୍କ ପୂଜା ସହ ମକର ଚାଉଳ ଭୋଗ ଥିଲା ଏହି ଦିବସରଅନନ୍ୟଆକର୍ଷଣ। ଏହାଛଡ଼ା ରଙ୍ଗୀନ ଗୁଡି କଟକ ଆକାଶକୁ ଆଚ୍ଛାଦିତ କରି ରଖିଥିଲା। ପ୍ରଶାସନିକ କଟକଣା ସତ୍ତ୍ୱେ ମାଞ୍ଜା ସୂତାରେ ଗୁଡି ଉଡାଇବା ବିଭିନ୍ନ ସାହିବସ୍ତିରେ ପ୍ରତିଯୋଗିତା ସୃଷ୍ଟି କରିଥିଲା।

### ମାଞ୍ଜା ସୂତା ବିକି ଥାନାକୁ ଭିଡ଼ାହେଲେ ବ୍ୟବସାୟୀ

କଟକ,୧୪।୧(ସମିସ): ମକର ସଂକ୍ରାନ୍ତିରେ ଗୁଡ଼ି ଉଡ଼ାକୁ ଦୃଷ୍ଟିରେ ଦକ୍ଷିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ମାଞ୍ଜା ଓ ସିନ୍ଥେଟିକ୍ ସୂତାର ବିକ୍ରି ଓ ବ୍ୟବହାରକୁ ବନ୍ଦ କରିବା ପାଇଁ କୁହାଯାଇଥିଲା। ତେବେ ଝୋଲାସାହି, ଚୌଧୁରୀବଜାର ଓ ପିଠାପୁର ଆଦି ଅଞ୍ଚଳରେ ମାଞ୍ଜା ଓ ସିନ୍ଥେଟିକ ସୂତା କାରବାର ହେଉଥିବା ସଂକ୍ରାନ୍ତରେ ଖବର ମିଳିବା ପରେ କମିସନରେଟ ପୁଲିସ ପକ୍ଷରୁ ଉକ୍ତ ଦୋକାନଗୁଡିକ ଉପରେ ଚଢଉ କରାଯାଇ ଯାଞ୍ଚ କରାଯିବା ସହିତ ଜୋରିମାନା ମଧ୍ୟ ଆଦାୟ କରାଯାଇଛି। ମାଞ୍ଜା ସୂତା ଓ ଗୁଡି ଉଡାଇବାକୁ ସହରରେ କଟକଣା ଜାରି କରାଯିବା ସତ୍ତ୍ୱେ ଏହାକୁ ଉଲ୍ଲଙ୍ଘନ କରିବା ନେଇ ଆଜି ପୁଲିସ ପକ୍ଷରୁ ଚଢଉ କରାଯାଇ ଜଣେ ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଏହାପରେ ଜୋରିମାନା ବାବଦରେ ୫ହଜାର ଟଙ୍କା ଆଦାୟ କରାଯାଇ ତାଙ୍କୁ ଛାଡ଼ିଦିଆଯାଇଥିଲା।

### ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

## ଶିଳ୍ପୀ ଚନ୍ଦ୍ରଶେଖର ସେଠୀଙ୍କୁ 'ଓଡ଼ିଶା ଚିତ୍ରକଳା ସମ୍ମାନ'



କଟକ,୧୪।୧(ସମିସ): କଟକର ଐତିହାସିକ ଗାନ୍ଧୀ ସ୍ମାରକୀ ପାର୍କଠାରେ ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ ଏକ ବିଶାଳ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରାୟ ୬୦୦ରୁ ଅଧିକ କୁନି କୁନି ଶିଳ୍ପୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ "ପଡ଼ିଆରେ ଗୁଡ଼ି ଉଡ଼ାଉଥିବା' ଦୃଶ୍ୟକୁ ନେଇ ୪ଟି ବିଭାଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ନିଜର ରଙ୍ଗ ଓ ତୁଳୀ ମାଧ୍ୟମରେ ଶିଳ୍ପୀମାନେ ପାରମ୍ପରିକ ଗୁଡ଼ି ଉଡ଼ାର ମଜା ସହିତ ସୁରକ୍ଷିତ ଗୁଡ଼ି ଉଡ଼ା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏମସି କମିଶନର କିରଣ ଦୀପ କୌର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିଳ୍ପୀ ତଥା ଖଲ୍ଲିକୋଟ ବି.କେ. ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ସେଠୀଙ୍କୁ ସମ୍ମାନଜନକ "ଓଡ଼ିଶା ଚିତ୍ରକଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଧର୍ମପଦ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ କଳାର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ରେଡକ୍ରସ ସଚେତନତା କମିଟି ଅଧ୍ୟକ୍ଷ ଡଃ ରଞ୍ଜନ କୁମାର ବିଶ୍ୱାଳ, ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର ଆରତୀ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏବଂ ଶିଳ୍ପୀ ସଞ୍ଜୀବ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତା ସହିତ ଯେଡ଼ିଧା ମହାପାତ୍ରଙ୍କ ଦ୍ୱାରା ପରିବେଷିତ ଯନ୍ତ୍ର ସଙ୍ଗୀତ କାର୍ଯ୍ୟକ୍ରମ ପରିବେଶକୁ ଆହୁରି ସୁନ୍ଦର କରିଥିଲା। ଶେଷରେ ଶିଳ୍ପୀ ଯଶସ୍ୱୀ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଧୁମ୍‌ଧାମ୍‌ରେ ମକର ସଂକ୍ରାନ୍ତି ପାଳିତ







ବରଗଡ଼, ୧୪।୧(ସମିସ)

ଜନ ଜାଗୃତ ସେବା ସମିତି ତରଫରୁ ବରଗଡ଼ ସ୍ଥିତ ମାଁ ପରରାପାଟଙ୍କ ପବିତ୍ର ସ୍ଥଳୀରେ ମକର ସଙ୍କ୍ରାନ୍ତି ଉପଲକ୍ଷେ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଛି। ଆଖ ପାଖ ଅଞ୍ଚଳରୁ ଅନେକ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ଜନ ଜାଗୃତ ସେବା ସମିତିର ସମସ୍ତ ସଦସ୍ୟ ମାନେ ନିଜସ୍ୱ ଖର୍ଚ୍ଚରେ ଲଗାତାର ତୃତୀୟ ବର୍ଷ ହେଲା ଏହି ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରୁଛନ୍ତି। ସମିତିର ସମସ୍ତ ସଦସ୍ୟ ମାନେ ମିଶି କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ।

**ଭଟଲି:** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ପୂଣ୍ୟ ପବିତ୍ର ଭଟଲି ଦଧିବାମନ ପୀଠରେ ମକର ସଙ୍କ୍ରାନ୍ତି ଓ ନାଗାପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବଦିନ ଦଧିବାମନ ମହାପ୍ରଭୁଙ୍କୁ ନାନା ପ୍ରକାରର ସୁବାସିତ ମନୋହର ପୁଷ୍ପଦ୍ୱାରା ବେଶ କରାଯାଇଥିଲା। ମହାପ୍ରଭୁଙ୍କ ଦୈନିକ ପୂଜାନୀତି ପହଡଭଙ୍ଗ, ଦ୍ୱାରଫିଟା ନୀତିଠାରୁ ଆରମ୍ଭ କରି ଗୋପାଳ ବଲ୍ଲଭ ଭୋଗ ଲାଗି ହେବା ପରେ ପ୍ରଭୁ ମକର ଚାଉଳ ଭୋଗ ଲାଗି କରାଯାଇଥିଲା। ପରେ ଭକ୍ତମାନଙ୍କୁ ଏହି ଭୋଗ ବିତରଣ କରାଯାଇଥିଲା। ମକର ଅବସରରେ ଚକ୍ରତୀର୍ଥ ସ୍ଥିତ ଚକ୍ର ପୁଷ୍କରିଣୀରେ ଶତାଧିକ ସାଧୁ, ସନ୍ଥ, ଭକ୍ତ ସମୂହ ବୁଡ଼ ପକାଇ ପାଦୁକା ମନ୍ଦିର ଦର୍ଶନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ବୁଧବାର ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ସହସ୍ରାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏହି ଅବସରରେ ମନ୍ଦିରରେ ଗୀତା ପଠନ, ଯଜ୍ଞ ଓ ପ୍ରବଚନ ହୋଇ ସହ ସାମୂହିକ ପ୍ରସାଦ ସେବନ ହୋଇଥିଲା। ଭଟଲିରେ ପୂର୍ବରୁ ଭକ୍ତ ପରାମାନନ୍ଦଙ୍କ ନାଗା ସେବା କରୁଥିବାର ପରମ୍ପରା ଥିବାରୁ ଏହି ଅବସରରେ ଭକ୍ତ ପରମାନନ୍ଦଙ୍କ ବଂଶଧର ମାନେ ଏକ ବିରାଟ ଶୋଭାଯାତ୍ରାରେ ଆସି ପରମାନନ୍ଦ ସ୍ମୃତିପୀଠରେ ମାଲ୍ୟାର୍ପଣ କରିଥିଲେ। ପରେ ମାଉସୀ ମାଁ ମନ୍ଦିର ପ୍ରାଙ୍ଗଣରେ ନାଗପର୍ବ ପାଳନ ସହିତ ଅଲେଖ ମହିମା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିମାଧର୍ମୀ ଉଦ୍ଧବ ବାବା ଏବଂ ତାଙ୍କ ସହକର୍ମୀ ଉପସ୍ଥିତ ଥିଲେ। ମେଳା ପ୍ରାରମ୍ଭରୁ ଗାଁର ମହିଳା ମାନଙ୍କ ଦ୍ୱାରା କଳସଯାତ୍ରାରେ ଚକ୍ର ପୁଷ୍କରିଣୀରୁ ଜଳ ଆଣି ଯଜ୍ଞମଣ୍ଡପରେ



ସ୍ଥାପନ କରାଯାଇଥିଲା। ପରେ ମହିମାଧର୍ମୀ ଅଲେଖ ବାବାମାନଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା। ନାଗାପର୍ବରେ ସାମିଲ ହୋଇଥିବା ସହସ୍ରାଧିକ ଭକ୍ତଙ୍କପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ହେବା ସହିତ ମନୋରଞ୍ଜନ କାର୍ଯ୍ୟକ୍ରମରେ ମହିଳା ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ଗୁରୁବାର ନାଗାପର୍ବର ପୂର୍ଣ୍ଣାହୁତି ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

**ପାଇକମାଳ:** ପବିତ୍ର ମକର ସଙ୍କ୍ରାନ୍ତି ଅବସରରେ ଓଡ଼ିଶାର ଐତିହାସିକ ତୀର୍ଥ ଓ ପର୍ଯ୍ୟଟନ କେନ୍ଦ୍ର ଶ୍ରୀଶ୍ରୀ ନୃସିଂହନାଥ ପୀଠରେ ଭକ୍ତ ମାନଙ୍କର ପ୍ରବଳ ଭିଡ ଦେଖାଦେଇଛି। ପ୍ରତିବର୍ଷ ତୁଳନାରେ ଚଳିତ ବର୍ଷ ଭକ୍ତଙ୍କ ସଂଖ୍ୟା ଅଧିକ ରହିଥିଲା। ମକର ସଙ୍କ୍ରାନ୍ତି ପାଇଁ ଭୋରରୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ ଆରମ୍ଭ ହୋଇଥିଲା। ବିଭିନ୍ନ ଜିଲ୍ଲା ସହ ନିକଟବର୍ତ୍ତୀ ରାଜ୍ୟ ଛତିଶଗଡ଼ରୁ ଭକ୍ତମାନେ ଆସି ନୃସିଂହନାଥ ପାପନାଶିନୀ ଝରଣାର ଗୋକୁଣ୍ଡ ଘାଟରେ ବୁଡ ପକାଇଥିଲେ। ମକର ବୁଡ ଦେଲେ ସମସ୍ତ ପାପନାଶ ହୁଏ ଓ ମନ ସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସକୁ ଆଧାର କରି ପ୍ରତିବର୍ଷ ଏଠାରେ ଭକ୍ତ ସମାଗମ ହୋଇଥାଏ। ନୃସିଂହନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲମ୍ବା ଧାଡି ଦେଖାଯାଇଥିଲା। ଛତିଶଗଡ଼, ସାରାଇପାଲି, ଲଡକାନୀ ଗାଁରୁ ଆସିଥିବା ଏକ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସେମାନେ ଦୀର୍ଘ ଅନେକ ବର୍ଷ ହେଲା ନୃସିଂହନାଥ ମନ୍ଦିରକୁ ମକର ସଙ୍କ୍ରାନ୍ତି ଦିନ ଆସିଥାନ୍ତି ବୋଲି ଶ୍ୟାମଲାଲ ଭାଇ, ବିଜୟ ପଧାନ, ସଞ୍ଜୟ ପଧାନ, ଶରତ ନାୟକଙ୍କୁ ପଚାରିବାରୁ କହିଥିଲେ। ଆବାହମାନ କାଳରୁ ପ୍ରଚଳିତ ମାଗଣା ହରିହର ପଙ୍ଗତ ବ୍ୟବସ୍ଥା ଏହି ପର୍ବର ଏକ ମୁଖ୍ୟ ଆକର୍ଷଣ। ଶ୍ରୀଶ୍ରୀ ନୃସିଂହନାଥ ଠାକୁରଙ୍କ ଅନ୍ନ ପ୍ରସାଦ ହଜାର ହଜାର ଭକ୍ତ ଗ୍ରହଣ କରିଥିଲେ। ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇ କହିଛନ୍ତି ଯେ, ଭକ୍ତମାନେ ସୁବିଧାରେ ଦର୍ଶନ କରିପାରିବେ ଓ କୌଣସି ଅପ୍ରୀତିକର ଘଟଣା ନଘଟୁ, ସେଥିପାଇଁ ସମସ୍ତ ପ୍ରକାର ସତର୍କତା ଗ୍ରହଣ କରାଯାଇଥିଲା।

**ପଦ୍ମପୁର:** ମକର ସଙ୍କ୍ରାନ୍ତି ଉପଲକ୍ଷେ ପଦ୍ମପୁର ବ୍ରାହ୍ମଣ ସମାଜ ତରଫରୁ ମକର ମିଳନ ହୋଇଯାଇଛି। ବ୍ରାହ୍ମଣ ସମାଜର ସମ୍ପାଦକ ସଦାନନ୍ଦ ପୁରୋହିତ କାର୍ଯ୍ୟକ୍ରମ ସମ୍ପର୍କରେ ଏବଂ ଡ.ବାଞ୍ଛାନିଧି ପଣ୍ଡା ଆଲୋଚ୍ୟ ବିଷୟରେ ସୂଚନା ଦେଇଥିଲେ। ତାପରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ପ୍ରଥମ ସତ୍ର 'ଭାରତୀୟ ସମ୍ବିଧାନ ଆଧାରରେ ନାଗରିକର କର୍ତ୍ତବ୍ୟ' ବିଷୟରେ ଅଧ୍ୟାପକ ଡ.ଖ୍ୟାତିମୟ ତ୍ରିପାଠୀ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଦ୍ୱିତୀୟ ସତ୍ରର ଆଲୋଚ୍ୟ ବିଷୟ ଥିଲା 'ରାଷ୍ଟ୍ର ନିର୍ମାଣରେ ନାଗରିକର ଉତ୍ତର ଦାୟିତ୍ୱ'। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ.ପ୍ରିୟଦର୍ଶୀ ଯୋଶୀଙ୍କ ସମେତ ସତ୍ୟନାରାୟଣ ତ୍ରିପାଠୀ, ମନୋଜ ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ଅତ୍ରାହି ପାଣିଗ୍ରାହୀ ମନ୍ତ୍ର ପାଠ ପୂର୍ବକ ସେମିନାର ଆରମ୍ଭ କରିଥିଲେ। ଅଧ୍ୟାପକ ଦିବ୍ୟକିଶୋର ପଣ୍ଡାଙ୍କ ସଂଯୋଜନାରେ ସେମିନାରରେ ବ୍ରାହ୍ମଣ ସମାଜ ତଥା ଅନ୍ୟ ସମାଜର ପ୍ରାୟ ୫୦ ଜଣ ଉପସ୍ଥିତ ଥିଲେ। ପର୍ଶୁରାମ ବାହିନୀ ଓ ଗାୟତ୍ରୀ ବାହିନୀର ସଭ୍ୟ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାହିତ ହୋଇଥିଲା।

**ଗାଇସିଲେଟ:** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ ଅଧୀନ ପରମାନନ୍ଦପୁର ଗାଁର ବୈଦିକ ଯଜ୍ଞ ପୀଠରେ ବୈଦିକ ସଂସ୍କୃତି ସଂରକ୍ଷଣ ସମିତି ତରଫରୁ ପବିତ୍ର ମକର ସଙ୍କ୍ରାନ୍ତି ଉପଲକ୍ଷେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଛି। ଏଥିରେ ଯଜ୍ଞ ବ୍ରହ୍ମା ଭାବେ ଅବସରପ୍ରାପ୍ତ ପ୍ରଫେସର ଡ.ଶ୍ରୀବତ୍ସ ଆଚାର୍ଯ୍ୟଙ୍କ ସମେତ ଗୁରୁକୁଳ ନବପ୍ରଭାତ ଆଶ୍ରମର ୭ଜଣ ବ୍ରହ୍ମଚାରୀ ଯୋଗ ଦେଇଥିଲେ। ସମିତିର ସଭାପତି ଦେବରାଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଯଜମାନ ଭାବେ କଟାବାହାଲ ଗାଁର ଅନିରୁଦ୍ଧ ସାହୁ ଏବଂ ତାଙ୍କ ଧର୍ମପତ୍ନୀ ଶୋଭାବତୀ ସାହୁ ରହିଥିଲେ। ଯଜ୍ଞ, କୀର୍ତ୍ତନ ଧାରା ଓ ପ୍ରବଚନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଖ ପାଖ ଅଞ୍ଚଳରୁ ଅନେକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ମଙ୍ଗଳବାର ଗାଁର ପୋଖରୀରୁ ପାଣି ଆଣି ଶତାଧିକ ଗ୍ରାମବାସୀ ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଉତ୍ସବରେ ଆଖ ପାଖର ଭାଗବତ ଦଳ ଯୋଗ ଦେଇଥିଲେ। ପାଟଣାଗଡ଼ ସ୍ଥିତ ଡେବ୍ରୀପାଲି ଗାଁର ଲମ୍ବୋଦର ଗୁରୁ ଏବଂ ତାଙ୍କ ସାଥୀ ପ୍ରବଚନ କରିଥିଲେ। କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ସନତ ଗଡ଼ତିଆ, ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ, ସରପଞ୍ଚ ଅର୍ପିତା ପଣ୍ଡା, ବିଜେପି ନେତା ଆନନ୍ଦ ମଟାରି, ମହେଶ ଦେବତା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ତ୍ତିକେଶ୍ୱର ବେହେରା, ଶିକ୍ଷାବିତ ବିପିନ ବିହାରୀ ନନ୍ଦ, ବନପାଳ ଝରଣା ସାହୁ, ବନରକ୍ଷୀ ଲିଜୀ ମହାପାତ୍ର, ସାମ୍ବାଦିକ ସଞ୍ଜୀବ ପୁରୋହିତ, ସୁଶାନ୍ତ ପଣ୍ଡା, ରିଙ୍କୁ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ଅଞ୍ଚଳରେ ଆଧ୍ୟାତ୍ମିକ ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସମିତିର ମୁଖ୍ୟ ପରିଚାଳକ ଶ୍ରୀ ଗୋବର୍ଦ୍ଧନ ସଂସ୍କୃତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଆଚାର୍ଯ୍ୟ ଭରତ ଶାସ୍ତ୍ରୀ ପ୍ରୟାସ କରୁଥିବା ସମିତି ପକ୍ଷରୁ କୁହାଯାଇଥିଲା। ଯଜ୍ଞ କାର୍ଯ୍ୟ ସମ୍ପନ୍ନ ପରେ ଉପସ୍ଥିତ ସମସ୍ତ ଭକ୍ତ ଅନ୍ନ ପ୍ରସାଦ ସେବନ କରିଥିଲେ। ପରମାନନ୍ଦପୁର ଗାଁର ଯୁବକ ମାନେ ତଥା କୀର୍ତ୍ତନ ମଣ୍ଡଳୀର ସମସ୍ତ ସଦସ୍ୟ ଓ ଆଖପାଖ ଗାଁ ତଥା ଜୁବାଖୋଲ, କୁଲିଆରି, କେନ୍ଦୁମାଳ, ଡଙ୍ଗରମୁଣ୍ଡା ଓ କଟାବାହାଲ ଗାଁର ଶ୍ରଦ୍ଧାଳୁ ମାନେ ଯୋଗ ଦେଇ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ। ପରିଶେଷରେ ସମିତିର ସମ୍ପାଦକ ଗାର୍ଗବ ବଡ଼େଇ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବିଜେପୁର:** ସାର୍ବଜନୀନ ମକର ସଙ୍କ୍ରାନ୍ତି ଉପଲକ୍ଷେ ବରଗଡ଼ ଜିଲ୍ଲା ଅଧୀନ ବିଜେପୁର ବ୍ଲକର ବିଭିନ୍ନ ସ୍ଥାନରେ ଧାର୍ମିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ତାଲପଦର ହନୁମାନ ମନ୍ଦିର ପ୍ରାଙ୍ଗଣରେ ୧୪ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଖଲିଆପାଲି, ଖରମୁଣ୍ଡା, ତାଲପଦର ଆଦି ଗାଁର ସଙ୍କୀର୍ତ୍ତନ ଦଳ ବିଭୁ ନାମ ଜପ କରିଥିଲେ। ପାଲେଶ୍ୱର ପଧାନ ଓ ସଞ୍ଜୁ ପଧାନ ସପତ୍ନିକ କର୍ତ୍ତା ଏବଂ ପଣ୍ଡିତ ପୀତବାସ ମିଶ୍ର, ପ୍ରେମାନନ୍ଦ ମିଶ୍ର, ପୂଜାହାରୀ ମାୟାଧର ମହାପାତ୍ର ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। ସେହିପରି ବରମୁଣ୍ଡା ଗାଁରେ ତିନି ଦିନ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦିନ ଗୀତା ପାଠ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଜଣାଶୁଣା ପ୍ରବଚକ ଜିତୁ ଦାଶଙ୍କ ଦ୍ୱାରା ପାରାୟଣ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ସାଂସ୍କୃତିକ ଅନୁଷ୍ଠାନ 'ସୁଭଦ୍ରା ଭଜନଧାରା' କେନ୍ଦୁଝରର 'ଅଲେଖ ମହିମା ଖଞ୍ଜଣି ଦଳ' ଆଦିଙ୍କ ଦ୍ୱାରା ଧାର୍ମିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହା ସହିତ ଏମ୍‌ଶ୍ରୀଗୀଡା ଗାଁରେ ପାରାୟଣ ଗାୟିକା ବନ୍ଦିତା ନାୟକଙ୍କ ଦ୍ୱାରା ଭକ୍ତିମୟ ଭଜନ ଓ ପାରାୟଣ ଅନୁଷ୍ଠିତ ହୋଇଥିଲା। ଯୋଖିପାଲିର ଲିଟି ଡୁଙ୍ଗୁରି, ରଙ୍ଗମାଟିଆର ଡୁଙ୍ଗୁରି ସମେତ ବ୍ଲକର ବିଭିନ୍ନ ଗାଁରେ ମକର ସଙ୍କ୍ରାନ୍ତି ଅବସରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ବିଜେପୁର ବିଧାୟକ ସନତ ଗଡ଼ତିଆ ପୂଜାମଣ୍ଡପ ମାନ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ।

**ପଦ୍ମପୁର:** ସ୍ଥାନୀୟ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆଗାମୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରତିଷ୍ଠା ଦିବସ ଓ ମକର ମିଳନ ଉତ୍ସବ ଆଜି ସନ୍ଧ୍ୟାରେ ସ୍ଥାନୀୟ ଆର୍.ବି ହାଇସ୍କୁଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ଉପ ସଭାପତି ସଞ୍ଜୟ ବହିଦାରଙ୍କ ଅଧ୍ୟକ୍ଷତା ତଥା ଡ.ଜୟକେତନ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଡ.ବାଞ୍ଛାନିଧି ପଣ୍ଡା ମୁଖ୍ୟ ଅତିଥି ଓ ବରିଷ୍ଠ ନାଗରିକ ସଂଘର ସଭାପତି ଜୟନାରାୟଣ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଅଶୋକ ବହିଦାର ଅତିଥି ପରିଚୟ ଓ ଉଦ୍ଦେଶ୍ୟ ପ୍ରଦାନ କରିଥିଲେ। ଡ.ସରୋଜ ନାଏକ, ଗୋବିନ୍ଦ ପ୍ରସାଦ ପାଣିଗ୍ରାହୀ, ପ୍ରୀତିରଞ୍ଜନ ପ୍ରଧାନ, ରାଜେନ୍ଦ୍ର ମହାନ୍ତି ପ୍ରମୁଖ ସ୍ୱକୀୟ ବକ୍ତବ୍ୟ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶେଷଦେବ ମେହେର, କିଶୋର ପାତ୍ର, ରମେଶ ଗୁର୍ଲା, ଟେନେସ୍ ପଣ୍ଡା ସହଯୋଗ କରିଥିଲେ। ଶେଷରେ ପ୍ରୀତିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମକର ସଂକ୍ରାନ୍ତି ଅବସରରେ ରକ୍ତଦାନ ଶିବିର

ବରଗଡ଼, ୧୪।୧(ସମିସ): ମକର ସଙ୍କ୍ରାନ୍ତି ଅବସରରେ ବରଗଡ଼ ବ୍ଲକ ଅଧୀନ ଗାଇସିମା ପଞ୍ଚାୟତର ମାଲିପାଲିରେ ନିଷ୍ଠା ପରିବାର ଓ ମକର ମେଳା ମହୋତ୍ସବ କମିଟି, ମାଲିପାଲିଙ୍କ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛଇ। ବରେଣ୍ୟ ଅତିଥି ଭାବେ ବରଗଡ଼ ବିଧାୟକଙ୍କ ବଡ ଭାଇ ପ୍ରଦୀପ ଷଡଙ୍ଗୀ, ସୁଧାଂଶୁ ଗଡ଼ତିଆ ଏବଂ ମକର ମେଳା ମହୋତ୍ସବ କମିଟିର ସଭାପତି ଟଙ୍କଧର ପ୍ରଧାନ ଶିବିରର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡା ରକ୍ତଦାତାମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିବିରରୁ ମୋଟ ୩୩ ୟୁନିଟ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିର ଆୟୋଜନ ପାଇଁ ମକର ମେଳା ମହୋତ୍ସବ କମିଟି, ମାଲିପାଲିକୁ ସ୍ମୃତିଫଳକ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତଦାତା, ସହଯୋଗୀ ଓ ଶୁଭେଚ୍ଛୁମାନଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

### ● ୩୧ ୟୁନିଟ୍ ରକ୍ତ ସଂଗ୍ରହ

ଅତାବିରା: ବୁଧବାର ପବିତ୍ର ମକର ସଙ୍କ୍ରାନ୍ତି ଉପଲକ୍ଷେ ଭେଡେନ ବ୍ଲକ ପୁଡାପାଲି ଗାଁରେ ମାଁ ମାହେଶ୍ୱରୀ ସେନା ଓ ପୁଡାପାଲି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଲୁହାଖଣ୍ଡି ପଞ୍ଚାୟତର ସରପଞ୍ଚ ମୀରା ମହାକୁର ଓ ସମାଜସେବୀ ଅଶୋକ ପ୍ରଧାନ ଶିବିରର ଶୁଭାରମ୍ଭ କରିଥିଲେ। ମୋଟ ୩୧ ୟୁନିଟ ରକ୍ତ ବୁର୍ଲା ରକ୍ତଭଣ୍ଡାରର କାଉନସିଲର ଦେବାଶିଷ ମିଶ୍ର, ଟେକନିସିଆନ ଓ କର୍ମଚାରୀମାନଙ୍କର ଦ୍ୱାରା ସଂଗୃହିତ ହୋଇଥିଲା। ଶିବିର ପରିଚାଳନାରେ ମାଁ ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ ଓ ପୁଡାପାଲି ଗ୍ରାମବାସୀ ସହଯୋଗ କରିଥିଲେ।

## ମାଁଙ୍କ ପୀଠରେ ଖୁବ୍‌ଶୀଘ୍ର ହେବ ସେଡ୍



ବରଗଡ଼: ତୁରୁଙ୍ଗା ଗାଁର ମାଁ ବୈଷ୍ଣୋଦେବୀ ମନ୍ଦିର ପ୍ରାଙ୍ଗଣରେ ମକର ସଙ୍କ୍ରାନ୍ତି ପାଳନ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମନ୍ଦିର କମିଟି ପକ୍ଷରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମାଁଙ୍କ ଆଶୀର୍ବାଦ ନେବା ସହ ଭକ୍ତଙ୍କ ସହ କିଛି ସମୟ ଅତିବାହିତ କରିଥିଲେ। ଜିଲ୍ଲା ପ୍ରଶାସନ ଓ ମନ୍ଦିର କମିଟି ପକ୍ଷରୁ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥିବା ବେଳେ ଆସନ୍ତା ୩ ମାସ ମଧ୍ୟରେ ଏକ ଭବ୍ୟ ସେଡ ନିର୍ମାଣ କରାଯିବ ବୋଲି ବିଧାୟକ ଶ୍ରୀ ଷଡଙ୍ଗୀ ସମସ୍ତ ଭକ୍ତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିର କମିଟି ପକ୍ଷରୁ ସଦନ ତିୱାରୀ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ମଣ୍ଟୁ ଗଡ଼ତିଆ, ସନ୍ଦୀପ ମହାପାତ୍ର, ଶ୍ରବଣ ଲାଠ, ସମୀର ଡାଲମିଆ, ଆନନ୍ଦ ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଉପାନ୍ତ ଅଞ୍ଚଳରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଅମ୍ବାଭୋନା, ୧୪।୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରୀସ୍ଥିତ ମାଁ ପ୍ରିୟା ଭବନରେ ପ୍ରିୟାଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜନଜୀବନ ବିକାଶ ଟ୍ରଷ୍ଟ ଓ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନର ଯୁକ୍ତ ଆନୁକୂଲ୍ୟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଶିବିରରେ ୧୦୦ରୁ ଅଧିକ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣା ଔଷଧ ଗ୍ରହଣ କରିଥିଲେ। ଶିବିରକୁ ଜନଜୀବନ ବିକାଶ ଟ୍ରଷ୍ଟର ସଭାପତି ପ୍ରେମାନନ୍ଦ ସା ଉଦ୍‌ଘାଟନ କରିଥିଲେ। ବରଗଡ଼ କ୍ରିଷ୍ଣା ବିକାଶ ହସ୍ପିଟାଲର ଡାକ୍ତର ଅଜୀତ ବାରିକ, ଜନଜୀବନ ବିକାଶ ଟ୍ରଷ୍ଟର ସମ୍ପାଦକ ଶରତ ମିଶ୍ର, ସହସମ୍ପାଦକ ପବିତ୍ର ସା, କୋଷାଧ୍ୟକ୍ଷ ତରଣୀ ସେନ ପଧାନ, ମହେନ୍ଦ୍ର ପଧାନ, ସାକେତ ଭୂଷଣ ସାହୁ, ଭରତ ଚନ୍ଦ୍ର ଦୋରା ସହିତ ଡୁଙ୍ଗୁରୀ ଅଞ୍ଚଳର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଶିବିରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଅନ୍ନପୂର୍ଣ୍ଣା ମିଶ୍ର, ଚକ୍ଷୁ ବିଭାଗର ରାକେଶ ପଧାନ, ମେଡିସିନ ବିଭାଗର ବିଭା ପରଗନିଆଁ, ଦନ୍ତ ଚିକିତ୍ସା ବିଭାଗର ଡ.ହର୍ଷା, ଫିଜିଓଥେରାପି ବିଭାଗର ଡାକ୍ତର ଆବୃତ୍ତି ସାହୁ, ଆହାର ଓ ପଥ୍ୟ ବିଭାଗର ଶ୍ୱେତା ଲିନା ଭୋଇ ଓ ଛାତି-ଫୁସଫୁସ ବିଭାଗର ଡ. ଏନ ଅତୁଲ୍ୟ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କୁ ଚିକିତ୍ସା ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାକୃତ ଭାବେ ସେବା ଦେଇଥିବା ଡୁଙ୍ଗୁରୀ ସ୍ୱାମୀ ବିବେକାନନ୍ଦ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବରଗଡ଼ କ୍ରିଷ୍ଣା ବିକାଶ ହସ୍ପିଟାଲ ପକ୍ଷରୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଡ.ଅଜୀତ ବାରିକଙ୍କ ନେତୃତ୍ୱରେ ପଞ୍ଜୀକରଣ, ପାରାମେଡିକାଲ ଓ ଔଷଧ ବିତରଣ ବିଭାଗ ସୁଚାରୁ ଭାବେ ପରିଚାଳିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

ବରଗଡ଼, ୧୪।୧(ସମିସ): ସ୍ଥାନୀୟ ପାଣି ପଞ୍ଚାୟତ ଭବନ ଓ ଜଳସେଚନ ବିଭାଜନ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ସମାବେଶ ଓ ପାଣି ପଞ୍ଚାୟତ ପକ୍ଷ ପାଳନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଣି ପଞ୍ଚାୟତ ସମାବେଶ ବୈଠକରେ ସମ୍ମାନୀୟ ଅତିଥି ଭାବେ ବରଗଡ଼ର ଲୋକସଭା ସାଂସଦଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ, ମୁଖ୍ୟ ଯନ୍ତ୍ରୀ କେନାଲ ଡିଭିଜନ ବରଗଡ଼ ଓ ବରପାଲି ଡିଭିଜନ, କେନାଲ ଡିଭିଜନର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ବୁର୍ଲା, ଜ୍ୟୋତିରଞ୍ଜନ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଜିଲ୍ଲାର ବିଭିନ୍ନ କେନାଲ ଗୁଡିକ ପରିଦର୍ଶନ କରିଥିଲେ। ତାଙ୍କର କର୍ମଚାରୀମାନଙ୍କ ସହିତ ଆଲୋଚନା କରିବା ସହ ହୀରାକୁଦ ବନ୍ଧର ପାଣିରେ କିପରି କମ୍ ଖର୍ଚ୍ଚରେ ଚାଷ ହୋଇପାରିବ ମତାମତ ଦେଇଥିଲେ। ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପାଣି ପଞ୍ଚାୟତ ଉପରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବହ୍ନି କନ୍ୟା ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଇଁ ବୈଠକ

ବିଜେପୁର, ୧୪।୧(ସମିସ): ଚଳିତ ବର୍ଷ ବରଗଡ଼ ଜିଲ୍ଲାର ବିଶିଷ୍ଟ ନାରୀ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ବହ୍ନି କନ୍ୟା ପାର୍ବତୀ ଗିରୀଙ୍କ ଜନ୍ମର ଶହେ ବର୍ଷ ପୂର୍ତ୍ତି ଜୟନ୍ତୀ ପାଳନ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ତାଙ୍କ 'ମନ କି ବାତ'ରେ ପାର୍ବତୀ ଗିରିଙ୍କ ସଙ୍କ୍ରାନ୍ତରେ ଉଲ୍ଲେଖ କରି ସମ୍ମାନ ପ୍ରଦର୍ଶନ କରିଛନ୍ତି। ତେଣୁ ଚଳିତ ବର୍ଷ ବିଜେପୁର, ପାଇକମାଳ, ବରଗଡ଼ ଆଦି ସ୍ଥାନରେ ଜୟନ୍ତୀ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବଡମାଁଙ୍କ ଜନ୍ମମାଟି ବିଜେପୁର ବ୍ଲକ ହାଇସ୍କୁଲ ପଡ଼ିଆରେ ସମାରୋହରେ ଆଗାମୀ ୧୯ ତାରିଖ ଜୟନ୍ତୀ ସଭା ଅନୁଷ୍ଠିତ ହେବ। ଏ ନେଇ ବିଜେପୁର ବ୍ଲକ ପ୍ରଶାସନ ତରଫରୁ ସମନ୍ୱୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ସଭା କକ୍ଷରେ ଆୟୋଜିତ ବୈଠକରେ ବିଜେପୁର ବିଧାୟକ ସନତ ଗଡ଼ତୀୟା ଯୋଗଦେଇଥିଲେ। ଜୟନ୍ତୀ ଅବସରରେ ଜନ୍ମ ପୀଠରୁ ପାର୍ବତୀ ଗିରି ଜ୍ୟୋତି ଚେତନା ରଥ ସ୍ଥାନୀୟ ସହର ପରିକ୍ରମା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୬ ତାରିଖ ସ୍କୁଲ କଲେଜର ପିଲାଙ୍କ ମଧ୍ୟରେ ବ୍ଲକସ୍ତରୀୟ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଶତବାର୍ଷିକୀ ତିନି ଦିନ ଧରି ଅନୁଷ୍ଠିତ ହେବ। ୧୭ରେ ସ୍ୱଚ୍ଛତା ଅଭିଯାନ, ୧୮ରେ ରକ୍ତଦାନ ଶିବିର ଓ ୧୯ ତାରିଖ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ପ୍ରଶାସନ ବୈଠକରେ ସୂଚନା ଦିଆଯାଇଥିଲା।

### ସର୍ବଭାରତୀୟ ବୋଡାସମ୍ବର କପ୍

## ମୁମ୍ବାଇକୁ ପରାସ୍ତ କଲା ପୁନେ

ପଦ୍ମପୁର, ୧୪।୧(ସମିସ)

ସ୍ଥାନୀୟ ଆର୍‌ବି ହାଇସ୍କୁଲ ପଡ଼ିଆରେ ଆରମ୍ଭ ହୋଇଥିବା ୩୦ ତମ ସର୍ବଭାରତୀୟ ବୋଡାସମ୍ବର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ତଥା ପୁଲ-ବି'ର ପ୍ରଥମ ମ୍ୟାଚ୍ ଅମର ସ୍ପୋର୍ଟସ ପୁନେ ଓ ରକେଟ୍ ଇଲେଭେନ୍ ମୁମ୍ବାଇ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୁନେ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୨୮.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ଦଳ ୧୮.୩ ଓଭରରେ ସମସ୍ତ ୱିକେଟ୍





ହରାଇ ୧୧୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ପୁନେ ଦଳର ଅମନ୍ କୋହଲି ୬୪ ବଲରେ ୮୨ରନ୍ ସଂଗ୍ରହ କରିଥିଲେ। ୬ ଓଭରରେ ୩୩ରନ ବଦଳରେ ୪ ୱିକେଟ୍ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସେହିପରି ମୁମ୍ବାଇ ଦଳର ଟସ୍ରିଫ ଖାନ୍ ୨୦ ବଲରେ ୩୫ ରନ୍ ସଂଗ୍ରହ କରିଥିଲେ। ପୁରସ୍କାର ବିତରଣୀ ସମାରୋହରେ ଦୁର୍ଗାପୂଜା କମିଟି ଉପସଭାପତି ଅଜିତ ଶତପଥୀ, ସମ୍ମାନିତ ଅତିଥି ଭାବେ ସମ୍ପାଦକ ଯୁଗଳ କିଶୋର ସାହୁ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଯୋଗେଶ ସାହୁ ଯୋଗଦେଇ ପୁନେ ଦଳର ଅମନ କୋହଲିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଆଜିର ମ୍ୟାଚ୍‌କୁ ସତ୍ୟବ୍ରତ ମହାପାତ୍ର ଓ ଶ୍ୟାମ ସୁନ୍ଦର ପଣ୍ଡା ପରିଚାଳନା କରିଥିବା ବେଳେ ରିଙ୍କୁ ବରିହା, ଅମରେଶ ବେହେରା ସ୍କୋରର, ରୋହିଣୀ ପାଣ୍ଡେ ସନ୍ତୋଷ ନାୟାର ଉଦ୍‌ଘୋଷକ ଦାୟିତ୍ୱ ବହନ କରିଥିଲେ।

## କନ୍ଧାଡଙ୍ଗର ହାଇସ୍କୁଲରେ ସ୍ୱଚ୍ଛତା କୁଇଜ

ଝାରବନ୍ଧ, ୧୪।୧(ସମିସ): ଝାରବନ୍ଧ ବ୍ଲକ କନ୍ଧାଡଙ୍ଗର ହାଇସ୍କୁଲ ପ୍ରାଙ୍ଗଣରେ ସ୍ୱଚ୍ଛତା ବିଷୟରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅରୁଣ ଭୋଇ ପିଏଚଇଓ, ତ୍ରିନାଥ ସାହୁ ଲେପ୍ରସି ସୁପରଭାଇଜର ଓ ସମୀର ବାରିକ ଡିଇଓ ଉପସ୍ଥିତ ଥିଲେ। ଏହି ଅବସରରେ ହାଇସ୍କୁଲର ପ୍ରଧାନଶିକ୍ଷକ ବାବୁଲାଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଆରଦ୍ରା ବାଗ ପ୍ରକାଶ ବାଗ, ଶୋଭାରମ ସିଦାର ପ୍ରମୁଖଙ୍କ ସହଯୋଗରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ପରିବେଶ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇଥିଲେ।

## ଗଙ୍ଗେଇ ଗାଁରେ ହାତୀ ସୁରକ୍ଷା ସଚେତନତା

ଅମ୍ବାଭୋନା, ୧୪।୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଗଙ୍ଗେଇ ଗାଁରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗଙ୍ଗେଇର ଇକୋ କ୍ଲବ୍ ପକ୍ଷରୁ ହାତୀ ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରୋହିତ ଭୁଏଙ୍କ ଆହ୍ୱାନ କ୍ରମେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ବୈଠକରେ ମୁଖ୍ୟ ଅତିଥି ଭାବେ ଭୁକ୍ତାର ବିଦ୍ୟୁତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅମରେଶ ପ୍ରସାଦ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ବନପାଳ ପର୍ଶୁରାମ ବେହେରା, ସମ୍ମାନିତ ଅତିଥି ଭାବେ ଶୋଭାରାମ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦ୍ରୁପଦ ପାତ୍ର ଓ ଗୋପାଳପୁର ଆଶ୍ରମ ସ୍କୁଲ ଭଟଲିର ଇକୋ କ୍ଲବ୍ ଶିକ୍ଷକ ତଥା ପ୍ରକୃତି ପ୍ରେମୀ ଉଚ୍ଛବ ଭୁଏ ଯୋଗ ଦେଇଥିଲେ। ସମସ୍ତ ପ୍ରକୃତି ପ୍ରେମୀ ଓ ଗ୍ରାମବାସୀ ବିଦ୍ୟୁତ ତାରକୁ ସୁରକ୍ଷିତ କରି ବନ୍ୟପ୍ରାଣୀଙ୍କ ଯେପରି କ୍ଷତି ନ ହୁଏ ସେଥିପ୍ରତି ଜନ ସାଧାରଣଙ୍କୁ ସଚେତନ କରିବା ଉଚିତ ବୋଲି ଅତିଥିବୃନ୍ଦ ସଚେତନତାର ବାର୍ତ୍ତା ଦେଇଥିଲେ। ବନ୍ୟପ୍ରାଣୀ ସହ ସଂଘର୍ଷ ନ କରି ହାତୀ ପରି ଜୀବର ସୁରକ୍ଷା କରିବା ସହ ବନ୍ୟପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ହେଲେ ଅନୁକମ୍ପା ଆପ୍ ମାଧ୍ୟମରେ କିପରି ସହାୟତା ପାଇବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସରକାରୀ ପ୍ରାଥମିକ ବିଦ୍ୟାଳୟ ଗଙ୍ଗେଇର ଶିକ୍ଷା ସାରଥୀ ଦଳ ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବନରକ୍ଷୀ ନଳିନୀ ଭୁଏ, ମନୋରଞ୍ଜନ ବାରିକଙ୍କ ସମେତ ଗଙ୍ଗେଇ ଗ୍ରାମବାସୀ ଓ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ। ପ୍ରକୃତି ବନ୍ଧୁ ରୋହିତ ଭୁଏ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଗଙ୍ଗେଇ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





# ଘର ମାଡ଼ି ବସୁଛନ୍ତି ଭଡ଼ାଟିଆ

■ ନିୟମ ନ ମାନି ନୟାନ୍ତ ହେଉଛନ୍ତି ମାଲିକ
■ ଥାନାରେ ମାମଲା; ଚିନ୍ତାରେ ପୁଲିସ

ଭୁବନେଶ୍ୱର, ୧୪।୧ (ସମିସ): ରାଜଧାନୀରେ ଆପଣ ଘର ଭଡ଼ାରେ ଲଗାଇଛନ୍ତି କି! ତେବେ ହୋଇଯାଆନ୍ତୁ ସାବଧାନ। କାହିଁକି ନା ଦୀର୍ଘଦିନ ରହିବା ପରେ ଘର ଛାଡ଼ିବାକୁ ରାଜି ହେଉନାହାନ୍ତି ଭଡ଼ାଟିଆ। ଆଉ ଘର ଖାଲି କରିବାକୁ ବାରମ୍ବାର ଥାନାକୁ ଦୌଡୁଛନ୍ତି ଘର ମାଲିକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଘର ଭଡ଼ା ଦେବାବେଳେ ନିୟମ ଅନୁସାରେ ଚୁକ୍ତି ଓ ଭଡ଼ାଟିଆ ଫର୍ମ ପୂରଣ କରି ନ ଥିବାରୁ ଅନେକ ମାଲିକ ପୁଲିସ ପାଖକୁ ମଧ୍ୟ ଯାଇ ପାରୁନାହାନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏପରି ସ୍ଥିତି ଏବେ ପୁଲିସକୁ ଅଡୁଆରେ ପକାଇଛି। ଘରୁ ବାହାର କରିବା ଭଳି ଘଟଣା ହୋଇଥିବାରୁ ପୁଲିସ ମଧ୍ୟ ବିଶେଷ ହସ୍ତକ୍ଷେପ କରିପାରୁନାହିଁ। ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ଜଣେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ପରିବାର ଉପର ମହଲାରେ ରହୁଥିବା ବେଳେ ତଳ ମହଲା ଭଡ଼ାରେ ଦେଇଥିଲେ। ତେବେ କୌଣସି କାରଣରୁ ବିବାଦ ହେବାରୁ ଭଡ଼ାଟିଆଙ୍କୁ ଘର ଛାଡ଼ିବାକୁ ମାଲିକ କହିଥିଲେ। ଆରମ୍ଭରୁ ରାଜି ହୋଇଥିଲେ ମଧ୍ୟ ଦେଇଥିବା ସମୟସୀମା ମଧ୍ୟରେ ପରବର୍ତ୍ତୀ ସମୟରେ ମନା କରି ଦେଇଥିଲେ। କେବଳ ମନା କରି ନ ଥିଲେ, ଗାଳିଗୁଲଜ କରିବା ସହ ଧମକ ମଧ୍ୟ ଦେଇଥିଲେ। ଭଡ଼ାଟିଆଙ୍କ ରୋବାବ୍ ଦେଖି ଘର ମାଲିକ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଶେଷରେ କୌଣସି ଉପାୟ ନ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଯାଞ୍ଚ କରିବା ବେଳକୁ ମାଲିକ ଓ ଭଡ଼ାଟିଆଙ୍କ ମଧ୍ୟରେ ଚୁକ୍ତି ହୋଇ ନ ଥିଲା। ଏମିତିକି ମାଲିକ ଜଣକ ଟେନାଣ୍ଟ (ଭଡ଼ାଟିଆ) ଫର୍ମ ପୂରଣ କରି ଥାନାରେ ଦାଖଲ କରିନଥିଲେ। ପୁଲିସ ଉଭୟପକ୍ଷଙ୍କୁ ବୁଝାସୁଝା କରି ଘଟଣାର ସମାଧାନ କରିଥିଲା। ସେହିପରି ଅନ୍ୟଜଣେ ବ୍ୟକ୍ତି ପାଇକରାପୁର ଅଞ୍ଚଳରେ ଥିବା ତାଙ୍କ ଫ୍ଲାଟକୁ ଭଡ଼ାରେ ଦେଇଥିଲେ। ଏବେ ନିଜେ ସେହି ଘରେ ରହିବାକୁ ଚାହୁଁଥିଲେ ମଧ୍ୟ ଭଡ଼ାଟିଆ ଘର ଛାଡୁ ନାହାନ୍ତି। ଫଳରେ ନିଜ ଘର ହୋଇଥିଲେ ମଧ୍ୟ ସେ ନିଜେ ମଧ୍ୟ ରହି ପାରୁନାହାନ୍ତି। ତେବେ ଇଏ କେବଳ ଦୁଇଟି ଘଟଣା ନୁହଁ, ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଅନେକ ଘଟଣା ଘଟୁଛି। କେତେକ ମାଲିକ ଚୁକ୍ତି କରୁନଥିବା ବେଳେ ଆଉ କେତେକ ଚୁକ୍ତି କରିଥିଲେ ମଧ୍ୟ ଭଡ଼ାଟିଆ ରଖିବାକୁ ନେଇ ରହିଥିବା ନିୟମର ଅନୁପାଳନ କରୁନାହାନ୍ତି। ଘର ଭଡ଼ା ନେବାବେଳେ ମିଠା ମିଠା କଥା କହି ଭଡ଼ାଟିଆମାନେ ମାଲିକମାନଙ୍କ ଆସ୍ଥାଭାଜନ ହୋଇ ଯାଉଛନ୍ତି। ଫଳରେ ମାଲିକମାନେ ଚୁକ୍ତି କି ଟେନାଣ୍ଟ ଫର୍ମ ଦାଖଲ କରୁନାହାନ୍ତି। ଅନେକ ଦିନ ରହିବା ପରେ ବାତାବରଣ ସୁହାଇ ଯାଉଥିବାରୁ ଭଡ଼ାଟିଆମାନେ ଘର ଛାଡ଼ିବାକୁ ନାରାଜ ହେଉଛନ୍ତି। ସେପଟେ ଭଡ଼ାଟିଆଙ୍କୁ ଘରୁ ବାହାର କରିବା ଲାଗି କୋର୍ଟରେ ମାମଲା ରୁଜୁ କରିବା ଠାରୁ ଆରମ୍ଭ କରି ନିର୍ଦ୍ଦେଶନାମା ଆସିବା ପର୍ଯ୍ୟନ୍ତର ପ୍ରକ୍ରିୟା ଲମ୍ବା ହୋଇଥିବାରୁ, ମାଲିକମାନେ ସେହି ପ୍ରକ୍ରିୟା ଆପଣାଉ ନାହାନ୍ତି। ଏହି ଦୁଇ ପକ୍ଷଙ୍କ ମଧ୍ୟରେ ପୁଲିସ ମଧ୍ୟ ସବୁବେଳେ ଘାଣ୍ଟି ହେଉଛି।

### ଅକଳରେ ପଡୁଛନ୍ତି ବଡ଼ବଡ଼ିଆ

ସରକାରୀ ଚାକିରିଆମାନେ କଳା ଧନରେ ଏକାଧିକ ଘର ଓ ଫ୍ଲାଟ୍ କିଣିଛନ୍ତି। କେତେକ ନିଜ ନାମରେ କିଣୁଥିବା ବେଳେ ଅନେକ ସମ୍ପର୍କୀୟ, ବିଶ୍ୱସ୍ତ ଲୋକଙ୍କ ନାମରେ କିଣୁଛନ୍ତି। ନିଜେ ସରକାରୀ କ୍ୱାଟରରେ ରହୁଥିବା ବେଳେ ବାକି ସବୁ ଘର ଭଡ଼ାରେ ଲଗାଇ ଦେଇଛନ୍ତି। ହେଲେ ଭଡ଼ାଟିଆମାନେ ଅନେକ ଦିନ ଧରି ରହିବା ପରେ ଘର ଛାଡ଼ିବାକୁ ନାରାଜ ହେଉଛନ୍ତି। ଏପଟେ ଘର ଗୁଡ଼ିକ କଳା ଧନରେ ବା ନିଜ ମାଲିକାନାରେ ନଥିବାରୁ ବଡ଼ବଡ଼ିଆ ମାନେ ମଧ୍ୟ ମୁହଁ ଖୋଲି ପାରୁନାହାନ୍ତି। ଏମିତିକି ପୁଲିସ ପାଖକୁ ମଧ୍ୟ ଯାଇ ପାରୁନାହାନ୍ତି।

### ଅଘଟଣ ଘଟିଲେ ମନେପଡ଼େ ନିୟମ

ସହରରେ ଭଡା ଘରେ ରହୁଥିବା ସମସ୍ତ ଭଡାଟିଆଙ୍କ ଡାଟାବେସ୍ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେଥିପାଇଁ ୨୦୧୫ ଏପ୍ରିଲ ୮ରେ କମିସନରେଟ୍ ପୁଲିସ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ଘର ମାଲିକ ଏବଂ ଭଡାଟିଆ ନିର୍ଦ୍ଦିଷ୍ଟ ଏକ ଫର୍ମ ମାଧ୍ୟମରେ ପଞ୍ଜୀକରଣ କରିବେ। ଏଥିରେ ଉଭୟଙ୍କ ନାଁ, ଠିକଣା, ବୃତ୍ତି, ପରିଚୟପତ୍ର ଓ ଫଟୋ ରହିବ। ଏହି ଫର୍ମକୁ ସ୍ଥାନୀୟ ଥାନାରେ ଦାଖଲ କରାଯିବ। ଯେଉଁମାନେ ଏଭଳି ତଥ୍ୟ ଦାଖଲ ନ କରିବେ ସେମାନଙ୍କ ବିରୋଧରେ ବିଏନ୍ଏସ୍ ଧାରା ୨୨୩ (ଆଇପିସି- ୧୮୮) ଅନୁଯାୟୀ ଦଣ୍ଡବିଧାନ ବ୍ୟବସ୍ଥା ରହିଛି। ଏହି ନିୟମ ଖିଲାପ କରି ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତଙ୍କ ବିରୋଧରେ ଗୋଟିଏ ବର୍ଷ ଜେଲ୍‌ଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦାୟର ପ୍ରାବଧାନ ରହିଛି। ଘର ମାଲିକମାନେ ଏହି ବିଜ୍ଞପ୍ତିକୁ ମାନୁ ନ ଥିବା ବେଳେ କମିସନରେଟ ପୁଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କେବଳ କୌଣସି ଘଟଣା ଘଟିଲେ, ଘର ମାଲିକଙ୍କୁ ଚେତାବନୀ ଦେଇ ଚୁପ୍ ରହିଯାଉଛି।

## ବ୍ୟବସାୟ ଭାଗିଦାରୀ ଆଳରେ ୪୨ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୧୪।୧ (ସମିସ): ଫଳ ବ୍ୟବସାୟରେ ଟଙ୍କା ନିବେଶ ଆଳରେ ୪୨ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ନରସିଂହପୁରର ପ୍ରମୋଦ କୁମାର ଦୋରା (୪୩)। ପୁଲିସ ସୂଚନାନୁସାରେ, ବଡ଼ଗଡ଼ ନୀଳାଦ୍ରି ନଗରର ସାନିଟାରୀ ଦୋକାନୀ ପ୍ରତାପ କୁମାର ସ୍ୱାଇଁ ୨୦୨୦ ମସିହାରେ ଅଶୋକ ଆଚାର୍ଯ୍ୟଙ୍କ ମାଧ୍ୟମରେ ପ୍ରମୋଦ ସହ ପରିଚିତ ହୋଇଥିଲେ। ପ୍ରମୋଦ ନିଜକୁ ହୋଲସେଲ୍‌ଫ ଫଳ ବ୍ୟବସାୟୀ ପରିଚୟ ଦେବା ସହ ତାଙ୍କ ବ୍ୟବସାୟରେ ଟଙ୍କା ନିବେଶ କଲେ ଅଳ୍ପ ସମୟ ମଧ୍ୟରେ ଅଧିକ ଲାଭ ମିଳିବ ବୋଲି ପ୍ରତାପଙ୍କୁ ପ୍ରଲୋଭିତ କରିଥିଲେ। ପ୍ରତାପ ତାଙ୍କ କଥାକୁ ବିଶ୍ୱାସ କରି ଚୁକ୍ତି କରିବା ସହ ବ୍ୟାଙ୍କ୍, ଚେକ୍ ଓ ନଗଦ ଆକାରରେ ୪୨ ଲକ୍ଷ ଟଙ୍କା ପ୍ରମୋଦଙ୍କୁ ଦେଇଥିଲେ। ଟଙ୍କା ନେବାପରେ ଲାଭାଂଶ କି ମୂଳ ଟଙ୍କା ମଧ୍ୟ ଫେରାଇ ନ ଥିଲା। ପ୍ରତାପ ଟଙ୍କା ମାଗିବାରୁ ପ୍ରମୋଦ ତାଙ୍କୁ ଧମକ ଦେଇଥିଲେ। ଏନେଇ ପ୍ରତାପ ବଡ଼ଗଡ଼ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଦିଗପହଣ୍ଡି ଅଞ୍ଚଳରେ ଚଢ଼ଉ କରି ପ୍ରମୋଦଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଲକ୍ଷ୍ମୀସାଗର ଓ ବଡ଼ଗଡ଼ ଥାନାରେ ଦୁଇଟି ଠକେଇ ମାମଲା ରହିଛି।

## ସାଲିଆ ସାହିରୁ ୧୭୦୦ ଲିଟର ମଦ ଜବତ; ଦୁଇ ଗିରଫ



ଭୁବନେଶ୍ୱର, ୧୪।୧ (ସମିସ): ସାଲିଆ ସାହିରୁ ବିପୁଳ ପରିମାଣର ଦେଶୀ ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଇଡକୋ ବସ୍ତିର ରବୀନ୍ଦ୍ର କୁମାର ମୁର୍ମୁ (୨୭) ଓ ବରିଆଲ ହାଁସଦା (୩୬)।

ପୁଲିସ ସୂଚନା ଅନୁସାରେ, ଗତକାଲି ରାତିରେ ମୈତ୍ରୀ ବିହାର ଥାନା ପୁଲିସର ସ୍ୱତନ୍ତ୍ର ଟିମ୍ ସାଲିଆ ସାହିର ଇଡକୋ ବସ୍ତିରେ ଚଢ଼ଉ କରିଥିଲା। ସେଠାରୁ ରବୀନ୍ଦ୍ର ଓ ବରିଆଲଙ୍କୁ ଗିରଫ କରିବା ସହ ୧୭୦୦ ଲିଟର ଦେଶୀମଦ ଜବତ କରିଥିଲା। ଏନେଇ ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି। ବରିଆଲ ପୂର୍ବରୁ ଏକ ଅବକାରୀ ମାମଲାରେ ଜଡ଼ିତ ଥିବା ଯାଞ୍ଚରୁ ଜଣାପଡ଼ିଛି।

## ନନ୍ଦନକାନନରେ ସମ୍ବର ଛୁଆ ଜନ୍ମ

ନନ୍ଦନକାନନ, ୧୪।୧(ସମିସ): ମକର ସଂକ୍ରାନ୍ତିରେ ନନ୍ଦନକାନନକୁ ନୂଆ ଅତିଥି ଆସିଥିବାର ଖୁସି ଖବର ମିଳିଛି। ଟୟଟ୍ରେନ ପଟେ ରହୁଥିବା ତୃଣଭୋଜି ଜୀବଜନ୍ତୁଙ୍କ ମଧ୍ୟରେ ରହୁଥିବା ଏକ ସମ୍ବର ଛୁଆ ଜନ୍ମ କରିଛି। ଏହି ଛୁଆ ଜନ୍ମ ହେବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ଏବେ ୨୮କୁ ବୃଦ୍ଧି ପାଇଛି। ନବଜାତକ ସମ୍ବର ଛୁଆଟିର ଲିଙ୍ଗ ନିରୂପଣ ହୋଇ ନଥିବା ବେଳେ ନନ୍ଦନକାନନରେ ୯ଟି ଅଣ୍ଡିରା, ୧୧ଟି ମାଈ ଏବଂ ଲିଙ୍ଗ ନିରୂପଣ ହୋଇନଥିବା ୮ଟି ସମ୍ବର ରହିଥିବା ଜାଣିବାକୁ ମିଳିଛି।

## ସାଇଡ୍‌ମରାକୁ ନେଇ ଆମ ବସ୍ ଡ୍ରାଇଭର ଓ ଅଟୋବାଲାଙ୍କ ପାଟିତୁଣ୍ଡ

ଭୁବନେଶ୍ୱର, ୧୪।୧(ସମିସ): ରାଜଧାନୀରେ 'ଆମ ବସ' ଲୋକଙ୍କ ମୁଣ୍ଡ ନେଲାଣି ତ ଆଉ କେବେ ଲୋକଙ୍କୁ ଦିବ୍ୟାଙ୍ଗ କରି ପକାଇଲାଣି। ସପ୍ତାହ ତଳେ ଆମ ବସ୍‌ରେ ଦୁର୍ଘଟଣା ଘଟି ଜଣେ ଅଟୋବାଲାଙ୍କ ଜୀବନ ଚାଲି ଯାଇଥିବା ବେଳେ ବୁଧବାର ପୁଣି ବରମୁଣ୍ଡା ବସ୍ ଷ୍ଟାଣ୍ଡ ଆଗରେ ଜଣେ ଅଟୋ ଡ୍ରାଇଭରଙ୍କ ଜୀବନ ଯାଇଥାନ୍ତା।

ସୂଚନା ଅନୁସାରେ ବରମୁଣ୍ଡା ଷ୍ଟାଣ୍ଡ ପାଖରେ ୧୮ ନମ୍ବର ରୁଟର ଆମ ବସ୍ ଆସୁଥିବା ବେଳେ ଜଣେ ଅଟୋବାଲା ରାସ୍ତାରୁ ଯାତ୍ରୀ ଉଠାଉଥିଲେ। ଏହି ସମୟରେ ସାଇଡ ମରାକୁ କେନ୍ଦ୍ର କରି ଅଟୋ ଚାଳକ ଓ ଆମ ବସ୍ ଡ୍ରାଇଭରଙ୍କ ଯୁକ୍ତିତର୍କ ଲାଗିଲା। ଫଳରେ ଆମ ବସ୍ ର ଡ୍ରାଇଭର ଏକ ଲୁହା ଛଡ଼ରେ ଅଟୋ ବାଲାଙ୍କୁ ଆକ୍ରମଣ କରିଥିଲେ। ଏହି ଘଟଣା ପାଇଁ ଅନଲାଇନ ଅଟୋ ଚାଳକ ମହାସଂଘ ପକ୍ଷରୁ ବରମୁଣ୍ଡା ବସ୍ ଷ୍ଟାଣ୍ଡ ପାଖରେ ଚାପା ଉତେଜନା ସୃଷ୍ଟି ହେବା ସହ ଅଟୋଚଳକ ମାନେ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ପରେ ଭରତପୁର ପୁଲିସ ଓ ଖଣ୍ଡଗିରି ପୁଲିସ ପହଞ୍ଚି ଉତ୍ୟକ୍ତ ଅଟୋବାଲାଙ୍କୁ ବୁଝାସୁଝା କରିଥିଲେ। ଏନେଇ ଅନଲାଇନ ଅଟୋ ଚଳକ ମହାସଂଘ ପକ୍ଷରୁ କୁହାଯାଇଛି କି ଆମ ବସ୍ ଡ୍ରାଇଭର ମଦ ପିଇ ଗାଡି ଚଲେଇବା ସହ ନିଜକୁ ସରକାରି ଚାକିରିଆ ଭାବୁଛନ୍ତି ଯେଉଁଥି ପାଇଁ ଲୋକ ସେମାନଙ୍କୁ ପୋକ ମାଛି ପରି ଦେଖା ଯାଉଛନ୍ତି। ଆମ ବସ୍ ଡ୍ରାଇଭର ରାସ୍ତାରେ ଆଣ୍ଠେଇକି ଭୁଲ ମାଗିବକୁ ଦାବି କରିବା ସହ ଏତେ ଅନ୍ୟାୟ ସହି ହେଉନାହିଁ। ଏହି ଆମ ବସ୍‌ରେ କେହି ଯାତ୍ରୀ ନ ଯିବାକୁ ଅନୁରୋଧ କରିଛନ୍ତି।

## ଯାତ୍ରୀଙ୍କ ଠାରୁ ଲୁଟ୍ କରି ଅଟୋ ଚାଳକ ଗିରଫ

■ ଜେଲ୍ ଫେରନ୍ତା ଅଭିଯୁକ୍ତ ନାଁରେ ରହିଛି ୮ ମାମଲା

ଭୁବନେଶ୍ୱର, ୧୪।୧ (ସମିସ): ଯାତ୍ରୀଙ୍କ ଠାରୁ ଲୁଟ୍ କରିଥିବା ଅଭିଯୋଗରେ ଅଟୋ ଚାଳକଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ ଭକ୍ତି ବିହାରରେ ରହୁଥିବା ମିଞ୍ଜା ଓରଫ୍ ସନ୍ତୋଷ ନାୟକ (୩୪)।

ପୁଲିସ କହିବା ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ମାଗି ରାଉତ ଚନ୍ଦ୍ରଶେଖରପୁରର ବିଡିଏ କଲୋନିକୁ ଯିବା ଲାଗି ମିଞ୍ଜାର ଅଟୋକୁ ଭଡ଼ା କରିଥିଲେ। ମିଞ୍ଜା ଟ୍ରାଇଡେଣ୍ଟ କଲେଜ ନିକଟରେ ଛାଡ଼ିଦେଇ ତାଙ୍କ ଠାରୁ ମୋବାଇଲ୍ ଫୋନ୍ ଓ ୨୬୦୦ ଟଙ୍କା ଥିବା ଏକ ମନିପର୍ସକୁ ଛଡ଼ାଇ ନେଇଥିଲା। ଏନେଇ ମାଗି ଅଭିଯୋଗ କରିବା ପରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ଅଟୋର ମାଲିକ ମିଞ୍ଜାକୁ ଗାଡ଼ିଟି ଭଡ଼ାରେ ଦେଇଥିବା ଜଣାପଡ଼ିଥିଲା। ବୁଧବାର ବିଡିଏ କଲୋନି ହନୁମାନ ମନ୍ଦିର ନିକଟରୁ ମିଞ୍ଜାକୁ ପୁଲିସ ଗିରଫ କରିଥିଲା। ତା' ହେପାଜତରୁ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଓ ୧୫୦୦ ଟଙ୍କା ଜବତ କରିଥିଲା। ମିଞ୍ଜା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ୮ଟି ସମ୍ପତ୍ତି ଗତ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସେ ନିକଟରେ ଜେଲରୁ ଫେରିବା ପରେ ଭଡ଼ା ଅଟୋ ବ୍ୟବହାର କରି ଯାତ୍ରୀମାନଙ୍କୁ ଲୁଟୁଥିବା ସ୍ୱୀକାର କରିଥିଲା।

## ବିଧାନସଭା ଆଗରେ ଖଣ୍ଡା ବୁଲାଇ ବନ୍ଧା ହେଲା



ଭୁବନେଶ୍ୱର, ୧୪।୧ (ସମିସ): ବିଧାନସଭା ଆଗରେ ଖଣ୍ଡା ବୁଲାଇ ମହିଳା ଦୋକାନୀଙ୍କୁ ଦାଦାବଟି ମାଗିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଟେଲ ବସ୍ତିର ସୁରେଶ ବେହେରା (୨୭)।

ପୁଲିସ ସୂଚନାନୁସାରେ, ଜଣେ ମହିଳା ଆଇଜି ପାର୍କ ଠେଲା ଗାଡ଼ିରେ ଦୋକାନ କରି ପରିବାର ପୋଷଣ କରିଆସୁଛନ୍ତି। ମଙ୍ଗଳବାର ସୁରେଶ ତାଙ୍କ ଦୋକାନ ପାଖକୁ ଯାଇ ଧମକ ଦେଇ ମାସିକିଆ ବଟି ମାଗିଥିଲା। ମହିଳା ଜଣକ ବିରୋଧ କରିବାରୁ ସୁରେଶ ଗାଳିଗୁଲଜ କରିବା ସହ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲା। ପ୍ରାୟ ଅଧଘଣ୍ଟା ଧରି ଆତଙ୍କ ରଚିବା ପରେ ଲୋକମାନେ ତାକୁ କାବୁ କରି ପୁଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ମହିଳା ଦୋକାନୀ ଜଣକ ଲିଖିତ ଅଭିଯୋଗ କରିବା ପରେ କ୍ୟାପିଟାଲ ଥାନା ପୁଲିସ ମାମଲା ରୁଜୁ କରିଥିଲା। ଆଜି ସୁରେଶକୁ ଗିରଫ କରିବା ସହ ତା' ଠାରୁ ଖଣ୍ଡା ଓ ବାଇକ୍ ଜବତ କରିଛି।

## ଅଘଟଣ ପରେ ତତ୍ପରତା | ବିଭିନ୍ନ ସ୍ଥାନରେ ମାଞ୍ଜା ସୂତା ଚଢ଼ଉ

ଭୁବନେଶ୍ୱର, ୧୪।୧ (ସମିସ): ମାଞ୍ଜା ସୂତା ଲାଗି ଯୁବକଙ୍କ ବେକ କଟିବା ପରେ ଚେତିଛି କମିସନରେଟ ପୁଲିସ। ବୁଧବାର ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ଆଭାସୀ ବୈଠକ କରିଛନ୍ତି। ମାଞ୍ଜା ସୂତାରେ ଯେପରି କାହାର କିଛି କ୍ଷତି ନ ହୁଏ, ସେନେଇ ଧ୍ୟାନ ଦେବାକୁ ଥାନା ଅଧିକାରୀମାନଙ୍କୁ କହିଛନ୍ତି।



ୟୁନିଟ୍ ୧ ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଚାଇନା ମାଞ୍ଜା ସୂତା ଓ ମାରାତ୍ମକ ପ୍ଲାଷ୍ଟିକ୍ ସୂତା ମିଳୁଛି। ସେଥିପାଇଁ ଗ୍ରାହକଙ୍କ ଭିଡ଼ ଜମୁଛି। ଆଜି ସିପିଙ୍କ ନିର୍ଦ୍ଦେଶ ପରେ ଥାନା ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଦ୍ୱିପ୍ରହରରେ କ୍ୟାପିଟାଲ ଥାନା ପୁଲିସ ପକ୍ଷରୁ ୟୁନିଟ୍ ୧ ହାଟରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ବିପୁଳ ପରିମାଣର ମାଞ୍ଜା ସୂତା ଜବତ ହୋଇଛି। କାଚ ଗୁଣ୍ଡରେ ପ୍ରସ୍ତୁତ ମାଞ୍ଜା ସୂତା ଓ ପ୍ଲାଷ୍ଟିକ ସୂତାକୁ ପୁଲିସ୍ ଜବତ କରିଛି। ସୂଚନାଯୋଗ୍ୟ ଯେ, ଗତକାଲି କଞ୍ଚନା ଅଞ୍ଚଳର କମଳାକାନ୍ତ ସ୍କୁଟି ଯୋଗେ ଖଣ୍ଡଗିରିରୁ ପୋଖରୀପୁଟ ଆଡ଼କୁ ଯାଉଥିଲେ। ପୋଖରୀପୁଟ ଛକରେ ପହଞ୍ଚିବା ବେଳକୁ ମାଞ୍ଜା ସୂତା ଲାଗି ତାଙ୍କ ବେକ କଟି ଯାଇଥିଲା।

## ବିବାହ ଓ ନିବେଶ ଆଳରେ ଠକେଇ; ଯୁବକ ଗିରଫ



ହଂସପାଳ, ୧୪।୧(ସମିସ): ବିବାହ ଏବଂ ନିବେଶରେ ଲାଭ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକେଇ କରାଯାଇଥିବା ଅଭିଯୋଗରେ ପାହାଳ ଥାନା ପୋଲିସ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ସାନ ନଈ ଗ୍ରାମର ରାଜୀବ କୁମାର ପ୍ରଧାନଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ୨୦୨୧ ମସିହାରେ ଏକ ବୈବାହିକ ପ୍ଲାଟଫର୍ମରେ ଅଭିଯୋଗକାରିଣୀ ନିଜ ବାୟୋଡାଟା ସେୟାର କରିବା ପରେ ଅଭିଯୁକ୍ତ ନିଜକୁ "ଡକ୍ଟର ପ୍ରକାଶ ପ୍ରଧାନ" ବୋଲି ପରିଚୟ ଦେଇ ତାଙ୍କ ସହିତ ଯୋଗାଯୋଗ କରିଥିଲେ। ସେ ପରେ ନିଜ ସାନଭାଇ ତୁଷାର ପ୍ରଧାନଙ୍କୁ ରାୟଗଡ଼ା ଏସବିଆଇର ଡେପୁଟି ମ୍ୟାନେଜର ବୋଲି ଭୁଲ ସୂଚନା ଦେଇଥିଲେ। ବିବାହ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ ବିଶ୍ୱାସ କରି ଅଭିଯୋଗକାରିଣୀ ଓ ତାଙ୍କ ପରିବାର ତାଙ୍କ ସହିତ ନିୟମିତ ଯୋଗାଯୋଗରେ ରହିଥିଲେ। ଅଭିଯୁକ୍ତ ଭିନ୍ନ-ଭିନ୍ନ ପରିଚୟ ଦେଖାଇ କୋଭିଡ୍-୧୯ ବରିଷ୍ଠ ନାଗରିକ ପଲିସି, ବିଭାଗୀୟ ତାଲିମ ଏବଂ ପେଟ୍ରୋଲ ପମ୍ପ ନିଲାମ ସମ୍ପର୍କରେ ମିଥ୍ୟା କଥା କହି ଅଭିଯୋଗକାରିଣୀଙ୍କ ବାପାଙ୍କୁ ଅନେକଥର ଟଙ୍କା ପଠାଇବାକୁ ପ୍ରବର୍ତ୍ତାଇଥିଲେ। ଜୁନ୍ ୨୦୨୧ ରୁ ଡିସେମ୍ବର ୨୦୨୧ ମଧ୍ୟରେ ତାଙ୍କ ନିର୍ଦ୍ଦେଶରେ ମୋଟ ୨୨, ୭୦, ୦୦୦/- ଟଙ୍କା ଚମ୍ପୁଆ ଶାଖା, ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିଲା। ବିବାହକୁ ବିଳମ୍ବ କରୁଥିଲେ, କୌଣସି ପଲିସି ବଣ୍ଡ ଦେଇନଥିଲେ ଏବଂ ମିଥ୍ୟା ଆଧାରରେ ଟଙ୍କା ଦାବି କରି ଚାଲିଥିଲେ। ଏସବିଆଇ ରାୟଗଡ଼ା ଏବଂ ସିଏଚ୍ସି ମନମୁଣ୍ଡାରୁ ଯାଞ୍ଚ କରାଯାଇ ଏହା ନିଶ୍ଚିତ ହୋଇଛି ଯେ ତୁଷାର ପ୍ରଧାନ, ଡେପୁଟି ମ୍ୟାନେଜର ଏସବିଆଇ କିମ୍ବା ଡକ୍ଟର ପ୍ରକାଶ ପ୍ରଧାନ ନାମରେ ସେଠାରେ କୌଣସି ବ୍ୟକ୍ତି କାର୍ଯ୍ୟରତ ନ ଥିଲେ। ଅଭିଯୁକ୍ତ ବ୍ୟବହାର କରୁଥିବା ଦୁଇଟି ମୋବାଇଲ୍ ନମ୍ବର ସମାନ ମୋବାଇଲ୍ ହ୍ୟାଣ୍ଡସେଟ୍‌ରୁ ଚାଲୁଥିଲା ଏବଂ ସମାନ ବ୍ୟକ୍ତିଙ୍କ ସହିତ ସମ୍ପୃକ୍ତ ଥିଲା। ସିଡିଆର୍/ ଏସ୍ଡିଆର୍ ବିଶ୍ଳେଷଣ ଓ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚରୁ ଏହା ସ୍ପଷ୍ଟ ହୋଇଛି ଯେ ଅଭିଯୁକ୍ତ ରଞ୍ଜିବ କୁମାର ପ୍ରଧାନ ଅଭିଯୋଗକାରିଣୀ ଓ ତାଙ୍କ ପରିବାରକୁ ଠକିବା ପାଇଁ ନିଜକୁ ଡକ୍ଟର ପ୍ରକାଶ ପ୍ରଧାନ ଓ ତୁଷାର ପ୍ରଧାନ ବୋଲି ପରିଚୟ ଦେଇଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ଠକେଇ ଟଙ୍କା ନେବା ପାଇଁ ସେ ନିଜ ବାପାଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଥିବା ମଧ୍ୟ ସ୍ୱୀକାର କରିଥିଲେ।

## କାର୍ ସମେତ ବାଲି ବୋଝେଇ ୨ ହାଇୱା ଜବତ; ୬ ଗିରଫ




ବାଲିଅନ୍ତା, ୧୪।୧(ସମିସ): ବାଲିଅନ୍ତା ଥାନା ପୁଲିସ ବୁଧବାର ସରକାରୀ ଜମିରୁ ଚୋରା ମାଟି ଓ ବାଲି ଚାଲାଣ ମାମଲାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ଗୋପାଳ ନଗର ଗ୍ରାମର ବିଜୟ ଭୋଇ (୩୫) କଟକ ଜିଲ୍ଲା ବଡମ୍ବା ଥାନା ପଦ୍ମନାଭ ପୁର ଗ୍ରାମର ଶ୍ରୀଦ୍ଧର ନାୟକ (୪୦), ସନ୍ତୋଷ ବେହେରା (୨୨), ସୁଶିର ପାତ୍ର (୩୯), ନଡ଼ିଆ ଗୁରିଡିର ସମ୍ବିତ କୁମାର ଦାସ ଓ ସୁନ୍ଦର ଗ୍ରାମର ସୁଶୀଲ କୁମାର ଦାସ (୨୫)। କୋର୍ଟରେ ସମସ୍ତଙ୍କ ଜାମିନ୍ ଖାରଜ ହୋଇଯିବାରୁ ଝାରପଡ଼ା ହାଜତକୁ ପଠାଇ ଦିଆଯାଇଛି। ତେବେ ଅର୍ଣ୍ଣବ ଦାସ ଓରଫ ବିଟୁ ଏବଂ ଅଭିନାସ ରାଉତରାୟ ଓରଫ ଗୁଡୁ କୌଶଳକ୍ରମେ ଖସି ପଳାଇ ଯାଇଥିଲେ। ପୁଲିସ ଲଘୁ ଖଣିଜ ଦ୍ରବ୍ୟ ଚାଲାଣରେ ବ୍ୟବହୃତ କାର ଓ ୨ଟି ହାଇୱା ସମେତ ଜବତ କରିଛି। ବେଆଇନ ଖନନ ଏବଂ ମାଟି ଏବଂ ଉପର ମାଟି ପରିବହନ କରୁଥିବାରୁ ୬ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା।

# ସାଇବର୍ ଠକଙ୍କ ଟାର୍ଗେଟରେ ଭୁବନେଶ୍ୱର

ଭୁବନେଶ୍ୱର, ୧୪।୧ (ସମିସ): ରାଜଧାନୀ ଭୁବନେଶ୍ୱର ଉପରେ ସାଇବର ଅପରାଧୀଙ୍କ ଆଖି। ନିବେଶରେ ଅଧିକ ରିଟର୍ଣ୍ଣର ଲୋଭ ଓ ବିଭ୍ରାନ୍ତିକର ପରାମର୍ଶ ଦେଇ କୋଟି କୋଟି ଟଙ୍କା ଚୂନ ଲଗାଉଛନ୍ତି ଅପରାଧୀ। ଏଥିସହିତ ଡିଜିଟାଲ ଗିରଫଦାରୀ, ବିଦେଶରୁ ସୁନା, ବିଦେଶୀ ମୁଦ୍ରା, ମାଟ୍ରିମୋନି, ଦାମୀ ଉପହାର, କେଶର ବ୍ୟବସାୟୀରେ ପୁଞ୍ଜି ନିବେଶ, ଦାମୀ ଉପହାର, ଅଧିକ ସୁଧ, ମିଛ ନିଯୁକ୍ତି, ମିଛ କମ୍ପାନୀରେ ନିବେଶ ଏବଂ ଟ୍ରେଡିଂ ସ୍କାମ୍ ଆଳରେ କୋଟିପତି ହେବା ଭଳି ଆଶା ଦେଖାଇ ସାଇବର ଅପରାଧୀମାନେ ନିବେଶକଙ୍କ ଠାରୁ କୋଟି କୋଟି ଟଙ୍କା ଆତ୍ମସାତ୍ କରୁଛନ୍ତି। ଗତ କିଛିଦିନ ମଧ୍ୟରେ ଅନେକ ଆନ୍ତଃରାଜ୍ୟ ଠକ ଧରାପଡ଼ିଛନ୍ତି। ସେମାନଙ୍କୁ ବେନାମୀ ସିମ୍ ଓ ମ୍ୟୁଲ୍ ଆକାଉଣ୍ଟ ଯୋଗାଉଥିବା ଓଡ଼ିଆ ଠକମାନଙ୍କୁ ମଧ୍ୟ ଗିରଫ କରାଯାଇଛି।

କେରଳ ଲଟେରୀ, ଋଣ ଯୋଗାଇବା ଓ ଗିଫ୍ଟ ଭାଉଚର ଆଳରେ କୋଟି କୋଟି ଟଙ୍କା ଉଡ଼ାଇ ନେଇଥିବା ୧୫ ଜଣିଆ ସାଇବର ଠକଙ୍କୁ ଗିରଫ କରିଥିଲା କମିସନରେଟ ପୁଲିସ। ସେମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ମଧ୍ୟ ରହିଥିଲେ। ସେହିପରି କ୍ରେଡିଟ୍ କାର୍ଡ ଭେରିଫିକେସନ୍ ଓ ଏସବିଆଇ ୟୋନୋ ଆଳରେ ଏପିକେ ଫାଇଲ୍ ଦ୍ୱାରା ୧୦ ଲକ୍ଷ ଟଙ୍କା ଠକି ନେଇଥିବା ପଶ୍ଚିମବଙ୍ଗର ଦୁଇ ଜଣଙ୍କୁ ଗିରଫ କରିଥିଲା। ପୁଲିସ ତଥ୍ୟ କହୁଛି, ସାଇବର ଠକମାନେ ରାଜଧାନୀରୁ ଗତବର୍ଷ ୫୭ କୋଟି ୫୮ ଲକ୍ଷ ୪ ହଜାର ୯୩୦ ଟଙ୍କା ଉଡ଼ାଇ ନେଇଛନ୍ତି। ମୋଟ ୨୫୧ ମାମଲାରେ ୬୧ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଗଷ୍ଟରେ ସର୍ବନିମ୍ନ ୧ କୋଟି ୬୪ ଲକ୍ଷ ୮୦ହଜାର ଟଙ୍କା ଠକେଇ ହୋଇଥିବା ବେଳେ ଡିସେମ୍ବରରେ ସର୍ବାଧିକ ୭ କୋଟି ୬୭ ଲକ୍ଷ ୧୫ ହଜାର ୪୭୫ ଟଙ୍କା ଠକି ନେଇଛନ୍ତି। ସେହିପରି ନଭେମ୍ବର ମାସରେ ପୁଲିସ ସର୍ବାଧିକ ୨୭ ମାମଲା ରୁଜୁ କରି ୧୭ ଜଣଙ୍କୁ ଗିରଫ କରିଛି। ବର୍ଷକରେ ୫୮ କୋଟି ଠକେଇ ହୋଇଥିବା ବେଳେ ମୋଟ ଠକେଇ ଟଙ୍କାରୁ ୨୨ କୋଟି ୫୩ ଲକ୍ଷ ୭୫ ହଜାର ୯୦୫ ଟଙ୍କା ଅଭିଯୋଗକାରୀମାନେ ଫେରି ପାଇଛନ୍ତି।



### ଖସି ଯାଉଛନ୍ତି ଶିକ୍ଷିତ; ଫସୁଛନ୍ତି ଅଳ୍ପ ଶିକ୍ଷିତ

ଅଦୃଶ୍ୟ ଅପରାଧୀମାନେ ଇଣ୍ଟରନେଟ୍ ବ୍ୟବହାର ହେଉଥିବା ମୋବାଇଲ୍ ଓ କମ୍ପ୍ୟୁଟରକୁ ଅସ୍ତ୍ର କରି ଲୋକଙ୍କ ନିକଟରେ ପହଞ୍ଚି ଯାଉଛନ୍ତି। ଆଉ ଅତି ସହଜରେ ଲୋକମାନେ ବ୍ୟବହାର କରୁଥିବା ସୋସିଆଲ୍ ମିଡିଆ ଓ ଆର୍ଥିକ କାରବାର ଆପରୁ ସେମାନଙ୍କ ଆବଶ୍ୟକତା ଓ ସ୍ଥିତିକୁ ପରଖି ନେଉଛନ୍ତି। ବିଭିନ୍ନ ଲୋଭନୀୟ ଅଫର୍ ଦେଖାଇ ଆକାଉଣ୍ଟ ଶୂନ କରି ଦେଉଛନ୍ତି। ବିଶେଷ କରି ଚାଇନା, ହଂକଂ, ଦୁବାଇ ଏବଂ ମାଲେସିଆରେ ଥିବା ସାଇବର ଅପରାଧୀ ଏହି ଠକେଇର ରଣନୀତି ପ୍ରସ୍ତୁତ କରିଥାଆନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସାଇବର ଠକ ମାନେ ଟଙ୍କା ଠକିବା ପାଇଁ ମ୍ୟୁଲ୍ ଆକାଉଣ୍ଟ ବ୍ୟବହାର କରୁଛନ୍ତି। ଅଳ୍ପ ଶିକ୍ଷିତ ବା ଶ୍ରମିକ ଶ୍ରେଣୀୟ ଲୋକମାନଙ୍କୁ କମିସନ ଲୋଭ ଦେଖାଇ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନେଇ ଆସୁଛନ୍ତି। ସେହି ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ଲୋକମାନଙ୍କ ଠାରୁ ଠକି ନେଉଥିବା ଟଙ୍କାକୁ ଗ୍ରହଣ କରୁଛନ୍ତି। ପରବର୍ତ୍ତୀ ସମୟରେ କମିସନ୍ ଟଙ୍କା ଛାଡ଼ି ବାକି ଟଙ୍କାକୁ ଆକାଉଣ୍ଟରୁ ଉଠାଇ ନେଉଛନ୍ତି। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଯେଉଁ ବ୍ୟକ୍ତିର ବ୍ୟାଙ୍କ୍ ଆକାଉଣ୍ଟ (ମ୍ୟୁଲ୍)କୁ ଟଙ୍କା ଯାଇଛି, ତାକୁ ଗିରଫ କରୁଛି। ହେଲେ ମୁଖ୍ୟ କାର୍ପଟଦାର ପାଖରେ ପହଞ୍ଚି ପାରୁନାହିଁ।

### ଢାଲ ସାଜିଛନ୍ତି ଓଡିଆ ଲୋକ

ବିଦେଶରେ ରହି ରିଂ ମାଷ୍ଟର ସାଇବର ଅପରାଧକୁ ଅପରେଟ୍ କରୁଛି। ଏଥିଲାଗି କାମ୍ବୋଡିଆ, ଥାଇଲ୍ୟାଣ୍ଡ ଭଳି ସ୍ଥାନରେ କଲ୍ ସେଣ୍ଟର ଖୋଲାଯାଉଛି। ସେଠାରେ ଓଡିଆ ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦିଆଯାଉଛି। ଭଲ ହିନ୍ଦୀ ଓ ଇଂରାଜୀ କହୁଥିବା ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦିଆଯିବା ପରେ ଆରମ୍ଭ ହୋଇଯାଉଛି ଅପରେସନ୍। କଲ୍ ସେଣ୍ଟରରୁ ଲୋକଙ୍କ ନିକଟକୁ କଲ୍ ଓ ମେସେଜ୍ ପଠାଯାଉଛି। ଯେଉଁମାନଙ୍କ ନିକଟକୁ ଫୋନ୍ ଯାଉଛି ସେମାନଙ୍କର ସନ୍ଦେହ ହେଉନାହିଁ। ବିଶେଷକରି ଓଡ଼ିଶାକୁ ଆସିଥିବା ମେସେଜ୍‌ରେ ଏମାନେ ଓଡିଆରେ ଲେଖୁଥିଲେ। ଅନେକ ସମୟରେ ଓଡିଆରେ ବି କଥା ହେଉଥିବାରୁ କାହାର ସନ୍ଦେହ ହେଉନଥିଲା। ଫଳରେ ଓଡିଆ ଯୁବକ-ଯୁବତୀଙ୍କୁ ଢାଲ କରି ସାମ୍ରାଜ୍ୟ ଚଳାଉଛନ୍ତି ସାଇବର ଅପରାଧୀ।

## ସନ୍ତୋଷୀ ମା' ମନ୍ଦିରରେ ମହାଯଜ୍ଞ ଆରମ୍ଭ

**ଦଶରଥପୁର,୧୪।୧(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଦଶରଥପୁର ପଞ୍ଚାୟତ ମଙ୍ଗରାଜ ସାହିରେ ଥିବା ସନ୍ତୋଷୀ ମା'ମନ୍ଦିରରେ ମହାଯଜ୍ଞ ଆରମ୍ଭ ହୋଇଛି। ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ନିକଟସ୍ଥ ବୈତରଣୀ ନଦୀର ଚାନ୍ଦକୁଡ଼ା ଘାଟରୁ ୧୦୮ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ଯଜ୍ଞ ଏବଂ ଜାଗରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ଇଷ୍ଟଦେବୀ ସନ୍ତୋଷୀ ମା'ଙ୍କୁ ନୂତନ ଭୋଗ ଅର୍ପଣ କରିବା ସହିତପୂଜାର୍ଚ୍ଚନା ପୂର୍ବକ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ। ସନ୍ଧ୍ୟାରେ ଆଧ୍ୟାତ୍ମିକ ସଂଗୀତ (ଭଜନ) ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୬ ତାରିଖରେ ମହାଯଜ୍ଞ ଓ ବିବିଧ ସଂସ୍କାର କାର୍ଯ୍ୟକ୍ରମ ସହିତ ଅପରାହ୍ନରେ ପୂର୍ଣ୍ଣାହୁତି ପରେ ଯଜ୍ଞ ପରିସମାପ୍ତି ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯଜ୍ଞରେ କର୍ତ୍ତା ଭାବେ ପାର୍ଥସାରଥୀ ମହାପାତ୍ର, ଲିପ୍ସା ରାୟ ଏବଂ ସଙ୍ଗୀତ ମହାପାତ୍ର ଓ ଅଞ୍ଜଳି ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ସୁଶାନ୍ତ କମାର ଶତପଥୀ, ହରପ୍ରସାଦ ଶତପଥୀ, ଶ୍ରୀକାନ୍ତ ଶତପଥୀ, ନାରାୟଣ ଚନ୍ଦ୍ର ପଣ୍ଡା, ଅମିତ୍ କୁମାର ପଣ୍ଡାଙ୍କ ମନ୍ତ୍ର ପାଠରେ ଯଜ୍ଞ ସ୍ଥଳୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରଶ୍ମିତା ମହାପାତ୍ର, ରୀତା ମହାପାତ୍ର, ସନ୍ଧ୍ୟାରାଣୀ ଶତପଥୀ, ବିନ୍ଦୁରେଖା ବେହେରା, ରୋଜି ମହାପାତ୍ର, ଚନ୍ଦନ ବେହେରା, କୁସୁମ ସାହୁ, ଆୟୁଷ ମହାପାତ୍ର, ଶତାବ୍ଦୀ ବେହେରା, ମନୋରଞ୍ଜନ ଧଳ, ରଶ୍ମିତା ପଣ୍ଡା, ମଞ୍ଜୁଲତା ବେହେରା, ପୁରୁଷୋତ୍ତମ ଧଳ ପ୍ରମୁଖ ସହଯୋଗ କରିଥିଲେ।



● ସର୍ବଭାରତୀୟ ଚକାଆଖି କପ୍ ଉଦ୍‌ଯାପିତ

## ବାପୁଜୀ ସ୍ପୋର୍ଟିଂ ଚାମ୍ପିଅନ




**କବାଟବନ୍ଧ/ଜେନାପୁର,୧୪।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ସାହାଣୀଡ଼ିହ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଥିବା ସର୍ବଭାରତୀୟ ୨୯ତମ ଚକାଆଖି କପ୍ ମକର ସଂକ୍ରାନ୍ତୀରେ ଉଦ୍‌ଯାପିତ ହୋଇଯାଇଛି। ଏହି ଖେଳରେ ବାପୁଜୀ ସ୍ପୋର୍ଟିଂ ଭୁବନେଶ୍ୱର ବିଜୟ ଲାଭ କରି ଚାମ୍ପିଅନ ହୋଇଛି। ଚକାଆଖି ସ୍ପୋର୍ଟିଂ କ୍ଲବ ଆଣ୍ଡ ଅର୍ଗାନାଇଜେସନ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ୟୁନିଅନ ସ୍ପୋର୍ଟିଂ କ୍ଲବ କଟକ ଏବଂ ବାପୁଜୀ ସ୍ପୋର୍ଟିଂ ଭୁବେନେଶ୍ୱର ମଧ୍ୟରେ ହୋଇଥିଲା। ପ୍ରଥମେ ୟୁନିଅନ ସ୍ପୋର୍ଟିଂ ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ ହରାଇ ୧୯୫ ରନ କରିଥିଲା। ପ୍ରତିଦ୍ୱନ୍ଦି ଟିମ୍ ବାପୁଜୀ ସ୍ପୋର୍ଟିଂ ଭୁବନେଶ୍ୱର ୧୯.୪ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ବାପୁଜି ସ୍ପୋର୍ଟିଂ କ୍ଲବର ଅତୁର ୫୫ ବଲରେ ୮୩ ରନ କରି ମ୍ୟାନ୍ ଅପ ଦି ମ୍ୟାଚ୍ ଏବଂ ଜୟନ୍ତ କେବତ ମ୍ୟାନ୍ ଅପ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚରେ ଓଡ଼ିଶାର ଅନେକ ରଣଜୀ ଖେଳାଳୀଙ୍କୁ ଦେଖିବାକୁ ମିଳିଥିଲା। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ଚକାଆଖି ସ୍ପୋର୍ଟିଂ କ୍ଲବ ଆଣ୍ଡ ଅର୍ଗାନାଇଜେସନର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ରାଉତ, ସଭାପତି ଅର୍ଜୁନ କରଣ, ଭୋଳାନାଥ ସାହୁ, ମକରନ୍ଦ ସ୍ୱାଇଁ, କୁଶ ରାଉତ, ଶ୍ରୀଧର ପ୍ରଧାନ, ସୁବାସ ସ୍ୱାଇଁ, ବଲ୍ଲଭ କରଣ, ଶରତ,ବଳରାମ, ଅନି, ରୋହିତ,ସୁଶାନ୍ତ, ତପି, ଅନାମ, ବୁବୁନା, ଜନ, ଆଶୁତୋଷ, ଅମନ, ଲିକୁନ, ରିଙ୍କୁ ଏବଂ ଚିକୁ ସହିତ ଅନ୍ୟମାନେ ସହଯୋଗ କରିଥିଲେ। ଭାଷ୍ୟକାର ତ୍ରିଲୋଚନ ଖିଲାର, ସ୍କୁମାନ ସ୍କୋରର ଗୋପୀନାଥ ଏବଂ ଅମ୍ପାୟାର ଆଶୁତୋଷ ପାଣି, ଜିତେନ୍ଦ୍ର ଘୋଷ ପରିଚାଳନା କରିଥିଲେ।

# ଆରମ୍ଭ ହେଲା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା

**ବାଲିଚନ୍ଦ୍ରପୁର,୧୪।୧(ସମିସ):**

ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ମୌଜା ସ୍ଥିତ ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଆଜିଠାରୁ ଆରମ୍ଭ ହୋଇଛି। ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ଓଳାଶୁଣୀ ପାହାଡର ଶୀର୍ଷଦେଶରେ ମାଘ କୃଷ୍ଣ ଏକାଦଶୀ (ଷଟ୍‌ତିଳା ଏକାଦଶୀ) ତିଥିରେ

**ସନ୍ଥ ଅରକ୍ଷିତ ଦାସଙ୍କ ପ୍ରିୟ ଭୋଗ କାଞ୍ଜି ପାଣି ଓ ପୋଡ଼ପିଠା**





ବ୍ରହ୍ମଲୀନ ହୋଇଥିଲେ। ଏହି ପବିତ୍ର ମହାପ୍ରୟାଣ ତିଥିର ସ୍ମୃତିରେ ଗତ ୧୮୯ବର୍ଷ ଧରି ଓଳାଶୁଣୀ ଗୁମ୍ଫା ଯାତ୍ରା ସପ୍ତାହ ବ୍ୟାପୀ ପାଳନ ହେଉଛି। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମାଜ ସଂସ୍କାର ଓ ମୂଲ୍ୟବୋଧର ପ୍ରଚାର କ୍ଷେତ୍ରରେ ସନ୍ଥ ଅରକ୍ଷିତ ଦାସ ଥିଲେ ଅଗ୍ରଗଣ୍ୟ ମହାତ୍ମା। ସେ ଥିଲେ ନିରାକାର ବ୍ରହ୍ମ ଉପାସକ। ପରମାଣୁ ଠାରୁ ଆରମ୍ଭ କରି ସଜୀବ, ନିର୍ଜୀବ, ଜଡ଼, ସ୍ଥାବର ଓ ଜଙ୍ଗମାଦୀ ସର୍ବତ୍ର ନାମ ବ୍ରହ୍ମର ସ୍ଥିତି ଓ ସତ୍ତା ସେ ଅନୁଭବ କରିଥିଲେ। ତାଙ୍କ ଯୋଗ ସାଧନାରେ ଚେତନ ଏବଂ ଅଚେତନ ଥିଲା ଏକ ଓ ଅଭିନ୍ନ। ତେଣୁ ସେହି ମହାପୁରୁଷଙ୍କୁ ତାଙ୍କ ସ୍ମୃତି ଦିବସରେ ମନେ ପକାଇବା ପାଇଁ ହେଉଥିବା ଗୁମ୍ଫା ମେଳାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପାହାଡ଼ ଶିଖରରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିରରେ ଶ୍ରଦ୍ଧାଳୁମାନେ ଧାଡ଼ି କରି ଦର୍ଶନ କରିଥିଲେ। ସନ୍ଧ୍ୟା ସମୟରେ ସମାଧି ମନ୍ଦିର ପରିସରରେ ସାଧୁ ସନ୍ଥ ମାନଙ୍କ ଖଞ୍ଜଣୀ, ଶଙ୍ଖନାଦ ହରିବୋଲ ଧ୍ୱନିରେ ମନ୍ଦିରରେ ଧାର୍ମୀୟ ବାତାବରଣ ସୃଷ୍ଟି ହୋଇଥିଲା।

ଏହି ପୀଠର ଆକର୍ଷଣ ହେଉଛି ପୋଡ଼ପିଠା ଓ କାଞ୍ଜିପାଣି। ମହାପୁରୁଷଙ୍କ ପ୍ରିୟ ଭୋଗ ପୋଡ଼ପିଠା ଏହି ପୀଠରେ ମାନସିକ ରଖି ପୋଡ଼ପିଠା ଭୋଗ କଲେ ଭକ୍ତଙ୍କ ମନସ୍କାମନା ପୂରଣ ହୋଇଥାଏ ବୋଲି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ବିଶ୍ୱାସ ରହିଛି। କାଞ୍ଜିପାଣି ଯାହା ଏକ ମହୌଷଧିର ସ୍ଥାନ ନେଇଛି। ପୀଠକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ସନ୍ଥଙ୍କ ସମାଧି ମନ୍ଦିର ଦର୍ଶନ କରିବାସହ କାଞ୍ଜିପାଣି ପାନ କରିବାକୁ ବେଶ ଭିଡ ଜମାଇଥାନ୍ତି। ଏହି କାଞ୍ଜିପାଣି ମହାପୁରୁଷଙ୍କ ଅମଳରୁ ଏକ ଅବ୍ୟର୍ଥ ମହୌଷଧି ଭାବେ ପ୍ରସିଦ୍ଧ। ସନ୍ଥ ଅରକ୍ଷିତ ଦାସଙ୍କ ଚରଣାମୃତରୁ ପ୍ରସ୍ତୁତ ଏହି କାଞ୍ଜିପାଣି ସେ ସମୟରୁ ରହିଆସିଛି। ଯାହାକୁ ପାନ କଲେ ଅନେକ ରୋଗ ଦୂର ହୋଇଥାଏ ବୋଲି ଆଜି ମଧ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନରେ ବିଶ୍ୱାସ ରହିଛି। ଏହି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ଆଶଙ୍କା ଥିବାରୁ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ଏସ୍‌ପି ରତିକାନ୍ତ ଗିରିଙ୍କ ନେତୃତ୍ୱରେ ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ୫ ଇନିସପେକ୍ଟର, ୧୪ ଏସ୍‌ଆଇ, ୨୨ଏଏସ୍‌ଆଇ, ୧୦୦ କନଷ୍ଟେବଳ, ୧୦ ମହିଳା କନଷ୍ଟେବଳ ଓ ୭୦ ହୋମଗାର୍ଡ ଏବଂ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ସୂଚନା ଦେଇଛନ୍ତି। ଓଳାଶୁଣି ମେଳାର ପ୍ରଥମ ଦିନରେ ମହାପୁରୁଷଙ୍କ ଦର୍ଶନ ନିମନ୍ତେ ନେତାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ୩ ଜିଲ୍ଲାର ମଧ ସ୍ଥଳୀରେ ଓଳାଶୁଣି ମଠ ଥିବାରୁ ସମସ୍ତ ଜିଲ୍ଲାର ନେତାମାନେ ମହାପୁରୁଷଙ୍କ ସମାଧି ମନ୍ଦିର ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥାନ୍ତି।

## ମା' ଅଲେଇଶୁଣୀଙ୍କ ପୀଠରେ ମକର ମେଳା

**ପାଣିକୋଇଲି,୧୪।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ଓ ଜହ୍ନା ପଞ୍ଚାୟତର ଗଣପର୍ବତଥାଅଧିଷ୍ଠାତ୍ରୀଦେବୀ ମା'ଅଲେଇଶୁଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ମକର ସଂକ୍ରାନ୍ତିରେ ବାର୍ଷିକ ଯଜ୍ଞ ଉତ୍ସବ ଓ ମକର ମେଳା ଆରମ୍ଭ ହେଉଛି। ତିନି ଦିନ ବ୍ୟାପୀ ମେଳାକୁ ବହୁ ଆଡ଼ମ୍ବରରେ ପାଳନ କରାଯିବ। ସୋତି ଗ୍ରାମର ପ୍ରଦୀପ ଖଣ୍ଡାଇ, ପତ୍ନୀ ସତ୍ୟଭାମା ଖଣ୍ଡାଇ, ନରପଦା ଗ୍ରାମର ସୋମନାଥ ସାହୁ ଓ ବୀଣାପାଣୀ ସାହୁ ମା'ଙ୍କର ସଂକଳ୍ପ କରିଥିବା ବେଳେ ମା'ଙ୍କ ପୂଜକ ନୃସିଂହ ଦେବ ପଣ୍ଡାଙ୍କ ତତ୍ତ୍ୱବଧାନରେ ମା'ଙ୍କର ପୂଜାର୍ଚ୍ଚନା ହୋଇଥିଲା। ଏହି ମେଳାରେ ମୀନାବଜାର ସହିତ କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ଅଷ୍ଟପ୍ରହର ନାମଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ଆୟୋଜିତ ହୋଇ ଆସୁଥିବା ଉକ୍ତ ମେଳାକୁ ପଡୋଶୀ ପାଣିକୋଇଲି, ପଥରପଦା ଓ ବଡ଼ବିରୁହାଁ ପଞ୍ଚାୟତର ବହୁ ଜନସାଧାରଣଙ୍କ ସମାଗମ ହୋଇଥାଏ। କୋରାଇ ବିଧାୟକ ଆକାଶ ଦାସନାୟକ, ଜହ୍ନା ସରପଞ୍ଚ ସଂଯୁକ୍ତା



ସାହୁ, ଗୋଳେଇପୁର ସରପଞ୍ଚ ସସ୍ମିତା ମାଝୀ, ବରିଷ୍ଠ ବିଜେପି ନେତା ପୀନାକୀ ରଞ୍ଜନ ଦାସଙ୍କ ସମେତ ବହୁ ବ୍ୟକ୍ତି ମା'ଙ୍କୁ ଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମେଳା କମିଟିର ସଭାପତି ପ୍ରୀତିରଞ୍ଜନ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ଖଣ୍ଡାଇ, ସମ୍ପାଦକ ପ୍ରଦୀପ କୁମାର ଖଣ୍ଡାଇ, ସହ ସମ୍ପାଦକ ସୋମନାଥ ସାହୁ, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ଦାଶ, ସାଂସ୍କୃତିକ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ଗୋପାଳ ଚନ୍ଦ୍ର ଦାଶ, କୃତିବାସ ଖଣ୍ଡାଇ, ଅନାମ ଚରଣ ମହାପାତ୍ର, ସୁଶାନ୍ତ ମହାପାତ୍ର, ରବିନ୍ଦ୍ର କୁମାର ସେଠୀ, ଶତ୍ରୁଘ୍ନ ସାହୁ, କୀର୍ତ୍ତନ ବିହାରୀ ମହାପାତ୍ର, ଅଇଁଠୁ ନାୟକ, ରବି ବେହେରା, ମନୋଜ ନାୟକ, ସତ୍ୟବ୍ରତ ଖଣ୍ଡାଇ, ବିଦ୍ୟାଧର ବେହେରା, ସତ୍ୟାନନ୍ଦ ମହାପାତ୍ର, ଶଙ୍କର୍ଷଣ ବିନ୍ଧାଣୀ, ଧନେଶ୍ୱର ବୋଇତାଇ, ଅନିରୁଦ୍ଧ ବେହେରା, ନିତ୍ୟାନନ୍ଦ ସାହୁ, ନାରାୟଣ ବୋଇତାଇ, ଗୋକୁଳ ସାହୁ, ପ୍ରଫୁଲ୍ଲ ମାଝୀ, ଦିଗାମ୍ବର ନାୟକ, ବିଶ୍ୱରଞ୍ଜନ ମହାପାତ୍ର, ପ୍ରଦୀପ ସାମଲ, ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର କରଣ, ହରେକୃଷ୍ଣ ସାହୁ, ଅଶୋକ କୁମାର ଦାସ, କୀର୍ତ୍ତନ ମହାପାତ୍ର, ସତ୍ୟାନନ୍ଦ ମହାପାତ୍ର, ବିଶ୍ୱରଞ୍ଜନ ମହାପାତ୍ର, ଶଙ୍କର୍ଷଣ ବିନ୍ଧାଣୀ, ସନ୍ତୋଷ ସେଠୀ, ବାବୁଲା ସେଠୀ, କାର୍ତ୍ତୀକ ମାଝୀ, ବିଦ୍ୟାଧର ବେହେରା, ରବୀନ୍ଦ୍ର ବେହେରା, ଅନିରୁଦ୍ଧ ବେହେରା, ମନୋଜ ନାୟକ, କୃପାସିନ୍ଧୁ ନାଥ, ମହେଶ୍ୱର ବୋଇତାଇ, ଭରତ ଚନ୍ଦ୍ର ବୋଇତାଇ, ପ୍ରଫୁଲ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସିଆର୍‌ପିଏଫ୍ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



**ସିଂହପୁର,୧୪।୧(ସମିସ):** ଅଙ୍ଗାଲୋ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବୋଇତାଲୁ ପାଟଣା ଗ୍ରାମର ୧୯୯୫ ବ୍ୟାଚର ସିଆର୍‌ପିଏଫ ଯବାନ ସୁରେଶ ଚନ୍ଦ୍ର ଦାସଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ସେ ଦୀର୍ଘ ଦିନ ଧରି ମସ୍ତିଷ୍କ କର୍କଟରେ ପୀଡ଼ିତ ହୋଇ ରାଞ୍ଚି ମେଡିକାଲରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ଦୁଇ ଦିନ ତଳେ ମୃତ୍ୟୁ ହୋଇଥିଲା। ଆଜି ତାଙ୍କ ପାର୍ଥିବ ଶରୀର ନିଜ ଜନ୍ମମାଟିରେ ପହଞ୍ଚିବା ପରେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବାହିନୀ ଦ୍ୱାରା ଶେଷ ସମ୍ମାନ ପୂର୍ବକ ସହିଦ ସଲାମୀ ଦିଆହୋଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏକ ଶୋକାକୁଳ ପରିବେଶରେ ତାଙ୍କ ପରିବାର, ଆତ୍ମୀୟସ୍ୱଜନ ଓ ଗ୍ରାମର ବିଶିଷ୍ଟ ଲୋକେ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ କୁଞ୍ଜବିହାରୀ ସାମଲ, ପ୍ରଫୁଲ୍ଲ କୁମାର ସାମଲ, ବୈଷ୍ଣବ ଚରଣ ସାମଲ, ନିରଞ୍ଜନ ସାହାଣୀ, ଦୁଃଶାସନ ଦାସ, ଦୁର୍ଯ୍ୟୋଧନ କବି, ନିରଞ୍ଜନ ବାରିକ, ସୁବାସ ଚନ୍ଦ୍ର ସାହାଣୀ, ଗୌତମ ସାହାଣୀ, ସୌମ୍ୟରଞ୍ଜନ ସାହାଣୀ, ପବିତ୍ର ସାହାଣୀ, ଲାକଟେନ୍ଦୁ ସାହାଣୀ ଉପସ୍ଥିତ ରହି ସହିଦଙ୍କ ପ୍ରତି ମାଲ୍ୟାର୍ପଣ କରିବା ପରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା।

**ମା'ହିଙ୍ଗୁଳା କପ୍‌କ୍ରିକେଟ୍**

## ଚକାଆଖି ସ୍ପୋର୍ଟିଂ ଚାମ୍ପିଅନ

**କବାଟବନ୍ଧ,୧୪।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ମା'ହିଙ୍ଗୁଳା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଜେନାପୁର ଗ୍ରାଉଣ୍ଡରେ




ମା'ହିଙ୍ଗୁଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଚକାଆଖି ସ୍ପୋର୍ଟିଂ କ୍ଲବ ରାମଚନ୍ଦ୍ରପୁର ଏବଂ ରାମେଶ୍ୱରୀ ସ୍ପୋର୍ଟିଂ କ୍ଲବ ଯଖପୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେରାମେଶ୍ୱରୀ ସ୍ପୋର୍ଟିଂ କ୍ଲବ ଯଖପୁରା ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ଖେଳରେ ୧୦ ୱିକେଟ୍ ହରେଇ ୧୩୯ ରନ୍ ସଂଗ୍ରହ କରିଥିଲା। ଏହାର ଯବାବରେ ଚକାଆଖି ସ୍ପୋର୍ଟିଂ କ୍ଲବ୍ ୧୧.୫ ଓଭରରେ ୫ ୱିକେଟ୍ ହରାଇ ୧୪୦ ରନ କରି ବିଜୟ ଲାଭ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟି ୧୬ଟି ବିଭିନ୍ନ ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା ବେଳେ ଫାଇନାଲ୍ ମ୍ୟାଚ୍‌ଟି ୧୬ ଓଭର ବିଶିଷ୍ଟ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଶୁଭକାନ୍ତ ବରାଳ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ବରାଳ ଯୋଗ ଦେଇଥିଲେ। ଖେଳକୁ ଅମ୍ପାୟାର ନିମାଇଁ ମହାନ୍ତି ଓ ଜିତେନ୍ଦ୍ର ଶତପଥୀ ଏବଂ ଭାଷ୍ୟକାର ତରଣୀ କୁମାର ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ଅଶୋକ ସାହୁ, ଦୀପକ କୁମାର ମହାନ୍ତି, ନିଷ୍କାନ୍ତ ଖଟୁଆ, ଅକ୍ଷୟ ମହାନ୍ତି, ମହେଶ୍ୱର ସ୍ୱାଇଁ ସମେତ ପ୍ରକାଶ ଚନ୍ଦ୍ର ବରାଳ, ଆର୍ଯ୍ୟାନନ୍ଦ ବେହେରା, ବିଚିତ୍ରାନନ୍ଦ ସାହୁ, ରାମଚନ୍ଦ୍ର ସାହୁ, ନାଏବ ସରପଞ୍ଚ ରଞ୍ଜିତ ବରାଳ, ସରୋଜ କୁମାର ବରାଳ, କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ମା'ହିଙ୍ଗୁଳା ସ୍ପୋର୍ଟିଂ କ୍ଲବ ଜେନାପୁରର ସମସ୍ତ ସଦସ୍ୟଙ୍କ ସହଯୋଗରେ ସଫଳ ହୋଇଥିଲା।

## ସୁକିନ୍ଦା ଅଞ୍ଚଳରେ ଦନ୍ତା ହାତୀ ଆତଙ୍କ

**ସୁକିନ୍ଦା,୧୪।୧(ସମିସ):** ସୁକିନ୍ଦା ସଦର ମହକୁମାରେ ଦନ୍ତା ହାତୀ ଆତଙ୍କରେ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ଦେଖାଦେଇଛି। ଗତ ମଙ୍ଗଳବାର ରାତିରେ ସୁକିନ୍ଦା ଗାଁ ଭିତରେ ଆତଙ୍କ ସୃଷ୍ଟି କରିଥିବା ଦନ୍ତା ହାତୀଟି ମଙ୍ଗଳବାର ବିଳମ୍ବିତ ରାତିରେ ଭୁବନ ପାଖ ଜଙ୍ଗଲ ଆଡ଼କୁ ଚାଲି ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ ଏକ ବଡ ଦନ୍ତା ହାତୀ ସୁକିନ୍ଦା ଗଡ ବେହୁରା ସାହି ରାସ୍ତା ଦେଇ ବଡ଼ ଦାଣ୍ଡରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ଏତେବଡ଼ ଦନ୍ତା ହାତୀ ଦେଖି ଭୟବିତ ହୋଇଯାଇଥିଲେ। ସେହି ହାତୀ ସୁକିନ୍ଦାରୁ ଟସର ଫାର୍ମ ଦେଇ ଢେଙ୍କାନାଳ ଜିଲ୍ଲା ଭୁବନ ଆଡ଼କୁ ଚାଲିଯାଇଥିବା ଜଣାପଡିଛି। ସୂଚନା ପାଇ ଏହି ହାତୀକୁ ଘଉଡ଼ାଇବାକୁ ସୁକିନ୍ଦା ବନ ବିଭାଗ ବନପାଳ ମନୋରମା ହୋତା, ଫଂଶୋଳ ସେକ୍ସନ ବନପାଳ ରାମ ତିରିଆଙ୍କ ସହିତ ଅନେକ ବନ କର୍ମଚାରୀ ଓ ସ୍ଥାନୀୟ ପୋଲିସ ସାମିଲ ଥିବା ଦେଖିବାକୁ ମିଳିଥିଲା। ଚଳିତ ବର୍ଷ ବିଭିନ୍ନ ହାତୀ ପାଞ୍ଚ ଥର ସୁକିନ୍ଦାରେ ପଶି ଅନେକ ଭଙ୍ଗାରୁଜା କରିଥିବା ଜଣାପଡିଛି। ଧୀରେ ଧୀରେ ଜଙ୍ଗଲ ହ୍ରାସ ପାଉଥିବା କାରଣରୁ ଖାଦ୍ୟ ଅନ୍ୱେଷଣରେ ହାତୀ ଗ୍ରାମ ଆଡ଼କୁ ପଶି ଆସୁଥିବା ଦେଖିବାକୁ ମିଳିଛି।

## ଚାଷୀଙ୍କ ସନ୍ଦେହ ଜନକ ମୃତ୍ୟୁ

**ସୁକିନ୍ଦା,୧୪।୧(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ପଳାଶଖଳି ଗ୍ରାମର ଜଣେ ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୃତ ଚାଷୀ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ ଅଧୀନ ପଳାଶଖଳି ଗ୍ରାମ ସନାତନ ଚାତାର୍ (୫୦)। ଗତ କିଛି ଦିନ ହେବ ସନାତନ ରକ୍ତଚାପ ଜନିତ ରୋଗର ଶିକାର ହୋଇ ବହୁତ କଷ୍ଟ ପାଉଥିଲେ। ଆଜି ମଧ୍ୟାହ୍ନରେ ସନାତନ ଘରେ ବସିଥିବା ସମୟରେ ହଠାତ୍ ଏକ ବ୍ଲେଡ ସାହାଯ୍ୟରେ ନିଜ ବେକ କାଟିଦେଇଥିବା ପରିବାର ଲୋକେ ଦେଖି ଅଟକାଇଥିଲେ। ପରିବାର ଲୋକେ ସନାତନକୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ପାଇ ପୁଲିସ ମୃତଦେହ ଜବତ କରି ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ତେବେ ମୃତ ସନାତନଙ୍କ ପାରିବାରିକ ଜୀବନ ଜୀବନ ବେଶ୍ ଭଲ ଥିବା ଓ ସେ ଶାରୀରିକ ଅସୁସ୍ଥତା ପାଇଁ କଷ୍ଟ ଭୋଗୁଥିବା ପଡ଼ୋଶୀ ପ୍ରକାଶ କରିଛନ୍ତି।

## ସୁନ୍ଦରିଆ ପ୍ରିମିୟର ଲିଗ୍; ସୁଙ୍ଗୁଡ଼ା ଚାମ୍ପିଅନ



**ଧର୍ମଶାଳା,୧୪।୧(ସମିସ):** ଧର୍ମଶାଳା ବ୍ଲକ ସୁନ୍ଦରିଆ ଖେଳପଡିଆରେ ନିଉଲାଇଫ୍ ୟୁଥ ପକ୍ଷରୁ ଚାଲିଥିବା ସୁନ୍ଦରିଆ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚରେ ଗେମ୍ ଚେଞ୍ଜର ଭୁବନେଶ୍ୱରକୁ ୮ ୱିକେଟରେ ପରାସ୍ତ କରି କେସିସି ସୁଙ୍ଗୁଡ଼ା ଚାମ୍ପିଅନ ହୋଇଛି। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୮ ୱିକେଟ ହରାଇ ୨୨୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିହାର ରଞ୍ଜନ ୧୦୬ ରନ ଓ ବିଶ୍ୱଜିତ ରାଉତ ୮୩ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର କାଲୁ ସାହୁ ଓ ସିପୁ ଓଝା ୨ଟି ଲେଖାଏଁ ୱିକେଟ ହାତେଇ ଥିଲେ। ଜବାବରେ କେସିସି ସୁଙ୍ଗୁଡ଼ା ବ୍ୟାଟିଂ କରି ୧୪ ଓଭରରେ ୨ ୱିକେଟ ହରାଇ ୨୨୯ ରନ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ କାଲୁ ସାହୁ ୯୬ ରନ ଓ ସ୍ୱାଗତ ନାୟକ ୬୫ରନ କରିଥିଲେ। ବିପକ୍ଷ ଭୁବନେଶ୍ୱର ଦଳର ବିଶ୍ୱଜିତ ରାଉତ ଓ ଜିତେଶ ମୁଖି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆଜିର ଖେଳକୁ ରାଜେଶ ଭଦ୍ର ଓ ଗୋକୁଳାନନ୍ଦ ରାଉତ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ସପ୍ତସାଗର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ସୁନ୍ଦରିଆ ସରପଞ୍ଚ ନିର୍ମଳ ଦାସ, କ୍ରୀଡ଼ାବିତ ସୁବ୍ରତ ଜେନା, ବିଜେପି ନେତା ଓ ଚଳଚିତ୍ର ଅଭିନେତ୍ରୀ ପୁନମ ମିଶ୍ର ଯୋଗଦେଇ ମ୍ୟାନ୍ ଅଫ ଦି ସିରିଜ୍ ଓ ମ୍ୟାନ୍ ଅପ ଦି ମ୍ୟାଚ୍ କାଲୁ ସାହୁଙ୍କୁ ଟ୍ରଫି ପ୍ରଦାନ କରିବା ସହିତ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲୋରିୟା ମହାନ୍ତି ପରିଚାଳନା କରିଥିଲେ।

# ବେଆଇନ ଭାବେ ଚାଲିଥିବା ୩ଟି ବାଚିଂ ପ୍ଲାଣ୍ଟକୁ ବନ୍ଦ ନିର୍ଦ୍ଦେଶ

**ଦାନଗଦି,୧୪।୧(ସମିସ):**



ଦାନଗଦି ତହସିଲ ଅଞ୍ଚଳରେ ଅବୈଧ ଭାବେ ଚାଲିଥିବା ୩ଟି ବାଚିଂ ପ୍ଲାଣ୍ଟକୁ ବନ୍ଦ ନିର୍ଦ୍ଦେଶ ଦେଇଛି ପ୍ରଦୂଷଣ ବିଭାଗ। ଏ ସବୁ ପ୍ଲାଣ୍ଟ ଗୁଡ଼ିକ ବର୍ଷ ବର୍ଷ ଧରି ବେଆଇନ୍ ଭାବେ ଚାଲୁଥିଲା। ପରିଚାଳନା ଅନୁମତି ନ ଥାଇ ଏହି ୩ଟି ବାଚିଂ ପ୍ଲାଣ୍ଟ ଦୀର୍ଘ ଦିନ ଧରି ଚାଲୁଥିଲା ଏବଂ ମାତ୍ରାଧିକ ବାୟୁ ପ୍ରଦୂଷଣ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଯାହାକୁ ନେଇ ୧୧ ତାରିଖ ଦିନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏଗୁଡିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପରିଚାଳନା ଅନୁମତି ନଥିବା ଏହି ପ୍ଲାଣ୍ଟ ଗୁଡ଼ିକ ଦ୍ୱାରା ବ୍ୟାପକ ବାୟୁ ଓ ଜଳ ପ୍ରଦୂଷିତ ହେଉଥିଲା।

ସୂଚନା ଯୋଗ୍ୟ ଯେ ନଡ଼ିଆଭଙ୍ଗାର ଜାମୁପଶି ମୌଜାରେ ଥିବା ଆର୍‌ବି ରେଡିମିକ୍ସ, କମଳାକାନ୍ତ ଇଞ୍ଜିନିୟରିଂ କନଷ୍ଟ୍ରକସନ୍ ଏବଂ ମାନତୀରା ମୌଜାରେ ଥିବା ଆପେକ୍ସ ବିଲ୍ଡକନ୍ ବାଚିଂ ପ୍ଲାଣ୍ଟକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହିସବୁ କାରଖାନା ଗୁଡ଼ିକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପୂର୍ବରୁ ଏକାଧିକ ଥର କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ମାତ୍ର ଉକ୍ତ ସଂସ୍ଥା ଗୁଡ଼ିକ ନୋଟିସ୍‌କୁ ଖାତିର ନକରି କାର୍ଯ୍ୟ ଚଳାଇ ଆସୁଥିଲେ। ଅନ୍ୟ ପକ୍ଷରେ ଜାମୁପଶି ଠାରେ ଚାଲୁଥିବା ଦୁଇଟି ବାଚିଂ ପ୍ଲାଣ୍ଟ ସମ୍ପୂର୍ଣ୍ଣ ଜଙ୍ଗଲ କିସମ ଜମି ଉପରେ ସ୍ଥାପିତ ହୋଇଥିଲେ। ସେଗୁଡିକ ବନ୍ଦ କରିବାକୁ ପ୍ରଶାସନ ଆନ୍ତରିକ ଉଦ୍ୟମ କରି ନଥିଲା। ତହସିଲ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କେବଳ ଏମାନଙ୍କୁ ନୋଟିସ୍ ଦିଆଯାଉଥିଲା ଓ ସେମାନେ ସେମାନଙ୍କ କାର୍ଯ୍ୟ ଜାରି ରଖିଥିଲେ।

ଅନୁମତି ନଥାଇ କାର୍ଯ୍ୟକ୍ଷମ ଚାଲୁ ରଖିବା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ଲାଣ୍ଟ ଚଳାଇବା ପାଇଁ ଅନୁମତି ନିମନ୍ତେ ପୋର୍ଟାଲରେ ଆବେଦନ କରି ନଥିବା ସଂସ୍ଥାକୁ ବନ୍ଦ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଗାଇଡ୍ ଲାଇନ୍ ରହିଛି। ତେଣୁ ପୋର୍ଟାଲ ଅଧିକ ନୋଟିସ୍ ନଦେଇ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ପୁଲିସର ସହାୟତାରେ ଉକ୍ତ ଅବୈଧ ସଂସ୍ଥା ଗୁଡିକୁ ବନ୍ଦ୍ କରିବା ପାଇଁ ବାଟ ଖୋଲିଥିଲା। ଏହି ନିୟମ ଆଧାରରେ ୩ଟି ବାଚିଂ ପ୍ଲାଣ୍ଟକୁ ପୃଥକ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବନ୍ଦ ନୋଟିସ୍ ଜାରି କରିଛି। ନିର୍ଦ୍ଦେଶ ସମ୍ପର୍କରେ ଯାଜପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ସୂଚୀତ କରାଯାଇଛି। ଅନ୍ୟପକ୍ଷରେ ଏହିସବୁ ବାଚିଂ ପ୍ଲାଣ୍ଟକୁ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗକୁ ଅବିଳମ୍ବେ ବିଚ୍ଛିନ୍ନ କରିବା ପାଇଁ ବାଲେଶ୍ୱର ସ୍ଥିତ ଟିପିଏନ୍‌ଓଡିଏଲ୍‌ର ସିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସହର ଶୂନଶାନ; ଟୁସୁ ଗୀତରେ କମ୍ପୁଛି ଗାଁ





ବାରିପଦା,୧୪।୧(ସମିସ):

ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ପାଇଁ ବାରିପଦା ସମେତ ପ୍ରମୁଖ ସହର ବଜାର ଶୂନଶାନ ହୋଇଛି। ଅପରପକ୍ଷରେ ଗ୍ରାମାଞ୍ଚଳରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ପରମ୍ପରା ଅନୁଯାୟୀ ଏହି ପର୍ବ ପାଳନ ପାଇଁ ସମସ୍ତେ ନିଜ ନିଜର ଗାଁକୁ ଫେରିଥିବାବେଳେ କିଏ କିଏ ନିଜର ବନ୍ଧୁବାନ୍ଧବଙ୍କ ଘରକୁ ଯାଇ ଉତ୍ସବ ପାଳନ କରିଛନ୍ତି। ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିଛି। କାଁଭାଁ ପ୍ରତିଷ୍ଠାନ ଖୋଲାଥିଲେ ହେଁ, କର୍ମଚାରୀ ମରୁଡ଼ି ଦେଖିବାକୁ ମିଳିଛି।

ମଙ୍ଗଳବାର ବାଉଣ୍ଡି ପରେ ବୁଧବାର ପ୍ରତ୍ୟୁଷରେ ଜଳାଶୟରେ ବୁଡ଼ ପକାଇ ନୂତନବସ୍ତ୍ର ପରିଧାନ କରି ମକର ପଲା(କୁମା) ଜାଳି ସମସ୍ତେ ଆନନ୍ଦ ନେଇଛନ୍ତି। ଗାଁ ଗାଁରେ ମାଦଳର ଶବ୍ଦ ଓ ଟୁସୁଗୀତ ସାଙ୍ଗକୁ ତାସଖେଳ, କୁକୁଡ଼ା ଲଢ଼େଇ, କ୍ରୀଡ଼ା ପ୍ରତିଯୋଗିତାରେ ସମସ୍ତେ ମସଗୁଲ। ଜିଲ୍ଲାରେ ଖୁବ୍ ଆଡ଼ମ୍ବର ସହିତ ଏହି ପର୍ବ ପାଳିତ ହେଉଛି। କୃଷି ଭିତ୍ତିକ ଏହି ପର୍ବରେ ଖରିଫ ଧାନ ଫସଲ ଅମଳ ପରେ ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବା ଚାଷ ଉପକରଣକୁ ବିଶ୍ରାମ ଦେବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଚାଷୀ ପରିବାରରେ ଖଳାରେ ପୂଜା ହେଉଛି। ପ୍ରତ୍ୟେକ ଗ୍ରାମ ଦେବତୀଙ୍କ ପୀଠ ସହ ମଠ ମନ୍ଦିରରେ ମକର ସଂକ୍ରାନ୍ତିରେ ପୂଜା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି।

ମକର ଚାଉଳ, ପିଠା ଓ ଲଡୁ ଭୋଗ ଲାଗିଛି। ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଳା ବସିଛି। ବିଭିନ୍ନ ଗ୍ରାମରେ କୁଡ଼ମୀ ସମ୍ପ୍ରଦାୟର ପ୍ରମୁଖ ଟୁସୁପର୍ବ ଧୂମଧାମରେ ଆରମ୍ଭ ହୋଇଛି। ଟୁସୁମେଳା ଓ ପ୍ରତିମା ବିସର୍ଜନ ପାଇଁ କମିଟିଗୁଡ଼ିକ ପକ୍ଷରୁ ବ୍ୟବସ୍ଥା ହୋଇଛି। ପର୍ବ ପରେ ଆଦିବାସୀ ସଂପ୍ରଦାୟର ଦାମଦୋର ମେଳା ନଦୀନାଳ ସଙ୍ଗମ ସ୍ଥଳରେ



ଅନୁଷ୍ଠିତ ହେବ। ପିତୃପୁରୁଷଙ୍କୁ ଶ୍ରାଦ୍ଧ ଉଦ୍ଦେଶ୍ୟରେ ସମସ୍ତେ ଏକତ୍ରିତ ହେବା ପାଇଁ ପ୍ରସ୍ତୁତି ସାରିଛନ୍ତି। ପୂର୍ବରୁ ମକରପର୍ବ ସମୟରେ ମଦ୍ୟପାନ, ଦୁଷ୍କର୍ମ, ହତ୍ୟାକାଣ୍ଡ ଓ ଦୁର୍ଘଟଣା ଆଦି ଅଘଟଣର ନଜିର ଥିବାରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶରେ କୁକୁଡ଼ା ଲଢ଼େଇ, ଜୁଆଖେଳ ଓ ଅବାଧ ମଦବିକ୍ରି ବନ୍ଦ ନେଇ ଜିଲ୍ଲାର ସମସ୍ତ ଥାନାରେ ପୁଲିସ ସଜାଗ ଥିବା ଜଣାପଡ଼ିଛି। ମକର ପର୍ବରେ ଅନେକ ପ୍ରକାର ପିଠାପଣା ପ୍ରସ୍ତୁତ କରାଯାଉଥିଲେ ହେଁ ଅରୁଆ ଚାଉଳ ଚୂନା ଓ ଗୁଡରେ ପ୍ରସ୍ତୁତ ଆରିସା ପିଠା ପ୍ରଧାନ। ମକର ସଂକ୍ରାନ୍ତି ଦିନ ଠାରୁ ସାରା ମୟୂରଭଞ୍ଜ ଆନନ୍ଦ ଉଲ୍ଲାସରେ ମୁଖରିତ ହୋଇଉଠେ। ବିଭିନ୍ନ ସ୍ଥାନରେ ମେଳା ଲାଗେ। ସେଥି ମଧ୍ୟରୁ କପ୍ତିପଦା ଉପଖଣ୍ଡର ସମୀବୃକ୍ଷ, ବାମନଘାଟୀର ରାଣୀବୃକ୍ଷ, ପାଞ୍ଚପୀଢ଼ର କେଶରୀକୁଣ୍ଡ, ଯଶିପୁରର ରାମତୀର୍ଥ, ଖିଚିଂ ନିକଟସ୍ଥ ଦୋମୁହାଁଣି ଭୀମ କୁଣ୍ଡରେ ୭ଦିନ ପର୍ଯ୍ୟନ୍ତ ଏହି ମେଳା ବସେ। ବାଙ୍ଗିରିପୋଷି ଦୁଆରଶୁଣି ମା'ଙ୍କ ପୀଠରେ ଏଥର ୧୭ରୁ ୨୨ତାରିଖ ପର୍ଯ୍ୟନ୍ତ ମେଳା ହେବ। ଏହି ପବିତ୍ର ସ୍ଥାନରେ ହଜାର ହଜାର ଲୋକ ମିଳିତ ହେବେ। ଏହି ମେଳା ବିଭାଯୋଗ୍ୟ ପୁଅ ଝିଅ ମଧ୍ୟରେ ଦେଖାଚାହାଁ ହେବାର ସୁଯୋଗ ସୃଷ୍ଟି କରେ। ମକର ସଂକ୍ରାନ୍ତି ପରେ ପ୍ରତ୍ୟେକ ଘରୁ ବନ୍ଧୁପରିଜନଙ୍କ ନିକଟକୁ ପିଠାପଣାର ଉପହାର ଯାଇଥାଏ। ମାଘ ମାସଟି ସମ୍ପୂର୍ଣ୍ଣ ଭାବେ ବନ୍ଧୁ ଚର୍ଚ୍ଚାରେ ବିତେ। ସେଥିପାଇଁ ମୟୂରଭଞ୍ଜରେ ମାଘମାସକୁ ମକରମାସ ବୋଲି କହିଥାନ୍ତି।

## ଟୁସୁପର୍ବ କିମ୍ବଦନ୍ତୀ

ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକରରେ କୁଡୁମୀ ସମ୍ପ୍ରଦାୟରେ ଏକ ସ୍ୱତନ୍ତ୍ର ପୂଜା ଟୁସୁପର୍ବ ଅନୁଷ୍ଠିତ ହୋଇଥାଏ। ଜିଲ୍ଲାର କୋଣ ଅନୁକୋଣରେ ଅନୁଷ୍ଠିତ ହେଉଥିବା ଏହି ପୂଜାରେ କୁଡୁମୀ ସମ୍ପ୍ରଦାୟର ଅବିବାହିତ ଝିଅମାନେ ଟୁସୁ ଦେବୀଙ୍କ ମୂର୍ତ୍ତିକୁ ସାଙ୍ଗରେ ନେଇ ପାରମ୍ପାରିକ ଗୀତ ଗାଇ ଗ୍ରାମ ପରିକ୍ରମା କରନ୍ତି। ପୂଜା ଶେଷ ହେବା ପରେ ଟୁସୁ ଦେବୀଙ୍କ ପ୍ରତିମାକୁ ନଦୀ, ପୋଖରୀ ବା ଜଳାଶୟରେ ବିସର୍ଜନ କରିଥାନ୍ତି। ଟୁସୁ ଦେବୀ କୁଡ଼ମୀ ସମ୍ପ୍ରଦାୟର ଇଷ୍ଟ ଦେବୀ। ଟୁସୁ ପୂଜା ନେଇ କୌଣସି ଇତିହାସ ନଥିଲେ ମଧ୍ୟ ଏକ ପ୍ରବାଦ ରହିଛି। ଟୁସୁ କୌଣସି ଦେବୀ ନୁହନ୍ତି। ଜନଶ୍ରୁତି ଅନୁସାରେ ଜନୈକ କୁଡମୀ ସମ୍ପ୍ରଦାୟର ଜମିଦାରଙ୍କ ଏକମାତ୍ର ଅଲିଅଳି ଝିଅ ଥିଲେ ଟୁସୁ। ଦେଖିବାକୁ ଖୁବ୍ ସୁନ୍ଦରୀ। ଜିଲ୍ଲାରେ ମୋଗଲ ଶାସନ ଚାଲିଥିବା ବେଳେ ଟୁସୁଙ୍କ ସୁନ୍ଦରତାରେ ବିମୋହିତ ହୋଇ ଜଣେ ମୋଗଲ ବାଦଶାହ ତାଙ୍କୁ ବେଗମ କରିବାକୁ ଚାହିଁଥିଲେ। ହେଲେ ଟୁସୁଙ୍କ ବାପା ଏଥିରେ ରାଜି ହୋଇନଥିଲେ। ଟୁସୁଙ୍କ ବିବାହ ପାଇଁ ସେ ଏକ ବରପାତ୍ର ଯୋଗାଡ଼ କରିଥିଲେ। ଏଥିରେ ମୋଗଲ ବାଦଶାହ ରାଗିଯାଇ ଟୁସୁଙ୍କ ଭାବି ବରଙ୍କୁ ହତ୍ୟା କରିବା ସହିତ ଟୁସୁଙ୍କ ପରିବାର ସଦସ୍ୟଙ୍କୁ ନିର୍ଯାତନା ଦେଇଥିଲେ। ଏହା ସହି ପାରିନଥିଲେ ଟୁସୁ। ଏଥିସହ ବାଦଶାହଙ୍କ କାମୁକ ନଜରରୁ ବଞ୍ଚିବାକୁ ଯାଇ ପବିତ୍ର ମକର ସଂକ୍ରାନ୍ତି ଦିନ ଟୁସୁ ନଦୀକୁ ଡେଇଁ ଆଇହତ୍ୟା କରିଥିଲେ। ସେହିଦି ଠାରୁ କୁଡମୀ ସମ୍ପ୍ରଦାୟ ପକ୍ଷରୁ ମକର ସଂକ୍ରାନ୍ତି ଦିନ ଟୁସୁ ପୂଜା ବା ଟୁସୁ ପର୍ବ ପାଳନ କରାଯାଉଛି।

ଏହି ପର୍ବକୁ କୁଡମୀ ସମ୍ପ୍ରଦାୟର ଲୋକେ ନିଜ ସମ୍ପ୍ରଦାୟର ଜାତୀୟ ପର୍ବ ଭାବେ ଚିତ୍ରଣ କରିଥାନ୍ତି। ତଦନୁଯାୟୀ ମକର ସଂକ୍ରାନ୍ତି ପୂର୍ବ ଦିନକୁ ମକର ବାଉଣ୍ଡି ଦିନ ଭାବେ ପାଳିଥାନ୍ତି। ବିଧି ଅନୁସାରେ ପ୍ରତ୍ୟେକ ଦଳରେ ୪ଜଣ ଅବିବାହିତ ଝିଅ ଟୁସୁଦେବୀଙ୍କ ପ୍ରତିମୂର୍ତ୍ତି ନିକଟରେ ପୌରାଣିକ ଗାଥା ଉପରେ ଆଧାରିତ ବିଭିନ୍ନ ପ୍ରକାର ଗୀତ ଗାଆନ୍ତି। ଏହା ପରେ ଟୁସୁ ଦେବୀଙ୍କୁ ଘରକୁ ନେଇ ସ୍ୱତନ୍ତ୍ର ସ୍ଥାନରେ ରଖି ରାତ୍ର ସମୟରେ ମକର ଚାଉଳ ତଥା ପିଠାପଣା ଆଦି ଟୁସୁ ଦେବୀଙ୍କୁ ସମର୍ପଣ କରି ସାରାରାତ୍ରି ଅନିଦ୍ରା ହୋଇ ପାରମ୍ପାରିକ ଗୀତ ଓ ନୃତ୍ୟରେ ଆରାଧନା କରନ୍ତି। ରାତ୍ରିର ଚତୁର୍ଥ ପ୍ରହରରେ ମକର ପର୍ବକୁ ସ୍ୱାଗତ କରି ମକର ଦିନ ପାରମ୍ପାରିକ ପୂଜା ଓ ଗୀତ ଗାଇ ଗାଁ ପରିକ୍ରମା ପରେ ଟୁସୁ ଦେବୀଙ୍କୁ ବିସର୍ଜନ କରନ୍ତି। ଜିଲ୍ଲାର ମହୁଲିଆ, ଟୁକୁପାଳସିଆ, କୋଷ୍ଠା, ଯଶିପୁର ଓ ରାମତୀର୍ଥ ଆଦି ଭଳି ଅନେକ ସ୍ଥାନରେ ମୂର୍ତ୍ତି ବିସର୍ଜନ ହୋଇଥାଏ। ଏଥିପାଇଁ ମେଳା ବସିଥାଏ।

# ରାମତୀର୍ଥ ଟୁସୁ ମେଳାରେ ଜମିଲା ଭିଡ଼

**ରାଇରଙ୍ଗପୁର,୧୪।୧(ସମିସ):** ବୁଧବାର ଠାରୁ ମୟୂରଭଞ୍ଜ ଜିଲ୍ଲାର ଗଣ ପର୍ବ ମକର ସଂକ୍ରାନ୍ତି ଆରମ୍ଭ ହୋଇଯାଇଛି। ଯାହାକୁ ନେଇ ଗାଁ ଠାରୁ ସହର ସବୁଠି ଉତ୍ସବର ମାହୋଲ ରହିଛି। ତେବେ ମକର ପର୍ବର ଆଗମନ ଟୁସୁ ମେଳା ଆରମ୍ଭ ହୋଇଛି।



ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡରେ ଅନେକ ସ୍ଥାନରେ ଟୁସୁ ମେଳା ହେଉଥିଲେ ସୁଦ୍ଧା ଯଶିପୁରର ରାମତୀର୍ଥ ଠାରେ ବିରାଟ ଟୁସୁ ମେଳାର ଆୟୋଜନ କରାଯାଇଛି। ଟୁସୁ ପୂଜା ସହ ମେଳା ପାଇଁ ଗାଁ ଗାଁରେ ମାଦଳ ତାଳେ ତାଳେ ଟୁସୁଗୀତରେ ସଭିଏଁ ଝୁମିଥିବାବେଳେ ଉତ୍ସବର



ମାହୋଲ ସୃଷ୍ଟି ହୋଇଛି। କୁଡୁମୀ ସମ୍ପ୍ରଦାୟର ଘରେ ଘରେ ଏହି ପୂଜା ପାଳନ କରାଯାଇଛି। ଯଶିପୁର ରାମତୀର୍ଥରେ ବଡ଼ଧରଣ ଟୁସୁ ମେଳା ଦେଖିବାକୁ ଲୋକଙ୍କ ଅନେକ ସମାଗମ ହୋଇଥିଲା। ମହା ଆଡମ୍ବର ସହିତ ମେଳା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସପ୍ତାହକ ଧରି ଜାରି ରହିବ। ଟୁସୁ ପୂଜା ପାଇଁ ଅନେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିଛି।

# ମକରରେ ବସ୍ତ୍ରଦାନ

ବାରିପଦା,୧୪।୧(ସମିସ): ମକର ସଂକ୍ରାନ୍ତି ଅବସରରେ ବସ୍ତ୍ରଦାନ କରାଯାଇଛି। ଜିଲ୍ଲାର ଶାମାଖୁଣ୍ଟା ବ୍ଲକ ଦୁଧିଆଶୋଳ ଗାଁରେ ମକର ସଂକ୍ରାନ୍ତି ଉପଲକ୍ଷେ ବିଧବା ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ବସ୍ତ୍ର ଦାନ କରାଯାଇଛି। ଏହି ଅବସରରେ ଅନୁସୂଚିତ ଜାତି କଲ୍ୟାଣ ସମିତି ରାଜ୍ୟ ସାଧାରଣ ସମ୍ପାଦକ କରମଚାନ୍ଦ କାଳନ୍ଦୀ ପ୍ରଦାନ କରିବା ସହ ମକର ସଂକ୍ରାନ୍ତି ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟାନ୍ୟ ବିଭିନ୍ନ ପିଠା ପଣା ସାମଗ୍ରୀ ପ୍ରଦାନ କରିଛନ୍ତି।



# ମକର ମିଳନ ଓ ଫକୀରମୋହନ ଜୟନ୍ତୀ

**ବାରିପଦା,୧୪।୧(ସମିସ):** ମୟୂରଭଞ୍ଜର ପ୍ରସିଦ୍ଧ ଗଣପର୍ବ ମକର ଉତ୍ସବ ଅବସରରେ ଜିଲ୍ଲାର ପ୍ରମୁଖ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦ



ତରଫରୁ ଏକ ସାରସ୍ୱତ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ପୂର୍ବାହ୍ନରେ ମହର୍ଷି ପବ୍ଲିକ ସ୍କୁଲର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟର ସେନାପତି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ମଧ୍ୟ ପାଳିତ ହୋଇଯାଇଛି। ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ ପ୍ରାକ୍ତନ ଜିଲ୍ଲାଶିକ୍ଷାଧିକାରୀ ହିମାଂଶୁ ଶେଖର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଷଦର ପ୍ରାକ୍ତନ ସଭାପତି ତଥା ବିଶିଷ୍ଟ ସାହିତ୍ୟିକ ଅଜିତ କୁମାର କବାଟ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ମକର ସଂକ୍ରାନ୍ତିର ତାତ୍ପର୍ଯ୍ୟ ଏବଂ ତହିଁରେ ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ଓ କବି ଅଜିତ ପାଣିଗ୍ରାହୀ ତଥା କବୟିତ୍ରୀ ବାସନ୍ତୀଲତା ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଓଡ଼ିଆ ଭାଷାର ସ୍ୱାତନ୍ତ୍ର ପ୍ରତିପାଦିତ କରିବା ଦିଗରେ ଫକୀରମୋହନ ସେନାପତିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଆବାହନରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ପରିଷଦର ସଂପାଦକ ମନୋଜ ଦଳବେହେରା ପରିଷଦର ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। କବୟିତ୍ରୀ ସ୍ନେହଲତା ନାୟକ ଏବଂ କବି ଗୋପାଳ ଚନ୍ଦ୍ର ସାଓଙ୍କ ମିଳିତ ସଂଯୋଜନାରେ ଆୟୋଜିତ ଏକ ମନୋଜ୍ଞ କବିତାପାଠ ଆସରରେ ପଣ୍ଡିତ ଭାଗବତ ପଣ୍ଡା, ଡ. ଶଶିଧର ବିଶ୍ୱାଳ, ନରସିଂହ ବାରିକ, ଅଜୟ କୁମାର ପାଳ, ବନମାଳୀ ପାତ୍ର, ଡ. ସଂଜୀବ ପାଣିଗ୍ରାହୀ ପ୍ରମୁଖ ଅନେକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କବି ଶଙ୍କର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କରଞ୍ଜିଆ ମକରମେଳାରେ ଟୁସୁ ନାଚ, ଗୀତ ପ୍ରତିଯୋଗିତା




**କରଞ୍ଜିଆ,୧୪।୧(ସମିସ):** କରଞ୍ଜିଆରେ ପବିତ୍ର ମକର ସଂକ୍ରାନ୍ତି ଓ ଟୁସୁ ମେଳା ଆରମ୍ଭ ହୋଇଛି। କରଞ୍ଜିଆ ଅନ୍ତର୍ଗତ ସିମିଗାଁ ଠାରେ ସବୁବର୍ଷ ପରି ଚଳିତ ବର୍ଷ ସିମିଗାଁ ମକର ମେଳା କମିଟି ଆନୁକୂଲ୍ୟରେ ଟୁସୁ ମେଳା ଆୟୋଜିତ ହୋଇଛି। ଏଥିରେ ଟୁସୁ ଗୀତ, ଟୁସୁ ନାଚ ପ୍ରତିଯୋଗିତା ଆୟୋଜନ ହୋଇଛି। ଏହି ଅବସରରେ ଟୁସୁ ମେଢ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ଟୁସୁ ଗୀତ ଓ ଝୁମର ନାଚର ପ୍ରତିଯୋଗିତା କରାଯାଇଥିଲା। କମିଟି ପକ୍ଷରୁ ଗ୍ରାମରେ ପ୍ରତିବର୍ଷ ପରି ସିମିଗାଁ -ଭୋଳପଡ଼ା ଦେଓ ନଦୀଘାଟକୁ ଅତି ପବିତ୍ର ସ୍ଥାନ ଭାବେ ବିବେଚିତ କରି ଟୁସୁମିନା ମୂର୍ତ୍ତିର ପୂଜନ କରାଯାଇଥିଲା। ମେଳାରେ ଆଖପାଖ ଅଞ୍ଚଳରୁ ଦର୍ଶକ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମେଳା କମିଟିର ସଭାପତି ଜନାର୍ଦ୍ଦନ ମହାନ୍ତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ନଗେନ୍ଦ୍ର ମହାନ୍ତ, ପ୍ରଦ୍ୟୁମ୍ନ ମହାନ୍ତ, ମନୋରଞ୍ଜନ ନାୟକ, ରହୁ ସାହୁ, ସୁରେନ୍ଦ୍ର ପାତ୍ରଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ। ଟୁସୁ ପ୍ରତିମା ଓ ମେଢ଼ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମକର ପାଇଁ ଯାଞ୍ଚ କଡ଼ାକଡ଼ି



**ବାରିପଦା,୧୪।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ପୁଲିସ ଦ୍ୱାରା ମକର ପୂର୍ବ ଦିନ ମଙ୍ଗଳବାର ସମଗ୍ର ଜିଲ୍ଲାରେ ବ୍ୟାପକ ନାକା ଚେକିଂ ଓ ବ୍ଲକିଂ କରାଯାଇଥିଲା। ରାତି ୯ଟାରୁ ଭୋର ୩ଟା ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଥାନା ଅଧୀନରେ ଏହି ଚେକିଂ ସମୟରେ ମୋଟ୍ ୩୪୨ଟି ଗାଡ଼ିକୁ ଯାଞ୍ଚ କରାଯାଇଥିଲା। ଏଥିରୁ ଚାଳକମାନଙ୍କଠାରୁ ମୋଟ୍ ୪ଲକ୍ଷ ୯୨ହଜାର ଟଙ୍କାର ଜରିମାନା କରାଯାଇଛି। ୧୪ଜଣ ଚାଳକଙ୍କ ବିରୁଦ୍ଧରେ ମଦ୍ୟପାନ ପରେ ଗାଡ଼ି ଚଳାଇବା ମାମଲା ରୁଜୁ ହୋଇଛି। ୧୩ଟି ଅବକାରୀ ମାମଲା ରୁଜୁ କରାଯାଇ ମୋଟ୍ ୧୦୪ ଲିଟର ଦେଶୀ ମଦ ଏବଂ ୪.୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏପରି ଧରପଗଡ ଆଗକୁ ମଧ୍ୟ ଜାରି ରହିବ। ଏଣୁ ଜନସାଧାରଣଙ୍କୁ ଟ୍ରାଫିକ୍ ନିୟମ ପାଳନ କରିବାକୁ ଏବଂ କୌଣସି ଅବୈଧ କାର୍ଯ୍ୟକଳାପରେ ସମ୍ପୃକ୍ତ ନହେବାକୁ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ପରାମର୍ଶ ଦେଇଛନ୍ତି।

# ପଲ୍ଲା ଜାଳି ପର୍ବ ପାଳିଲେ

**ଉଦଳା ୧୪।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ପର୍ବ ମକର ଧୁମଧାମରେ ପାଳନ କରାଯାଇଛି। ଉଦଳା ଅଞ୍ଚଳର ଜଗନ୍ନାଥ ନିକଟରେ ବୁଧବାର ସକାଳୁ ଆରମ୍ଭ ହୋଇଛି ମକର ଉତ୍ସବ। ମକର ପଲ୍ଲା ଜାଳି ଆରମ୍ଭ କରିଲେ ମକର ପର୍ବ ପାଳନ। ପୂର୍ବ ପୁରୁଷ



ମାନଙ୍କର ଏହି ପ୍ରଥା ଓ ପରମ୍ପରାକୁ ବଜାୟ ରଖିବା ପାଇଁ ମକର ପଲ୍ଲାରେ ଅଗ୍ନି ସଂଯୋଗ କରିଥାନ୍ତି। ମକର ପଲ୍ଲାରେ ଅଗ୍ନି ସଂଯୋଗ କରିବା ପୂର୍ବରୁ ରୀତି ନୀତି ଅନୁସାରେ ପିଣ୍ଡ ମଧ୍ୟ ଦାନ କରିଥାନ୍ତି। ଲୋକମାନଙ୍କ କହିବା ଅନୁସାରେ ମକର ପଲ୍ଲା ଜାଳିବା ଦ୍ୱାରା ଶୀତ କରିବାକୁ ଲାଗିଥାଏ। ମକର ପଲ୍ଲା ଜଳିଲା ଏବଂ ଆରମ୍ଭ ହୋଇଥିଲା ମକର।

# ମକରରେ ନାହିଁ ଓଡ଼ିଆ ସିନେମା; ହଲ୍ ଫାଙ୍କା

## ନିରାଶରେ ଫେରୁଛନ୍ତି ଅଧିକାଂଶ ସିନେପ୍ରେମୀ

ବାରିପଦା,୧୪।୧(ସମିସ):

ମକର ସଂକ୍ରାନ୍ତି ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ଭାବେ ପରିଚୟ ଲାଭ କରିଛି। ମକର ପାଇଁ ବୁଧବାର ଜିଲ୍ଲା ଉତ୍ସବମୁଖର ହୋଇଥିବା ବେଳେ ସପ୍ତାହକ ଧରି ଉତ୍ସବ ଦେଖିବାକୁ ମିଳିବ। ବଜାରରେ କିଣା କିଣି ଜମିବା ସହ ସିନେମା ହଲରେ ଓଡ଼ିଆ ସିନେମା ଦେଖିବାକୁ ଲୋକଙ୍କ ଭିଡ଼ ଲାଗିଥାଏ। କିନ୍ତୁ ଚଳିତ ବର୍ଷ ମକର ସଂକ୍ରାନ୍ତିରେ ମୟୂରଭଞ୍ଜ ଜିଲ୍ଲାର ତଥା ବାରିପଦା ସହର ଏକମାତ୍ର ସିନେମା ହଲ ଫାଙ୍କା ପଡିଥିବାର ଦେଖିବାକୁ ମିଳିଛି। ନା ଅଛି ଓଡ଼ିଆ ସିନେମା ନା ଅଛି ଦର୍ଶକଙ୍କ ସମାଗମ। ଦିନ ଥିଲା ମକର ସଂକ୍ରାନ୍ତିର ଛୁଟିରେ ପୁରପଲ୍ଲୀରୁ ଲୋକମାନେ ବାରିପଦାର ୩-୩ଟି ସିନେମା ହଲକୁ ଦେଖିବାକୁ ଆସୁଥିଲେ। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ହଲମାନଙ୍କରେ ଓଡ଼ିଆ ସିନେମା ପ୍ରଦର୍ଶିତ ହୋଇଥାଏ। ଯାହାକୁ ସପ୍ତାହକ ଧରି ସିନେମା ହଲ ମାନଙ୍କରେ ପ୍ରବଳ ଭିଡ ହେଉଥିବାରୁ ୨/୩ଦିନ ପୂର୍ବରୁ ଅଗ୍ରୀମ ଟିକେଟ ବୁକିଂ ନ କରିଲେ ସିନେମା




ଦେଖିବାର ସୁଯୋଗ ମିଳୁନଥିଲା। ଏପରିକି ଟିକଟ ବ୍ଲାକରେ ବିକ୍ରି ହେଉଥିଲା। ପୂର୍ବରୁ ସହରରେ ଥିବା ୩ଗୋଟି ସିନେମା ହଲରେ ଅନେକ ଭିଡ଼ ପରିଲକ୍ଷିତ ହେଉଥିଲା। କିନ୍ତୁ କାଳକ୍ରମେ ତିନି ଗୋଟି ସିନେମା ହଲରୁ ସହରରେ କେବଳ ଗୋଟିଏ ସିନେମା ହଲ ଥିବା ବେଳେ ଆଗ ଠାରୁ ସିନେମାର ଚାହିଦା ମଧ୍ୟ କମିଛି। ଯାହାକୁ ନେଇ ଓଡିଆ ସିନେମା ବଦଳରେ ହିନ୍ଦୀ ସିନେମା ଲାଗିଛି। କଳା ସଂସ୍କୃତିର ମାଟି ମୟୂରଭଞ୍ଜ ଜିଲ୍ଲାରେ ସିନେ କଳାକାର ଭରି ରହିଛନ୍ତି। ସ୍ୱର୍ଗତ ବିଜୟ ମହାନ୍ତି ଓ ଉତ୍ତମ ମହାନ୍ତିଙ୍କ ସମେତ ଅସିତ ପତିଙ୍କ ଭଳି ପୁରୁଖା କଳାକାରଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନର ହିରୋ ବାବୁସାନ ମହାନ୍ତି, ସ୍ୱରାଜ ବାରିକ, ପପୁ ପମପମ, ସନମେରା ପ୍ରମୁଖ ଅନେକ ସିନେ କଳାକାର ଓ ଶିଶୁକଳାକାର ରହିଛନ୍ତି। ଯେଉଁମାନେ କି ଓଡ଼ିଆ ସିନେମାରେ ସମଗ୍ର ଓଡ଼ିଶାରେ ସତନ୍ତ୍ର ପରିଚୟ ପାଇଛନ୍ତି। କିନ୍ତୁ ଓଡ଼ିଆ କଳାକାରଙ୍କ ନିଜସ୍ୱ ଜିଲ୍ଲାରେ ଓଡ଼ିଆ ସିନେମାର ଚାହିଦା କମିଛି। ଯାହାକୁ ସିନେମା ହଲ ମାଲିକ ମାନେ ବାରମ୍ବାର କ୍ଷତି ସହିବା ପରେ ହଲକୁ ବନ୍ଦ କରୁଛନ୍ତି। ପୂର୍ବର ସହରର ୩ଟି ସିନେମା ହଲ ମଧ୍ୟରୁ କେଏମବିଏମ ହଲ ଏବେ ସପିଂ ମଲ ହୋଇଥିବା ବେଳେ ଜଗଦ୍ଧାତ୍ରୀ ହଲ ବନ୍ଦ ହୋଇ ପଡ଼ିରହିଛି। ଏକମାତ୍ର ସିନେମା ହଲ ଭାବେ ରକ୍ସି ସିନେମା ରହିଛି। ଯାହାକି କ୍ଷତିରେ ଚାଲିଛି। ମକର ସମୟରେ ସାଧାରଣତଃ ଓଡ଼ିଆ ସିନେମା ହଲରେ ପଡୁଥିବା ବେଳେ କ୍ଷତି ହେବା ଭୟରେ ଓଡ଼ିଆ ସିନେମା ଆଣୁନାହାନ୍ତି। ଏବେ ମୋବାଇଲରେ ହାତ ପାହାନ୍ତାରେ ଅନଲାଇନ ସିନେମା ଦେଖିବାର ସୁଯୋଗ ମିଳୁଥିବାରୁ ଆଗ ଭଳ ଆଉ ଭିଡ଼ ହେଉନି ବୋଲି ସିନେମା ହଲ ମାଲିକ କହିଛନ୍ତି। ଓଡ଼ିଆ ସିନେମାରେ ଆଗ ଅନୁଯାୟୀ ଚାହିଦା ମଧ୍ୟ ଦର୍ଶକଙ୍କ ମଧ୍ୟ କମିଛି। ଯାହାକୁ ନେଇ ପର୍ବାଣୀ ସମୟରେ ମଧ୍ୟ ଓଡ଼ିଆ ସିନେମା ବହୁତ ହିଁ କମ ପରିମାଣରେ ଲୋକ ଦେଖୁଛନ୍ତି।





## ସୁଯୋଗ ମିଳୁନି କି ପ୍ରୋତ୍ସାହନ

# ଗୋଟିପୁଅରୁ ମୁହଁ ମୋଡୁଛନ୍ତି ଯୁବପିଢ଼ି

ଭୁବନେଶ୍ୱର, ୧୪।୧(ସମିସ): ଓଡ଼ିଶାର ଶାସ୍ତ୍ରୀୟ ନାଟ ଭିତରୁ ଗୋଟେ ହେଉଛି ଗୋଟିପୁଅ ନୃତ୍ୟ। ଯାହା ଓଡ଼ିଶୀ ନୃତ୍ୟର ମୂଳପିଣ୍ଡ। ହେଲେ ପ୍ରୋତ୍ସାହନ ଏବଂ ପ୍ରଚାର ପ୍ରସାର ଅଭାବରୁ ଆଜିର ଯୁବପିଢ଼ି ଏଭଳି ପାରମ୍ପରିକ ନୃତ୍ୟରୁ କ୍ରମେ ମୁହଁ ମୋଡୁଛନ୍ତି।

- ଆଗକୁ ମିଳିବେନି ଗୋଟିପୁଅ ନୃତ୍ୟ ଶିଳ୍ପୀ
- ହୋଇପାରୁନି ନୃତ୍ୟର ଉପଯୁକ୍ତ ପ୍ରଚାରପ୍ରସାର
- ଛାତ୍ର ଅଭାବରୁ ବନ୍ଦ ହେଉଛି ଅନେକ ପ୍ରଶିକ୍ଷଣ କେନ୍ଦ୍ର

ଗୋଟିପୁଅ ଭାରତର ତଥା ଓଡ଼ିଶାର ଶାସ୍ତ୍ରୀୟ ନାଟ ମଧ୍ୟରୁ ଗୋଟିଏ। ଯାହା ପୁରୀ ଜିଲ୍ଲାରୁ ଜନ୍ମ। ଗୋଟିର ଅର୍ଥ ଜଣେ ଏବଂ ଏହି ନାଟକୁ ଜଣେ ପୁଅ ପରିବେଷଣ କରୁଥିବାରୁ ତାକୁ ଗୋଟିପୁଅ ନାମରେ ନାମିତ କରାଗଲା ବୋଲି ବିଶ୍ୱାସ ରହିଛି। ଯେତେବେଳେ ଧୀରେ ଧୀରେ ମାହାରୀ ନାଟର ପ୍ରଭାବ କମି କମି ଆସିଲା ସେତେବେଳେ ପୁଅମାନେ, ଝିଅମାନଙ୍କ ଲୁଗାରେ ସଜ୍ଜିତ ଅଳଙ୍କାର ଆଦି ପିନ୍ଧି ନାଚିବାର ଏକ ଚଳଣି ଜନ୍ମ ନେଲା ବୋଲି କୁହାଯାଏ। ପରେ ପରେ ଅନେକ ନୃତ୍ୟ ଶିଳ୍ପୀ ଏକ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେ। ରାଜଧାନୀରେ ମଧ୍ୟ ସମୟସହ ଅନେକଗୁଡିଏ ପ୍ରଶିକ୍ଷଣ କେନ୍ଦ୍ର ଖୋଲିଲା କିନ୍ତୁ ଛାତ୍ରଙ୍କ ଅଭାବ ଯୋଗୁଁ କିଛି ବନ୍ଦ ହୋଇଗଲା। ଏବେ ମାତ୍ର ୫ରୁ ୬ ପାଖାପାଖି ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ଦେଖିବାକୁ ମିଳୁଛି। କାରଣ ସମୟ ସହ ଏହି ନୃତ୍ୟପ୍ରତି ଏବେ ଯୁବପିଢି ଆଗ୍ରହୀ ହେଉନାହାନ୍ତି। ଫଳରେ ଭବିଷ୍ୟତରେ ଏହି ନୃତ୍ୟ ପାଇଁ ଶିଳ୍ପୀଙ୍କ ଅଭାବ ଦେଖିବାକୁ ମିଳିବ ବୋଲି ଗୋଟିପୁଅ ନୃତ୍ୟଗୁରୁ ତଥା ସୁନ୍ଦରପଦାସ୍ଥିତ ଆରାଧନା ଡ୍ୟାନ୍ସ ଏକାଡେମୀର ମୁଖ୍ୟ ଚିତ୍ରସେନ ସ୍ୱାଇଁ ମତ ଦେଇଥିଲେ। ତାଙ୍କ କହିବା ଅନୁଯାୟୀ, ଯୁବପିଢି ଏ କ୍ଷେତ୍ରରେ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଯଦିଓ କିଛି ପିଲା ଇଚ୍ଛା ନେଇ ଆସୁଛନ୍ତି, ହେଲେ ପରବର୍ତ୍ତୀ ସମୟରେ ଅଧାରୁ ଛାଡି ଚାଲିଯାଉଛନ୍ତି ତ କିଏ ପେଶା ବଦଳାଇ ଦେଉଛନ୍ତି। ଏଥିରେ ସାଧାରଣତଃ ୫ରୁ ୬ ବର୍ଷ ବୟସରେ ଶିଖିବା ଆରମ୍ଭ କରି ୧୫ ବର୍ଷ ବେଳକୁ ମଞ୍ଚ ଚଢିବାକୁ ପ୍ରସ୍ତୁତ ହୋଇଯାନ୍ତି। ଯାହା ତାଙ୍କୁ ଗୋଟିପୁଅ ନୃତ୍ୟ ଶିଳ୍ପୀ ଭାବେ ଏକ ନୂଆ ପରିଚୟ ଦେଇଥାଏ। କିନ୍ତୁ ରାଜଧାନୀରେ ସେପରି କେହି ପ୍ରଶିକ୍ଷଣ ପାଇଁ ମଙ୍ଗୁ ନାହାନ୍ତି। ବର୍ଷରେ ମଧ୍ୟ ସବୁ ସମୟରେ କାର୍ଯ୍ୟକ୍ରମ ନଥାଏ। ସଂସ୍କୃତି ବିଭାଗ ପକ୍ଷରୁ ଜଣଙ୍କ ପିଛା ଯେଉଁ ହଜାର ଟଙ୍କା ମିଳୁଛି ତାହାବି ଯଥେଷ୍ଟ ହେଉନି। ତାସହ ପିତାମାତା ମଧ୍ୟ ପିଲାଙ୍କୁ ଏ ନୃତ୍ୟ ଶିଖିବାକୁ ଇଚ୍ଛା କରୁନାହାନ୍ତି। କାରଣ ପୁଅମାନେ ଏଥିରେ ନିଜ ଲମ୍ବା ଚୁଟି ରଖି ପାଦରେ ଅଳତା ପିନ୍ଧି ନାରୀ ଭଳି ସଜେଇ ହୋଇଥାନ୍ତି। ଯାହାକି ସମସ୍ତେ କରିବାକୁ ରାଜି ହେଉନାହାନ୍ତି। ତେଣୁ ଗୋଟିପୁଅ ପାଇଁ ବିଶେଷକରି ବ୍ରହ୍ମଗିରିରୁ ଅଧିକାଂଶ ପିଲା ଆସି ରାଜଧାନୀରେ ପ୍ରଶିକ୍ଷଣ ନେଉଛନ୍ତି। ତାଛଡା ବାରିପଦା, ଭଦ୍ରକ ଏବଂ ବାଲେଶ୍ୱରରୁ କିଛିଟା ପିଲାଙ୍କୁ ଏଥିରେ ଦେଖିବାକୁ ମିଳୁଛି। ନଚେତ୍ ଆଗଭଳି ଆଉ ଏଥିରେ ଶିଳ୍ପୀ ମିଳୁନାହାନ୍ତି। ତାଙ୍କ ଅନୁଷ୍ଠାନରେ ମଧ୍ୟ ପୂର୍ବରୁ ୨୦ ଜଣ ପିଲା ଗୋଟିପୁଅ ନୃତ୍ୟ ଶିଖୁଥିଲେ। ହେଲେ କରୋନା ପରଠାରୁ ଅଧିକାଂଶ ପିଲା ନିଜ ଗାଁକୁ ଫେରିଗଲେ ଏବଂ ତାଙ୍କ ସଂଖ୍ୟା ପୁରା କମିଗଲା। ପିତାମାତା ମଧ୍ୟ ସେମାନଙ୍କୁ ଆଉ ଛାଡିବାକୁ ପ୍ରସ୍ତୁତ ହେଲେନି। ଏବେ ତାଙ୍କ ନିକଟରେ ପାଖାପାଖି ୬ରୁ ୭ ଜଣ ଶିଳ୍ପୀ ଏହି ନୃତ୍ୟ ଶିଖି ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଷଣ କରି ପୁରସ୍କୃତ ମଧ୍ୟ ହେଉଛନ୍ତି। ହେଲେ ଏ କ୍ଷେତ୍ରରେ ଶିଳ୍ପୀଙ୍କ ଅଭାବ ଦେଖାଯିବା ଭବିଷ୍ୟତ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ସରକାର ଏ ଦିଗରେ ଅଧିକ ପ୍ରଚାର ପ୍ରସାର କରିବା ସହିତ ଅଧିକ ପ୍ରୋତ୍ସାହନ ଦେଲେ ଏଥିରେ ସୁଧାର ଆସିପାରିବ। ନଚେତ୍ ଗୋଟିପୁଅ ନୃତ୍ୟ ଭବିଷ୍ୟତରେ ଲୋପ ପାଇଯିବାର ସେ ଚିନ୍ତା ପ୍ରକାଟ କରିଥିଲେ।



## ବିଜେଡି ପକ୍ଷରୁ ବ୍ୟାସକବିଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୪।୧(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅବସ୍ଥିତ ବ୍ୟାସକବି ଫକୀର ମୋହନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସୁବାଷ ପରିଡ଼ା, ବିଶ୍ୱଜିତ୍ ପଟ୍ଟନାୟକ, ଅମିତ୍ ପାତାଳ ସିଂ, ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ପିଲାଙ୍କୁ ଚିକି, ଚକୋଲେଟ୍ ବାଣ୍ଟିଲେ ରାଜ୍ୟପାଳ



ଭୁବନେଶ୍ୱର, ୧୪।୧(ସମିସ): ଲୋକଭବନ ଉଦ୍ୟାନ ପରିଦର୍ଶନରେ ଆସିଥିବା ପିଲାମାନଙ୍କ ସହ ଖୁସି ବାଣ୍ଟିଛନ୍ତି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି। ମକର ସଂକ୍ରାନ୍ତି ଅବସରରେ ରାଜ୍ୟପାଳ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସହ ଭାବ ବିନିମୟ କରିଥିଲେ। ପିଲାମାନଙ୍କୁ ଚିକି, ଚକୋଲେଟ ଓ କଲମ ପ୍ରଦାନ କରିଛନ୍ତି ରାଜ୍ୟପାଳ। ସୂଚନା ଅନୁସାରେ ଲୋକଭବନ ଉଦ୍ୟାନଗୁଡ଼ିକ ଚଳିତ ଜାନୁଆରୀ ୧୦ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ। ପ୍ରଥମ ଦିନରୁ ଭୁବନେଶ୍ୱର ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ହଜାର ହଜାର ପରିଦର୍ଶକ ଲୋକଭବନ ଉଦ୍ୟାନଗୁଡ଼ିକୁ ପରିଦର୍ଶନ କରୁଛନ୍ତି।

## ୱାଲ୍‌ଟିୟାର ଡିଭିଜନ ଟ୍ରେନ୍‌ରେ ହାଇଜେନିକ୍ ଚା ଏବଂ କଫି ବିକ୍ରି




ଭୁବନେଶ୍ୱର, ୧୪।୧(ସମିସ): ଯାତ୍ରୀ ଆରାମ, ପରିଷ୍କାର ପରିଚ୍ଛନ୍ନତା ଏବଂ ସେବା ଗୁଣବତ୍ତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବ ତଟ ରେଳପଥର ୱାଲ୍‌ଟାୟାର ଡିଭିଜନର ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ବୋହରା ଟ୍ରେନ୍ ଗୁଡ଼ିକରେ ଏକ ଅଭିନବ ଚା ଏବଂ କଫି ବିକ୍ରୟ ପଦକ୍ଷେପ ଆରମ୍ଭ କରିଛନ୍ତି। ପାରମ୍ପରିକ ଭାବରେ ଚା ଏବଂ କଫି ହାତରେ ଧରି ଖୋଲା ବାଲ୍ଟି କିମ୍ବା କ୍ୟାନରେ ବହନ କରାଯାଉଥିଲା। ଯାହା ପ୍ରାୟତଃ ଅପ୍ରୀତିକର ଥିଲା ଏବଂ ପରିଷ୍କାର ପରିଚ୍ଛନ୍ନତା ସମସ୍ୟା ସୃଷ୍ଟି କରୁଥିଲା। ନୂତନ ପଦକ୍ଷେପ ଭାବେ ବିକ୍ରେତାମାନେ ଏହାକୁ ଏକ ଇନସୁଲେଟେଡ୍ ଥର୍ମସ୍ କଣ୍ଟେନରରେ ଯାତ୍ରୀଙ୍କୁ ଯୋଗାଇବେ। ଯାତ୍ରୀଙ୍କ ସୁବିଧାକୁ ଆହୁରି ବଢେଇବା ପାଇଁ କଣ୍ଟେନରରେ ଡିଜିଟାଲ୍ ପେମେଣ୍ଟକୁ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏନେଇ ୱାଲ୍‌ଟେୟାର ଡିଭିଜନର ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ବୋହରା କୁହନ୍ତି, ଭୋଗୀ-ସଂକ୍ରାନ୍ତିର ପବିତ୍ର ଅବସରରେ ଏହି ପଦକ୍ଷେପକୁ ଏପି ଏକ୍ସପ୍ରେସରେ ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଆରମ୍ଭ କରାଯାଉଛି। ଏହାସହ ଯାତ୍ରୀଙ୍କ ମତାମତକୁ କଡ଼ାକଡ଼ି ତଦାରଖ କରାଯିବ ଏବଂ ପ୍ରତିକ୍ରିୟା ଉପରେ ଆଧାର କରି ସିଷ୍ଟମକୁ ଅଧିକ ଟ୍ରେନରେ ବିସ୍ତାର କରିବା ପୂର୍ବରୁ ଆହୁରି ଉନ୍ନତ କରାଯିବ ବୋଲି ସେ କହିଥିଲେ।

## ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବ୍ୟାସକବିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୪।୧(ସମିସ): ଫକୀର ମୋହନ ସେନାପତିଙ୍କ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଶ୍ୱବିଦ୍ୟାଳୟ ବାଣୀବିହାର ଛକସ୍ଥିତ ବ୍ୟାସକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର୍ ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଉପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ରାଜ୍ୟସ୍ତରୀୟ ବ୍ୟାସ କବି ଫକୀର ମୋହନ ସ୍ମୃତି ସଂସଦର ସଭାପତି ଜୀବନ କୁମାର ମହାପାତ୍ର, ଆଚାର୍ଯ୍ୟ ବିହାର ପରିଷଦର ସଭାପତି ଭାଗବତ ଦାସ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ବରିଷ୍ଠ ଅଧିବକ୍ତା ମନୋଜ ମିଶ୍ରଙ୍କୁ ପୂର୍ଣ୍ଣ ସଂଗଠନ ପକ୍ଷରୁ କୃତଜ୍ଞତା

ଭୁବନେଶ୍ୱର, ୧୪।୧(ସମିସ): ୱାର୍କଚାର୍ଜଡ଼ କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ସହାୟତା ଦେବା ସମ୍ବନ୍ଧୀୟ ମାମଲାରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛି। ଏହି ରାୟକୁ ସମର୍ଥନ ଜଣାଇ ପୂର୍ଣ୍ଣ ସଂଗଠନ ବରିଷ୍ଠ ଅଧିବକ୍ତା ମେନାଜ କୁମାର ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛି। ସ୍ଥାନୀୟ ସମାଜର ଏହି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଦେବା ପ୍ରସଙ୍ଗରେ ଏହି ସଂଗଠନ ଶ୍ରୀ ମିଶ୍ରଙ୍କର ସଂଘର୍ଷର ଆବଶ୍ୟକତାକୁ ସ୍ୱୀକୃତି ଦେଇଥିବା ସୂଚନା ଦେଇଛି। ଆଇନ ମାମଲାରେ ଅଶୋକ କୁମାର ପଟନାୟକଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ମାମଲା ଓଡ଼ିଶା ହାଇକୋର୍ଟ ଏବଂ ଖଣ୍ଡପୀଠରେ ସ୍ୱୀକୃତି ମିଳିଛି, ଯେଉଁଥିରେ ୧୯୯୨ ମସିହାର ଏହି ପେନସନ ନିୟମକୁ ସ୍ଥାନ ଦିଆଯାଇଛି। ରାଜ୍ୟ ସରକାରକୁ ନିଷ୍ପତ୍ତି ନେବା ପାଇଁ ଅନୁରୋଧ କରାଯାଇଛି ଯେ, ତାହା ଏକ ସ୍ୱତନ୍ତ୍ର ନିଷ୍ପତ୍ତି ହେବା ଉଚିତ୍। ଏହା ସହିତ ସରକାର ପ୍ରସଙ୍ଗରେ ଅଧିକ ସେବାଦାନ କରିଥିବା କର୍ମଚାରୀଙ୍କୁ ପେନସନ ଦେବା ସମ୍ପର୍କରେ ନିଷ୍ପତ୍ତି ନେବା ଉଚିତ୍ ବୋଲି ପୂର୍ଣ୍ଣ ସଂଗଠନ ଦାବି କରିଛି।

## ଜନନେତ୍ରୀ ବୀଣାପାଣି ଦାସଙ୍କ ସ୍ମୃତିସଭା

ଭୁବନେଶ୍ୱର, ୧୪।୧(ସମିସ): ଗୋଦାବରୀଶ ସାହିତ୍ୟ ସଂସଦ ସଭାକକ୍ଷରେ ଅନୁଷ୍ଠିତ ଦିବଂଗତ ବୀଣାପାଣୀ ଦାସଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବିରେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନାଟ୍ୟକାର ଧିରେନ୍ଦ୍ର ନାଥ ମଲ୍ଲିକ, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବଭାରତୀୟ ସମ୍ପାଦିକା ଛବି ମହାନ୍ତି, ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ, ଚିନ୍ତନ ମଞ୍ଚର ସଭାପତି ଦେବେନ୍ଦ୍ର କୁମାର ସିଂହ, ମାନବାଧିକାର ଆଇନଜ୍ଞ ବିଶ୍ୱପ୍ରିୟ କାନୁନଗୋ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ କଥାକାର ଓ ସ୍ତମ୍ଭକାର ଡ. ବାସନ୍ତୀ ମହାନ୍ତି, ଅବସରପ୍ରାପ୍ତ ମୂଖ୍ୟଯନ୍ତ୍ରୀ ଡ. ଅକ୍ଷୟ ଦାସ, ଜୀବବିଜ୍ଞାନୀ ଡ. କାନ୍ତା ଦାସ ମହାପାତ୍ର, ସାମାଜିକ କର୍ମୀ ଧିରେନ୍ଦ୍ର ପଣ୍ଡା ଓ ନରେନ୍ଦ୍ର ମହାନ୍ତି, ଜନବାଦୀ ର ସମ୍ପାଦିକା ରୁମିତା କୁଣ୍ଡୁ, ସାହିତ୍ୟିକ ଲେନିନ କୁମାର ବକ୍ତବ୍ୟ ରଖିବା ସହ ସ୍ମୃତି ଚାରଣ କରିଥିଲେ। ଶେଷରେ ଯୁଗପ୍ରବର୍ତ୍ତକର ସମ୍ପାଦକ ରାଜେନ୍ଦ୍ର ବର୍ମ୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ମକର ମିଳନ



ଭୁବନେଶ୍ୱର, ୧୪।୧(ସମିସ): ମକର ସଂକ୍ରାନ୍ତି ଅବସରରେ ବିଶ୍ୱ ଓଡ଼ିଆ ପରିବାର' ପକ୍ଷରୁ ହୋଟେଲ ପ୍ରେସିଡେନ୍ସିରେ ମକର ମିଳନ ଓ ଆଲୋଚନାଚକ୍ର ବୁଧବାର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ 'ଓଡ଼ିଶା ଖାଦ୍ୟର ଭଣ୍ଡାର, ସମ୍ଭାବନା ଅପାର' ବିଷୟରେ ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ, ପ୍ରାକ୍ତନ କୁଳପତି ପ୍ରଫୁଲ୍ଲ କୁମାର ମିଶ୍ର, ବିଶିଷ୍ଟ ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, ଆଧିକାରୀ ସମ୍ବିତ ତ୍ରିପାଠୀ, ସିଏନ୍‌ଏ ଓଡ଼ିଶାର ଅଧ୍ୟକ୍ଷ ପିୟୁଷ ମହାନ୍ତି, ବିଶିଷ୍ଟ ସ୍ନାୟୁ ଡାକ୍ତର ପ୍ରତାପ ପାଣି, ଖାଦ୍ୟ ସଂସ୍କୃତି ବିଶେଷଜ୍ଞ ତଥା ଲେଖକ ଅସିତ ମହାନ୍ତି ଭାଗ ନେଇଥିଲେ। ଶ୍ରମିକ ନେତା କୃଷ୍ଣଚନ୍ଦ୍ର ମିଶ୍ର, କୁଳମଣି ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଫକୀରମୋହନ ଜୟନ୍ତୀ



ଭୁବନେଶ୍ୱର, ୧୪।୧(ସମିସ): ମକରସଂକ୍ରାନ୍ତି ଅବସରରେ କେଦାର ନାଥ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ସଂକ୍ରାନ୍ତିପୁରୁଷ ଫକୀରମୋହନଙ୍କ ଜୟନ୍ତୀ ଓ ମକର ମିଳନ ପାଳିତ ହେଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ରଘୁନାଥ ମିଶ୍ର ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ଭାଷଣ ଦେଇଥିଲେ ଓ ପ୍ରଫେସର ଗୋପାଳ କୃଷ୍ଣ ମହାପାତ୍ର ଓ ପ୍ରଫେସର ଶରତ ଚନ୍ଦ୍ର ରଥ ଫକୀର ମୋହନ ଓ ମକର ପର୍ବ ଉପରେ ବକ୍ତବ୍ୟ ରଖିଥିଲେ। ନାଟ୍ୟକାର ମୁକୁନ୍ଦ ଶତପଥୀ ଫକୀରମୋହନଙ୍କ କାଳଜୟୀ ଗଳ୍ପ ପେଟେଣ୍ଟ ମେଡ଼ିସିନ ଗଳ୍ପ ପାଠ କରିଥିଲେ। ସଂଯୋଜକ ଦେବାଶିଷ ମହାପାତ୍ର କବି ଉପେନ୍ଦ୍ର ଭଞ୍ଜଙ୍କ ସ୍ୱପ୍ନ ଦର୍ଶନକୁ ପାଠ କରିଥିଲେ। କବି ତନୟା ଦାସ ଗୋସ୍ୱାମୀ, ନବୀନ ମହାପାତ୍ର, ଶର୍ମିଷ୍ଠା ମହାପାତ ବକ୍ତବ୍ୟ ରଖିଥିଲେ। ଅଲେଖ ନନ୍ଦୀ, ଗଗନ ରାଉତ ପ୍ରମୁଖ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଭାଗ ନେଇ ଫକୀରମୋହନ ଓ ମକରପର୍ବ ଉପରେ ତାଙ୍କର ଜିଜ୍ଞାସା ରଖିଥିଲେ। ଏହି ଉତ୍ସବକୁ ଦେବାଶିଷ ମହାପାତ୍ର ପରିଚାଳନା କରିଥିଲେ। ଗ୍ରନ୍ଥାଗାରିକ ବିନୋଦିନି ସାହୁ ଓ ବାପି ମହାନ୍ତି ଏଥିରେ ସହଯୋଗ କରିଥିଲେ।

## ପାଞ୍ଚ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ 'ଅର୍ପଣମ୍ ପ୍ରତିଭା ସମ୍ମାନ'



ଭୁବନେଶ୍ୱର, ୧୪।୧(ସମିସ): ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ନୃତ୍ୟାୟନା ଟ୍ରଷ୍ଟ ତରଫରୁ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ନୃତ୍ୟ ଉତ୍ସବ 'ଅର୍ପଣମ୍' ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଶିଳ୍ପୀ ଚନ୍ଦ୍ରକା ରଣା, ସାଗରିକା ଚାନ୍ଦ, ପଦମୃତ ଡ୍ୟାନ୍ସ ଏକାଡ଼େମୀ ଗୁରୁ ବିଜନ ପଲାଇ, ଆର୍ଯ୍ୟରୂପା ଦାସ, ଉପାସନା ମହାନ୍ତି ପ୍ରମୁଖଙ୍କୁ ଅତିଥିମାନେ 'ଅର୍ପଣମ୍' ସମ୍ମାନରେ ସମ୍ମାନିତ କରିବା ସହିତ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୋକୁଳାଶ୍ରୀ ଦାଶଙ୍କୁ 'ଅର୍ପଣମ୍ ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ, ସ୍ମୃତିସୁଦ୍ଧା ନାୟକ, କଲ୍ୟାଣି ସାହୁ, ସାରଦା ପ୍ରସାଦ ମହାପାତ୍ର, କ୍ୟାପଟେନ ମନ୍ମଥ ରାଉତରାୟ, ପ୍ରବୋଧ ରଥ, ସୁଜାତା ମିଶ୍ର, ଡ. ବନ୍ଦନା ହରିଚନ୍ଦନ, ନାରାୟଣ ଚନ୍ଦ୍ର ଓଝା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜ୍ଞାନାନନ୍ଦ ସାଗର ପରିଚାଳନା କରିଥିବା ବେଳେ ଟ୍ରଷ୍ଟର ଅଧ୍ୟକ୍ଷା ନୃତ୍ୟଗୁରୁ ସୁନିତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମକର ଚାଉଳ, ଝୋଟି, ସଙ୍ଗୀତରେ ଓଡ଼ିଆ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୪।୧(ସମିସ): ସମ୍ଭାବନା ପକ୍ଷରୁ ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପାରମ୍ପରିକ ଭାବେ ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତ ଶଙ୍ଖୁଆଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ପ୍ରମୁଖ ଅତିଥି ଭାବେ ସୌ÷ମ୍ୟରଞ୍ଜନ ପଟ୍ଟନାୟକ, ଯୁବଭାଷାବିତ୍ ଡ. ସୁବ୍ରପୃଷ୍ଟି, ସିନେସମୀକ୍ଷକ ସୂର୍ଯ୍ୟ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା ଯୋଗ ଦେଇଥିଲେ। ଏହି ଅବସରରେ ବିଗତ ବର୍ଷମାନଙ୍କର ଶ୍ରେଷ୍ଠ ଓଡ଼ିଆଣୀମାନଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଛନ୍ଦା ମିଶ୍ର ଗଳ୍ପ କଥନ କାର୍ଯ୍ୟକ୍ରମରେ ଗଳ୍ପ ଶୁଣାଇଥିଲେ।

## ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

ବାଲିଅନ୍ତା, ୧୪।୧(ସମିସ): ବାଲକାଟି ପ୍ରତାପ ଶାସନ ବାଳକ ଉଚ୍ଚ ବିଦ୍ୟାଳୟ ୧୯୭୭ ବ୍ୟାଚ ପ୍ରାକ୍ତନ ମାଟ୍ରିକ ଛାତ୍ରଙ୍କର ଏକ ବୈଠକ ସ୍ଥାନୀୟ ଭାର୍ଗବୀ ନଦୀପଠା ଝାଉଁବଣ ମା ହାଣ୍ଡିଶାଳରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାକ୍ତନ ଛାତ୍ରଛାତ୍ରୀମାନେ ୪୮ ବର୍ଷ ତଳର ବିଦ୍ୟାଳୟ ଜୀବନର ସ୍ମୃତିଚାରଣ କରିଥିଲେ। ମୃତ ସହପାଠୀଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରିଥିଲେ। ସମାଜସେବୀ ବୈଷ୍ଣବ ମହାରଣା ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବାସୁଦେବ ସାହୁ, ବାବାଜୀ ସାହୁ, ବୈଷ୍ଣବ ମହାରଣା, ଅଜୟ ଜେନା, ରବୀନ୍ଦ୍ର ନାଥ ଖୁଣ୍ଟିଆ, କୃଷ୍ଣ ଚନ୍ଦ୍ର ବାରିକ, ସୁନିଲ ମହାନ୍ତି, ଉମେଶ ମହାନ୍ତି, ପଞ୍ଚାନନ ସାହୁ ଏବଂ ଅଲେଖ ସାହୁ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉସା ପକ୍ଷରୁ ମକର ମିଳନ



ଯାଁଳା, ୧୪।୧(ସମିସ): ପବିତ୍ର ମକର ସଂକ୍ରାନ୍ତି ଅବସରରେ ଓଗାଳପଡ଼ାର ଉତ୍କଳ ସେବା ଅନୁଷ୍ଠାନ (ଉସା) ଆନୁକୂଲ୍ୟରେ ମକର ମିଳନ ଓ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁରଲୀ ଧର ଜେନାଙ୍କ ଅଧ୍ୟକ୍ଷତାରେ ରାମ ଶଙ୍କରଙ୍କ ସଂଯୋଜନାରେ ହୋଇଥିଲା। ପ୍ରଥମେ ସମସ୍ତଙ୍କୁ ମକର ଚାଉଳ ପରିବେଷଣ କରାଯାଇଥିଲା। ୩୦ ଜଣରୁ ଅଧିକ କବି ଓ କବୟିତ୍ରୀ ଆଧ୍ୟାତ୍ମିକ, ବୈପ୍ଳବିକ, ସଂସ୍କାର ମୂଳକ ଓ ପରିବେଶ ପ୍ରଦୁଷଣ ବିରୁଦ୍ଧରେ କବିତା ପାଠ କରିଥିଲେ। ସମୀକ୍ଷା କରିଥିଲେ ଡ. ସ୍ମିତା କାନୁନ୍‌ଗୋ। କାର୍ଯ୍ୟକ୍ରମର ସଫଳତା ପାଇଁ ସମ୍ପାଦକ ବିଷ୍ଣୁ ପ୍ରସାଦ ଦଳେଇ, ଉଦାତାରାମ ଅଶୋକ କୁମାର ମଙ୍ଗରାଜ, ନଳୀନ କୁମାର ପଟ୍ଟନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଜନମଙ୍ଗଳ ପକ୍ଷରୁ ମକର ଉତ୍ସବ

ଭୁବନେଶ୍ୱର, ୧୪।୧(ସମିସ): ଜନମଙ୍ଗଳ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟର ବିନ୍ଧାଣି ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ମହାତ୍ମାଗାନ୍ଧୀ ମାର୍ଗରେ ବ୍ୟାସକବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟା ଜୟପ୍ରଦା ସାମନ୍ତରାୟ, ସୌଭାଗ୍ୟବତୀ ସାମଲ, ହରିଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମକର ସଂକ୍ରାନ୍ତି ଅବସରରେ ମକର ଚାଉଳ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଥିଲା।

# ଶିଶିର ସରସରେ ମକର ସଂକ୍ରାନ୍ତି ଉତ୍ସବ

## ଆକାଶକୁ ରଙ୍ଗୀନ କଲା ରଙ୍ଗବେରଙ୍ଗର ଗୁଡ଼ି



ଭୁବନେଶ୍ୱର, ୧୪।୧(ସମିସ): ୟୁନିଟ୍-୩ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ଶିଶିର ସରସ ମେଳା-୨୦୨୬ ମେଳା ପରିସରରେ ମକର ସଂକ୍ରାନ୍ତି ଉପଲକ୍ଷେ ଓର୍‌ମାସ୍ ଓ ସୁଭଦ୍ରା ଶକ୍ତି ପକ୍ଷରୁ 'କାଇଟ୍ ଶୋ' ଆୟୋଜନ କରାଯାଇଥିଲା। ଦୁଇଦିନ ଧରି ଚାଲିବାକୁ ଥିବା ଏହି 'କାଇଟ୍ ଶୋ' ମେଳାର ମୁଖ୍ୟ ଆକର୍ଷଣ ପାଲଟିଛି। ପାରମ୍ପରିକ ଓ ପଶୁପକ୍ଷୀ ଆକୃତି ଓ ଲୋକକଳାର ମୂଳ ଆଧାରକୁ ଭିତ୍ତି କରି, ଆଧୁନିକତାର ସ୍ପର୍ଶ ସହ ଏହି ଗୁଡି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଗାଥା ବଖାଣିଥିଲା। ଏହି କାଇଟ୍ ଶୋ'ରେ ଓର୍‌ମାସ୍ ଦ୍ୱାରା ସୁରକ୍ଷିତ ଗୁଡି ସୂତା ବ୍ୟବହାର କରାଯାଇଛି। ଏହାସହ 'ଶିଶିର ସରସ' ଅଫ୍ ଓର୍‌ମାସ୍ ମାସ୍କଟ୍ ଲେଖା ବିଶିଷ୍ଟ ୨୬ ବର୍ଗ ମିଟର ପାରାଫଏଲ୍ ପାଇଲଟ୍ କାଇଟ୍ ଥିଲା ପ୍ରଦର୍ଶନୀର ବିଶେଷ ଆକର୍ଷଣ। ଏହି ଅବସରରେ ଓର୍‌ମାସ୍ ତରଫରୁ ଗୁଡି ସମ୍ପର୍କିତ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ରାଜଧାନୀର ବିଭିନ୍ନ ସ୍କୁଲର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗୁଡି ପ୍ରସ୍ତୁତ କରିଥିଲେ।

# ମା’ ଦପାନାୟକାଣୀ ପୀଠରେ ମକର ମେଳା ଆରମ୍ଭ



ତିହିଡ଼ି,୧୪ା୧(ସମିସ): ତିହିଡ଼ି ଥାନା ଅନ୍ତର୍ଗତ ଈଶ୍ୱରପୁରସ୍ଥିତ ପଞ୍ଚତୀର୍ଥରେ ବିରାଜମାନ କରିଥିବା ମା’ ଦପାନାୟକାଣୀଙ୍କ ପୀଠରେ ବୁଧବାରଠାରୁ ଆରମ୍ଭ ହୋଇଛି ପ୍ରସିଦ୍ଧ ମକର ମେଳା ମହୋତ୍ସବ। ପ୍ରଥମ ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁ ପୀଠରେ ପହଞ୍ଚି ମା’ଙ୍କର ଦର୍ଶନ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଏହି କ୍ଷେତ୍ର ତିନିଦିନ ପାଇଁ ହେବ ଉତ୍ସବମୁଖର। ଏଥିପାଇଁ ମା’ ଦପାନାୟକାଣୀ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ମା’ ଦପାନାୟକାଣୀଙ୍କ ପ୍ରତି ଲୋକମାନଙ୍କର ବିଶ୍ୱାସ ଓ ଭକ୍ତି ଅସୀମ। ସାଳନ୍ଦୀ କୂଳରେ ବନ୍ୟାପ୍ଲାବିତ ଅଞ୍ଚଳ ଈଶ୍ୱରପୁରରେ ମା’ଙ୍କର ଅବସ୍ଥାନ ଲୋକଙ୍କୁ ସଦାସର୍ବଦା ଅଭୟବାଣୀ ପ୍ରଦାନ କରିଆସୁଥିବା ବେଳେ ନିଜର ପାର୍ଥିବ ଦୁଃଖ ଜଞ୍ଜାଳକୁ ନେଇ ମା’ଙ୍କ ପାଖରେ ନିବେଦନ କଲେ ତାହା ଅଚିରେ ଦୂର ହୋଇଯିବାର ବିଶ୍ୱାସ ଅନନ୍ୟ। କେଉଁ ପୁରାତନ କାଳରୁ ପ୍ରତିଷ୍ଠିତ ହୋଇଥିବା ମା’ଙ୍କ ନିକଟରେ କୁକୁଡ଼ା, ବୋଦା, ମାଟିଘୋଡ଼ା, ଶାଢ଼ି ଓ ସିନ୍ଦୂର ମାନସିକ କଲେ ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ପ୍ରତ୍ୟେକ ବର୍ଷ ମକର ସଂକ୍ରାନ୍ତି ହେଉଛି ମା’ଙ୍କର ପାର୍ବଣର ସମୟ। ସମଗ୍ର ଭଦ୍ରକ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ ମା’ଙ୍କ ପୀଠରେ। ୩ ଦିନ ଧରି ଅନୁଷ୍ଠିତ ହେଉଥିବା ମକର ପର୍ବରେ ମାନସିକ କରିଥିବା ଭକ୍ତମାନଙ୍କର କୁକୁଡ଼ା, ମାଟିଘୋଡ଼ା ଇତ୍ୟାଦିକୁ ମା’ଙ୍କ ନିକଟରେ ସମର୍ପିତ କଲାପରେ ସେମାନଙ୍କୁ ବଳି ଦିଆ ନ ଯାଇ ମା’ଙ୍କ ସମ୍ମୁଖରେ ଉଡ଼ାଇ ଦେବାର ଅନନ୍ୟ ପରମ୍ପରା ଏଠାକାର ବିଶେଷତ୍ୱ। ସେହିପରି ମାନସିକ କରିଥିବା ଭକ୍ତମାନେ ଏଠାରେ ଧୂଆଁରେ ଖିରି ପ୍ରସ୍ତୁତ କରି ମା’ଙ୍କ ନିକଟରେ ଭୋଗ ଲଗାଇଥା’ନ୍ତି। ସୂଚନା ଯୋଗ୍ୟ, ପୂର୍ବରୁ ଲୋକେ ଡଙ୍ଗା ବା ବାଉଁଶଚାରରେ ଏହି ପୀଠକୁ ଭକ୍ତମାନେ ଯିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଏଠାରେ ପୋଲଟିଏ ନିର୍ମାଣ ହେବା ପରେ ମା’ଙ୍କ ପୀଠ ସୁଗମ୍ୟ ହୋଇପାରିଛି।

# ମକର ସଂକ୍ରାନ୍ତି: ସୂର୍ଯ୍ୟ ଦେବଙ୍କ ଉତ୍ତରାୟଣ ଗତି ଆରମ୍ଭ

ବାରିକପୁର,୧୪ା୧(ସମିସ):

ବୁଧବାରଠାରୁ ସୂର୍ଯ୍ୟ ଦେବଙ୍କ ଉତ୍ତରାୟଣ ଗତି ଆରମ୍ଭ ହେଉଥିବାବେଳେ ଗାଁଠାରୁ ସହର ଯାଏଁ ସବୁଠି ପବିତ୍ର ମକର ସଂକ୍ରାନ୍ତି



ଭାବ ଭକ୍ତିର ସହିତ ପାଳିତ ହେଉଛି। ସ୍ଥଳ ବିଶେଷରେ କେଉଁଠି ଗୋଟିଏ ଦିନ ତ ପୁଣି କେଉଁଠି ପାଞ୍ଚ ସାତ ଦିନ ଯାଏଁ ମକର ଉତ୍ସବ ଆୟୋଜିତ ହେଉଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ଦେବଦେବୀ ପୀଠରେ ସକାଳୁ ମକର ମେଳା ଆରମ୍ଭ ହୋଇଛି। ବ୍ଲକ୍‌ର ବାରିକପୁର ନିକଟସ୍ଥ ମା’ କାଳୀତ୍ରାଙ୍କ ପୀଠରେ ସଂକ୍ରାନ୍ତି ଉତ୍ସବ ପାଇଁ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସକାଳୁ ପୀଠରେ ମା’ଙ୍କ ପାଇଁ ବୈଦିକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିବାବେଳେ ଦିନତମାମ ଶହଶହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଷ୍ଣୁପୁର ଚିଙ୍ଗୁଡ଼ିଶୁଣି ଠାକୁରାଣୀ ଓ ରାଜେନ୍ଦ୍ରପୁର ପଞ୍ଚାୟତ ଥଇଳା ଦୁଃଖେଶ୍ୱର ପୀଠରେ ମଧ ମକର ସଂକ୍ରାନ୍ତି ପାଳନ ହୋଇଛି। ଅନ୍ୟତମ ପ୍ରସିଦ୍ଧ ଚେକା ସାଆନ୍ତାଣୀ ପୀଠରେ ମଧ୍ୟ ଉତ୍ସବ ଆୟୋଜିତ ହୋଇଥିବାବେଳେ ଏଠାରେ ପରମ୍ପରା ଅନୁଯାୟୀ ଧାଡ଼ି ଭୋଗ ରନ୍ଧାଯାଇଛି। ଏହାଛଡ଼ା ଶ୍ରଦ୍ଧାଳୁମାନେ ମା’ଙ୍କୁ ମାଟି ଘୋଡ଼ା ଅର୍ପଣ କରିଛନ୍ତି। ଏହାଛଡ଼ା ସାନଶାସନ ପଞ୍ଚାୟତ ରେବ ନଦୀ କୂଳରେ ଅବସ୍ଥିତ ଅଁଳାଶୁଣି ପୀଠରେ ମକର ସଂକ୍ରାନ୍ତି ଉତ୍ସବ ଧୂମ୍‌ଧାମ୍‌ରେ ପାଳିତ ହେଉଥିବା ଜଣାପଡ଼ିଛି। ୫ଦିନ ଧରି ମକର ମେଳା ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଉକ୍ତ ପୀଠଗୁଡ଼ିକୁ ଛାଡ଼ିଦେଲେ ନେରଡ଼ା ସୁନାମୁହିଁ ପୀଠ, ବିଶୋଳ ବାସୁଳେଇ ପୀଠ, ଆଖୁଆପଦା ହର-ପାର୍ବତୀ ପୀଠ, ରହଣିଆ ଚମରପଡ଼ି ପୀଠ, ମାଳଦା ଛୋଟେଶ୍ୱର ପୀଠ, ବାଙ୍କମୁହାଁ ମଙ୍ଗଳା ପୀଠରେ ଭାବ ଉଦ୍ଦୀପନାର ସହିତ ମକର ସଂକ୍ରାନ୍ତି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ସେମାନଙ୍କ ମତରେ...



ଆମ ଅଞ୍ଚଳର ସର୍ବପୁରାତନ ପୀଠ ଦେବୀ ମା’ ଚେକା ସାଆନ୍ତାଣୀଙ୍କୁ ମକର ଉତ୍ସବରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥା’ନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟବସ୍ଥା ହୋଇଛି।

**ରବିନାରାୟଣ ପଣ୍ଡା, ପୂଜକ**



ପ୍ରତିବର୍ଷ ଭଳି ଚଳିତ ବର୍ଷ ମା’ କାଳିତ୍ରା ପୀଠରେ ବେଶ୍ ଧୁମ୍‌ଧାମ୍‌ରେ ମକର ଉତ୍ସବ ଅନୁଷ୍ଠିତ ହେଉଛି। ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ପାଳନ ପାଇଁ ସ୍ଥାନୀୟ ପ୍ରଶାସନ ସହିତ କାଳୀତ୍ରା ଟ୍ରଷ୍ଟ ପକ୍ଷରୁ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା ହୋଇଛି।

**ଅନିରୁଦ୍ଧ ଜେନା, ଟ୍ରଷ୍ଟି**



ମା’ ଚିଙ୍ଗୁଡ଼ିଶୁଣି ଠାକୁରାଣୀଙ୍କ ପୀଠରେ ମକର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୈଦିକ ପୂଜାର୍ଚ୍ଚନା ସହିତ ସମ୍ବର୍ଦ୍ଧନା ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି।

**ଅମୂଲ୍ୟ ନାୟକ, ସ୍ଥାନୀୟ ସରପଞ୍ଚ**

# ମହାପୁରୁଷ ପରମହଂସଙ୍କ ପୀଠରେ ମକର ଉତ୍ସବ

ଦୋବଲ,୧୪ା୧(ସମିସ): ଦୋବଲ ନିକଟସ୍ଥ ଖଡ଼ିପଦା ପଞ୍ଚାୟତସ୍ଥିତ ବହୁ ପୁରାତନ ଓ ପ୍ରସିଦ୍ଧ କାଞ୍ଜିଆପାଳ ପୀଠରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଶତାଧିକ ବର୍ଷର ପରମ୍ପରା ଅନୁସାରେ ମହାପୁରୁଷ ପରମହଂସଙ୍କ ପୀଠରେ ଏହି ପର୍ବ ପାଳନ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ମହାପୁରୁଷଙ୍କ ଗାଦି ଦର୍ଶନ କରିବା ସହ ଅଲୌକିକ କାଞ୍ଜିପାଣି ପାନ କରି ଆତ୍ମିକ ଶାନ୍ତି ଲାଭ କରିଛନ୍ତି। ମଠରେ ପୋଡ଼ ପିଠା ଓ ପଣା ଭୋଗ ଅର୍ପଣ କରି ଭକ୍ତମାନେ ଆଶୀର୍ବାଦ ଭିକ୍ଷା କରିଥିଲେ। ମଠ କମିଟି ପକ୍ଷରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ୨ଦିନ ଧରି ପୂଜାର୍ଚ୍ଚନା ଓ ଉତ୍ସବର ଆୟୋଜନ କରାଯାଇଛି। ଏହି ଅବସରରେ ମିନାବଜାର ସହ ସନ୍ଧ୍ୟାବେଳେ ରଙ୍ଗବେରଙ୍ଗର ଆଲୋକ ସାଜସଜ୍ଜା ଦେଖିବାକୁ ମିଳିଛି। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାମନଗର ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଥାନାଧିକାରୀ ରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ଏହି ପ୍ରସିଦ୍ଧ ମକର ମେଳାରେ ଧାମନଗର ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ ସହ ଅନେକ ନେତା ଓ କର୍ମୀ ପହଞ୍ଚି ମହାପୁରୁଷଙ୍କ ଦର୍ଶନ କରିଥିଲେ।

# ଶୀତବସ୍ତ୍ର ବାଣ୍ଟି ମକର ସଂକ୍ରାନ୍ତି ପାଳନ




ତିହିଡ଼ି,୧୪ା୧(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହରମପୁର ପଞ୍ଚାୟତ ଅଧୀନ ସାଟିବାଟି ଗ୍ରାମରେ ନିଆରା ଢଙ୍ଗରେ ପାଳିତ ହୋଇଛି ମକର ସଂକ୍ରାନ୍ତି। ଗାଁର ଯୁବକମାନେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ବହୁ ପୁରାତନ କାଳରୁ ମକର ସଂକ୍ରାନ୍ତି ଦିନ ଗ୍ରାମବାସୀମାନେ ନିଜ ନିଜ ଘର ସମ୍ମୁଖରେ ଚାଉଳ, ପଇସା ଓ ପିଠା ଧରି ଅପେକ୍ଷା କରିଥା’ନ୍ତି ଅସହାୟ ଲୋକଙ୍କୁ ପ୍ରଦାନ କରିବା ପାଇଁ। କାହାରିଙ୍କୁ ମାଗିବାକୁ ପଡ଼େ ନାହିଁ। ସ୍ୱତଃସ୍ଫୂର୍ତ୍ତ ଭାବେ ସହାୟତା ପ୍ରଦାନ କରି ଗ୍ରାମବାସୀମାନେ ନିଜକୁ ଏହି ମହାନ ପରମ୍ପରାରେ ସାମିଲ୍ କରିଥା’ନ୍ତି। ତେବେ ସରକାର ଏକ ଟଙ୍କିଆ ଚାଉଳ ବଣ୍ଟନ କରିବା ପରେ ଏହି ନିଆରା ପରମ୍ପରା ହଜିବାକୁ ବସିଥିଲା। ସହାୟତା ନେବାକୁ ଆସୁଥିବା ଲୋକଙ୍କ ଭିଡ଼ ମଧ୍ୟ କମିବାକୁ ଲାଗିଲା। ତେବେ ଏହି ପରମ୍ପରାକୁ ବଜାୟ ରଖିବା ପାଇଁ ଗ୍ରାମର ଯୁବକମାନେ ନିଜ ପକେଟରୁ ଅର୍ଥ ବ୍ୟୟ କରି କିଛି ବର୍ଷ ହେଲା କମ୍ବଳ, ଶାଢ଼ି, ଧୋତି, ଗାମୁଛା, ଖାଦ୍ୟ ଆଦି ବଣ୍ଟନ କରିଆସୁଛନ୍ତି। ଗାଁର ବଜରଙ୍ଗବଳି ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତିହିଡ଼ି, ଚାନ୍ଦବାଲି ଆଦି ବ୍ଲକ୍‌ର ବିଭିନ୍ନ ସ୍ଥାନରୁ ଏହି ଅସହାୟ ଲୋକେ ସଂକ୍ରାନ୍ତି ପୂର୍ବ ଦିନରୁ ଗ୍ରାମରେ ପହଞ୍ଚି ଆତିଥ୍ୟ ଗ୍ରହଣ କରିଥିଲେ। ବହୁ ଯୁବକ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଶତାଧିକ ଅସହାୟଙ୍କୁ ଶୀତ ବସ୍ତ୍ର ଆଦି ବଣ୍ଟନ କରିଥିଲେ।

# ଉତ୍ତରବାହିନୀରେ ଶତାଧିକ ବର୍ଷର ମକର ମେଳା

ଭଦ୍ରକ,୧୪ା୧(ସମିସ): ଭଦ୍ରକ ସହର ଉତ୍ତରବାହିନୀସ୍ଥିତ ଐତିହାସିକ ସଦାବର୍ତ୍ତ ମଠ ଅଧୀନ ଶ୍ରୀଜଗନ୍ନାଥ ମନ୍ଦିର ରଥଦାଣ୍ଡରେ ସବୁବର୍ଷ ଭଳି ଏବର୍ଷ ମଧ୍ୟ ବେଶ୍ ଜାକଜମକରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବର୍ଷର ଏହି ମକର ମେଳାରେ ସମସ୍ତ ପ୍ରକାର ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ଖେଳଣା, ଖାଦ୍ୟଦ୍ରବ୍ୟ ଆଦିର ଶହଶହ ଦୋକାନ ବଜାର ଖୋଲିଥିଲା। ସେହିଭଳି ପିଲାମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ଦୋଳି ପଡ଼ିଥିଲା। ଉତ୍ତରବାହିନୀ ଗ୍ରାମବାସୀ, ମକର ମେଳା କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଦିନିକିଆ ମକର ମେଳାରେ ଯାତ୍ରା ଶୋ’ ବି ଅନୁଷ୍ଠିତ ହେଉଛି। ଏହି ମେଳା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା।

# ବାବାମଣୀଙ୍କୁ ଲଗିହେଲା ମକର ଚାଉଳ ଓ ପୋଡ଼ପିଠା

ଭଦ୍ରକ/ଆରଡ଼ି,୧୪ା୧(ସମିସ): ପବିତ୍ର ମକର ସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇ ଉଠିଛି ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବଧାମ ଆରଡ଼ିପୀଠର ବାବା ଆଖଣ୍ଡଳମଣିଙ୍କ ମନ୍ଦିର। ଭୋର୍ ୪ଟାରେ ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ ମକର ନୀତି ନିମନ୍ତେ ପରମ୍ପରା ଅନୁଯାୟୀ ସେବାୟତଙ୍କ ପକ୍ଷରୁ ନୂଆ ମକର ଚାଉଳ ଓ ପୋଡ଼ପିଠା ଲାଗି କରାଯାଇଥିଲା। ଦିନ ତମାମ ଭକ୍ତଙ୍କ ଗହଳି ଲାଗିଥିଲା ପୀଠରେ। ମଙ୍ଗଳା ଆଳତି ପରେ ପହିଲି ଭୋଗରେ ଲାଗି କରାଯାଉଥିଲା ମକର ଚାଉଳ ଓ ପୋଡ଼ ପିଠା ଭୋଗ। ମକର ପାଇଁ ଭୋର ୪.୩୦ ମିନିଟ୍‌ରେ



ମନ୍ଦିର ପହଡ଼ ଖୋଲା ହେବା ପରେ ମଙ୍ଗଳ ଆଳତି କରାଯାଉଥିଲା। ଆଗନ୍ତୁକ ଶ୍ରଦ୍ଧାଳୁ ଓ ସମସ୍ତ ସେବାୟତ ପରିବାରଙ୍କ ଘରୁ ମଧ୍ୟ ମକର ଚାଉଳ ଓ ପୋଡ଼ ପିଠା ବାବାଙ୍କ ପାଖରେ ଭୋଗ ଲାଗିଥିଲା। ଭକ୍ତମାନେ ବ୍ୟାରିକେଡ୍‌ରେ ଧାଡ଼ିରେ ଆସି ଆଖଣ୍ଡଳମଣୀଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ଯାଏଁ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା ପୀଠରେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପରିସର ସମେତ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା।

# ବିଭିନ୍ନ ଦେବଦେବୀ ପୀଠ ପରିଦର୍ଶନ କଲେ ବିଧାୟକ



ବାରିକପୁର,୧୪ା୧(ସମିସ): ବୁଧବାର ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ବିଭିନ୍ନ ଦେବଦେବୀ ପୀଠ ପରିଦର୍ଶନ କରିଛନ୍ତି। ବିଧାୟକ ପ୍ରଥମେ ନେରଡ଼ା ସୁନାମୁହିଁ ପୀଠରେ ପହଞ୍ଚି ମା’ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାଛଡ଼ା ବୈତରଣୀ ନଦୀରେ ନବନିର୍ମିତ ପାହାଚକୁ ପରିଦର୍ଶନ କରି ମନ୍ଦିର କମିଟି ସଦସ୍ୟମାନଙ୍କ ସହିତ ଭିତ୍ତିଭୂମି ଉନ୍ନୟନ ବାବଦରେ ବିଭିନ୍ନ ଆଲୋଚନା କରିଥିଲେ। ତେସିଙ୍ଗା ପଞ୍ଚାୟତ କୁଲଣା ବିଶୋଳ ବାସୁଳେଇ ପୀଠ, ବାରିକପୁର ମା’ କାଳୀତ୍ରା ପୀଠ, ଚେକା ସାଆନ୍ତାଣୀ ପୀଠରେ ଶ୍ରୀ ମଲ୍ଲିକ ପହଞ୍ଚି ଦେବୀ ଦର୍ଶନ କରିଥିଲେ। ତାଙ୍କ ସହିତ ବିଜେଡି ବ୍ଲକ୍ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଯୁବ ସଭାପତି ଲଳିତ ରାଉତ, ଜିଲ୍ଲା ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ବରିଷ୍ଠ ନେତା ହେମନ୍ତ ଜେନା, ସତ୍ୟାନନ୍ଦ ମହାପାତ୍ର, ନାଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ



ଭଦ୍ରକ,୧୪ା୧(ସମିସ): ଭଦ୍ରକ ସାଳନ୍ଦୀ ଡିଗ୍ରୀ ମହାବଦ୍ୟାଳୟ ଆନୁକୂଲ୍ୟରେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା କୌଶଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଅଧ୍ୟକ୍ଷତା କରିଥିଲେ। ଆତ୍ମସୁରକ୍ଷା ପ୍ରଶିକ୍ଷଣର ପରିଚାଳନା ଅଧିକାରୀ ଅଧ୍ୟାପିକା ଲିପି ପୁଷ୍ପା ନାୟକ ତଥା କଲେଜର ବରିଷ୍ଠ ଅଧ୍ୟାପକ ଅଚ୍ୟୁତାନନ୍ଦ ନାୟକ ଓ ମୁଖ୍ୟ ଅତିଥିଭାବେ ଡ. ରାଧାରାଣୀ ମହାପାତ୍ର ଆତ୍ମସୁରକ୍ଷାର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଗତ ୩ରୁ ଆରମ୍ଭ ହୋଇ ୧୩ ତାରିଖ ଯାଏଁ ଚାଲିଥିବା ଏହି ଶିବିର ଉଦ୍‌ଯାପିତ ହୋଇଥିଲା। ଛାତ୍ରୀଙ୍କୁ ପ୍ରଶିକ୍ଷଣ ଶିକ୍ଷା ପାଇଁ ମଧୁସ୍ମିତା ନାୟକ ମଧ୍ୟ ମୁଖ୍ୟ ଭୂମିକା ନିଭାଇଥିଲେ। ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଶିକ୍ଷାର ମାନପତ୍ର ପ୍ରଦାନ କରାଯାଇଥିଲା।

# ମହିଳା ପୁଲିସ ଇନ୍ସପେକ୍ଟରଙ୍କୁ ଡିଜିପି ଡିସ୍କ ପୁରସ୍କାର



ଭଦ୍ରକ,୧୪ା୧(ସମିସ): ଭଦ୍ରକ ଜିଲ୍ଲାରେ ପୂର୍ବରୁ କାର୍ଯ୍ୟରତ ମହିଳା ସବ୍ ଇନ୍ସପେକ୍ଟର (ଏବେ ଇନ୍ସପେକ୍ଟର ରୂପେ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ପ୍ରଶିକ୍ଷକ) ସ୍ନିଗ୍ଧାରାଣୀ ସାହୁଙ୍କୁ ପୁଲିସ ସେବାରେ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡିଜିପି ପୁଲିସ ଡିସ୍କ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୧୨ ତାରିଖ ଦିନ କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ଓଡ଼ିଶା ପୁଲିସର ୯୦ତମ ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ, ଭଦ୍ରକ ଜିଲ୍ଲା ଆଗରପଡ଼ା ଓ ପିରହାଟ ଥାନାରେ ସବ ଇନ୍ସପେକ୍ଟର ରୂପେ କାର୍ଯ୍ୟ କରୁଥିବା ଏହି ୨୦୧୭ ବ୍ୟାଚ୍‌ର ସବ୍ ଇନ୍ସପେକ୍ଟର ଶ୍ରୀମତୀ ସାହୁ ଜଣେ ଦକ୍ଷ ପୁଲିସ ଭାବେ ଜିଲ୍ଲାରେ ପରିଚିତ ଥିଲେ। ନିକଟରେ ରାଜ୍ୟ ସରକାର ତାଙ୍କୁ ପଦୋନ୍ନତି ଦେଇ ବିଜୁ ପଟ୍ଟନାୟକ ପୁଲିସ ଏକାଡେମୀରେ ପ୍ରଶିକ୍ଷକ ଭାବେ ବଦଳି କରିଛନ୍ତି।

# ଶିକ୍ଷକ ଏମ୍‌ଡି ଫଜଲେ ହବିବ୍‌ଙ୍କ ପରଲୋକ

ଧାମନଗର,୧୪ା୧(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ୯ ନମ୍ବର ୱାର୍ଡ ଅଧୀନ କୋରେସିମହଲ୍ଲା ଗ୍ରାମର ବାସିନ୍ଦା ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକ୍ ଗ୍ରାଣ୍ଟ ପାଇଥିବା ମଦ୍ରାସା କୁଦୁସିଆ ହବିବୟା ପଠାଣମହଲ୍ଲା ଧାମନଗରଠାରେ ୨୦୦୮ରୁ ମୌଲବି ପଦରେ ରହି ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ। ଦୁଃଖ ଓ ପରିତାପର ବିଷୟ ଅତି କମ୍ ବୟସରେ ଜାନୁଆରୀ ୧୩ ତାରିଖ ମଙ୍ଗଳବାର ସକାଳ ୬ଟା ସମୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଏମ୍‌ଡି ଫଜଲେ ହବିବ୍(ବୁଟୁ)ଙ୍କ ୪୧ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ (ଇନ୍‌ତେକାଲ) ହୋଇଛି। ସେ ଜଣେ ଭଲ ମଣିଷ ଓ ତାଙ୍କର ବ୍ୟବହାର ଉତ୍ତମ, ମେଳାପୀ, ମିଷ୍ଟଭାଷୀ ଓ ଭଲ ଶିକ୍ଷକ ଥିଲେ। ଏତେ କମ୍ ବୟସରୁ ଚାଲିଯିବେ କେହି କେବେ କଳ୍ପନା କରି ନ ଥିଲେ। ଏହି



ଦୁଃଖଦ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସହିତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ଭଦ୍ରକ ମଦ୍ରାସା ଶିକ୍ଷକ ସଂଘର ସଭାପତି ଏସ୍‌କେ ନାସିରୁଦ୍ଦିନ, ସମ୍ପାଦକ ଆଫ୍ତାବ ଆଲମ୍ ଖାଁ, ସିଆର୍‌ସିସି ସେକ୍ ମୋଜାଫର ହୋସେନ, ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶେଖ୍ ଆଜମତ ସହ ବିଭିନ୍ନ ମଦ୍ରାସା ଓ ବିଦ୍ୟାଳୟର ଶିକ୍ଷକ, ସମାଜସେବୀ, ବୁଦ୍ଧିଜୀବୀ, ବନ୍ଧୁବାନ୍ଧବ, ଗ୍ରାମବାସୀ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୁସଲ୍‌ମାନ ରୀତିନୀତି ଅନୁସାରେ ଖାନକା ସରିଫ୍‌ଠାରେ ସଜ୍ଜାଦା ନସିନ ମତୱଲ୍ଲୀ ବାବାଙ୍କ ଭାଇ ଆଲହାଜ ମୌଲାନା ସୟଦ ଫାରୁକ୍ ରଜା ହବିବି ସମୂହ ନମାଜ ପାଠ(ଜନାଜା) ପଢ଼ାଇଥିଲେ। ପରେ ଗ୍ରାମର ଏକ କବର ସ୍ଥାନରେ କବର ଦିଆଯାଇଛି।

# ମଣ୍ଡି ପୂଜାରେ ସୀମିତ ସରକାରୀ ଧାନ କିଣା; ଦଲାଲ୍ ମାଲେମାଲ୍

ଭଦ୍ରକ,୧୪ା୧(ସମିସ):

ଗତ ୩ ତାରିଖରେ ଚାଷୀଙ୍କ ମୋବାଇଲ୍‌କୁ ଟୋକାନ ମେସେଜ ଆସିଲା। ୫ ତାରିଖରୁ ଧାନ କିଣାଯିବା ପାଇଁ ଦିନ ଧାର୍ଯ୍ୟ କଲେ। ସମବାୟ ସମିତି କଣ୍ଟା ପୂଜା ବି କଲେ। ମାତ୍ର ଏପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର କୌଣସି ବ୍ଲକ୍‌ରେ ମୁଠାଏ ଧାନ କିଣା ହୋଇପାରିଲା ନାହିଁ। ଏହାର ସୁଯୋଗ ନେଇ ଚୋରା ବେପାରୀ ହେଉଛନ୍ତି ମାଲେମାଲ୍। ଶାଗମାଛ ଦରରେ ଧାନ କିଣି ପଡ଼ୋଶୀ ଆନ୍ଧ୍ର ଓ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଚାଲାଣ କରି ବେଶ୍



ମୁନାଫା କମାଉଛନ୍ତି ଦଲାଲ୍।

ସୂଚନା ମୁତାବକ, ଚାନ୍ଦବାଲି ବ୍ଲକ୍‌ରେ ଏ ପର୍ଯ୍ୟନ୍ତ ସରକାର ମୁଠାଏ ଧାନ କିଣି ପାରିଲେନାହିଁ। ଯାହାର ଫାଇଦା ନେଉଛନ୍ତି ଦଲାଲ୍। ବିଶେଷ କରି ପଡ଼ୋଶୀ ତିହିଡ଼ି ବ୍ଲକ୍‌ର ଗଦି ବଜାର ପାଲଟିଛି ଚୋରା ଧାନ ବେପାରୀ ହବ୍। ପ୍ରତିଦିନ ଶହଶହ ସଂଖ୍ୟକ ଧାନ ଟ୍ରକ୍ ଏଠାରୁ ଆନ୍ଧ୍ର ଓ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରାଯାଉଛି। ଏଠାକାର ଧାନ ଦଲାଲମାନେ ଗାଁ ଗାଁରେ ଡେରା ପକାଇ ଚାଷୀମାନଙ୍କଠାରୁ ୧୫୦୦ରୁ ୧୮୦୦ ଟଙ୍କା ଦରରେ ଧାନ କିଣି ଲୁଟିବାରେ ଲାଗିପଡ଼ିଛନ୍ତି। ସରକାରୀ ମଣ୍ଡିରେ ବେଶୀ ଧାନ ଦେଲେ କଟିବ ରାସନ କାର୍ଡ, ୧୫୦ କ୍ୱିଣ୍ଟାଲରୁ ଅଧିକ ହେଲେ ମିଳିବନି ସବ୍‌ସିଡ୍, କ୍ୱିଣ୍ଟାଲ ଉପରେ ସରକାର କାଟିବେ ୧୦ କେଜି, ଏଥର ଧାନ ଟଙ୍କା ମିଳିବାରେ ବିଳମ୍ବ ହେବ ଆଦି କଥା କହି ଡରାଇ ଧମକାଇ ଲୁଟି ନେଉଛନ୍ତି ଶହଶହ ଟ୍ରକ୍ ଧାନ। ଅନ୍ୟପଟେ ସରକାରୀ ମଣ୍ଡିରେ ଧାନ କିଣା ଯେତେ ବିଳମ୍ବ ହେଉଛି, ଧାନ ଦଲାଲ ସେତେ ସକ୍ରିୟ ହେଉଛନ୍ତି। ସେମାନଙ୍କୁ ଲଗାମ ଦେବା ପାଇଁ କୌଣସି ସରକାରୀ ଅଧିକାରୀ ତତ୍ପର ହେଉ ନ ଥିବାରୁ ଦିନକୁ ଦିନ ସେମାନଙ୍କର ଚାଷୀଙ୍କୁ ଶୋଷଣ ବଢ଼ିବାରେ ଲାଗିଛି। ଏଣୁ ସରକାର ତୁରନ୍ତ ମଣ୍ଡି ଖୋଲି ଧାନ କ୍ରୟ କରିବା ସହ ଚୋରା ବେପାରୀଙ୍କ ଉପରେ ଲଗାମ ଲଗାଇବାକୁ ଚନ୍ଦବାଲି ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

**● ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ସମାନ୍ତରାଳ ଅନଶନକୁ ନେଇ ଚର୍ଚ୍ଚା**

# ସମାଧାନ ନ ହେବା ଯାଏ ଅନଶନ ଜାରି





ଧାମନଗର,୧୪ା୧(ସମିସ): ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଧାମନଗର ଏନ୍‌ଏସିର ବିଭିନ୍ନ ୱାର୍ଡରେ କୋଟି କୋଟି ଟଙ୍କାରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁରୀ ହୋଇଥିଲା। ଏନ୍‌ଏସି ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀଙ୍କ ନିଜ ୬ ନମ୍ବର ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟାଦେଶରେ ପାତରଅନ୍ତର କରାଯାଇଥିବାରୁ ପ୍ରଶାସନିକ ଅଧିକାରୀଙ୍କୁ ସମ୍ମାନ ଜଣାଇ ପୂର୍ବରୁ ଗତ ୫ ତାରିଖରେ ଲିଖିତ ଅନୁରୋଧ ସହ ନିବେଦନ କରିଥିଲେ ଯେ ସେ ଜଣେ ନିର୍ବାଚିତ ପ୍ରତିନିଧି ମୋ ୱାର୍ଡ ସହିତ ସମସ୍ତ ୱାର୍ଡର ଲୋକଙ୍କ ସ୍ୱାର୍ଥ ଓ ସୁରକ୍ଷା ଆଞ୍ଚଳିକ ରାସ୍ତା, ଡ୍ରେନ୍ ଓ ଆଲୋକୀକରଣ ଉନ୍ନତି ପାଇଁ ପୌରାଞ୍ଚଳ ଲୋକ ପ୍ରତିନିଧିଙ୍କ ମୁଖ୍ୟ କାର୍ଯ୍ୟ ଓ ଦାୟିତ୍ୱ। ନିୟମ ଅନୁଯାୟୀ ଏନେଇ ଗୋଟିଏ ସପ୍ତାହ ପୂର୍ବରୁ ଲିଖିତ ଜଣାଇଥିଲେ ଯେ ଉନ୍ନତିମୂଳକ କାର୍ଯ୍ୟର ତଦନ୍ତ କରି ଜାନୁଆରୀ ୧୨ ସୁଦ୍ଧା ଇ-ଟେଣ୍ଡର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ ଓ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ବାଧ୍ୟ ହୋଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟକୁ ବିରୋଧ କରି ବୁଧବାରଠାରୁ ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ ଅଫିସ ଆଗରେ ଅନଶନ ଆରମ୍ଭ କରିଛନ୍ତି। ଜିଲ୍ଲାପାଳଙ୍କୁ ଗଣମାଧ୍ୟମ ଜରିଆରେ ନିବେଦନ କରୁଛି ମୋର ବିଶ୍ୱାସ ନିଶ୍ଚୟ ସମସ୍ତ ଲୋକ ପ୍ରତିନିଧିଙ୍କ ପାଖରୁ ପ୍ରୋଜେକ୍ଟ ନେଇ ଇ-ଟେଣ୍ଡର କରାଇବେ। ଯଦି ନ କରନ୍ତି ଏହି ସମସ୍ୟା ସମାଧାନ ନ ହେବା ଯାଏ ଅନଶନ ଜାରି ରହିବ ବୋଲି ଉପାଧ୍ୟକ୍ଷ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପଟେ ହଠାତ୍ ୪ ଜଣ କାଉନ୍‌ସିଲର ଏନ୍‌ଏସି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମନୋମୁଖୀ କାର୍ଯ୍ୟକଳାପ ଏବଂ ସହରାଞ୍ଚଳର ଉନ୍ନତିମୂଳକ କର୍ଯ୍ୟରେ ବାଧା ସୃଷ୍ଟି କରିବା ପ୍ରତିବାଦରେ ଗେଟ୍ ସାମ୍ନାରେ ଗାନ୍ଧୀଙ୍କ ଫଟୋ ରଖି ୪ଜଣ କାଉନ୍‌ସିଲର ଶାନ୍ତିପୂର୍ଣ୍ଣ ଭାବେ ଅନଶନ କରିଥିଲେ। ଏହି ଅନଶନରେ କାଉନ୍‌ସିଲର ଅନୁସୟା ମଲ୍ଲିକ, ଜାନକୀଲତା ସେଠୀ, ସୁଭାଷିନୀ କର, ଏମାତୁନ ଏନ୍ ପ୍ରମୁଖ ସାମିଲ୍ ଥିଲେ। ସମାନ୍ତରାଳ ଭାବେ ଅନଶନକୁ ନେଇ ସହରାଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବର ଲେଖାହେବା ବେଳକୁ ଏନ୍‌ଏସି ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ୍ ବନ୍ଦ ଥିବାରୁ ଯୋଗାଯୋଗ ହୋଇପାରିଲା ନାହିଁ।

## ରେଳ ଧାରଣାରୁ ମହିଳାଙ୍କ ଶବ ଉଦ୍ଧାର

**ରାଉରକେଲା, ୧୪।୧(ସମିସ):** ପାନପୋଷ ବ୍ରାହ୍ମଣୀ ନଦୀ ରେଳ ଧାରଣାରୁ ଜଣେ ମହିଳାଙ୍କ ଶବକୁ ଜିଆରପି ଥାନା ପୁଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିନଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ବୁଧବାର ଉକ୍ତ ଲାଇନରେ ଶବ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଘଟଣା ପ୍ରଚାରିତ ହେବା ପରେ ବ୍ରାହ୍ମଣୀ ବ୍ରିଜଠାରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଫଳରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ଅପରପକ୍ଷେ ଏହା ହତ୍ୟା ନା ଆତ୍ମହତ୍ୟା ସେନେଇ ପ୍ରଶ୍ନ ଉଠିଛି।

## ୨ ବାଇକ୍ ଧକ୍କା; ୨ ଆହତ

**ରାଉରକେଲା, ୧୪।୧(ସମିସ):** ପାନପୋଷ ବ୍ରିଜଠାରେ ମଙ୍ଗଳବାର ରାତିରେ ଦୁଇଟି ବାଇକ୍ ମଧ୍ୟରେ ଧକ୍କା ହେବାରୁ ଚାଳକ ଦ୍ୱୟ ଆହତ ହୋଇଛନ୍ତି। ଉକ୍ତ ବ୍ରିଜ ଦେଇ ୨ ଜଣ ବାଇକ ଆରୋହୀ ଯାଉଥିବା ବେଳେ ହଠାତ୍ ଦୁର୍ଘଟଣା ଘଟିଥିଲା। ଫଳରେ ଚାଳକ ଦ୍ୱୟ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ଦ୍ରୁତ ଗତିରେ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣା ଯୋଗୁଁ କିଛି ସମୟ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲା।

## ୨ ଯୁବନେତାଙ୍କ ପରଲୋକ

**ରାଉରକେଲା, ୧୪।୧(ସମିସ):** ମଙ୍ଗଳବାର ନୂଆଗାଁ ବ୍ଲକରେ ୨ ଯୁବନେତାଙ୍କ ପରଲୋକ ହୋଇଯାଇଛି। ସଦର ନୂଆଗାଁ ଉପରଟୋଲୀ ବସ୍ତିର ସୁଲେମାନ କାଉଡିଆ(୫୦)ଙ୍କ





ଦେହାନ୍ତ ହୋଇଥିବା ବେଳେ ଅନ୍ୟ ଜଣେ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଗୋପୁର ଗ୍ରାମର ଚିତ୍ତରଞ୍ଜନ ସାହୁ(୫୯)ଙ୍କ ପରଲୋକ ହୋଇଥିଲା। ସୁଲେମାନ କାଉଡିଆ ରାଉରକେଲା ଇସ୍ପାତକାରଖାନାର ଜଣେ କର୍ମଚାରୀ ରହିଥିବା ବେଳେ ସେ ରାଉରକେଲା ଗାଙ୍ଗପୁର ମଜଦୁର ମଞ୍ଚର ଉପସଭାପତି ମଧ୍ୟ ଥିଲେ। ସେ ନିକଟରେ ନୂଆଗାଁ ବ୍ଲକରେ ବୀରମିତ୍ରପୁର ବିଜେଡି ବିଧାୟକ ରୋହିତ ଜୋସେଫ ତିର୍କିଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ। ସେ କିଛି ଦିନ ହେବ କାମଳ ରୋଗରେ ପିଡିତ ହୋଇ ଆରଜିଚରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମଙ୍ଗଳବାର ମୃତ୍ୟୁ ହୋଇଥିଲା। ନୂଆଗାଁ ବ୍ଲକ ବିଜେଡି କର୍ମକର୍ତ୍ତା, ଗାଁ ଲୋକଙ୍କ ତରଫରୁ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସେହିପରି ଗୋପୁର ଗ୍ରାମର ଚିତ୍ତରଞ୍ଜନ ସାହୁ ମଧ୍ୟ ବିଜେପି ଦଳର ଜଣେ ସକ୍ରିୟ କର୍ମକର୍ତ୍ତା ଭାବେ ନୂଆଗାଁ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ଗତ ୨୭ ତାରିଖ ଦିନ ନୂଆଗାଁ ଗୋପୁର ଛକ ନିକଟରେ ଏକ ମୋଟର ସାଇକେଲ ଦୁର୍ଘଟଣାରେ ଚିତ୍ତରଞ୍ଜନ ଗୁରୁତର ହୋଇ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ରାତିରେ ତାଙ୍କର ଦେହାନ୍ତ ହୋଇଥିଲା।

## ବିଭିନ୍ନ ଅଦାଲତ ପାଇଁ ସରକାରୀ ଓକିଲ ନିଯୁକ୍ତ

**ବଣାଇଁ, ୧୪।୧(ସମିସ):** ଓଡ଼ିଶା ସରକାର ସୁନ୍ଦରଗଡ଼ ଜିଲ୍ଲା ଓ ବଣାଇଁ ଅଦାଲତ ସମୂହ ପାଇଁ ନୂତନ ସରକାରୀ ଓକିଲ ନିଯୁକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଚିଠି ସଂଖ୍ୟା- ୯୨୩/୧୩. ୦୧. ୨୦୨୬ ଅନୁଯାୟୀ ବଣାଇଁର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟର ଅତିରିକ୍ତ ସରକାରୀ ଓକିଲ ବରିଷ୍ଠ ଆଇନଜୀବୀ ବିଜନ କୁମାର ସେନକୁ ନିଯୁକ୍ତି ମିଳିଛି। ଏଥିସହ ସ୍ପେଶାଲ ସରକାରୀ ଓକିଲ ଭାବରେ ନିଶାଦ୍ରବ୍ୟ, ଡ୍ରଗ୍ସ, ମାନସିକ ପଦାର୍ଥ ଆକ୍ଟ ଆଇନଜୀବୀ ଦିନେଶ କୁମାର ଦାଶ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟରେ ସହକାରୀ ସରକାରୀ ଓକିଲ ରୂପେ ଆଇନଜୀବୀ ତହସିଲଦାର ପାତ୍ର ଓ ବିଶ୍ୱଜିତ ସାହୁ ଅବସ୍ଥାପିତ ହେଇଛନ୍ତି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କୋର୍ଟରେ ସହକାରୀ ସରକାରୀ ଓକିଲ ରୂପେ ବିଭୁତି ଭୂଷଣ ମିଶ୍ର, ଦେୱାନୀ ଅଦାଲତଠାରେ ସଚେତନତା ସୃଷ୍ଟି ଏବଂ ପ୍ରଚାର ନିମନ୍ତେ ଓକିଲ ଅର୍ଜୁନ ଚରଣ ମାହାନ୍ତ, ବଣାଇଁ ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ସରକାରୀ ଓକିଲ ସ୍ମିତା ସେନାପତି, ଦୟାନିଧି ମାହାନ୍ତ, ସୁଶୀଲ କୁମାର ମୁଣ୍ଡା, ଦୀପକ କୁମାର ମାହାନ୍ତ, ଗଜେନ୍ଦ୍ର ନାୟକ ସହକାରୀ ସରକାରୀ ଓକିଲ ରୂପେ କୋଇଡା, ଗୁରୁଣ୍ଡିଆ, ଲହୁଣୀପଡ଼ା ଓ ବଣାଇ ତହସିଲ କୋର୍ଟରେ ନିଯୁକ୍ତ ହୋଇଛନ୍ତି।

### ଡକାୟତି ଯୋଜନା ବେଳେ ପୁଲିସର ଚଢ଼ଉ

## ୩ ଗିରଫ; ମାରାଣାସ୍ତ୍ର ସହ ଟଙ୍କା ଜବତ

**ବଣାଇଁ, ୧୪।୧(ସମିସ)**

ବଣାଇଁ ଉପଖଣ୍ଡ ଟିକାୟତ ପାଲି ଥାନା ଚନ୍ଦ୍ରପୁର ଖେଳ ପଡ଼ିଆ ନିକଟରେ ଡକାୟତି କରିବାକୁ ଯୋଜନା ଚାଲିଥିବା ବେଳେ ପୁଲିସ ଅତର୍କିତ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିଛି। ତେବେ ଘଟଣାସ୍ଥଳରୁ ୩ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରଖଣ୍ଡର ମନୋଜ କାଣ୍ଡୁଲାନା ଓ ରାଜେଶ ମାଝୀ ଏବଂ ସୁନ୍ଦରଗଡ଼ ବଡ଼ଗାଁର ଅନିଲ ସୟ। ବଣାଇଁ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳଙ୍କୁ ମିଳିଥିବା ବିଶେଷ ସୂଚନା ଆଧାରରେ ଟିକାୟତପାଲି ପୁଲିସ ଏହି ଚଢ଼ଉ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ବିଭିନ୍ନ ମାରାଣାସ୍ତ୍ର ସହିତ ଟଙ୍କା ଜବତ କରାଯାଇଛି। ଏହି ଡକାୟତ ଗ୍ୟାଙ୍ଗର ସଦସ୍ୟମାନେ ଝାରଖଣ୍ଡ ଓ



ରାଉରକେଲା ଅଞ୍ଚଳର। ପୂର୍ବରୁ ମଧ୍ୟ ଏମାନେ ଏହି ଅଞ୍ଚଳକୁ ଆସି ଘରଭିତରେ ପଶି ଲୋକମାନଙ୍କୁ ଭୟଭିତ କରି ଡକାୟତି କରିବା ପରେ ଫେରାର ହୋଇ ଯାଉଥିଲେ ବୋଲି ପୁଲିସ କହିଛି। ଗିରଫ ୩ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ୧୫ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ସମ୍ପର୍କରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବଣାଇଁ ଏସ୍‌ଡିପିଓ ଏନେଇ ସୂଚନା ଦେଇଛନ୍ତି। ଫେରାର ଅଭିଯୁକ୍ତମାନଙ୍କୁ ଅତିଶୀଘ୍ର ଧରିବାକୁ ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ଉ ଜାରି ରହିଛି ବୋଲି ସେ କହିଛନ୍ତି।

## ବିମାନ ଦୁର୍ଘଟଣାର ତଦନ୍ତ କଲା ବୀମା କମ୍ପାନୀ

**ରାଉରକେଲା, ୧୪।୧ (ସମିସ):** ସ୍ଥାନୀୟ ଜଲଦା ସ୍ଥିତ କଂସର ରୋଡ ନିକଟରେ ହୋଇଥିବା ବିମାନ ଦୁର୍ଘଟଣାର ଏଏଆଇବି(ଏୟାରକ୍ରାଫ୍ଟ ଦୁର୍ଘଟଣା ତଦନ୍ତ ବ୍ୟୁରୋ) ଏବଂ ଡିଜିସିଏ ଟିମ ପକ୍ଷରୁ ଚାଲିଥିବା ତଦନ୍ତ ଇତି ମଧ୍ୟରେ ଶେଷ ହୋଇଥିବା ବେଳେ ବିମାନ ଦୁର୍ଘଟଣା ସ୍ଥଳରେ ଆଜି ବୀମା କମ୍ପାନୀର ଟିମ ପହଞ୍ଚି ବିମାନର କ୍ଷୟକ୍ଷତିର ଆକଳନ ଆରମ୍ଭ କରିଛନ୍ତି। ତେବେ ବୁଧବାର ବିମା ଟିମର ଏହି କ୍ଷୟକ୍ଷତିର ଆକଳନ



ଓ ତଦନ୍ତ ପରେ ଦୁର୍ଘଟଣା ଗ୍ରସ୍ତ ବିମାନକୁ ଦୁର୍ଘଟଣା ସ୍ଥଳରୁ ଉଠାଇ ନିଆଯିବ ବୋଲି ସୂଚନା ମିଳିଛି। ତେବେ ବୀମା ଟିମ୍‌ର ତଦନ୍ତ ସମୟରେ ଦୁର୍ଘଟଣାଗ୍ରସ୍ତ ବିମାନରେ ଲେଖାଥିବା 'ଇଣ୍ଡିଆ ୱାନ ଏୟାର ଓ ଭିଟି - କେଏସଏସ' କୁ କଳାରଙ୍ଗ ମାରି ଲିଭାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ତେବେ ଏତେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ବିମାନ ରହିଥିବା ବେଳେ କିଏ ଏବଂ କାହିଁକି ଏପରି କଳା ରଙ୍ଗ ମାରି 'ଇଣ୍ଡିଆ ୱାନ ଏୟାର ଓ ଭିଟି - କେଏସଏସ'କୁ ଲିଭାଇଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ସାଧାରଣରେ ଏବେ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଥିବା ଶୁଣିବାକୁ ମିଳିଛି। ସେପଟେ ଡିଜିସିଏ ଏବଂ ଏଏଆଇବି ପକ୍ଷରୁ ତଦନ୍ତ ରିପୋର୍ଟ ଏକ ମାସ ମଧ୍ୟରେ ଡିଜିସିଏ ଡିଜି ଓ ରାଜ୍ୟ ସରକାରଙ୍କୁ ଦିଆଯିବ ବୋଲି ସୂଚନା ମିଳିଛି। ତଦନ୍ତକାରୀ ଟିମ୍ ଦୁର୍ଘଟଣା ଗ୍ରସ୍ତ ବିମାନର ବ୍ଲାକ ବକ୍ସ ଉଦ୍ଧାର କରି ନେବା ସହ ରାଉରକେଲା ବିମାନ ବନ୍ଦରର ଏଟିସି ରେକର୍ଡ ସଂଗ୍ରହ କରି ନେଇଛନ୍ତି। ବ୍ଲାକ ବକ୍ସ ଓ ଏଟିସି ରେକର୍ଡରୁ ବିମାନ ଦୁର୍ଘଟଣାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି। ବିମାନ ଦୁର୍ଘଟଣା ସ୍ଥଳରେ ୨୪ ଘଣ୍ଟିଆ ପୁଲିସ ସୁରକ୍ଷା ବ୍ୟବସ୍ଥା ସହ ଦମକଳ ଗାଡି ଓ ଅଗ୍ନିଶମ ବାହିନୀ ଓ ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀ ଜଗି ରହିଥିବା ଦେଖିବାକୁ ମିଳିଛି।

## ମା' ତାରାତାରିଣୀ ପୀଠରେ ମକର ସଂକ୍ରାନ୍ତି



**ରାଉରକେଲା, ୧୪।୧(ସମିସ):** ସେକ୍ଟର - ୬ ସ୍ଥିତ ମା' ତାରା ତାରିଣୀ ପୀଠରେ ବହୁ ଆଡମ୍ବର ଭାବରେ ମକର ସଂକ୍ରାନ୍ତି ପର୍ବ ପାଳିତ ହୋଇଛି। ରାଉରକେଲା ତଥା ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ମା'ଙ୍କ ପାଖରେ ପୂଜା କରିବା ସହ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆଗାମୀ ଚୈତ୍ର ମାସରେ ହେବାକୁ ଯାଉଥିବା ନବରାତ୍ର ତଥା ନଗର ଭ୍ରମଣ ଉପରେ ଆଲୋଚନା କରାଯାଇଥିଲା। ଆଜିର ଏହି ମକର ସଂକ୍ରାନ୍ତି ଅବସରରେ ରାଉରକେଲାର ବିଶିଷ୍ଟ ବ୍ୟକ୍ତି ପଞ୍ଚାନନ ଦାଶ, ସିଦ୍ଧାର୍ଥ ଘୋଷ ଓ ସ୍ୱାମୀଦତ ମିଶ୍ରଙ୍କୁ ତାରା ତାରିଣୀ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ମନ୍ଦିରର ଆୟବ୍ୟୟର ଅଡିଟ୍ କରିବାରେ ସହଯୋଗ କରିଥିଲେ। ଏହି ଅବସରରେ କମିଟିର ସମ୍ପାଦକ ମନୋରଞ୍ଜନ ତ୍ରିପାଠୀ, ରମା ମହାରଣା, ଭାସ୍କର ନନ୍ଦ, କାଳିଦାସ ପାତ୍ର, ମୀନକେତନ ନନ୍ଦ, ପ୍ରଶାନ୍ତ ପଣ୍ଡା, ସୁଶାନ୍ତ ଦଳେଇ, ନାରାୟଣ ମାହାନ୍ତି, ଅଜୁନ ପଣ୍ଡା, ଅମରନାଥ ଜେନା, ଫଟୋଗ୍ରାଫର ସୂର୍ଯ୍ୟ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁବାସ ପାଢ଼ୀ ଧନ୍ୟବାଦ ଦେଇଥିଲେ।

### ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କ ନାମ ଲେଖା ଶିବିର

## ଦିନକରେ ୧୦୯ ଜଣଙ୍କ ନାମ ଲେଖା

**ବଣାଇଁ, ୧୪।୧ (ସମିସ):** ଓଡ଼ିଶା ସରକାରଙ୍କ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଚଳିତ ବର୍ଷ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟରେ ଏକ ସମୂହ ନାମଲେଖା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମହାନ୍ତ ଯୋଗଦେଇଥିଲେ। ବଣାଇଁଗଡ଼ ଷ୍ଟଡି ସେଣ୍ଟରର ସଂଯୋଜକ କବିତା ମଞ୍ଜରୀ ମହାନ୍ତ ଏସଆଇଓଏସ ଓ ଏନଆଇଓଏସ ପାଠ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଏଥିରେ ପ୍ରଥମ ଦିନରେ ନାମ ଲେଖାଇବାକୁ ଆସିଥିବା ୧୦୯ ଜଣ ଛାତ୍ରଛାତ୍ରୀଙ୍କ ସମେତ ୬୦ ଜଣ ଅଭିଭାବକ ଏବଂ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ଫକୀର ମୋହନ କୈବର୍ତ୍ତ ପରିଚାଳନା କରିଥିବା ବେଳେ ସିଆରସିସି ଚତୁର୍ଭୁଜ ପାତ୍ର ଧନ୍ୟବାଦ ଦେଇଥିଲେ।

## ଲାଡେଲ୍ ଲାଇନିଂ ଲାଇଫ୍ କ୍ଷେତ୍ରରେ ଆର୍‌ଏସ୍‌ପିର ନୂତନ ରେକର୍ଡ



**ରାଉରକେଲା, ୧୪।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ-୨)ରେ ଷ୍ଟିଲ୍ ଲାଡେଲ୍ ନମ୍ବର ୨୯ ରେ ୨୧୦ ହିଟ୍ ଲାଡେଲ୍ ଲାଇଫ୍ ହାସଲ କରି ୧୫୦ ଟନ୍ ଷ୍ଟିଲ୍ ଲାଡେଲ୍ ଲାଇନିଂ ଲାଇଫ୍‌ରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏହି ସଫଳତା ଗତ ୨୦୨୦ ମସିହା ସେପ୍ଟେମ୍ବର ମାସରେ ସ୍ଥାପନ କରାଯାଇଥିବା ୨୦୬ ହିଟ୍‌ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଏହି ମାଇଲଖୁଣ୍ଟ ରିଫ୍ରାକ୍ଟୋରୀଜ ଇଞ୍ଜିନିୟରିଂ (ସେବା) ଏବଂ ଏସଏମଏସ-୨ ବିଭାଗର କର୍ମଚାରୀମାନଙ୍କ ପ୍ରଭାବଶାଳୀ ଦଳଗତ କାର୍ଯ୍ୟ, ନିରନ୍ତର ପ୍ରୟାସ ଏବଂ ସମ୍ପୂର୍ଣ୍ଣ ଉତ୍ସର୍ଗତାକୁ ପ୍ରତିଫଳିତ କରୁଛି। ଏହା ଆର୍‌ଏସ୍‌ପିରେ ଲାଡେଲ୍ ରିଫ୍ରାକ୍ଟ୍ରି କାର୍ଯ୍ୟଦକ୍ଷତା, କାର୍ଯ୍ୟକ୍ଷମ ଶୃଙ୍ଖଳା ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସରେ ନିରନ୍ତର ଉନ୍ନତିକୁ ମଧ୍ୟ ଉଲ୍ଲେଖ କରୁଛି ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି। ଷ୍ଟିଲ୍ ଲାଡଲ୍ ପରିଚାଳନା ସେଟ୍ ମେସର୍ସ ଆରଏଚଆଇ ମ୍ୟାଗ୍ନେସିଟା ଇଣ୍ଡିଆ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ ଦ୍ୱାରା ଯୋଗାଇ ଦିଆଯାଇଥିଲା। ଏହି ଲାଡଲ୍ ୨୦୨୫ ମସିହା ଅକ୍ଟୋବର ୧୫ ତାରିଖରେ ସେବାଭୁକ୍ତ କରାଯାଇଥିଲା। ୨୦୨୬ ମସିହା ଜାନୁଆରୀ ୧୧ ତାରିଖରେ ଏହାର ଅପରେସନ ଶେଷ କରାଯିବା ପୂର୍ବରୁ ସଫଳତାର ସହ ୨୧୦ ହିଟ୍ ସମାପ୍ତ କରିଥିଲା। ଏହି ଉନ୍ନତ ଲାଡଲ୍ ଲାଇଫ ସର୍ବଶ୍ରେଷ୍ଠ ରିଫ୍ରାକ୍ଟ୍ରି ଚୟନ, ଟ୍ୟାପିଂ ଏବଂ ଟିମିଂ ସମୟରେ ମାନକ କାର୍ଯ୍ୟ ପ୍ରଣାଳୀର କଠୋର ପାଳନ, ପ୍ରଭାବଶାଳୀ ସ୍ଲାଗ୍ ନିୟନ୍ତ୍ରଣ ଅଭ୍ୟାସ, ଉନ୍ନତ ତାପମାତ୍ରା ପରିଚାଳନା, ସମୟାନୁସାରେ ରକ୍ଷଣାବେକ୍ଷଣ ହସ୍ତକ୍ଷେପ, କାର୍ଯ୍ୟ, ପ୍ରତିରୋଧକ ଏବଂ ରକ୍ଷଣାବେକ୍ଷଣ ବିଭାଗ ମଧ୍ୟରେ ଗଭୀର ସମନ୍ୱୟ ମାଧ୍ୟମରେ ହାସଲ କରାଯାଇଥିଲା। ଏପରି ଉଚ୍ଚ ଲାଡଲ୍ ଲାଇଫ ଦ୍ୱାରା ରିଫ୍ରାକ୍ଟୋରୀ ବ୍ୟବହାର ହ୍ରାସ, ଉନ୍ନତ ଲାଡଲ୍ ଉପଲବ୍ଧତା, କମ୍ କାର୍ଯ୍ୟକ୍ଷମ ଡାଉନଟାଇମ୍ ଏବଂ ସୁରକ୍ଷାରେ ବୃଦ୍ଧି ଭଳି ଲାଭ ହାସଲ ହୋଇଛି। ଏହା ଆରଏସପିରେ ଇସ୍ପାତ ନିର୍ମାଣ ପ୍ରକ୍ରିୟାର ଉନ୍ନତ ନିର୍ଭରଯୋଗ୍ୟତା ଏବଂ ମୂଲ୍ୟନିପୁଣତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି।

## ୧୭ରେ ଆର୍‌ଏସ୍‌ପିର ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ

**ରାଉରକେଲା, ୧୪।୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ୧୭ ଓ ୧୮ ତାରିଖରେ ସ୍ଥାନୀୟ ସେକ୍ଟର - ୮ ସ୍ଥିତ ଜୁବୁଲି ପାର୍କଠାରେ ବାର୍ଷିକ ଉଦ୍ୟାନକୃଷି ପ୍ରଦର୍ଶନୀ ଆୟୋଜିତ ହେବ। ଏଥିରେ ଡିନର୍ ବାଉଲ ଆରେଞ୍ଜମେଣ୍ଟ ଏବଂ ବେଷ୍ଟ ଆରେଞ୍ଜଡ୍ ଫ୍ଲାୱାର ଭେସ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହେବ। ଯେଉଁଥିରେ କେବଳ ମହିଳାମାନେ ଅଂଶଗ୍ରହଣ କରିପାରିବେ। ଅନ୍ୟ ପ୍ରତିଯୋଗିତା ଯଥା ବଟନ୍ ହୋଲ୍, ପୁଷ୍ପଗୁଚ୍ଛ, ଫୁଲମାଳ (ଗୋଲାପ ବ୍ୟତୀତ) ଏବଂ ଫୁଲ ଓ ପତ୍ରରେ ନିର୍ମିତ ମଡେଲଗୁଡିକର ଉପସ୍ଥାପନାରେ ସମସ୍ତେ ଅଂଶଗ୍ରହଣ କରିପାରିବେ। ଏହା ବ୍ୟତୀତ କଟ ଫ୍ଲାୱାର, ବିଭିନ୍ନ ରଙ୍ଗ ଏବଂ କିସମର ସ୍ପେଶିମେନ ବ୍ଲୁମ ରୋଜ, ଯେକୌଣସି ସମ୍ପୂର୍ଣ୍ଣ ଖୋଲା ଏଚଟି ରୋଜ କିସମ, ଏକକ ଷ୍ଟେମ ଇଣ୍ଡିଆନ ଫ୍ଲୋରିବୁଣ୍ଡା ରୋଜ, ୩ ଷ୍ଟେମ ୩ କିସମର ଇଣ୍ଡିଆନ ଫ୍ଲୋରିବୁଣ୍ଡା ରୋଜ ଏବଂ ୨ ଷ୍ଟେମ ମିନିଏଚର/ପଲିଏନ୍ଥା/ ବିବିଧ କିସମର ରୋଜ ବର୍ଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଚନ୍ଦ୍ରମଲ୍ଲିକା, ଡାଲିଆ, ଡାଏନ୍ଥସ, ସ୍ୱୀଟ ପିଜ, ଆଣ୍ଟିରିୟମ, କାର୍ନେସନ, କ୍ୟାଲେଣ୍ଡୁଲା, ଫ୍ଲକ୍ସ, ପେନ୍ସି, ଜରବେରା, ଲ୍ୟୁପୀନ, ମେରିଗୋଲ୍ଡ, ଆଷ୍ଟର, ସାଲଭିଆ, ଗ୍ଲାଡିଓଲି, କ୍ୟାଣ୍ଡିଟଫ୍ଟ ଏବଂ ଏକକ ଷ୍ଟେମ୍ / ସ୍ପାଇକ୍ ପାଇଁ ମଧ୍ୟ ପୃଥକ ପ୍ରତିଯୋଗିତା ରହିବ। ଫୁଲକୁଣ୍ଡ ବର୍ଗଗୁଡିକରେ ଚନ୍ଦ୍ରମଲ୍ଲିକା, ଫୋଲିଏଜ, ୪ ଟି ବିଭିନ୍ନ ପ୍ରକାରର ବାରମାସୀ ଫୁଲ, ଡାଲିଆ, ରୋଜ, ଜାରବେରା, ଆଫ୍ରିକୀୟ / ଇନ୍କା ମାରିଗୋଲ୍ଡ ଏବଂ ବନସାଇ ପାଇଁ ମଧ୍ୟ ପ୍ରତିଯୋଗିତା ରହିଛି। ବଗିଚାରେ ରୁଚି ରଖୁଥିବା ଲୋକଙ୍କ ପାଇଁ ପନିପରିବା ଏବଂ ଫଳ ପାଇଁ ପ୍ରତିଯୋଗିତା ମଧ୍ୟ ରହିଛି। ଏହି ପ୍ରଦର୍ଶନୀରେ ଭାଗନେବା ନିମନ୍ତେ ସମସ୍ତ ଏଣ୍ଟ୍ରି ଜାନୁଆରୀ ୧୭ ତାରିଖରେ ଜୁବୁଲି ପାର୍କ ପରିସରରେ ସକାଳ ୭.୩୦ ରୁ ୧୧.୩୦ ମିନିଟ ମଧ୍ୟରେ ଗ୍ରହଣ କରାଯିବ। ଦର୍ଶକମାନଙ୍କ ପରିଦର୍ଶନ ପାଇଁ ଏହା ଜାନୁଆରୀ ୧୭ ତାରିଖରେ ଅପରାହ୍ନ ୪ଟା ରୁ ରାତି ୯ ଟା ଏବଂ ୧୮ ତାରିଖ ସକାଳ ୮ ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଜାନୁଆରୀ ୧୮ ତାରିଖରେ ଜୁବିଲି ପାର୍କରେ ସମସ୍ତ ପୁରସ୍କାର ବିତରଣ କରାଯିବ। କର୍ମଚାରୀ ଓ ଅନୁଷ୍ଠାନଗୁଡିକ ମଧ୍ୟରେ ବଗିଚା ପ୍ରତି ଆଗ୍ରହ ବୃଦ୍ଧି କରିବା ଲକ୍ଷ୍ୟରେ ଉଦ୍ୟାନକୃଷି ବିଭାଗ ବିଭିନ୍ନ ବର୍ଗରେ ଏକ ଗାର୍ଡେନ ଲେ-ଆଉଟ ପ୍ରତିଯୋଗିତା ଆୟୋଜନ କରିଥିଲା। ଜାନୁଆରୀ ୧୮ ତାରିଖରେ ପୁରସ୍କାର ବିତରଣୀ ଉତ୍ସବରେ ଏହି ସମସ୍ତ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ ବୋଲି ଆରଏସପି ପକ୍ଷରୁ କୁହାଯାଇଛି।

## ଧାମରା ସଂଘର ବାର୍ଷିକୋତ୍ସବ ଓ ମକର ମିଳନ

**ରାଉରକେଲା, ୧୪।୧(ସମିସ):** ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ଧାମରା ସଂଘର ୩୭ତମ ବାର୍ଷିକୋତ୍ସବ ଓ ମକର ମିଳନ ସହ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗଦେଇ ସଂଘକୁ ଏକ ଆଦର୍ଶ ଅନୁଷ୍ଠାନ ରୂପେ ଅବିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକର ବିଶିଷ୍ଟ ସହିତ୍ୟକାର ଓ ଦାର୍ଶନିକ ଡ. ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇ ସହିଦ ମାଟି ଭଦ୍ରକକୁ



ତ୍ୟାଗ ତିତିକ୍ଷାର ପ୍ରତିମୂର୍ତ୍ତି ବୋଲି କହିଥିଲେ। ଉତ୍କଳୀୟ, ଐତିହ୍ୟ, ସଂସ୍କୃତି, ପରମ୍ପରା, ସାହିତ୍ୟ ଓ ରାଜନୀତି ଆଦି ପ୍ରତ୍ୟେକ କ୍ଷେତ୍ରରେ ଭଦ୍ରକର ଦାନ ଅତୁଳନୀୟ ବୋଲି ସେ ବକ୍ତବ୍ୟରେ କହିଥିଲେ। ସାଧାରଣ ସମ୍ପାଦକ ଭଗବାନ ରାଉତ ସଂଘର ଦୀର୍ଘ ୩୭ ବର୍ଷର ଜନହିତକର ଘଟଣାକୁ ବାର୍ଷିକ ବିବରଣୀରେ ପାଠ କରିଥିଲେ। ସହ ସାଧାରଣ ସମ୍ପାଦକ ଅକ୍ଷୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘର ବାର୍ଷିକ ମୁଖପତ୍ର 'ଧାମରା-୨୦୨୬' ଉନ୍ମୋଚିତ ହୋଇଥିଲା। ରତ୍ନାକର ବଳ, ନିତ୍ୟାନନ୍ଦ ବିଶ୍ୱାଳ, ରବୀନ୍ଦ୍ର ନାୟକ, ଶ୍ରୀବତ୍ସ କୁଅଁର, ରମାକାନ୍ତ ପରିଡ଼ା, ଶମ୍ଭୁନାଥ ପରିଡ଼ା, ଜ୍ଞାନ ରଞ୍ଜନ କର, ଅମୂଲ୍ୟ ସେଠୀ, ବାଳକୃଷ୍ଣ ସ୍ୱାଇଁ, ବଳରାମ ମଲ୍ଲିକ, ପ୍ରଫୁଲ୍ଲ ଦାସ, ଶ୍ରୀପତି ଶୁକ୍ଳା, ସିଦ୍ଧେଶ୍ୱର ବଳ, ମନୋଜ ରାଉତ, ନଳିନୀକାନ୍ତ ରାଉତ, ନିରୋଦ ରାଉତ, ମଳୟ ରଞ୍ଜନ ସାହୁ, ପ୍ରତାପ ରାଉତ, ମୁକ୍ତିକାନ୍ତ ବେହେରା, ଆଲୋକ ବେହେରା, ମହେନ୍ଦ୍ର ପ୍ରସାଦ ମହାନ୍ତି ଓ କୁଳମଣି ଓଝା ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## କୁଡୁମି ସମ୍ପ୍ରଦାୟଙ୍କ ମକର ଓ ଟୁସୁ ପର୍ବ



**ଲହୁଣୀପଡ଼ା, ୧୪।୧(ସମିସ) :** ମକର ସଂକ୍ରାନ୍ତି ଅବସରରେ ଲହୁଣୀପଡ଼ା ଅଞ୍ଚଳରେ କୁଡୁମି ସମ୍ପ୍ରଦାୟଙ୍କ ଗଣପର୍ବ ମକର ଓ ଟୁସୁ ପର୍ବ ପାଳିତ ହୋଇଯାଇଛି। ମକର ସଂକ୍ରାନ୍ତି ଅବସରରେ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୃଷକମାନେ ଏହି ଦିନ ଠାରୁ କୃଷି କାମ ଆରମ୍ଭ କରୁଥିବାରୁ ବିଲରେ ହଳ ବୁଲାଇ ଗୋ ମାତାଙ୍କୁ ତେଲ ସିନ୍ଦୂର ଖାଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। ପରେ କୃଷକମାନେ ମକର ଯାତ୍ରାରେ ସାମିଲ ହୋଇଥିଲେ। ମକର ସଂକ୍ରାନ୍ତି ଦିନ ସ୍ନାନ ସାରି କୁମ୍ଭା ବା ଅଗିରାରେ ଅଗ୍ନି ସଂଯୋଗ କରିଥିଲେ। ଏହି ଅବସରରେ ପିଠାପଣା ଖେଚୁଡ଼ି ସହ ବିଭିନ୍ନ କିସମର ପିଠା ପ୍ରସ୍ତୁତ କରିଥିଲେ। ଗାଁ ଗାଁରେ ଟୁସୁ ପର୍ବ ପାଳନ କରିଥିଲେ। ମକର ସଂକ୍ରାନ୍ତି ଅବସରରେ କୁଡୁମୀ ସମ୍ପ୍ରଦାୟର ଲୋକେ ସୁଖ ଓ ସମୃଦ୍ଧିର ଉତ୍ସବ ଟୁସୁ ପର୍ବକୁ ମଧ୍ୟ ପାରମ୍ପରିକ ଭାବେ ପାଳନ କରୁଥିବାବେଳେ ଏଥିପାଇଁ କୁଡୁମୀ ବହୁଳ ଗ୍ରାମ ଗୁଡିକରେ ଟୁସୁ ଦେବୀଙ୍କ ମୃଣ୍ମୟୀ ପ୍ରତିମା ସ୍ଥାପନ କରିଥିଲେ। କୁଡୁମୀ ମହିଳା ତଥା କୁଆଁରୀ ଝିଅମାନେ ଟୁସୁ ଦେବୀଙ୍କୁ ମୁଣ୍ଡରେ ମୁଣ୍ଡାଇ ପରିକ୍ରମା କରି ଟୁସୁ ଗୀତ ଗାନ କରୁଥିବା ଦେଖିବାକୁ ମିଳିଥିଲା।

## ପୂର୍ବକ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ଉଦ୍‌ଘାଟିତ

**ରାଉରକେଲା, ୧୪।୧(ସମିସ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ମ୍ୟୁନିସିପାଲ କଲେଜ ରାଉରକେଲା ଦ୍ୱାରା ପୂର୍ବକ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ଆଜି ଠାରୁ ରାଉରକେଲାର ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲଠାରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ୨୬ଟି ବିଶ୍ୱବିଦ୍ୟାଳୟ ଭାଗ ନେଇଛନ୍ତି। ମୁଖ୍ୟଅତିଥି ରୂପେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସଚିବ ପ୍ରଫେସର ଦେବେନ୍ଦ୍ର କୁମାର ମହାଲିକ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଉଦ୍‌ଘାଟନୀ ଦିବସରେ ୪ଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚରେ ଗୁରୁ ଘାଷିଦାଶ ବିଶ୍ୱବିଦ୍ୟାଳୟ, ବିଳାସପୁର ରାଇଗଡ଼କୁ ୩-୧ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ କଳାହାଣ୍ଡିର ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ମଣିପୁର ବିଶ୍ୱବିଦ୍ୟାଳୟ ୭-୦ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚରେ ରାୟପୁର ପଣ୍ଡିତ ରବିଶଙ୍କର ବିଶ୍ୱବିଦ୍ୟାଳୟ ଅମ୍ବିକାପୁର ବିଶ୍ୱବିଦ୍ୟାଳୟକୁ ୩-୦ ଗୋଲରେ ଏବଂ ଚତୁର୍ଥ ମ୍ୟାଚରେ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ କଲିକତା ବିଶ୍ୱବିଦ୍ୟାଳୟ ୪-୧ ଗୋଲରେ ପରାସ୍ତ କରି ଆଗାମୀ ରାଉଣ୍ଡରେ ପ୍ରବେଶ କରିଥିଲେ। ଗୁରୁବାର ଚାରୋଟି ମ୍ୟାଚ ହେବାକୁ ସ୍ଥିର କରାଯାଇଛି। କ୍ୟାପଟେନ ସତ୍ୟନାରାୟଣ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ମ୍ୟାଚକୁ ହୃଷିକେଶ ଦାଶ, ଅନୁଭବ ରାଉତ, ବେଲାସ ବାରା, ସତ୍ୟବ୍ରତ ପ୍ରଧାନ, ବିଶ୍ୱଜିତ ଦଳେଇ, ଅବିନାଶ ମହାନ୍ତି, ରାଜେନ ଏକ୍କା, ଅଞ୍ଜିତ, ଚନ୍ଦ୍ରକାନ୍ତ ବାରିକ ପ୍ରମୁଖ ପରିଚାଳନା କରୁଥିଲେ। ପ୍ରତିଯୋଗିତାରେ ମୁଖ୍ୟତଃ କଲେଜର ଗଗନ ବିହାରୀ ନାୟକ, କୃଷ୍ଣ ଚନ୍ଦ୍ର ପାତ୍ର, କିରଣ ଏରିକା ଖାଲଖୋ, ଏନସିସିର ଶିକ୍ଷାର୍ଥୀମାନେ ସହଯୋଗ କରୁଛନ୍ତି। ଆସନ୍ତା ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ରାଉରକେଲାରେ ହେବାକୁ ଥିବା ସର୍ବଭାରତୀୟ ହକି ପ୍ରତିଯୋଗିତାରେ ଏହି ପ୍ରତିଯୋଗିତାରୁ ଚାରୋଟି ଦଳ ଭାଗ ନେବେ ବୋଲି କ୍ୟାପଟେନ ସତ୍ୟନାରାୟଣ ରାଉତ ସୂଚନା ଦେଇଛନ୍ତି।

## ଆଜି ସମ୍ବଲପୁରରେ ଧାନସଂଗ୍ରହ ସମୀକ୍ଷା କରିବେ ମନ୍ତ୍ରୀ

# ଯୋଗାଣ ମନ୍ତ୍ରୀଙ୍କୁ ବିରୋଧ କରିବେ ଚାଷୀ

**ସମ୍ବଲପୁର, ୧୪।୧ (ସମିସ)**

ସମ୍ବଲପୁର ଜିଲ୍ଲାରେ ଚଳିତବର୍ଷ ଖରିଫ୍ ଧାନକ୍ରୟରେ ଅବ୍ୟବସ୍ଥା ଲାଗି ରହିଛି। ଏପର୍ଯ୍ୟନ୍ତ ବହୁ ଚାଷୀଙ୍କୁ ପ୍ରଥମ ଟୋକନ ମିଳିନଥିବାବେଳେ ଦ୍ୱିତୀୟ ଟୋକନରେ ଆଶା ମୁତାବକ ନିର୍ଦ୍ଧାରିତ କ୍ୱିଣ୍ଟାଲ ଧାନ କିଣା ଯାଉନଥିବା ଅଭିଯୋଗ ହେଉଛି। ଚାଷୀ ଖରିଫ୍ ଋତୁର ଧାନ ଅମଳ କରି ଜଗି ବସିରହିଛି। ମିଲର୍ଙ୍କ ଦ୍ୱାରା ଧାନ ଉଠାଇବା, ଟୋକନ ସମସ୍ୟା ଆଦିକୁ ନେଇ ଆନ୍ଦୋଳନ କରି ଆସୁଛନ୍ତି। ତେବେ ବି ଧାନକ୍ରୟ ଅବ୍ୟବସ୍ଥା ଘେରରେ ରହିଛି। ସରକାର ପ୍ରଥମେ ଚାଷୀର ସବୁ ଉତ୍ପାଦ ଧାନ ପଞ୍ଜିକରଣ ଅନୁଯାୟୀ କିଣିବେ ବୋଲି କହିଥିଲେ। ଏହାସହ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଧାନ କିଣିବାକୁ କହୁଛନ୍ତି। ଏପରିସ୍ଥଳେ ଡିସେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହେଉଥିବା ରବି ଧାନଚାଷରୁ ଉତ୍ପାଦିତ ଧାନ


ଫାଇଲ ଫଟୋ

ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ବାରମ୍ବାର ଚାଷୀ ବିରୋଧୀ ମନ୍ତବ୍ୟ ଦେଉଛନ୍ତି। ଏଭଳି ଅଚଳାବସ୍ଥା ଲାଗି ରହିଥିବାବେଳେ ଗୁରୁବାର ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଗସ୍ତରେ ଆସି ଖରିଫ ଧାନକ୍ରୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ସମୀକ୍ଷା ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟରେ ହେବ। ସେହିଠାରେ ସମ୍ବଲପୁର ଜିଲ୍ଲାର ଚାଷୀମାନେ ତୀବ୍ର ବିରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନକ୍ରୟ ଗୋଟିଏ ମାସ ବିଳମ୍ବରେ ନଭେମ୍ବର ୨୮ ତାରିଖରେ ଆରମ୍ଭ ହୋଇଥିଲା। ଏହାପରେ ବିଭିନ୍ନ ସମୟରେ ଚାଷୀ ସରକାର ନେବେ ତ' ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି। ଚଳିତ ଖରିଫ୍‌ରେ ଟୋକନ ଓ ଅନ୍ୟ ସମସ୍ୟା ଲାଗି ରହିଛି। ଖଳା ଓ ଖରି ମାନଙ୍କରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି। ଚାଷୀ ଧାନ ବିକ୍ରୟ ପାଇଁ ଟୋକନକୁ ଅପେକ୍ଷା କରିବା ସହ ହାତୀ ଦାଉରୁ ରକ୍ଷାକରିବା ପାଇଁ ଶୀତକାକରରେ ପଡ଼ିରହୁଛି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ ଓ କୃଷି ମନ୍ତ୍ରୀ ଚାଷୀ ବିରୋଧି ମନ୍ତବ୍ୟ ଦେଉଛନ୍ତି। ଏହାକୁ ନେଇ ସବୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ସରକାର ଚାଷୀକୁ କିଛି ସ୍ପଷ୍ଟ କରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟବର୍ଷ ମାନଙ୍କରେ ସବୁ ଧାନ କିଣୁଥିବାବେଳେ କିଛି ଅସୁବିଧା ହେଉନଥିଲା। ଯଦି ଧାନ କିଣିବାର ନଥିଲା ପୂର୍ବରୁ ଚାଷୀମାନଙ୍କୁ କହି ଦେବାର ଥିଲା ବୋଲି ଚାଷୀ କହୁଛି। ସରକାର ଜଣେ ଚାଷୀଠାରୁ ୧୫୦ କ୍ୱିଣ୍ଟାଲ ଧାନ କିଣାଯିବ ବୋଲି କହିଛନ୍ତି। ସବୁ ଧାନ କିଣିବୁ ବୋଲି କହି ବହୁ ଚାଷୀଙ୍କଠାରୁ ୧୨୦, ୧୨୫, ୧୦୦, ୭୦ କ୍ୱିଣ୍ଟାଲରେ ସୀମିତ ରଖିଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଶହଶହ ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ିରହିଛି, ଚାଷୀ ଧାନ କେଉଁଠି ରଖିବ? ବହୁ ଚାଷୀଙ୍କ ଦ୍ୱିତୀୟ ଓ ତୃତୀୟ ଟୋକନ ଆସିନାହିଁ। ଦ୍ୱିତୀୟ ଟୋକନ୍‌ରେ ୮ କ୍ୱିଣ୍ଟାଲ, ୧୦ କ୍ୱିଣ୍ଟାଲ ଭଳି ଟାର୍ଗେଟ ଆସିଥିବା ଅଭିଯୋଗ ହେଉଛି। ଯଦି ସରକାର ୧୫୦ କ୍ୱିଣ୍ଟାଲ ନିଷ୍ପତ୍ତି ନେଲେ ତେବେ, ଏଭଳି କାହିଁକି କରୁଛନ୍ତି। କମ୍ପ୍ୟୁଟର ଏଭଳି ତ୍ରୁଟି କରିବ ନାହିଁ, ଏହା ଚାଷୀ ବିରୋଧୀ ନୀତି ବୋଲି ଚାଷୀମାନେ କହିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଯୋଗାଣ ମନ୍ତ୍ରୀ ବିଭିନ୍ନ ସମୟରେ ବିବାଦୀୟ ମନ୍ତବ୍ୟ ଦେଉଛନ୍ତି ଏବଂ ଚାଷୀର ଧାନକିଣାକୁ ନେଇ କିଛି ସ୍ପଷ୍ଟ କରୁନାହାନ୍ତି, ତାଙ୍କ ନୀତି ମଧ୍ୟ ନିର୍ଦ୍ଦିଷ୍ଟ ନାହିଁ। ବିଳମ୍ବରେ ଧାନକିଣା ଆରମ୍ଭ କରାଗଲା, ଡାଲୁଅ ଚାଷ କାମ ଆରମ୍ଭ ହେଲାଣି। ସରକାର ଡାଲୁଅ ଧାନ କିଣିବେ ନା' ନାହିଁ ସେ ବିଷୟରେ ମଧ୍ୟ କିଛି ସ୍ପଷ୍ଟ କରୁନାହାନ୍ତି। ସେଥିପାଇଁ ମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରାଯିବ ନାହିଁ, ତାଙ୍କୁ ସମୀକ୍ଷା ବୈଠକ ସମୟରେ ଦୃଢ଼ ବିରୋଧ କରାଯିବ ବୋଲି ଶ୍ରୀ ଠାକୁର କହିଛନ୍ତି।

### ଚାଷୀ ଆନ୍ଦୋଳନମୁହାଁ

ଚଳିତ ଖରିଫ୍‌ରେ ଟୋକନ ଓ ଅନ୍ୟ ସମସ୍ୟାକୁ ନେଇ ଚାଷୀ ହନ୍ତସନ୍ତ ହେବାସହ ଆନ୍ଦୋଳନମୁହାଁ ହେବାକୁ ବାଧ୍ୟ ହୋଇଛି। ସମ୍ବଲପୁର ଜିଲ୍ଲାରେ ନଭେମ୍ବର ୨୮ ତାରିଖରେ ମଣ୍ଡି ଖୋଲିଲା କିନ୍ତୁ ଧାନ ଉଠିଲାନି। ସମ୍ବଲପୁରର ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଡିସେମ୍ବର ୧ ତାରିଖ ବିଭିନ୍ନ ଅଞ୍ଚଳର ଚାଷୀ ଅର୍ଥନୈତିକ ଅବରୋଧ କରିବାପରେ ଧାନ ଉଠିଲା। ପୁଣି ଟୋକନ ସମସ୍ୟାକୁ ନେଇ ଡିସେମ୍ବର ୧୨ରେ ଚାଷୀମାନେ ରେମେଡ, ତୁମ୍ବେସିଂହା ଓ ଧମାଠାରେ ଜାତୀୟ ରାଜପଥ ଅବରୋଧ କଲେ, ସରକାର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଚାଷୀଙ୍କୁ ଗିରଫ କରାଗଲା। ପୁଣି ୧୬ ତାରିଖରେ ଚାଷୀମାନେ ପ୍ରତିବାଦସ୍ୱରୂପ ରାଜରାସ୍ତାରେ ଧାନ ବିକିଲେ। ଏହାପରେ ଡିସେମ୍ବର ୧୯ ତାରିଖ ଚାଷୀ ଓ ଚାଷ ଇତିହାସରେ ପ୍ରଥମଥର ପାଇଁ 'ସମ୍ବଲପୁର ବନ୍ଦ' ଡାକରା ଦିଆଗଲା, ସଫଳ ବି ହେଲା। କିନ୍ତୁ ଚାଷୀର ସମସ୍ୟା ସମାଧାନ ହେଲାନାହିଁ। ଗତ ଜାନୁଆରୀ ୧୧ ତାରିଖ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ ସମୟରେ ଚାଷୀମାନେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ 'ନୌଟଙ୍କି' ଓ 'ଦଲାଲ' ମନ୍ତବ୍ୟ ପ୍ରତିବାଦରେ ଜେଲଛକଠାରେ ଉପମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବାପାଇଁ ଉଦ୍ୟମ କରିଥିଲେ। ପୁଲିସ ସେମାନଙ୍କୁ ଗିରଫ କରିଥିଲା।

### ମାତ୍ର ୨୮ ଲକ୍ଷ କ୍ୱିଣ୍ଟାଲ କିଣା ହୋଇଛି

**ସମ୍ବଲପୁର, ୧୪।୧ (ସମିସ) :** ଜିଲ୍ଲା ଯୋଗାଣ ବିଭାଗର ସୂଚନା ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ୬୪୩୬୮ ଜଣ ଚାଷୀଙ୍କ ପଞ୍ଜିକରଣ ଯାଞ୍ଚ ହୋଇଛି। ତନ୍ମଧ୍ୟରୁ ବୁଧବାର ୧୪ ତାରିଖ ସୁଦ୍ଧା ୫୭୬୯୮ ଜଣ ଚାଷୀ ଧାନ ବିକ୍ରୟ କରିଛନ୍ତି। ମୋଟ ୨୮, ୨୬, ୦୪୯ କ୍ୱିଣ୍ଟାଲ ଧାନ ବିକ୍ରୟ ହୋଇଛି। ମୋଟ ୭୫୮୪୦ ଜଣ ଚାଷୀଙ୍କୁ ଟୋକନ ଇସ୍ୟୁ କରାଯାଇଛି। ଜିଲ୍ଲାରେ ଇ-କେୱାସି ସକାଶେ ୧୨୮ ଜଣ ଚାଷୀଙ୍କୁ ଟୋକନ ଇସ୍ୟୁ କରାଯାଇନଥିବା ବିଭାଗୀୟ ତଥ୍ୟ ଅନୁଯାୟୀ ଜଣାପଡ଼ିଛି।

## ଘର ସହ ଆସବାବ ଜଳିଗଲା



**ରେଢ଼ାଖୋଲ, ୧୪।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ଗ୍ରାମରେ ନିଆଁ ଲାଗି ୨ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଘରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଲୁହାପଙ୍କ ଗ୍ରାମର ବିଦେଶୀ ପ୍ରଧାନ ପରିବାର ଲୋକେ ଶୋଇଥିଲା ବେଳେ ବିଳମ୍ବିତ ରାତିରେ ଘର ନିଆଁ ଲାଗିଥିଲା ଦେଖି ପଡ଼ୋଶୀ ଘର ପରିବାର ଲୋକ ବିଦେଶୀ ପ୍ରଧାନଙ୍କୁ ଡାକିଥିଲେ। ନିଆଁରେ ଦୁଇ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା।ଘରେ ଥିବା ୨ଟି ସାଇକଲ ଓ ଗୋଟିଏ ସ୍କୁଟି, ଘରର ଆସବାସ ପତ୍ର ସାମଗ୍ରୀ ସମେତ ୨୦ରୁ ଊର୍ଦ୍ଧ୍ୱ ଧାନ ବସ୍ତା ପୋଡ଼ି ଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପରିବାର ଲୋକେ କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରଶାସନ ପାଖରେ ନିବେଦନ କରିଛନ୍ତି।

## ବିଶ୍ୱ ଶାନ୍ତି ପାଇଁ ମାରୁତି ମହାଯଜ୍ଞ



**ସମ୍ବଲପୁର, ୧୪।୧ (ସମିସ) :** ମକର ସଂକ୍ରାନ୍ତି ଉପଲକ୍ଷେ ବୃକ୍ସ୍‌ହିଲସ୍ଥିତ ହନୁମାନ ମନ୍ଦିରରେ ବିଶ୍ୱ ଶାନ୍ତି ମାରୁତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହାପୂର୍ବରୁ ଗତକାଲି ଅପରାହ୍ନରେ ପ୍ରାୟ ୨୦୦ ଜଣ ମହିଳା ଭକ୍ତ ମନ୍ଦିରରୁ ଏକ ପଟୁଆରରେ ବାହାରି ମହାନଦୀକୁ ଯାଇ କଳସରେ ପାଣି ଆଣି ସ୍ଥାପନା କରିଥିଲେ। ଆଜି ସକାଳ ପ୍ରାୟ ୮ଟା ୪୫ରୁ ଯଜ୍ଞ ଆରମ୍ଭ ହୋଇଥିଲା ଓ ସନ୍ଧ୍ୟା ସାଢ଼େ ୬ଟାରେ ପୂର୍ଣ୍ଣାହୂତି ସହ ସମ୍ପନ୍ନ ହୋଇଥିଲା। ରଞ୍ଜିତ ଦାସ ଓ ତାଙ୍କ ପତ୍ନୀ ସୁସ୍ମିତା ଦାସ ଯଜ୍ଞର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଯଜ୍ଞରେ ପୁରୋହିତ ଭାବରେ ପଣ୍ଡିତ ବ୍ୟାସଦେବ ପଣ୍ଡା, ପଣ୍ଡିତ ସୁଶ୍ରୀ ଷଡ଼ଙ୍ଗୀ, ପଣ୍ଡିତ ସନ୍ତୋଷ ଦାସ ପୂଜାର୍ଚ୍ଚନା କାର୍ଯ୍ୟ ତୁଲେଇଥିଲେ। ହନୁମାନ ମନ୍ଦିର କମିଟି ସଭାପତି ଦୁର୍ଗା ମାଧବ ମିଶ୍ର, ସମ୍ପାଦକ ରାଜୀବ ଶତପଥୀ, ସହସମ୍ପାଦକ ସଞ୍ଜିବ ପାଢ଼ୀ, ଅନନ୍ତ ମହାନ୍ତି, କ୍ଷୀରୋଦ ବେହେରା, ଶକ୍ତି ଶତପଥୀ, ରାଜୀବ ପରିଡ଼ା, ସୁରେନ୍ଦ୍ର ପ୍ରଧାନ, ସଞ୍ଜିବ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୦୦ ବୋତଲ କଫସିରପ୍ ଜବତ, ଜଣେ ଗିରଫ

**ସମ୍ବଲପୁର, ୧୪।୧ (ସମିସ) :** ଧନୁପାଲି ଥାନା ଅନ୍ତର୍ଗତ ଚାରଭାଟି ଅଞ୍ଚଳରେ ଆଜି ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ବିପୁଳ ନିଶା କଫସିରପ୍ ଜବତ କରାଯାଇଛି। କଫସିରପ୍ ଚାଲାଣ କରୁଥିବା ଅଭିଯୋଗରେ ଚାରଭାଟିର ଭାଗବତିଆ ଖଡ଼ିଆ (୩୨)କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଚଢ଼ଉ ସମୟରେ ୧୦୦ଟି ବୋତଲ ନିଶା କଫସିରପ୍ ଜବତ କରାଯାଇଥିବା ଅବକାରୀ ବିଭାଗ କହିଛି। ବିଭାଗୀୟ ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ଅଭିଯାନ ଅନ୍ତର୍ଗତ ଚାରଭାଟିରେ ବ୍ୟାପକ ବେଆଇନ ନିଶା କଫସିରପ୍ କାରବାର ଚାଲିଥିବା ସମ୍ପର୍କରେ ଖବର ପାଇ ଚଢ଼ଉ କରାଯାଇଥିଲା। ଅଭିଯୁକ୍ତ ଜଣକ କଫସିରପ୍ ଆଣି ଛକ ଅଞ୍ଚଳରେ ବିକ୍ରି କରୁଥିବା ଦେଖି ଗିରଫ କରିବାସହ ତାଙ୍କଠାରୁ ଲୁଚାଇ ରଖିଥିବା କଫସିରପ୍ ଜବତ କରିଥିଲା।

## ପୁରାତନ ଶ୍ରୀରାମ ମନ୍ଦିର ଭାଙ୍ଗିବାକୁ ଉଦ୍ୟମ | ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ

**କୁଚିଣ୍ଡା, ୧୪।୧(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁଲେଇଗଡ଼ ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ପ୍ରାୟ ଦେଢ଼ ଶହ ବର୍ଷ ପୁରାତନ ଶ୍ରୀରାମ ମନ୍ଦିର ଅଛି। ପ୍ରାୟ ୬ ମାସ ହେବ ମନ୍ଦିର କାନ୍ଥରୁ କିଛି ଅଂଶ ଭାଙ୍ଗିଥିବା ଦେଖି ମନ୍ଦିର ପୂଜକ ଗ୍ରାମବାସୀଙ୍କୁ ଜଣାଇବାରୁ ସଭା କରି ମନ୍ଦିରର ରକ୍ଷଣାବେକ୍ଷଣ ଓ ମରାମତି ନେଇ ପ୍ରଶାସନକୁ ଜଣାଇଥିଲେ। ମାତ୍ର କେତେକ ସ୍ୱାର୍ଥପର ବ୍ୟକ୍ତି ମନ୍ଦିରକୁ ଭାଙ୍ଗି ନୂତନ ମନ୍ଦିର ନିର୍ମାଣ ପାଇଁ ଲେଖିଥିଲେ। ଶେଷରେ ଜିଲ୍ଲା ପ୍ରଶାସନ ମନ୍ଦିର ମରାମତି ପାଇଁ ୧୬ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ଜାଣିଶୁଣି ବାଧା ଦେବା ସହ କୁପ୍ରୟାସ ଜାରି ରହିଥିଲା। ଗାଁ ଲୋକ ଜାଣିବା ପରେ ଗତ ଅକ୍ଟୋବର ମାସରେ କୁଚିଣ୍ଡା ବିଡ଼ିଓ, ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଏହାର ସଠିକ ଅନୁସନ୍ଧାନ ନ କରି ପୂର୍ତ୍ତ



ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉକ୍ତ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ଥାଇ ଅନୁପଯୋଗୀ ଅଟେ ବୋଲି କୁଚିଣ୍ଡା ବିଡିଓଙ୍କୁ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିଲେ। ବିଡିଓ ମଧ୍ୟ ସଠିକ ତଥ୍ୟ ସଂଗ୍ରହ ନ କରି ସମ୍ବଲପୁର ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସମାନ ରିପୋର୍ଟ ପ୍ରଦାନ କରିଥିଲେ। ପୁରୁଣା ମନ୍ଦିରକୁ ଭାଙ୍ଗିବାର ପ୍ରଚେଷ୍ଟା ଚାଲୁଥିବା ଜାଣି ଶେଷରେ ସୋମବାର ଦିନ ବାମରାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣିକୁ ଏକ ପ୍ରତିନିଧି ଦଳ ଯାଇ ଅଭିଯୋଗ କରିଥିଲେ। ଆସନ୍ତା ୧୫ ତାରିଖ ଦିନ ଘଟଣାସ୍ଥଳକୁ ଯାଇ ପ୍ରତ୍ୟକ୍ଷ ଅନୁସନ୍ଧାନ ପରେ ସଠିକ ତଥ୍ୟ ପ୍ରଦାନ କରିବାକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନ୍ଦର କୁଚିଣ୍ଡା ଉପଜିଲ୍ଲାପାଳ ସରୱାନନ ସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖ ଯୋଗ୍ୟ ଯେ, ଭାରତ ସରକାର ଏବେ ପୁରାତନ ମଠ, ମନ୍ଦିର, ମୂର୍ତ୍ତି, ଐତିହାସିକ ସ୍ଥଳୀର ପୁନରୁଦ୍ଧାର, ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଥିବା ବେଳେ, କେଉଁ ପରିସ୍ଥିତିରେ ଓ କାହା ଆଦେଶରେ ମନ୍ଦିର ଭାଙ୍ଗିବାକୁ ପ୍ରୟାସ କରାଯାଉଛି ବୋଲି ଅଭିଯୋଗ ରହିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୋତି ସେନାପତି

ତେନ୍ତୁଳି ପାଟଣା, ଦଶପଲ୍ଲା

ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।

ଶୋକସନ୍ତପ୍ତ: ମାମା ଗିଫ୍ଟ ହାଉସ ଓ ସେନାପତି ପରିବାର

## ଜିଲ୍ଲା ସ୍କୁଲର ପୂର୍ବତନ ଶିକ୍ଷକଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୧୪।୧ (ସମିସ) :** ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ହୃଷିକେଶ ମିଶ୍ରଙ୍କ ବିୟୋଗରେ ବୁଧବାର ସ୍କୁଲ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବର୍ଷୀଆନ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପୂଜାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ପୂର୍ବତନ ଶିକ୍ଷକ ହୃଷିକେଶ ବଢ଼େଇ, ମିତ୍ରଭାନୁ ମହାପାତ୍ର, ପ୍ରଦ୍ୟୋତ କୁମାର ମିଶ୍ର, ସାହେବ ଖମାରୀ, ଦୋଳଗୋବିନ୍ଦ ସାହୁ, ରାଧାଚରଣ ମେହେର, ଭଗିରଥ ପ୍ରଧାନ ଓ ପୁରାତନ ଛାତ୍ର ଶିବ ନନ୍ଦ ପଣ୍ଡିତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କୁ ଜଣେ ନମ୍ର ଓ ଭଲ ମଣିଷ ତଥା ଜଣେ ଉତ୍ତମ ଶିକ୍ଷକ ଭାବେ ସେ ତାଙ୍କ ଛାତ୍ର ଓ ସହଯୋଗୀଙ୍କ ମଧ୍ୟରେ ସ୍ମରଣୀୟ ହୋଇରହିବେ ବୋଲି ବକ୍ତାମାନେ ମତ ଦେଇଥିଲେ। ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ସିଭିଲ କୁମାର ନାୟକ, ପ୍ରସନ୍ନ କୁମାର ମହାପାତ୍ର, ଦିଲୀପ ପ୍ରଧାନ, ବିହାରୀଲାଲ ମହାନ୍ତି, ରାଜେଶ୍ୱରୀ ଦାଶ, ମମତା ବେହେରା, ସୁଷମା ଗୁରୁ, ଶ୍ୟାମାପ୍ରସାଦ ପଣ୍ଡା ଓ ପୁରାତନ ଛାତ୍ର ପ୍ରଦୀପ ଧର ପଣ୍ଡିତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ଠେମରାର ପ୍ରସିଦ୍ଧ ମକରମେଳା

**ସମ୍ବଲପୁର, ୧୪।୧ (ସମିସ):** ମକର ସଂକ୍ରାନ୍ତି ଅବସରରେ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ମକର ମେଳା ଆୟୋଜନ କରାଯାଇଥାଏ। ତନ୍ମଧ୍ୟରେ ଠେମରା ମକରଯାତ୍ରା ଅନନ୍ୟ। ହରି ଓ ହରଙ୍କ ମିଳନ ଏହାର ମୁଖ୍ୟ ଆକର୍ଷଣ। ମହାଦେବ ଓ ଭଗବାନ ବିଷ୍ଣୁ ମନ୍ଦିରରୁ ବାହାରି ସୁସଜ୍ଜିତ ରଥରେ ବିରାଜମାନ କରନ୍ତି। ଦୁଇଦିନ ଧରି ମନ୍ଦିର ବାହାରେ ଭକ୍ତଙ୍କୁ ଦର୍ଶନ ଦେବାପରେ ହୋଇଥାଏ ହରି ଓ ହରଙ୍କ ଭେଟ।





ସୂଚନା ଅନୁଯାୟୀ, ପ୍ରାୟ ୧୫୦ବର୍ଷ ପୂର୍ବରୁ ଏହି ମକର ମହୋତ୍ସବ ଆରମ୍ଭ ହୋଇଥିଲା। ମଝିରେ କୌଣସି କାରଣବଶତଃ କିଛି ବର୍ଷ ବନ୍ଦ ହୋଇଯାଇଥିବାବେଳେ ପୁଣି ୧୯୭୦ ମସିହାରୁ ଏହା ନିୟମିତ ଭାବେ ଆୟୋଜିତ ହେଉଛି।

ଠେମରା ଉପରପଡ଼ାରେ ଥିବା ମହାଦେବ ମନ୍ଦିର ଓ ତଳିପଡ଼ାରେ ଥିବା ଜଗନ୍ନାଥ ତଥା ରାଧାକୃଷ୍ଣ ମନ୍ଦିରକୁ ଆଧାର କରି ଏହି ଉତ୍ସବ ଆରମ୍ଭ ହୋଇଥିଲ। ଏହା ପ୍ରାୟ ତିନୋଟି ପିଢ଼ିହେଲା ଏହା ଆୟୋଜିତ ହୋଇଆସୁଛି। ଧାର୍ମିକ ଦୃଷ୍ଟିରୁ ମକରସଂକ୍ରାନ୍ତି ମହୋତ୍ସବର ଅନେକ ମହତ୍ତ୍ୱ ଥିବାବେଳେ ଏଠାରେ ଏହା ସାମାଜିକ ମହତ୍ତ୍ୱ ରହିଛି। ମକରଯାତ୍ରାରେ ପରଭା ଓ ରଥଠାରୁ ଆରମ୍ଭ କରି ସବୁ କିଛି ଠେମରା ଗ୍ରାମର କାରିଗରମାନେ ନିର୍ମାଣ କରିଥାନ୍ତି। କେବଳ ମଞ୍ଚରେ ନୁହେଁ ଗାଁଦାଣ୍ଡରେ ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ତନ୍ମଧ୍ୟରେ ରଙ୍ଗୀନ କୀର୍ତ୍ତନ, କୃଷ୍ଣଗୁରୁ ଭଜନ, ଆଧୁନିକ ନୃତ୍ୟ, ଶିଶୁଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆଦି ରହିଥାଏ। ମକର ମେଳା ଅବସରରେ ଠେମରା ଗ୍ରାମରେ ଆଖପାଖ ଅଞ୍ଚଳ ସହିତ ଦୂରଦୂରାନ୍ତରୁ ହଜାର ହଜାର ଲୋକଙ୍କ ଭିଡ଼ ହୋଇଥାଏ।

## ମକର ସଂକ୍ରାନ୍ତିରେ ମୁକ୍ତେଶ୍ୱର ମନ୍ଦିରରେ ଭିଡ଼

**ଜମନକିରା, ୧୪।୧ (ସମିସ):** ମକର ସଂକ୍ରାନ୍ତି ଅବସରରେ ଜମନକିରା ମୁକ୍ତେଶ୍ୱର ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଭୋରୁ ସମସ୍ତ ରିତି ନୀତି ପରେ ଭକ୍ତଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମୁଖ୍ୟ ପୂଜକ ଭାବରେ ଅନନ୍ତ ମହାପାତ୍ର ପୂଜା ପାଠ କରିଥିବା ବେଳେ ମକର ଚାଉଳ ଭୋଗ ଦିଆଯାଇଥିଲା। ପୁରା ଦିନ ମନ୍ଦିର ଭିଡ଼ ରହିଥିଲା। ଜମନକିରାର ସତ୍ୟ ନାରାୟଣ ସାହୁ ସମସ୍ତ ଭକ୍ତଙ୍କୁ ଖିଚୋଡ଼ି ସହ ଅନ୍ନ ଭୋଗ ପ୍ରଦାନ କରିଥିଲେ। ମୁକ୍ତେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ପି କେ କାନ୍ହା ପାନ, ସମ୍ପାଦକ ସାଲେକରାମ ପଧାନ, ଆଦି ପ୍ରସାଦ ମହାକୁଳ, ଅଶୋକ ମେହେର, ମାନ ଭଞ୍ଜନ ମେହେର, ରାଜ କୁମାର କେଡ଼ିଆ ପ୍ରମୁଖ ସହଯୋଗ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାସୁଦେବ ନାୟକ

ଆବିର୍ଭାବ: ୦୭.୦୮.୧୯୫୩

ତିରୋଧାନ: ୦୫.୦୧.୨୦୨୬

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ତୁମ ପରି ଜଣେ ଜୁଏଲକୁ ହରାଇ ମର୍ମାହତ

ଶୋକ ସନ୍ତପ୍ତ : ପତ୍ନୀ କୌଶଲ୍ୟା, ସାନଭଉଣୀ ଲକ୍ଷ୍ମୀ, ସାନଭାଇ କାଳିଆ, ସାନବୋହୂ ପ୍ରତିମା, ପୁଅ ଚନ୍ଦନ, ପବନ, ଝିଅ ମୁନି, ବୋହୂ ରୀତା, ବିଷ୍ଣୁପ୍ରିୟା, ଖାଇଁ ଜସ୍ୱକୃଷ୍ଣ, ଖାଇଁ -ସୁନୀଲ ପୁତୁରା ଶେଷଦେବ ପ୍ରମେଶ, ବୁଲୁ, ଝିଆରୀ ରୀତା, ଭଣଜା ଚୁନା ବୀର, ମଦନ, ମୋହନ, ଭାଣେଜି ରମା, ନାତି ବିପିନ, ବୁଟି ଓ ବନ୍ଧୁବାନ୍ଧବ ବର୍ଗ

ଏକ ପ୍ରତିଭାସମ୍ପନ୍ନ ଉଦ୍ୟମୀଙ୍କ ସ୍ମୃତିରେ



୰ ଶୁଭଜ୍ୟୋତି ହୋତା

ଆବିର୍ଭାବ: ୨୫.୦୬.୧୯୯୩

ତିରୋଧାନ: ୦୧.୦୧.୨୦୨୬

ଶ୍ରୀ ଶୁଭଜ୍ୟୋତି ହୋତା, ପ୍ରୋପାଇଟର - Mamata Foods and Beverages ଏବଂ ଡାଏରେକ୍ଟର - Intravenous Healthcare Pvt. Ltd., ଙ୍କର ଦୁଃଖଦ ଦେହାନ୍ତ ୧ ଜାନୁଆରୀ ୨୦୨୬ ରେ ଘଟିଛି। ଏକ Mechanical Engineer ଏବଂ MBA ହୋଇ, ସେ ତାଙ୍କ ଜୀବନର ପ୍ରାରମ୍ଭିକ ଅବସ୍ଥାରେ କିଛି ପ୍ରସିଦ୍ଧ MNC ରେ କାର୍ଯ୍ୟରତ ଥିଲେ। ମାତ୍ର ୨୮ ବର୍ଷ ବୟସରେ ସେ ଉଦ୍ୟମୀତାର ଯାତ୍ରା ଆରମ୍ଭ କରି, ନିଜ ଦକ୍ଷତା, ଦୃଢ଼ ସଙ୍କଳ୍ପ ଏବଂ ପରିଶ୍ରମରେ ନିଜ ବ୍ୟବସାୟକୁ ସ୍ଥାପନ କରିଥିଲେ । ପିତା Retd. DFO ଶ୍ରୀ ସୁରେଶ ଚନ୍ଦ୍ର ହୋତା ଏବଂ ପ୍ରିୟଜନମାନେ ତାଙ୍କ ଅପରାହ୍ନକୁ ଅପୂରଣୀୟ ହାନି ବୋଲି ମନୁଅଛନ୍ତି । ଅତ୍ୟନ୍ତ ଅଳ୍ପ ବୟସରେ ଅକାଳ ବିୟୋଗ କରିଥିଲେ ସେ, କିନ୍ତୁ ତାଙ୍କ ସଫଳତା ଓ ପାରମ୍ପରିକତା ସବୁବେଳେ ପ୍ରେରଣା ଦେବ। ତାଙ୍କ ପବିତ୍ର ଆତ୍ମା ଶାନ୍ତିଲାଭ କରୁ।

Plot no - 778/1351, Mamata, Lane 2, Durgamadhabnagar

## ପୁରୁଷ ଓ ମହିଳା ଫୁଟବଲ୍ ସହ ଆଥଲେଟିକ୍ ପ୍ରତିଯୋଗିତା




**ସମ୍ବଲପୁର, ୧୪।୧ (ସମିସ)**

ସମ୍ବଲପୁରର ଗେଙ୍ଗୁଟିପାଲି ଏଫ୍‌ସି ଆନୁକୂଲ୍ୟରେ ଏବଂ ମେରା ଯୁବା ଭାରତ, ସମ୍ବଲପୁର ସହଯୋଗରେ ଧନକଉଡ଼ା ଫିଲ୍ଡ, ସମ୍ବଲପୁରରେ ୧୨ ଓ ୧୩ ତାରିଖରେ ଦୁଇଦିନିଆ ଜିଲ୍ଲାସ୍ତରୀୟ କ୍ରୀଡ଼ା ମିଟ୍ ଆୟୋଜିତ ହୋଇଯାଇଛି। ଏହି କ୍ରୀଡ଼ା ମହୋତ୍ସବରେ ପୁରୁଷ ଓ ମହିଳା ଫୁଟବଲ୍ ମ୍ୟାଚ୍ ସହିତ ବିଭିନ୍ନ ଆଥଲେଟିକ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ରାଜେନ୍ଦ୍ର ସତନାମୀ ଯୋଗଦେଇ ଯୁବପିଢ଼ିଙ୍କୁ କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳା, ଏକତା ଓ ସୁସ୍ଥ ଜୀବନଶୈଳୀ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ମେରା ଯୁବା ଭାରତ, ସମ୍ବଲପୁରର ପ୍ରତିନିଧି ପ୍ରୟାସ କୁମାର ସରାଫଙ୍କ ସଂଯୋଜନାରେ ଏହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେ କ୍ରୀଡ଼ା ମାଧ୍ୟମରେ ଯୁବଶକ୍ତିଙ୍କ ସର୍ବାଙ୍ଗୀନ ବିକାଶ ଓ ସୁସ୍ଥ ସମାଜ ଗଢ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମେରା ଯୁବା ଭାରତ, ସମ୍ବଲପୁରର ସ୍ୱେଚ୍ଛାସେବୀ ରିଙ୍କୁ ମହାକୁର, ସାହିଲ ଦାସ, ସୁଶାନ୍ତ କୁମାର କେୱାଟ, ମାସୁଦ୍ ଆଲମ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବୀଣାପାଣି ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ଜମନକିରା, ୧୪।୧ (ସମିସ):** ଜମନକିରା ବ୍ଲକ ଗରିଆବାହାଲ ମକରଯାତ୍ରା ମଣ୍ଡପରେ ଯାତ୍ରା କମିଟି ସହାୟତାରେ ମା'ବୀଣାପାଣି ସାହିତ୍ୟ ସଂସଦ ପକ୍ଷରୁ ସଭାପତି ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୁରଲୀ ଧର ନାୟକଙ୍କ ସଭାପତିତ୍ୱରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ମୁଖ୍ୟ ଅତିଥି, ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ମକର ଯାତ୍ରାର ମାହାତ୍ମ୍ୟ ଓ ଆଜି ବ୍ୟାସକବି ଫକୀର ମୋହନଙ୍କ ଉଭୟ ଜୟନ୍ତୀ ଓ ସ୍ମୃତି ଦିବସ ହୋଇଥିବାରୁ ତାଙ୍କର ଓଡ଼ିଶା ଗଠନ ତଥା ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ଅବଦାନର ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ାର ସାହିତ୍ୟିକ ପ୍ରେମ ସାଗର ଦେହେରିଆ, ଦେବଗଡ଼ର ସାହିତ୍ୟିକ ବିପିନ ବିହାରୀ ପୃଷ୍ଟି ଓ କୁଚିଣ୍ଡାର ଗୁଦ ଗୁଦ ସାହିତ୍ୟ ସଂସଦର ସମ୍ପାଦକ ଶେଖର ବନମାଳୀ ନାମଦେଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମିଳନୀରେ କୁଚିଣ୍ଡା, ଜମନକିରା, ହୀରାକୁଦ, ଦେବଗଡ଼, ଝାରସୁଗୁଡ଼ା ଆଦି ଅଞ୍ଚଳରୁ ଶତାଧିକ କବି ଯୋଗଦାନ କରିଥିଲେ। ମୁରଲୀ ଧର ନାଏକ, ନରେନ୍ଦ୍ର କୁମାର ସାହୁ, ପ୍ରମୋଦ ନାୟକ, ଜ୍ୟୋସ୍ନା ରାଣୀ ଦଳ ବେହେରା, ହର ମୋହନ ପଟେଲଙ୍କୁ ସାହିତ୍ୟ ସଂସଦ ଓ ପୂଜା କମିଟି ପକ୍ଷରୁ ସମ୍ମାନିତ କରା ଯାଇ



ଥିଲା। କବି ସମ୍ମିଳନୀ ଉତ୍ତମ ଭାବରେ ଆୟୋଜନ କରିଥିବାରୁ ନରେଶଚନ୍ଦ୍ର ପଟେଲ, ଉମେଶ ପଟେଲ, ପ୍ୟାରୀ ମୋହନ ପଟେଲ, ଗୋପୀନାଥ ନାୟକ, ଦଇତାରୀ ପଟେଲ, ବାବୁଲୁ ପଟେଲ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ହରମୋହନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରମୋଦ କର୍ସେଲ, ସୁଦର୍ଶନ ପାଣି, ଅକ୍ଷୟ ଦେହୁରୀ, ବସନ୍ତ ଚୌଧୁରୀ, ସରୋଜ ମେହେର, ଶୁରୁ ମଣି ସୁନାନୀ, ହୃଷୀକେଶ ପଟେଲ ପ୍ରମୁଖଙ୍କ କବିତା ପାଠ କରିଥିଲେ।

# ସାଇନବୋର୍ଡରେ ସୀମିତ ପାଣି ପଞ୍ଚାୟତ ପକ୍ଷ

ପଦ୍ମପୁର, ୧୪।୧(ସମିସ)

ଜାନୁଆରୀ ମାସରେ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପାଳନ ହେଉଛି। ଏ ନେଇ ବହୁ ଆଡମ୍ବରରେ ସଚେତନତା ସଭା ମଧ୍ୟ ଆୟୋଜନ ହେଉଛି। ହେଲେ ଫଳ ଶୂନ। କାରଣ ବିଗତ ବର୍ଷ ଅବସ୍ଥା ଯାହା ଥିଲା ଏବେ ବି ତାହା ରହିଛି। କେବଳ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ପଦ୍ମପୁର କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ଏହି ଦିବସ ପାଳନ କରାଯାଇଛି ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ଚାଷୀ ହେଲେ ପାଣି ପଞ୍ଚାୟତର ମୁଖ୍ୟ ଅଙ୍ଗ। ସେମାନଙ୍କ ମାଧ୍ୟମରେ ସମନ୍ୱିତ ଭାବେ ସୁଷମ ଜଳ ପରିଚାଳନ କରିବା ହିଁ ଏହି ପଞ୍ଚାୟତର ମୁଖ୍ୟ ଲକ୍ଷ୍ୟ। ଜଳ ସଂରକ୍ଷଣ, ଉତ୍ତମ ବଣ୍ଟନ ଓ ଅଧିକ ଉତ୍ପାଦନ ଉଦ୍ଦେଶ୍ୟରେ



କୃଷକଙ୍କୁ ସଂଘଟିତ କରି ପାଣି ପଞ୍ଚାୟତ ଗଠନ ହୋଇଥିବା ବେଳେ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗରେ ଏହି ପାଣି ପଞ୍ଚାୟତ କମିଟି ମାନଙ୍କୁ ପଙ୍ଗୁ କରିଦିଆଯାଇଥିବା ଦେଖିବାକୁ ମିଳିଛି। ଏକଦା ଓଡ଼ିଶାର କ୍ଷୁଦ୍ର ଜଳସେଚନ ବିଭାଗ ମଧ୍ୟରେ ପଦ୍ମପୁର ଡିଭିଜନର ନାମ ଥିବା ବେଳେ ଅପାରଗ ଯନ୍ତ୍ରୀ ମାନଙ୍କ ପାଇଁ ଚାଷୀ ଜଳସେଚନ ସୁବିଧାରୁ ବଞ୍ଚିତ ରହୁଛନ୍ତି। ପ୍ରତ୍ୟେକ ବର୍ଷ କେନାଲ ସଫେଇ ଓ ମରାମତି ଆଳରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ତାହା ଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି ଚାଷୀ ମହଲରେ ଅଭିଯୋଗ

**କେନାଲ ମରାମତି, ସଫେଇ ପାଇଁ ଆନ୍ତରିକତା ନାହିଁ**

ହେଉଛି। ତେଣୁ ପଦ୍ମପୁର କ୍ଷୁଦ୍ର ଜଳସେଚନ ଅଧିନରେ ଥିବା ସମସ୍ତ କେନାଲର ମରାମତି କରାଯିବା ସହିତ ପ୍ରତେକ ଚାଷୀ ଯେପରି କେନାଲ ପାଣିରୁ ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଚାଷୀ ଦାବି କରିଛନ୍ତି।

# ୨ ବାଇକ୍ ମଧ୍ୟରେ ଧକ୍କା: ଜଣେ ଗୁରୁତର

**ପଦ୍ମପୁର, ୧୪।୧(ସମିସ):** ସ୍ଥାନୀୟ ଏଲଏନ ପେଟ୍ରୋଲ ପମ୍ପ ସମ୍ମୁଖରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇଛି। ଫଳରେ ବାଇକ ଆରୋହି ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲେ। ଆହତ ବ୍ୟକ୍ତି ସାରସମାଲର ତଥା ପଦ୍ମପୁର ତହସିଲଦାରଙ୍କ ଡ୍ରାଇଭର ବୋଲି ସୂଚନା ରହିଛି। ଠିକ ସେତିକି ବେଳେ ଦେବାଶିଷ ପଟ୍ଟନାୟକ ଓ ଶିବାଶିଷ ପଟ୍ଟନାୟକ ବୋଡାସମ୍ବର କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ ଦେଖି ଫେରୁଥିବା ବେଳେ ଦୁର୍ଘଟଣା ଦେଖି ଅଟକି ଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ବାଇକ ଆରୋହୀଙ୍କୁ କାଳବିଳମ୍ବ ନ କରି ନିଜ ସ୍କୁଟିରେ ବସାଇ ଦୁଇ ଭାଇ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତରଙ୍କ ସହ କଥାବାର୍ତ୍ତା ହୋଇ ଆହତ ବ୍ୟକ୍ତିଙ୍କ ଉଚ୍ଚତର ଚିକିତ୍ସା ପାଇଁ ଅନୁରୋଧ କରିଥିଲେ। ଦୁଇ ଭାଇ ଦେବାଶିଷ ଓ ଶିବାଶିଷଙ୍କ ଏହି ମହତ ଉଦ୍ୟମକୁ ଅଞ୍ଚଳବାସୀ ବେଶ ପ୍ରଶଂଶା କରିଛନ୍ତି।

# ବିବେକାନନ୍ଦଙ୍କ ଜୟନ୍ତୀରେ ଯୋଗ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ

**ବରପାଲି, ୧୪।୧(ସମିସ):** ବରପାଲି ଯୋଗ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୬୪ତମ ଜୟନ୍ତୀ ଉତ୍ସବ ଓ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ଓ ସାଧକସାଧିକା ମାନଙ୍କ ଗହଣରେ ମୁଖ୍ୟ ଗୁରୁଜୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ଗୁରୁଙ୍କ ରଚିତ ସଂଗିତ ସାଧିକା ବାସନ୍ତି ଓ ସାଥିଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସ୍ୱାମୀଜୀଙ୍କ ଜିବନୀ ଓ ତ୍ୟାଗ, ନିଷ୍ଠା, ବଦାନ୍ୟତା ସମାଜିକ ପ୍ରେରଣା ଦାୟକ ବିଷୟ ଉପରେ ଆଲୋଚନା ହୋଇଥିଲା। ଯୋଗ ବିଜ୍ଞାନର ରହସ୍ୟ ଉପରେ ଗୁରୁଜୀ, ଆଚାର୍ଯ୍ୟ ଶେଷଦେବ ବେହେରା, ପ୍ରେମାନନ୍ଦ ବାରିକ, ଫକିର ଭୁଏ, ବଳବନ୍ତ ଛତ୍ରିଆ, ମହେନ୍ଦ୍ର ମହାଣା ପ୍ରମୁଖ ଉପସ୍ଥାପନା କରିଥିଲେ। ଯୋଗ ବିଜ୍ଞାନ ଓ ଏହାର ରହସ୍ୟ ସମ୍ବନ୍ଧରେ ବିଶୃତ ଭାବେ ଗୁରୁଜୀ ଆଲୋଚନା କରିଥିବା ବେଳେ ଗୁରୁମାଁ ଗୁରୁତତ୍ତ୍ୱ ଓ ଏହାର ରହସ୍ୟ ଉପରେ ବ୍ୟାଖ୍ୟା କରିଥିଲେ। ସେହିପରି ସାଧକ ରାଜେଶ ପଧାନ ମଣିଷ ଜିବନରେ ଶିକ୍ଷା ଓ ସାଧନାର ଆବଶ୍ୟକତାକୁ ନେଇ ସାଧୁବାଣୀ ବ୍ୟାଖ୍ୟା କରିଥିଲେ। ଆଧାତ୍ମିକ ସଙ୍ଗୀତ ଗାୟକ ଭାବେ କୈଳାଶ କର୍ଣ୍ଣ, ସରୋଜ, ବାସନ୍ତୀ, ମମତା ଓ ସାଥି ମାନେ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରକାଶ ପଧାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଂଯୋଜନା ହୋଇଥିବା ବେଳେ ସାଧକ ଅମୃତଲାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଲରମ୍ବା କଲେଜରେ ଉଦ୍ଭିଦ ବିଜ୍ଞାନର ଜାତୀୟ ସମ୍ମାନ

**ଅତାବିରା, ୧୪।୧(ସମିସ):** ଅତାବିରା ବ୍ଲକସ୍ଥିତ ଲରମ୍ବା କଲେଜଠାରେ ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱାରା ଦିନିକିଆ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଦିବସର ପ୍ରଥମ ଅଧିବେଶନରେ କଲେଜ ଅଧକ୍ଷ ପ୍ରଫେସର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପ୍ରାକ୍ତନ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ.ଶିବପ୍ରସାଦ ଅଧିକାରୀ, ସମ୍ମାନିତ ଅତିଥି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଲାଇଫ ସାଇନ୍ସ ବିଭାଗର ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫେସର ପ୍ରଭାତ ମହାପାତ୍ର, ବିନତା ନାୟକ, କାର୍ଯ୍ୟକାରୀ ସମ୍ପାଦକ ମନରଞ୍ଜନ ତ୍ରିପାଠୀ, ସଂଯୋଜକ ଡ.ଜୟନ୍ତ ସାହୁ, ସହ ସଂଯୋଜିକା ବୀଣା ମେହେର ମଞ୍ଚାସୀନ ରହି 'ସହନୀୟ ବିକାଶ ପାଇଁ ପରିବେଶଗତ ଜୈବ ପ୍ରଯୁକ୍ତି ବିଦ୍ୟାରେ ଉଦୀୟମାନ ଧାରା' ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଡ.ଶିବପ୍ରସାଦ ଅଧିକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା। ବିଷୟ ବିଶେଷଜ୍ଞ ଭାବେ କଲିକତା ବିଏସ ଆଇରୁ ଡିସୁ ଭକ୍ତ, ଅରୁଣାଚଳ ଇଟାନଗରରୁ ଡ.ପ୍ରଶାନ୍ତ ନନ୍ଦ, ଦକ୍ଷିଣଓଡ଼ିଶା ବିଶ୍ୱବିଦ୍ୟାଳୟରୁ ଡ.ବିଶ୍ୱଜିତ ରଥ, ଡ.ଅନୀଳ ବିଶ୍ୱାଳ, ଗୁରୁ ଘାଷିଦାସ ବିଶ୍ୱବିଦ୍ୟାଳୟ ବିଳାସପୁରରୁ ଡ.ଦେବେନ୍ଦ୍ର ପଟେଲ, କଳିଙ୍ଗ ବିଶ୍ୱବିଦ୍ୟାଳୟ ରାୟପୁରରୁ ଡ.ଅଭିଷେକ ପାଣ୍ଡେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ର.ଅମରେନ୍ଦ୍ର ମିଶ୍ର, ଏକାମ୍ର କରିଆଲି ଓ ଡ.ଈଶ୍ୱର ବୈଠାରୁ, ସଞ୍ଜୀବ ଦାସ, ସୂର୍ଯ୍ୟକାନ୍ତି ମେହେର, ଡ.ପୁଷ୍ପାଞ୍ଜଳି ପ୍ରଧାନ, କଳ୍ପନା ପାଢ଼ୀ, ଡ.ସୁବୋଧ ତ୍ରିପାଠୀ, ଅଶ୍ୱିନୀ ପ୍ରଧାନ ଓ ପରମାନନ୍ଦ ରଥ ପ୍ରମୁଖ ଯୋଗ ଦେଇଥିଲେ। ଦିବସର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ପ୍ରଦୀପ ନାୟକ, ସମ୍ମାନିତ ଅତିଥି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଅକ୍ଷୟ ବସ୍ତିଆ ମଞ୍ଚାସୀନ ଥିଲେ। ଏହି ଅବସରରେ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗର ଶିଶିର ସାହୁ, ମୁକେଶ ଚନ୍ଦ୍ର ପଧାନ, ଲିଙ୍ଗରାଜ ପୋଢ଼, ଗଣେଶ ପାଇକ ସହ ଯଶୋବନ୍ତୀ ସା, ଅଭିନାଶ ସାହୁ, ସତ୍ୟବ୍ରତ କର୍ଣ୍ଣ, ପୀତବାସ କମ୍ପ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ବୀଣା ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ

**ପାଇକମାଳ, ୧୪।୧ (ସମିସ):** ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ହାଇସ୍କୁଲରେ ୩ଦିନିଆ ଜିଲ୍ଲାସ୍ତରୀୟ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ.ଦ୍ୱାଦଶ ପଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପ୍ରଥମ ଦିନ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଉପ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୋଇ, ସାଇନିଂ ଷ୍ଟାରର ମୁଖ୍ୟ ଧିରୋଜ ପଟ୍ଟନାୟକ, ପାଇକମାଳ ଭାରପ୍ରାପ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ଏବଂ ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିନରେ ଉପ ଜିଲ୍ଲା ଶିକ୍ଷା ଅଧିକାରୀ ଅମ୍ରିତା ସାହୁ, ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ବାର୍ଷିକ ପରୀକ୍ଷାରେ ଏ ୱାନ୍ କିପରି ଆସିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଅବଗତ କରାଇଥିଲେ। ତୃତୀୟ ଦିନ ଉଦ୍‌ଯାପନୀ ଉତ୍ସବରେ ଉପ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସଏ, ସାଇନିଂ ଷ୍ଟାର ଅଭିଜ୍ଞତା ଶୀର୍ଷକ ଧିରୋଜ ପଟ୍ଟନାୟକ, ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର ଏବଂ ମୁଖ୍ୟ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସରୋଜ ସାମଲ ଯୋଗ ଦେଇଥିଲେ। ପ୍ରଶିକ୍ଷଣରେ ୬୬ ଜଣ ସାଧାନାକର୍ମୀ, ୧୪୪ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସ୍କୁଲର ଲିଙ୍ଗରାଜ ସାହୁ, ନରସିଂହ ପ୍ରଧାନ, ପ୍ରମୋଦ ପ୍ରଧାନ, ଭବାନୀ ଭୋଇ ସୁଦାମ ପାଣ୍ଡେ, ଅମିତ ସାହୁ, ଲଳିତ ବିଶ୍ୱାଳ, ଛବିଳ ସେଠ୍, ବବିତା ବେହେରା, ନିରୁପମା ସାହୁ, ଦୟାନିଧି ସାହୁ, ଶିବମ ନାୟକ, ମିନା ଦାସ, ମନୋଜ ସାହୁ, ସ୍ୱାଧୀନ ବେହେରା, ସୁଶୀଳା ପରେ, ରବିନାରାୟଣ ମଟାରୀ, ପଦ୍ମ ବିଜୀରା ପ୍ରମୁଖ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଗାଁରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା ସଭା

**ଗାଇସିଲେଟ, ୧୪।୧(ସମିସ):** ଜଙ୍ଗଲ ନିଆଁ ଦ୍ୱାରା ପରିବେଶ, ବନ୍ୟପ୍ରାଣୀ ଓ ମାନବ ଜୀବନ ଉପରେ ପଡୁଥିବା କୁପ୍ରଭାବକୁ ଦୃଷ୍ଟିରେ ରଖି ପଦ୍ମପୁର ବନାଞ୍ଚଳ ଗାଇସିଲେଟ ସେକ୍ସନ କୁଲିଆରୀ ବିଟର କଟାବାହାଲ, ଜୁବାଖୋଲ ଏବଂ କୁଲିଆରୀ ଗାଁରେ ବନରକ୍ଷୀ ଲିଜୀ ମହାପାତ୍ରଙ୍କ ନେତୃତ୍ୱରେ ଏକ ଜଙ୍ଗଲ ନିଆଁ ନିରାକରଣ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସୁଶାନ୍ତ ପଣ୍ଡା ଯୋଗ ଦେଇ



ଜଙ୍ଗଲ ନିଆଁର କାରଣ, ଏହାର କ୍ଷତି ଓ ପ୍ରତିରୋଧ ଉପାୟ ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିବା ବେଳେ ଗ୍ରୀଷ୍ମ ଋତୁରେ ଅବହେଳା ଜନିତ କାର୍ଯ୍ୟ, ଜଳୁଥିବା ବିଡି, ସିଗାରେଟ ଫିଙ୍ଗିବା ଓ ମହୁଲ ଫୁଲ ଗୋଟାଇବା ସମୟରେ ମହୁଲ ଗଛ ତଳେ ଶୁଷ୍କ ପତ୍ରକୁ ନିଆଁ ଲଗାଇବା ଫଳରେ କିପରି ଭୟାବହ ଅଗ୍ନିକାଣ୍ଡ ଘଟୁଛି ସେଥିରେ ବିସ୍ତୃତ ଆଲୋଚନା କରିଥିଲେ। ବନରକ୍ଷୀ ଲିଜୀ ମହାପାତ୍ର ଜଙ୍ଗଲରେ ନିଆଁ ଦେଖିଲେ ତୁରନ୍ତ ବନ ବିଭାଗକୁ ସୂଚନା ଦେବା, ଜଙ୍ଗଲ ସୁରକ୍ଷା ଦଳ ସହ ସହଯୋଗ କରିବା ଓ ନିଆଁ ନିରୋଧ ପାଇଁ ସଚେତନତା ଅଭିଯାନରେ ଭାଗ ନେବାକୁ ଲୋକମାନଙ୍କୁ ଆହ୍ୱାନ ଦେଇଥିଲେ। 'ଜଙ୍ଗଲ ବଞ୍ଚିଲେ ଜୀବନ ବଞ୍ଚିବ' ବାର୍ତ୍ତା ପ୍ରଚାର କରି ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଡିଗ୍ରୀ କଲେଜରେ ଦାସରୀ ଭୀର୍‌ରାଜୁ ସ୍ମାରକୀ ବକ୍ତୃତା ଆୟୋଜିତ

**ବରଗଡ଼, ୧୪।୧(ସମିସ):** ସ୍ଥାନୀୟ ବିକାଶ ହାୟର ଏଜୁକେସ୍ନାଲ ଇଂଷ୍ଟିଚ୍ୟୁସନ୍ସ ଅଧୀନ ବିକାଶ ଡିଗ୍ରୀ କଲେଜରେ ସ୍ୱର୍ଗତ ଦାସରୀ



ବୀରରାଜୁ ସ୍ମାରକୀ ବକ୍ତୃତାମାଳାର ତୃତୀୟ ଅଧ୍ୟାୟ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜାତୀୟ ଯୁବ ଦିବସକୁ ସମର୍ପିତ ହୋଇଥିବା ବେଳେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦଧିବାମନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସରୋଜ ଦାସ ମୁଖ୍ୟ ବକ୍ତାରୂପେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସଭାପତି ଅଧକ୍ଷ ପ୍ର.ସତ୍ୟବ୍ରତ ମିଶ୍ର ନିଜର ବକ୍ତବ୍ୟରେ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଛାତ୍ର କଲ୍ୟାଣ ଡିନ୍ ଆର୍‌ଏସ୍‌ଭି କ୍ରିଷ୍ଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସୁଦାମ ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ଅଧ୍ୟାପକ ସୁରଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ଗଣିତ ବିଭାଗର ଛାତ୍ରୀ ସାତିଶ୍ରୀ ପ୍ରଧାନ ପରିଚାଳନା କରିଥିଲେ। ଆର୍‌ଡିଇଙ୍କ ନିର୍ଦ୍ଦେଶକ୍ରମେ କଲେଜ ପରିସରରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବନ୍ଦେ ମାତରଂ ଗାନ କରାଯାଇଥିଲା।

# ଇଂ.ଶ୍ୟାମ ପ୍ରସାଦ ଦାଶଙ୍କ ମାତୃ ବିୟୋଗ

**ପଦ୍ମପୁର, ୧୪।୧(ସମିସ):** ପଦ୍ମପୁର ଅଧୀନ ବରିଖେଲ ଗାଁର ଇଞ୍ଜିନିୟର ଶ୍ୟାମ ପ୍ରସାଦ ଦାଶଙ୍କ ମାତା ତଥା ସ୍ୱର୍ଗତ ଗୋକୁଳାନନ୍ଦ ଦାଶଙ୍କ ଧର୍ମପତ୍ନୀ



ସୁନାମଣୀ ଦାଶ (୮୯)ଙ୍କ ନିଜସ୍ୱ ବରିଖେଳ ବାସଭବନରେ ରବିବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ ନିର୍ମଳା, ଝିଅ, ଜ୍ୱାଇଁ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ବରିଖେଳରେ ତାଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ଏକମାତ୍ର ପୁତ୍ର ଶ୍ୟାମ ପ୍ରସାଦ ମୁଖାଗ୍ନି ଦେଇଥିଲେ।

# ଡଭାରେ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଝାରବନ୍ଧ, ୧୪।୧(ସମିସ):** ବରଗଡ଼ ଜିଲ୍ଲା ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହିତ ଏକ ମକ୍‌ଡ୍ରିଲ ଝାରବନ୍ଧ ଅଗ୍ନିଶମ କେନ୍ଦ୍ର ତରଫରୁ ଓଆଇସି. କୃଷ୍ଣ ଚନ୍ଦ୍ର ସବରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଗ୍ନି ଦୁର୍ଘଟଣା ପ୍ରତିରୋଧ, ଆପଦ୍‌କାଳୀନ ପରିସ୍ଥିତିରେ ସତର୍କତା ଓ ସୁରକ୍ଷିତ ଉଦ୍ଧାର ପ୍ରକ୍ରିୟା ବିଷୟରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ.ବେଦପ୍ରକାଶ ନେଗୀ, ଡ.ସ୍ୱଦୀପ ମହାପାତ୍ର, ଡ.ଅନିଲ ମେହେର ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

# କୁଣ୍ଡାଖାଇରେ ଭେଟେରାନ କ୍ରିକେଟ ମ୍ୟାଚ୍

**ପଦ୍ମପୁର, ୧୪।୧(ସମିସ):** ପଦ୍ମପୁର ଉପଖଣ୍ଡ କୁଣ୍ଡାଖାଇ ଗାଁରେ 'ଗୋଲ୍ଡେନ ଇରା ଅଫ ଆୱାର ଟାଇମ' ଅନୁଷ୍ଠାନର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ନବୀନ ସାହୁଙ୍କ ଉଦ୍ୟମ କ୍ରମେ ବରଗଡ଼ ଓ ବଲାଙ୍ଗିର ଜିଲ୍ଲାର ଅନେକ ପୂର୍ବତନ ଖେଳାଳି ତଥା ସଦସ୍ୟ ଏଠାରେ ଯୋଗ ଦେଇଥିଲେ। ଏହି ଅବସରରେ ୪୫ ବର୍ଷରୁ ଉର୍ଦ୍ଧ୍ୱର ଖେଳାଳିଙ୍କ ମଧ୍ୟରେ ଡ୍ୟୁଜ ବଲରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବା ସହ ସାମୂହିକ ଭୋଜନର ବ୍ୟବସ୍ଥା କରାଯାଇଥିଲା। ମ୍ୟାଚ୍ ପରେ



ଅକ୍ଷୟ ସାହାଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ପୂର୍ବତନ ଖେଳାଳି ସଚ୍ଚିଦାନନ୍ଦ ବହିଦାର, ଅଶୋକ ଭୋଇ, ପ୍ରତାପ ବହିଦାର, ପ୍ରଦୀପ ଦାଶ, କାହ୍ନୁଚରଣ ମିଶ୍ର, ଚିରଞ୍ଜିବୀ ଭୋଇ, ଉମାକାନ୍ତ ପୁଟେଲ ଓ ଗୋବିନ୍ଦ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଖେଳାଳିଙ୍କ ଠାରୁ ଯୁବ ଖେଳାଳି ଶୃଙ୍ଖଳା ଜ୍ଞାନ ଓ ଖେଳ ଭାବନା ଶିଖିଥିଲେ ବୋଲି ବରିଷ୍ଠ ସଦସ୍ୟ ନରେନ୍ଦ୍ର ପ୍ରଧାନ କହିଥିଲେ। ଶେଷରେ ବିଜ୍ଞ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକୋତ୍ସବ

**ଅତାବିରା, ୧୪।୧(ସମିସ):** ଅତାବିରା ଓ ଭେଡେନ ବ୍ଲକର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସଂଘର ଦ୍ୱିତୀୟ ବାର୍ଷିକ ବନ୍ଧୁମିଳନ ମହୋତ୍ସବ ସ୍ଥାନୀୟ ଗୋଡଭଗାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଭାରତ ସରାପ ସଭାପତିତ୍ୱ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ସୁନୀଲ ମିଶ୍ର ଓ ସମ୍ବଲପୁରର ଧର୍ମଗୁରୁ ସୁକାନ୍ତ ଭୋଇ ଉପସ୍ଥିତ ଥିଲେ। ସଭାରେ ଶିକ୍ଷକ ନିତ୍ୟାନନ୍ଦ ପ୍ରଧାନ, ଭରତ ପ୍ରଧାନ, ଦୋଳମଣୀ ସାହୁ ମଞ୍ଚାସୀନ ଥିଲେ। ନୂତନ ଭାବେ ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସାମିଲ କରିବା ପାଇଁ ମତାମତ ପ୍ରକାଶ ପାଇଥିଲା। ଉତ୍ସବରେ ଶିକ୍ଷକମାନେ ସପରିବାର ଯୋଗ ଦେଇଥିଲେ। ଶିକ୍ଷକ ଅତୁଲ ରଥ ସଭାର ଉଦଘୋଷାକ ଥିଲେ। ଶେଷରେ ଶିକ୍ଷକ ଡୋଲାମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀନେତାଙ୍କ ମଣ୍ଡି ପରିଦର୍ଶନ

**ବରପାଲି, ୧୪।୧(ସମିସ):** ସଂଯୁକ୍ତ କୃଷକ ସଙ୍ଗଠନ କାର୍ଯ୍ୟକର୍ତ୍ତା ବରପାଲି ବ୍ଲକର କଟାପାଲି, ବରପାଲି, ତୁଳଣ୍ଡି ଏବଂ କୁମ୍ଭାରୀ ସହିତ ଅନେକ ମଣ୍ଡି ପରିଦର୍ଶନ କରିଛନ୍ତି। ଯେଉଁ ମଣ୍ଡିମାନଙ୍କରେ ପ୍ରକୃତ ଚାଷୀ ଧାନ ଆଣି ବିକ୍ରି କରିବାର ସପ୍ନ ଦେଖୁଛନ୍ତି ସେହି କ୍ଷେତ୍ରରେ ଅନେକ ଅସୁବିଧା ହଇରାଣ ହେଉଥିବା ଏବଂ ସେହି ସ୍ଥାନ ମାନଙ୍କରେ ଅତି ମନ୍ଥର ଗତିରେ ଧାନ କିଣା ହେଉଥିବାର ଦେଖିଥିଲେ। କୁମ୍ଭାରୀ ମଣ୍ଡିରେ ୪୦ ହଜାର କ୍ୱିଣ୍ଟାଲ ଧାନ ବିକ୍ରିକରିବା ପାଇଁ ୮୩୧ ଜଣ ଚାଷୀ ଜମି ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭୩୦ ଜଣଙ୍କ ଟୋକନ ଆସିଛି। ଅନ୍ୟ ୧୦୦ ଜଣ ଚାଷୀ ମାନଙ୍କ ଆଜିଯାଏଁ ଟୋକନ ମିଳି ପାରିଲା ନାହିଁ। ସେହିପରି ତୁଳଣ୍ଡି ମଣ୍ଡିରୁ ଗତ ବର୍ଷ ୨୫ ହଜାର କ୍ୱିଣ୍ଟାଲ ଧାନ କିଣା ଯାଇଥିଲା। ଚଳିତ ବର୍ଷ ମାତ୍ର ୫୮୩୮ କ୍ୱିଣ୍ଟାଲ ଧାନ କିଣା ଯାଇଅଛି ଏବଂ ୮୬୩୮ ପାକେଟ ଧାନ ମଣ୍ଡିରେ ପଡି ରହିଛି। ଅତଏବ ଚାଷୀଙ୍କ ଟୋକନ ଥାଇ ମଣ୍ଡିରେ ଧାନ ପକାଇଥିଲେ ମଧ୍ୟ ଦିନିକିଆ ନିୟନ୍ତ୍ରିତ କୋଟା କାରଣରୁ ଧାନ କିଣାଯାଇ ପାରୁନାହିଁ। ଅନ୍ୟ ପଟେ ଧାନ ବିକ୍ରି ହେଲେ ଚାଷୀ ତାର ନୂତନ ଚାଷ ହେବ ଏବଂ ଚାଷୀ ବିଭିନ୍ନ ପାରିବାରିକ ଆବଶ୍ୟକତା ମେଣ୍ଟାଇ ପାରିବ ବୋଲି ଆଶା ନେଇ ପଡ଼ିରହିଛି। ଏଣୁ ତୁରନ୍ତ ଟୋକନ ଦେଇ ସମସ୍ତ ଧାନ ଜାନୁଆରୀ ମଧ୍ୟରେ କିଣାଯାଉ ବୋଲି ମଣ୍ଡି ପରିଦର୍ଶନରେ ଯାଇଥିବା ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ତପନ ମିଶ୍ର, ତୁଳଣ୍ଡି ମଣ୍ଡିର ବନବାସ ସାହୁ, ହରଧାର ସାହୁ, ସୁବଳ ଶତପଥୀ, ଶ୍ରୀବତ୍ସ ବେରିଆ, ନିରାକାର ଦୀପ ଜଣାଇଛନ୍ତି।

# ତୁଳଣ୍ଡିରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବରପାଲି, ୧୪।୧(ସମିସ)

ବରପାଲି ବ୍ଲକ ଅଧୀନ ତୁଳଣ୍ଡି ଗାଁର ଶ୍ରୀରାମ ମନ୍ଦିର, ଶ୍ରୀହନୁମାନ ମନ୍ଦିର ଓ ଗାଁ ଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିନରେ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଓ ଶିବ ସହସ୍ରନାମ ପଠନ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଓଗାଁର ମହିଳା ରାମଲୀଳା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ରାବଣ ଦରବାରରେ ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ, ଜିଲ୍ଲା ବନାଧିକାରୀ ସରୋଜ ପଣ୍ଡା, ବାଗବାଡି ସରପଞ୍ଚ ସୁଷମା ଭୋଇ, ମନୋଜ ପଟ୍ଟନାୟକ, ବରପାଲି ଓକିଲ ସଂଘ ସଭାପତି, ରୀନା ଥଇତ ବ୍ଲକ ଚେୟାରମ୍ୟାନ ଓ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ବୃନ୍ଦ ଯାତ୍ରା କମିଟି ଓ ମହାରାଜ ରାବଣଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ରାମାୟଣ ଆଧାରିତ କୌତୁକ ବେଶର ଶିଶୁ କଳାକାର ମାନଙ୍କୁ ରାବଣ ଦରବାରରେ ପୁରସ୍କୃତ କରାଯାଇଥିଲା। ଲେବିଡିର ଚଟନୀ ମାଷ୍ଟର ଗୌର ସାହୁଙ୍କ ଦଳ ନୃତ୍ୟ ଗୀତ ପ୍ରଦର୍ଶନ କରିଥିଲେ।

ମନ୍ଦିର ପ୍ରତିଷ୍ଠା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତ କଳସ ଶୋଭାଯାତ୍ରାରେ ବାହାରି ପରିକ୍ରମା ସହ ପୂଜାମଣ୍ଡ ପରେ ପହଞ୍ଚିଥିଲେ। ପଣ୍ଡିତ ଓ ଆଚାର୍ଯ୍ୟ ମାନଙ୍କ ସହାୟତାରେ କଳସ ସିଦ୍ଧିକାର୍ଯ୍ୟ ସମ୍ପୂର୍ଣ୍ଣ ପରେ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ ପୂଜାକର୍ତ୍ତା ଭାବେ



ସନାତନ ସାହୁ, ଅନୁସୂୟା ସାହୁ, ସରୋଜ ସାହୁ, ତନୟା ସାହୁ, ସୁଦର୍ଶନ ସାହୁ, ଅନିତା ସାହୁ, ନିରଞ୍ଜନ ସାହୁ, ସସ୍ମିତା ସାହୁ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ସେହିପରି ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ରଘୁନାଥ ଷଡ଼ଙ୍ଗୀ, ଗୀତାଞ୍ଜଳି ଷଡ଼ଙ୍ଗୀ ଏବଂ ଗାଁଦେବୀ ମନ୍ଦିର ପୂଜାକର୍ତ୍ତା ରୂପେ ଗଙ୍ଗାଧର ସାହୁ, ନିରାଶ ସାହୁ ନିର୍ବାହ କରୁଛନ୍ତି। ନିକଟ ପଡୋଶୀ ଗାଁ କାଇଁଶିରରୁ ଶତାଧିକ ଭକ୍ତ ମଉଳା ଭାର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କଳସ ଶୋଭାଶାତ୍ରା ପ୍ରତିଷ୍ଠା କମିଟି ସଭାପତି ଲୋକନାଥ ତ୍ରିପାଠି, ସମ୍ପାଦକ କମଲେଶ ଭୋଇ, ରାଘବ ଭୋଇ, ସୁଦାମ ଶତପଥୀ, ଆଲୋକ ଶତପଥୀ, ବନବସ ନାଏକ, ନେପାଳ ଥପା, ରମାକାନ୍ତ ତ୍ରିପାଠି, ପ୍ରଦିପ ଶତପଥୀ, ଗଣେଶ ପଟେଲ, ଗଙ୍ଗାଧର ବାଗ, ଅଲେଖ ଭୋଇ ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଉତ୍ସବର ମୁଖ୍ୟ ପଣ୍ଡିତ ଛନ୍ଦାଚରଣ ରଥଙ୍କ ନେତୃତ୍ୱରେ ପଣ୍ଡିତ ରବି ରଥ, ହୃଷିକେଶ ହୋତା, ନବ ରଥ, ଗୋପାଳ ଶତପଥୀ, ସୁଶାନ୍ତ ଦାଶ, ଡାଳେଶ୍ୱର ରଥ ପ୍ରମୁଖ ପୂଜା କର୍ମ ଦାୟିତ୍ୱ ଭାର ତୁଲାଉଛନ୍ତି।

ଗାଁ ଯାତ୍ରା କମିଟି ସଭାପତି ଲୋକନାଥ ତ୍ରିପାଠୀ, ସଭ୍ୟ ଲକ୍ଷ୍ମୀ ଥପା, ସମ୍ପାଦକ କମଲେଶ ଭୋଇ, ସମିତି ସଭ୍ୟ ଗଙ୍ଗାବାଗ ସରପଞ୍ଚ ମାନସ ବଢ଼େଇ, ଗଣେଶ ପଟେଲ, ବାବୁଲୁ ବେହେରା, ଆନନ୍ଦ, ପ୍ରଦୀପ ଶତପଥୀ, ଅନିଲ ମହାପାତ୍ର, ଅବିନାଶ, ଆଲୋକ, ସୁଦାମ ବନବସ, ପ୍ରବୀଣଙ୍କ ସମେତ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଉତ୍ସବର ତୃତୀୟ ଦିବସରେ ବିଗ୍ରହ ସ୍ଥାପନ ହୋଇଥିଲା। ସ୍ୱପ୍ନାରାଣୀ ଯୋଶୀ ସୁନ୍ଦରକାଣ୍ଡ ପାରାୟଣ କରିଥିଲେ। ଭୁବନେଶ୍ୱରର ଅର୍ପଣ ନାଟ୍ୟ ପରିଷଦ ଦାରୁ ଦିଅଁ ନାଟକ ପ୍ରଦର୍ଶନ କରିଥିଲେ। ତାପରେ ଜିଲ୍ଲା ସଂସ୍କୃତି ବିଭାଗର ସୌଜନ୍ୟରୁ 'ଛୁମକୁ ଛୁମା' ସିଂଘେନ ପାଲିର ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଶିଶୁ ଶିଳ୍ପୀ ଆଶୀୟା ଭୋଇଙ୍କ ନୃତ୍ୟ ପରେ ରାବଣ ଦରବାର ଓ ଶ୍ରୀ ଜଗନ୍ନାଥ ଅପେରା ହୋଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରିତା ସାହୁ, ଟିକାୟତ୍ ମହନ୍ତମ୍, ପୂର୍ବତନ ସାଂସଦ ଡ.ପ୍ରଭାସ ସିଂ, ବୟନିକା ନିର୍ଦ୍ଦେଶକ ସଞ୍ଜୟ ମେହେର, ଆଠମଲ୍ଲିକ କଲେଜର ଅଧକ୍ଷ ତ୍ରିଲୋଚନ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନଙ୍କୁ ଯାତ୍ରା କମିଟିର ସଭ୍ୟମାନେ ସରପଞ୍ଚ ମାନସ ବଢ଼େଇ, ରାଘବ ଭୋଇ, ସମିତି ସଭ୍ୟ ଗଙ୍ଗା ବାଗ ଓ ବନବସ ନାୟକ ସମ୍ବର୍ଦ୍ଧିତ କରିଥିଲେ। ରମାକାନ୍ତ ତ୍ରିପାଠୀ ମଞ୍ଚ ପରିଚାଳନା, ସଂଯୋଜନା କାର୍ଯ୍ୟ ତୁଲାଇ ଧନ୍ୟବାଦ ଦେଇଥିଲେ।

## ରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

**ବରପାଲି, ୧୪।୧(ସମିସ):** ବରପାଲି ବ୍ଲକ ତୁଳଣ୍ଡି ଗାଁରେ ପଞ୍ଚଦିବସୀୟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସେହିପରି ହନୁମାନ ମନ୍ଦିର ଓ ଗାଁଦେବତୀ ମନ୍ଦିରର ମଧ୍ୟ ପ୍ରତିଷ୍ଠା ମହୋତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରାରେ ହଜାର ହଜାର ସଂଖ୍ୟକ ଭକ୍ତ ମାନଙ୍କ ଗହଣରେ ଦେବତା ମାନଙ୍କ ବିଗ୍ରହ ମାନ ମନ୍ଦିର ମଧ୍ୟକୁ ପ୍ରବେଶ କରାଯାଇଥିଲା। ପୂର୍ବତନ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ସନତ୍ ଗଡ଼ତିଆ, ବିଜେଡି ଜିଲ୍ଲା ଯୁବ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ପ୍ରଭାଦିତ୍ୟ ମିଶ୍ର, ରଞ୍ଜନ ଥଇତ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁରଜ୍ ଦେବତାଙ୍କ ପାରାୟଣ ମଞ୍ଚରେ ଗ୍ରାମ୍ୟ ଯାତ୍ରା କମିଟି ତରଫରୁ ସରପଞ୍ଚ ମାନସ ବଢ଼େଇ, ସୁଦାମ ଶତପଥୀ, ସମିତି ସଭ୍ୟ ଗଙ୍ଗାବାଗ, ରମାକାନ୍ତ ତ୍ରିପାଠୀ, ମିଶ୍ରସାହୁ, ଆନନ୍ଦ ସାହୁ ସମ୍ମାନିତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସାଂସ୍କୃତିକ କାର୍ଯକ୍ରମରେ ଶାଶ୍ୱତ ତ୍ରିପାଠୀଙ୍କ ମେଲୋଡି, ନୃତ୍ୟ ଦଳରାବଣ ଦରବାର ଓ ଅପେରା ହୋଇଥିଲା। କମିଟିର ସଭାପତି ଲୋକନାଥ ତ୍ରିପାଠୀ, ସମ୍ପାଦକ କମ ଲେଶ ଭୋଇ, ରାଘବ ଭୋଇ, ଗଣେଶ ପଟେଲ, ଲକ୍ଷ୍ମିଥପାଙ୍କ ତତ୍ତ୍ୱାବଧାନରେ ସରପଞ୍ଚ, ସମିତି ସଭ୍ୟ ଓ ସୁଦାମ, ଅବିନାଶ, ଆଲୋକ, ବନବସ, ସଞ୍ଜିତ୍, ବାବୁଲୁ ବେହେରା, ଅରୁଣ, ଦୀପକ, ବାବୁଲୁ ତ୍ରିପାଠୀ ପ୍ରଭୃତି ଅନେକ ସଦସ୍ୟ, ପ୍ରଶାସନ, ଅଞ୍ଚଳବାସୀ, ଜିଲ୍ଲା ସଂସ୍କୃତି ବିଭାଗ, ରାଜ୍ୟ ସଂସ୍କୃତି ବିଭାଗ, ମିଡିଆର ସହଯୋଗରେ ଉତ୍ସବ ସଫଳ ହୋଇଥିଲା। ସୁରଜ୍ ଦେବତା, ରାବଣ ଭୂମିକାରେ ଥିବା ଗୋଲାପ ଦାଶ, ଅପେରା ମ୍ୟାନେଜରଙ୍କୁ ଓ ଶାଶ୍ୱତ ତ୍ରିପାଠୀ ଦଳର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଞ୍ଚ ଦିନର ଏହି ଉତ୍ସବରେ ମଞ୍ଚ ପରିଚାଳନା, ସଂଯୋଜନା କରି ରମାକାନ୍ତ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### ଫକୀରମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ

# ବ୍ୟାସକବି ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନର ବିନ୍ଧାଣୀ

ବାଲେଶ୍ୱର,୧୪।୧(ସମିସ)






ଓଡ଼ିଆ ଭାଷା, ସାହିତ୍ୟ ଓ ସାମାଜିକ ଚେତନାର ଯୁଗପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ ଅବସରରେ ବ୍ୟାସବିହାର ପରିସରରେ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖ ଏବଂ ସ୍ନାତକୋତ୍ତର ପରିଷଦ ଭବନ ସମ୍ମୁଖରେ ସ୍ଥାପିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ମୂର୍ତ୍ତିଗୁଡ଼ିକରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁଷ୍ପ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଆୟୋଜିତ ଏକ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଭିଭାଷଣ ଦେଇ କହିଥିଲେ ଯେ ଫକୀରମୋହନ ସେନାପତି ସାହିତ୍ୟ ପାଇଁ ସମଗ୍ର ଜୀବନ ନିଷ୍ଠାପୂର୍ଣ୍ଣ ସାଧନା କରିଥିଲେ। ତାଙ୍କ ରଚନାରେ ନାରୀ ସ୍ୱାଭିମାନ ଓ ଯୁବସମାଜ ପାଇଁ ପ୍ରେରଣାଦାୟକ ବାର୍ତ୍ତା ରହିଛି। ମୁଖ୍ୟବକ୍ତା ପ୍ରଫେସର ଅଭିରାମ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ ଫକୀରମୋହନ ସେନାପତିଙ୍କ ଜୀବନ ଓ ସୃଜନାତ୍ମକ ଚେତନାରୁ ଆମେ ନେଇପାରୁଥିବା ବିଶେଷ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଡ. ଅରବିନ୍ଦ ଗିରି ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ଇତିହାସ ସହିତ ଫକୀରମୋହନ ସେନାପତିଙ୍କ ଦାୟିତ୍ୱ ଓ ଅବଦାନ ଉପରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ଉଦବୋଧନରେ ବ୍ୟାସକବିଙ୍କ ସାହିତ୍ୟିକ ଦୃଷ୍ଟିକୋଣ ଓ ଶିକ୍ଷାଟକ ମୂଲ୍ୟବୋଧକୁ ଆଧୁନିକ ଶିକ୍ଷା ପ୍ରଣାଳୀ ସହ ଯୋଡ଼ିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସଭାର ଉଦ୍ଦେଶ୍ୟ କଥନ ଓ ଅତିଥି ପରିଚୟ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ପ୍ରଦାନ କରିଥିଲେ। ଏହି ଅବସରରେ "ବ୍ୟାସସମ୍ଭାର' ପୁସ୍ତକ ଉନ୍ମୋଚନ କରାଯାଇ ବ୍ୟାସକବିଙ୍କ ସାହିତ୍ୟିକ ଐତିହ୍ୟକୁ ସ୍ମରଣ କରାଯାଇଥିଲା। ଶେଷରେ ବିଶ୍ୱବିଦ୍ୟାଳୟର ଉନ୍ନୟନ ଅଧିକାରୀ ପ୍ରଫେସର ପବିତ୍ରମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା।

**ଓୟୁଜେ:** ଓଡ଼ିଆ ଭାଷା ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନରୁ ପ୍ରଥମେ ସମସ୍ତ ସରକାରୀ, ବେସରକାରୀ ଅଫିସ ଓ କାର୍ଯ୍ୟାଳୟ, ଦୋକାନ ବଜାରର ନାମ ଫଳକ ଲେଖା ଗଲେ ତାହାହିଁ ହେବ ଆମ ଓଡ଼ିଆ ଭାଷା ସୁରକ୍ଷା ପାଇଁ ଏକ ଛୋଟ ପ୍ରୟାସ ବୋଲି ଓୟୁଜେ ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ମତ ପ୍ରକାଶ କରିଛନ୍ତି। ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ଆଜି ସକାଳେ ଫକୀର ମୋହନ ଗୋଲେଇ ଛକ ଠାରେ ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଫକୀର ମୋହନ ସେନାପତିଙ୍କ କାଳଜୟୀ ଲେଖା ଓ ଜୀବନୀ ଉପରେ ଆଲୋଚନା କରିଥଲେ। ଏହି କାର୍ଯ୍ୟକ୍ରମରେ ୟୁନିଅନର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ସଦସ୍ୟ ଅଜିତ କୁମାର ମହାନ୍ତି, ପ୍ରସନ୍ନଜିତ୍ ଆଶ, ହାଇଦର ଖାନ, ସମରେଶ ମଣ୍ଡଳ, ସୋମନାଥ ସାହୁ, ସଞ୍ଜୟ ମଲ୍ଲିକ, ଜ୍ଞାନରଞ୍ଜନ ଦାସ, ତପନ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ଅରୂପ ନାରାୟଣ ମହାନ୍ତି, ରମଣୀ ରଂଜନ ଦାସ, ମହେଶ୍ୱର ପ୍ରଧାନ, ଚନ୍ଦ୍ରାଂଶୁ ବାନାର୍ଜୀ ପ୍ରମୁଖ ଯୋଗଦେଇ ଫକୀର ମୋହନ ସେନାପତିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଟାଉନ ସଂଯୋଜକ ହାଇଦର ଖାନ ଧନ୍ୟବାଦ ଦେଇଥିଲେ।

**ବ୍ୟାସକବି ନଗର ବିକାଶ ପରିଷଦ :** କଥା ସମ୍ରାଟ ଫକୀରମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ ଓ ବ୍ୟାସକବି ନଗର ବିକାଶ ପରିଷଦର ୩୪ତମ ବାର୍ଷିକ ଉତ୍ସବ ପବିତ୍ର ମକର ସଂକ୍ରାନ୍ତି ଦିନ ଅନୁଷ୍ଠିତ ହୋଇଯାଇଛି। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡ. କୁଞ୍ଜ ବିହାରୀ ଧଳ ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କୁ ଜଣେ ସମାଜ ସଂସ୍କାରକ ଓ ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ଗଠନର ବିନ୍ଧାଣୀ ବୋଲି କହିଥିଲେ। ପୌରାଧକ୍ଷା ସବିତା ସାହୁ ସମ୍ମାନିତ ଅତିଥି ଭାବେ ଯେଗାଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ପରିଷଦର ବରିଷ୍ଠ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବା ପାଇଁ ଉପେନ୍ଦ୍ରନାଥ ଝୁଟିଆ ଓ ଆଇନଜୀବୀ ଜ୍ୟୋସ୍ନା ମହାନ୍ତି,ସ୍ଥାନୀୟ ଅଂଚଳରେ ସଫେଇ କାର୍ଯ୍ୟରେ ନିଯୁକ୍ତ ଦୁଇଜଣ ସଫେଇ ଶ୍ରମିକ ଭଗବତୀ କାହାଳିଆ ଓ ବାପି ନାୟକଙ୍କୁ ପରିଷଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରଭାତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଜିତେନ୍ଦ୍ର କୁମାର ଉପାଧ୍ୟାୟ ଅତିଥିଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଅଖିଳ କୁମାର ଦାସ ପରିଚୟ ପ୍ରଦାନ ସହ ମନୋଜ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ବିନୋଦ ବିହାରୀ ପଣ୍ଡା ବାର୍ଷିକ ବିବରଣୀ ଓ କୋଷାଧ୍ୟକ୍ଷ ଅଶୋକ ଦାଶ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ଶେଷରେ ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ସ୍ଥାନୀୟ କଳାକାରମାନେ ନୃତ୍ୟ ଓ ସଙ୍ଗୀତରେ ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ପରିଷଦର ସଭାପତି ସଞ୍ଜୟ କୁମାର ଚୌଧୁରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ



ବାଲେଶ୍ୱର,୧୪।୧(ସମିସ): ହଳଦୀପଦାସ୍ଥିତ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ୩ଦିନ ଧରି ଅନୁଷ୍ଠିତ ହେଉଥିବା ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ସ୍ଥାନୀୟ କଣ୍ଟେଶ୍ୱର ମନ୍ଦିର ପ୍ରାଙ୍ଗଣ ପରିସରରେ ବ୍ୟାସକବି ଅନୁଷ୍ଠାନର ସଭାପତି ମହେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ କବି ସର୍ବେଶ୍ୱର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଦର ବିଡ଼ିଓ ଉତମ କୁମାର ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସମାଜସେବୀ ଦିଲ୍ଲୀପ କୁମାରୀ ସାହୁ, ସ୍ଥାନୀୟ ସରପଞ୍ଚ ବରେନ୍ଦ୍ର ସେଠୀ, ରାଇସୁଆଁ ସରପଞ୍ଚ ଅଜିତ କୁମାର ମହାପାତ୍ର,ଡ ଶିତିକଣ୍ଠ ସାହୁ ପ୍ରମୁଖ ଯୋଗଦେଇ ବାଲେଶ୍ୱର ମାଟିରେ ଜନ୍ମଗ୍ରହଣ କରି ଓଡ଼ିଆ ଭାଷା ପ୍ରତି ଫକୀରମୋହନ ସେନାପତିଙ୍କ ଅବଦାନ ପ୍ରତି ଓଡିଆମାନଙ୍କ ପାଇଁ ଅବର୍ଣ୍ଣନୀୟ ବୋଲି କହିଥିଲେ। ପ୍ରାରମ୍ଭରେ ଏହି ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଡ. ବ୍ରଜଗୋପାଳ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସମାଜସେବୀ ଭାସ୍କରଚନ୍ଦ୍ର ଜେନାଙ୍କୁ ବ୍ୟାସକବି ଅନୁଷ୍ଠାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଆଦିତ୍ୟ ସାହୁ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ କିମିଟିର ପ୍ରତିଷ୍ଠାତା ସଦସ୍ୟ ମନୋଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅନୀଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ପୁସ୍ତକ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

## ରାସ୍ତାରେ ଓଲଟିଲା ଗୋରୁ ଗାଡ଼ି, ହେଲପର ମୃତ

**ହେଲପରଙ୍କୁ ମାଡ଼ମାରି ହତ୍ୟା ଅଭିଯୋଗ**

ବାଲେଶ୍ୱର,୧୪।୧(ସମିସ): ବାଲେଶ୍ୱର ସଦର ଥାନା ଅର୍ନ୍ତଗତ ସାରଗାଁ ଠାରେ ଆଜି ସକାଳ ୫ଟାରେ ଏକ ଗୋରୁ ବୋଝେଇ ଗାଡି ଓଲଟି ପଡିବା ଫଳରେ ଗାଡିର ହେଲପର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସକାଳ ୫ଟାରେ ଏକ ଗୋରୁ ବୋଝେଇ ଚାରିଚକିଆ ଗାଡି ସଲଟ ରୋଡରେ ଗୋପାଳପୁର ଆଡୁ ବାଲେଶ୍ୱର ଅଭିମୁଖେ ଆସୁଥିଲା। ଗାଡିଟି ସଦର ଥାନା ଅଧିନ ସାରଗାଁ ଓ ଇଶାଣୀ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ସେଥିରେ ଥିବା ଡ୍ରାଇଭର ରକ୍ଷା ପାଇଯାଇଥିଲା ବେଳେ ଗାଡିର ହେଲପର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ହେଲପରକୁ ମେଡିକାଲକୁ ପଠାଇବା ସହ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋରୁ ଗାଡିକୁ ଜବତ କରିବା ସହ ଗାଡିରୁ ଉଦ୍ଧାର କରାଯାଇଥିବା ଗୋଟିଏ ଗାଇକୁ ଉଦ୍ଧାର କରି ସେକପାଟଣାସ୍ଥିତ ଗୋଶାଳାରେ ଛାଡିଛି। ଅନ୍ୟପଟେ ସଦର ଥାନା ଅଧିକାରୀ ବିଜୟ କୁମାର ମୁର୍ମୁ କହିଛନ୍ତି, ଅନ୍ୟ ଏକ ଗୋଷ୍ଠୀ ଉକ୍ତ ଗାଡ଼ି ହେଲ୍ପରଙ୍କୁ ମାଡ଼ ମାରୀ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।

## ମା' ଶବ୍ଦ ସଂଘର ସାଧାରଣ ସଭା

ବାଲେଶ୍ୱର,୧୪।୧(ସମିସ): ବାଲେଶ୍ୱରର ବସ୍ତା ସ୍ଥିତ କୁଡ଼ିଆ ଗ୍ରାମରେ ମା' ଶବ୍ଦ ସଂଘର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଉପଦେଷ୍ଟା ମହମ୍ମଦ ଇସଲାମ ସଭାପତିତ୍ୱ କରିଥିଲେ। ସଂଘର ସଭାପତି କିରଣ ବେହେରା ଓ ସଂପାଦକ ଝଂଟୁଚରଣ ବେଜ ଓ ଅନ୍ୟତମ ଉପଦେଷ୍ଟା ଶ୍ରୀନିବାସ ଜେନା ପ୍ରମୁଖ ଉପସ୍ଥିତ ରହି ସଂଘର ଉନ୍ନତିକରଣ ଓ ସ୍ଥାୟୀ କାର୍ଯ୍ୟାଳୟ ଏବଂ ମା' ଶବ୍ଦ ସଂଘର ସମସ୍ତ ସଭ୍ୟମାନଙ୍କର ବୀମାକରଣ ସହିତ ପଞ୍ଜୀକରଣ ପାଇଁ ମଧ ଆଲୋଚନା ହୋଇଥିଲା। ସଭାରେ ହେମନ୍ତ ଜନୋ, କିରଣ ବେହେରା,ସକିଲା ବାନୋ, ଫକୀରମୋହନ ଚନ୍ଦ, ସଦନାକର ଗିରି, ଅଜୟ ସାହୁ, ସୁକାନ୍ତ ବେହେରା, ପ୍ରଭାକର ମହାନ୍ତି, ରାମଚନ୍ଦ୍ର ମୁଲା, ଅଜୟ ପାତ୍ର, ପ୍ରଦୀପ ଗିରି, ଅରବିନ୍ଦ ରାଉତ, ରଂଜନ ବାରିକ, ଦୀପକ ରାମ ଓ ଦିଲ୍ଲୀପ ରାମ ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରୀରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର,୧୪।୧(ସମିସ): ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଧୁସ୍ମିତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ବସନ୍ତ କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ପୌରପାଳିକା ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭେନ୍ଦୁ କୁମାର ତ୍ରିପାଠୀ, କ୍ଲଷ୍ଟର ସାଧନ କେନ୍ଦ୍ର ସଂଯୋଜକ ସରିତା ଦ୍ୱିବେଦୀ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମନ୍ମଥ ଦାଶ, ପୁରାତନ ବିଦ୍ୟାର୍ଥୀ ପରିଷଦ ସଭାପତି ଓମ୍ ପ୍ରକାଶ ଅଗ୍ରୱାଲ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ମୋନାଲିସା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିଚ୍ ଭଲିବଲ; ଜିଲ୍ଲା ଖେଳାଳିଙ୍କ ସଫଳତା



ବାଲେଶ୍ୱର,୧୪।୧(ସମିସ): ଖେଲୋ ଇଣ୍ଡିଆ ପକ୍ଷରୁ ଦାମନ ଡିଉଠାରେ ଗତ ୮ ତାରିଖରୁ ୧୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଜାତୀୟ ବିଚ ଭଲିବଲ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲାର ଖେଳାଳି ବବି ସିଂ (ବାଳିକା) ଓଡ଼ିଶା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ରାଜ୍ୟ ତଥା ଜିଲ୍ଲାର ଗୌରବ ହାସଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି ବୋଲି ଜିଲ୍ଲା କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ସମ୍ବର୍ଦ୍ଧନା ସଭାରେ କ୍ରୀଡା ସଂଘର ଉପସଭାପତି ଜଗଦିଶ ବେହେରା, ଅମର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଜନ୍ମଜୟ ଦେ, ବିରେନ୍ଦ୍ର କୁମାର ସ୍ୱାଇଁ, ଅକ୍ଷୟ ଆସ, ରବିନ ମିତ୍ର ଆଦି ସଭ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

## ଆଞ୍ଚଳିକ ସାଧନ କେନ୍ଦ୍ରର ଶିକ୍ଷଣ ସାମଗ୍ରୀ କର୍ମଶାଳା

ଭୋଗରାଇ, ୧୪।୧ (ସମିସ): ଭୋଗରାଇ ବ୍ଲକ ମଦାରସାହି ପଞ୍ଚାୟତରରେ କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରର କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳାହି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗୌତମ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫୁଲ୍ଲ ପଙ୍କଜୋନୀ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଗୌରହରି ଦାସ, ମୁଖ୍ୟବକ୍ତା ଭାବେ ଅନଳିଆ ସାଧାନକେନ୍ଦ୍ରର ସଂଯୋଜକ ଦିଲ୍ଲୀପ କୁମାର ଦତ୍ତ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜୟରାମପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଉତ୍ତମ ସାମଲ ଯୋଗଦେଇ ଶିକ୍ଷଣ ସାମଗ୍ରୀ ପାଠ ଦାନ ପ୍ରକ୍ରିୟାକୁ କିପରି ସହଜ ରୁଚିକର, ଆନନ୍ଦ ମୟ ଏବଂ ପ୍ରଭାବ ଶାଳିକରେ ସେ ବାବଦରେ ମତବ୍ୟକ୍ତ କରିଥିଲେ। ସାଧାନାକେନ୍ଦ୍ର ଅନ୍ତର୍ଗତ ୧୬ ଜଣ ଶିକ୍ଷକ ଶିକ୍ଷୟତ୍ରୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଏବଂ ପ୍ରଦର୍ଶନ କରିଥିଲେ। ଏଥିରେ ୪ ଜଣ ସମ୍ବଳ ଶିକ୍ଷକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ନିମିତ୍ତ ସମସ୍ତ ଶିକ୍ଷକ ମାନଙ୍କୁ ଦିଗଦର୍ଶନ ଦେଖିଥିଲେ। କାଳାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ମକର ସଂକ୍ରାନ୍ତିରେ ପିଲାଙ୍କ ସହ ଖୁସି ବାଣ୍ଟିଲେ



ଜଳେଶ୍ୱର ବ୍ଲକ, ୧୪।୧ (ସମିସ): ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ସରସୀଦା ଗ୍ରାମରେ ଗଢ଼ି ଉଠିଥିବା ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ ବଡ଼ସାହି ବାଲିଆପାଳ ଗ୍ରାମ ପଞ୍ଚାୟତର ହାସିନପୁର ସାହିରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ମକର ସଂକ୍ରାନ୍ତି ପାଳିଛନ୍ତି। ଏଏସ୍‌ପି ମାନସ ଦେଓ ମଧ ଉପସ୍ଥିତ ରହି ଖୁସି ବାଣ୍ଟି ଥିଲେ। ଗ୍ରାମରେ ଛୋଟ ପିଲାଙ୍କୁ ପାଠ୍ୟପୁସ୍ତକ ସହ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ହେଲ୍‌ଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ପକ୍ଷରୁ ମକର ଉତ୍ସବ



ବାଲେଶ୍ୱର,୧୪।୧(ସମିସ): ବାଲେଶ୍ୱରର ହେଲଦି ରାଇଫ ଯୋଗ ମହାବିଦ୍ୟାଳୟ ପକ୍ଷରୁ ମକର ଉତ୍ସବରେ ଜାତୀୟ ସେବା ସଂସ୍ଥା (ଏନଏସଏସ) ସ୍ୱେଚ୍ଛାସେବୀଙ୍କ ପାଇଁ ଅଭିମୁଖିକରଣ କାର୍ଯ୍ୟକ୍ରମ ଓ ସମାଜସେବୀ ଶାନ୍ତି ଦାସଙ୍କ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। "ଧ୍ୱନି ପ୍ରତିଧ୍ୱନି' ଖବର କାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଯୁବ ଉଦ୍ୟୋଗୀ କ୍ରିଷ୍ଣା ଦାସ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହେଲଥ ସୁପରଭାଇଜର ରମାକାନ୍ତ କର, ଅବସରପ୍ରାପ୍ତ ଚିକିତ୍ସକ ଡାକ୍ତର ଭଗବାନ ଭୂୟାଁ ପ୍ରମୁଖ ଏଥିରେ ଅତିଥି-ବକ୍ତା ଭାବେ ଯୋଗଦେଇ ମାନବ ଜୀବନରେ ସେବାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ସ୍ୱର୍ଗତ ଶାନ୍ତି ଦାସଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ଡାକ୍ତର ଚିତ୍ତରଂଜନ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ କଲେଜରେ ଯୋଗ ଶିକ୍ଷା ଓ ଏନଏସଏସ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶାନ୍ତି ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଯୋଗ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଧ୍ୟାପିକା ଅନିତା ମିଶ୍ର, ଡା. ସୁଶାନ୍ତ କୁମାର ସାହୁ, ପାର୍ଥପ୍ରୀତମ କର, ଦମୟନ୍ତୀ ମହାପାତ୍ର ଓ ଅନ୍ୟମାନଙ୍କୁ ଏଥିରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନିତା ମିଶ୍ର, କାନ୍ତିକ୍ରିଷ୍ଣା ଦାସ, ଅଭିଷେକ ଦାସ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ୧୬ରୁ ଇଣ୍ଟିଗ୍ରେସନ ସିଜନ-୧୨




ବାଲେଶ୍ୱର,୧୪।୧(ସମିସ): ଯୁବ ସାଂସ୍କୃତିକ ସଙ୍ଗଠନ ଦି ଇଂଟିଗ୍ରେସନର ୧୨ତମ ସଂସ୍କରଣ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପୁରୁଣା ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ସାଂସ୍କୃତିକ ସଙ୍ଗଠନ ଦୀର୍ଘ ଧରି ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା, ରନିଂ ରେସ, ଚିତ୍ରାଙ୍କନ, ଜୁନିଅର ମିଷ୍ଟର, ସିନିୟର ମିଷ୍ଟର, ଇଂରାଜୀ ପ୍ରତିଯୋଗିତା, ରଙ୍ଗୋଲୀ ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ। ଏହାଛଡା ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ଏହି ଅବସରରେ ଉଦଘାଟନ ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମଧ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସଙ୍ଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏଥିରେ ସାଧାରଣ ସମ୍ପାଦକ ଗୌତମ ସାହୁ, ଉପସଭାପତି କୁମାର ଦେବାଶିଷ ପ୍ରଧାନ, ଚିତ୍ତରଞ୍ଜନ ପଣ୍ଡା, ପୃଷ୍ଠପୋଷକ ସତ୍ୟଶିବ ସୁନ୍ଦର ଦାସ, ସମ୍ପାଦକ ଉମେଶ ବେହେରା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୋକ ମାଝୀ, ନିମାଇଁ ନନ୍ଦୀଳ, ଲୋକେଶ ଦାସ, ନବ ପ୍ରଧାନ ଭୂୟାଁ, ଚନ୍ଦନ ମହାଳିକ, ସତ୍ୟଜିତ ସାହୁ, ପ୍ରହ୍ଲାଦ ଶୁକ୍ଳା, ସୁସ୍ମିତା ଶୁକ୍ଳା, ଜୀବନ ମହାପାତ୍ର, ରୁଦ୍ର ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ନୂଆଦିଲ୍ଲୀରେ ଚିତ୍ରାଙ୍କନ ପ୍ରତିଯୋଗିତା

## ପୁରସ୍କାର ଜିଣିଥିବା ବାଦଲ ନାୟକଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା



ବାଲେଶ୍ୱର,୧୪।୧(ସମିସ): ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ଯୁବ ଉତ୍ସବରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ପୁରସ୍କାର ଜିତି ବାଲେଶ୍ୱର ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ବାଦଲ ନାୟକଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ରେଳ ଷ୍ଟେସନ ଠାରେ ସ୍ୱାଗତ କରାଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ବାଲେଶ୍ୱର ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବାଦଲଙ୍କୁ ସମ୍ମାନିତ କରି ତାଙ୍କର ଏହି ଜାତୀୟ ସ୍ତରର ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ପୂର୍ବରୁ ରେଳୱେ ଷ୍ଟେସନ୍ ଠାରେ ଜିଲ୍ଲା କ୍ରୀଡା ଅଧିକାରି ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସହ ବାଲେଶ୍ୱର କଲେଜ୍ ଅଫ୍ ଆର୍ଟସ୍ ଏଣ୍ଡ କ୍ରାଫ୍ଟସ୍‌ର ଅଧ୍ୟାପକ ଓ କର୍ତ୍ତୃପକ୍ଷମାନେ ସ୍ନେହପୂର୍ଣ୍ଣ ଭାବେ ସ୍ୱାଗତ କରିଥିଲେ। ଜିଲ୍ଲା ପ୍ରଶାସନ ତାଙ୍କର ପ୍ରତିଭା, ସୃଜନଶୀଳତା ଓ ନିଷ୍ଠାକୁ ପ୍ରଶଂସା କରିବା ସହ ଏହି ସଫଳତା ଜିଲ୍ଲାର ଯୁବ କଳାକାରମାନଙ୍କ ପାଇଁ ପ୍ରେରଣା ସ୍ୱରୂପ ହେବ ବୋଲି ଆଶା ପ୍ରକାଶ କରିଛି।

## ଖଇରା ଆଦର୍ଶ ଶିକ୍ଷାମନ୍ଦିରରେ ବିଜ୍ଞାନ ମେଳା

ଖଇରା,୧୪।୧ (ସମିସ): ବାଲେଶ୍ୱର ଜିଲା ଖଇରାସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିର ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି। ବାରିପଦା ଏମପିସି ମହାବିଦ୍ୟାଳୟ ଅଧ୍ୟାପକ ତାପନ କୁମାର ପଣ୍ଡା ଏହି ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଷ୍ଠାତା ପ୍ରଭାତ କୁମାର ଜେନା ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ୭୩ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ପଳାସପୁର ହାଇସ୍କୁଲର ପୂର୍ବତନ ବିଜ୍ଞାନ ଶିକ୍ଷକ ପିତାମ୍ବର ପତି ବିଚାରକ ଭାବେ ଯୋଗ ଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ପ୍ରଧାନଶିକ୍ଷକ ମଣିକିଙ୍କର ଜେନା ଏହାକୁ ପରିଚାଳନା କରିଥିଲେ।

### ଦେଶୀ ମଦଭାଟି ଉପରେ ଚଢ଼ଉ

# ୧.୫ଲକ୍ଷ ଲିଟର ପୋଚ ନଷ୍ଟ,୧୫ ଅଟକ

ବାଲେଶ୍ୱର,୧୪।୧(ସମିସ)



ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ସହରରେ ଦେଶୀ ମଦଭାଟି ଭାବେ ପରିଚିତ ଥିବା ପୁରୁଣା ବାଲେଶ୍ୱରରେ ମିଳିତ ଭାବେ ଚଢ଼ଉ କରାଯାଇଥିଲା। ଚଢ଼ାଉ ବେଳେ ପୁଲିସ ଓ ଅବକାରୀ ବିଭାଗ ଲକ୍ଷାଧିକ ଲିଟର ପୋଚ ସାଙ୍ଗକୁ ଦେଶୀମଦ ନଷ୍ଟ କରିଥିବା ବେଳେ ପାଖାପାଖି ୧୫ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଥିବା ଜଣାଯାଇଛି। ସୂଚନା ଅନୁସାରେ,ପୁରୁଣାବାଲେଶ୍ୱର ଅଂଚଳ କେବଳ ଦେଶୀମଦ ପ୍ରସ୍ତୁତ ପାଇଁ ଜଣାଶୁଣା। ସେଠାରେ ବିଭିନ୍ନ ସମୟରେ ଅବକାରୀ ଓ ପୁଲିସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଥିଲେ ସୁଦ୍ଧା ମଦ ତିଆରି ଚାଲୁଛି। ଏଣୁ ମକର ଅବସରରେ ଗତକାଲି ବିଳମ୍ବିତ ରାତିରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ସେଠାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ୧.୫ଲକ୍ଷ ଲିଟର ପୋଚ ନଷ୍ଟ କରିଥିବା ବେଳେ ତିନି ହଜାର ଲିଟର ଦେଶୀମଦକୁ ମଧ ନଷ୍ଟ କରିଛି। ତେବେ ପୁଲିସ ଓ ଅବକାରୀ ବିଭାଗ ସେଠାରେ ପହଁଚିବା ସମୟରେ ଚୁଲିରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଥିଲା। ପାଖାପାଖି ୪ରୁ ଅଧିକ ଘଂଟା ଧରି ସେଠାରେ ଚଢ଼ଉ କରାଯାଇଥିଲା। ପୁଲିସ ଦେଶୀମଦ ରନ୍ଧା ହେବା ପାଇଁ ଥିବା ସାମଗ୍ରୀ ଗୁଡିକୁ ଜବତ କରିଥିବା ବେଳେ ପାଖାପାଖି ୧୫ରୁ ଅଧିକ ଲୋକଙ୍କୁ ମଧ ଅଟକ ରଖିଛି। ନଷ୍ଟ ହୋଇଥିବା ପୋଚ ଏବଂ ଦେଶୀମଦର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ଜଣାଯାଇଛି। ଏସପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ଆଇପିଏସ ପ୍ରବେଶନର ମନିସା ସଗୁନ, ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ବିଭିନ୍ନ ଥାନାର ୫ଜଣ ଥାନା ଅଧିକାରୀ,ମୋବାଇଲ ଅବକାରୀ ବିଭାଗ ଅଧିକାରୀ ହରିହର ସିଂ, ସବଇନସପେକ୍ଟର ଭବେଶ ଦାସଙ୍କ ସମେତ ୫ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା।

# ଗିରି ମାର୍କେଟରୁ ୬ ବର୍ଷୀୟ ଶିଶୁକନ୍ୟା ଉଦ୍ଧାର

ବ୍ରହ୍ମପୁର,୧୪।୧(ସମିସ): ଗିରି ମାର୍କେଟ ଛକରୁ ଜଣେ ୬ବର୍ଷୀୟ ଶିଶୁକନ୍ୟା ଉଦ୍ଧାର ହୋଇଛି । ଏହି ଶିଶୁଟି ଓଡିଆ ଓ ହିନ୍ଦୀ କହି ପାରୁଛି । ହେଲେ ନିଜ ବାପା-ମାଆ କିମ୍ବା ଠିକଣା ବିଷୟରେ କହି ପାରୁନି । ଶିଶୁଟିକୁ ଆଜି ଗିରି ମାର୍କେଟ ଅଞ୍ଚଳରେ ଏକୁଟିଆ ବୁଲୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ । ଲୋକମାନେ ସେଠାରେ ଉପସ୍ଥିତ ପୁଲିସ କର୍ମଚାରୀଙ୍କୁ ଏ ବିଷୟରେ ଜଣାଇବା ପରେ ଟାଉନ ଥାନା ପୁଲିସ ପହଞ୍ଚି ଶିଶୁଟିକୁ ଉଦ୍ଧାର କରି ଥାନାକୁ ନେଇଥିଲେ । ଶିଶୁଟି ବର୍ତ୍ତମାନ ଥାନାରେ ସୁରକ୍ଷିତ ଭାବେ ରହିଛି ବୋଲି ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ଶିଶୁଟିରୁ ପରିବାର ବିଷୟରେ ଜାଣିବାକୁ ପୁଲିସ ଉଦ୍ୟମ ଜାରି ରଖିଛି । ଏହି ଶିଶୁଟିର ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଇ ପରିଚୟ ଜାଣିବାକୁ ସହଯୋଗରେ ହାତ ବଢାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

# କୋଦଳା ଏନ୍ଏସିରେ ଟେଣ୍ଡର ଅନିୟମିତତା ଅଭିଯୋଗ

ବ୍ରହ୍ମପୁର,୧୪।୧(ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଶାଖା ପକ୍ଷରୁ କୋଦାଳ ଏନ୍ଏସିରେ ବିଭିନ୍ନ ଟେଣ୍ଡରରେ ଅନିୟମିତତା ହୋଇଥିବା ଅଭିଯୋଗ କରାଯାଇଛି । କାର୍ଯ୍ୟାଳୟର ବିଭିନ୍ନ କର୍ମଚାରୀମାନେ ଶାସକ ଦଳ ସହ ସାମିଲ ରହି ବିଭିନ୍ନ ସମୟରେ ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ରହୁଥିବା ଅଭିଯୋଗ ହୋଇଛି ।

ଏନେଇ ଅଭିଯୋଗ କରାଯାଉଥିଲେ ହେଁ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଫରୱାର୍ଡ ବ୍ଲକର ଜିଲ୍ଲା କୋଷାଧ୍ୟକ୍ଷ ସତ୍ପେଶ୍ୱର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି । ସୁଚିନ୍ତିତ ଭାବେ କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଟେଣ୍ଡର ପ୍ରଦାନ କରାଯାଉଥିବା ବେଳେ ଅନେକ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଟେଣ୍ଡର ସମ୍ପର୍କିତ ବିଭିନ୍ନ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ଦାବି କଲେ ତାହା ଉଦ୍ଦେଶ୍ୟ ମୂଳକ ଭାବେ ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଟେଣ୍ଡର ପ୍ରକ୍ରିୟାରେ କିଛି ଅନିୟମିତତା ରହିଥିବା ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଆଶଙ୍କା କରାଯାଇ ଏହାର ତଦନ୍ତ ଦାବି କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଫରୱାର୍ଡ ବ୍ଲକର ରାଜ୍ୟ ନେତା ସମରଜିତ୍ ମହାନ୍ତି ଓ ଜିଲ୍ଲା କମିଟି ସଦସ୍ୟ ଅଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱଚ୍ଛ ସର୍ବେକ୍ଷଣରେ କି ବିଇଏମ୍ସିର ପ୍ରସ୍ତୁତି ଧିମା

# ସ୍ଥିତି ସୁଧାରିବ ନା ସୁଯୋଗ ହାତଛଡ଼ା କରିବ ?

ବ୍ରହ୍ମପୁର,୧୪।୧(ସମିସ)

■ ରାଜ୍ୟରେ କ୍ରମାଗତ ୩ ଥର ଶୀର୍ଷରେ ରହିବା ପରେ ତଳମୁହାଁ ହେବାରେ ଲାଗିଛି ଗ୍ରାଫ୍
■ ହାତରେ କମ୍ ଦିନ ଥିବା ସତ୍ତ୍ୱେ ନିଗମ ପକ୍ଷରୁ ନିଆଯାଇନି ଆଖିଦୃଶିଆ ପଦକ୍ଷେପ
■ ଅର୍ଥ ଓ କର୍ମଚାରୀ ଅଭାବ ବେଳେ ଲୋକଙ୍କ ଆସ୍ଥା ଜିତିବା କର୍ତ୍ତୃପକ୍ଷଙ୍କ ପାଇଁ ଚାଲେଞ୍ଜ

'ସ୍ୱଚ୍ଛ ସର୍ବେକ୍ଷଣ' ରାଜ୍ୟର କଟକ ଓ ଭୁବନେଶ୍ୱର ସହର ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇସାରିଥିବା ବେଳେ ବ୍ରହ୍ମପୁର ମହାନଗର ନିଗମ ଏକ୍ଷେତ୍ରରେ ପଛରେ ପଡିଯାଇଥିବା ଦେଖିବାକୁ ମିଳିଛି । ଯାହା ସ୍ଥିତିକୁ ସୁଧାରିବା ପାଇଁ ଆସିଥିବା ଏକ ସୁଯୋଗକୁ ବିଇଏମସି ହାତଛଡା କରିବା ଭଳି ମନେ ହେଉଛି । ୨୦୨୧ମସିହା ପର୍ଯ୍ୟନ୍ତ ୩ ଲକ୍ଷରୁ ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ରାଜ୍ୟରେ ଶ୍ରେଷ୍ଠ ଓ ଜାତୀୟ ସ୍ତରରେ ଭଲ ର୍ୟାଙ୍କ ହାସଲ କରିଥିବା ବ୍ରହ୍ମପୁର ମହାନଗର ନିଗମର ଗ୍ରାଫ କ୍ରମଶଃ ତଳମୁହାଁ ହେବାରେ ଲାଗିଛି । ପୂର୍ବସ୍ଥିତିକୁ ଫେରିବାକୁ ହେଲେ ବିଇଏମସି କର୍ତ୍ତୃପକ୍ଷଙ୍କୁ ଲୋକଙ୍କ ଆସ୍ଥାଭାଜନ ହେବା ସହିତ ଅଧିକ ପରିଶ୍ରମ କରିବାକୁ ପଡିବ । ନଚେତ ତଳକୁ ଖସୁଥିବା ଗ୍ରାଫ ଆହୁରି ତଳକୁ ଖସିଯିବ । ଏଭଳି ସ୍ଥିତିରେ ନିଗମ କର୍ତ୍ତୃପକ୍ଷଙ୍କ ହାତରେ ଖୁବ୍କମ୍ ସମୟ ରହିଥିବା ବେଳେ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ ଭଳି ଜାତୀୟ ସ୍ତରର ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ ପାଇଁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନଥିବା ଦେଖିବାକୁ ମିଳିଛି । ଯାହା ସହରର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ଚକିତ କରିଛି । ପ୍ରତିଯୋଗିତାରେ ଭଲ ର୍ୟାଙ୍କ ହାସଲ କରିବାକୁ ହେଲେ ସ୍ୱଚ୍ଛତା ଓ ପରିମଳ କ୍ଷେତ୍ରରେ ଉନ୍ନତି ଆଣିବା ସହିତ ଜନମତ ଭଳି ବଳିଷ୍ଠ ଉପାଦାନକୁ ସୁଦୃଢ କରିବାକୁ ହେବ । ବର୍ତ୍ତମାନ ପରିସ୍ଥିତିରେ ବିଇଏମସିରେ ଅର୍ଥ ଓ କର୍ମଚାରୀଙ୍କ ଅଭାବକୁ ନେଇ ଜାରି ରହିଥିବା ଅଚଳାବସ୍ଥା ସ୍ୱଚ୍ଛ ସର୍ବେକ୍ଷଣ କ୍ଷେତ୍ରରେ ବାଧକ ସାଜିବ ବୋଲି ଆଶଙ୍କା କରାଯାଇଛି । ଗୋଟିଏ ପଟେ ଅର୍ଥ ଓ କର୍ମଚାରୀଙ୍କ ଅଭାବ ଥିବା ବେଳେ ନିଗମର ଅଧିକାରୀ ଓ କର୍ମଚାରୀ ନିଗମ ବ୍ୟତିତ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାରେ ବିଇଏମସିର ପ୍ରସ୍ତୁତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଥିପାଇଁ ନିଗମର ବିଭିନ୍ନ ଅଭିଯାନ ଓ ପଦକ୍ଷେପକୁ କ୍ରୀୟାଶୀଳ କରି ଲୋକଙ୍କ ଆସ୍ଥା ଭାଜନ ହେବା ଜରୁରୀ । ଏହି ପ୍ରତିଯୋଗିତା ମୁଖ୍ୟତଃ ଅନଲାଇନ, ଫିଲ୍ଡ ଓ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଲୋକଙ୍କ ମତାମତ ସଂଗ୍ରହ ଭଳି ତ୍ରିସ୍ତରୀୟ ତଥା ୪୫ଦିନିଆ ସର୍ଭେ ଅଟେ । ସମଗ୍ର ଦେଶରେ ଆୟୋଜିତ ହେଉଥିବା ସର୍ଭେରେ ଜାତୀୟ ଓ ରାଜ୍ୟସ୍ତର ସହିତ ୩ହଜାର ଫିଲ୍ଡ ସର୍ଭେର୍ ସଦସ୍ୟ ସାମିଲ ହୋଇ ମୂଲ୍ୟାୟନ କରିଥାନ୍ତି । ୨୦୨୫ ଡିସେମ୍ବର ୨୦ତାରିଖରେ ଏନେଇ 'ଟୁଲକିଟ' ଉନ୍ମୋଚିତ ହୋଇସାରିଛି । ଜାନୁଆରୀରେ ଦେଶବ୍ୟାପୀ ସମସ୍ତ ସହରାଞ୍ଚଳ ନିଗମ ଓ ପୌରାଞ୍ଚଳଗୁଡିକରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବା ପରେ ଫେବୃଆରୀ ଦ୍ୱିତୀୟ ସପ୍ତାହରୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଫିଲ୍ଡ ସର୍ଭେ କାର୍ଯ୍ୟ ଚାଲୁ ରହିବ । 'ହାତ ବଢାନ୍ତୁ-ମିଳିମିଶି ସଫେଇ କରନ୍ତୁ' ହେଉଛି ଚଳିତ ବର୍ଷର ସ୍ଲୋଗାନ । ପ୍ରତିଯୋଗିତାକୁ ମୁଖ୍ୟତଃ ଜନସଂଖ୍ୟା ଆଧାରରେ ସହର ଗୁଡିକୁ ୫ଟି ବର୍ଗରେ ବିଭକ୍ତ କରାଯାଇଛି । ୨୦ହଜାର ଜନସଂଖ୍ୟା ବିଶିଷ୍ଟ ସହରକୁ ଅତ୍ୟନ୍ତ କ୍ଷୁଦ୍ର, ୨୦ହଜାରରୁ ୫୦ହଜାର ଜନସଂଖ୍ୟା ବିଶିଷ୍ଟ ସହରକୁ କ୍ଷୁଦ୍ର ସହର, ୫୦ହଜାରରୁ ୩ଲକ୍ଷ ଜନସଂଖ୍ୟା ସହରକୁ ମଧ୍ୟମ, ୩ଲକ୍ଷରୁ ୧୦ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ସହରକୁ ବୃହତ୍ତ ଏବଂ ୧୦ଲକ୍ଷରୁ ଉଦ୍ଧ୍ୱର୍ ଜନସଂଖ୍ୟା ବିଶିଷ୍ଟ ସହରକୁ ମେଟ୍ରୋ ପଲିଟାନ ସହର ଭାବେ ବର୍ଗୀକରଣ କରାଯାଇ ପ୍ରତିଯୋଗିତାରେ ଅନ୍ତର୍ଭୁକ୍ତ କରାଯାଇଛି । ମୋଟ ୧୦ହଜାର ୫ଶହ ପଏଣ୍ଟ ବିଶିଷ୍ଟ ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାରେ ଦୃଶ୍ୟମାନ ପରିମଳ ପାଇଁ ୧୫୦୦ ପଏଣ୍ଟ, ପୃଥକୀକରଣ ଓ ବର୍ଜ୍ୟ ବ୍ୟବହାର ପାଇଁ ୧୦୦୦, କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୧୫୦୦, ପରିମଳ ବ୍ୟବସ୍ଥା ପାଇଁ ୧୦୦୦, ବ୍ୟବହୃତ ଜଳର ପରିଚାଳନା ପାଇଁ ୧୦୦୦, ଯାନ୍ତ୍ରିକ ବ୍ୟବହାର ପାଇଁ ୫୦୦, ସ୍ୱଚ୍ଛତା ଆଡଭୋକେସି ପାଇଁ ୧୫୦୦, ଇକୋ ସିଷ୍ଟମ ଷ୍ଟ୍ରେନଥେନସନ ପାଇଁ ୧୦୦୦, ପରିମଳ କ୍ଷେତ୍ରରେ ନିୟୋଜିତ କର୍ମଚାରୀଙ୍କ ମଙ୍ଗଳ ବ୍ୟବସ୍ଥା ପାଇଁ ୫୦୦ ଏବଂ ଜନମତ ଓ ଅଭିଯୋଗର ସମାଧାନ ପାଇଁ ୧୦୦୦ ପଏଣ୍ଟ ଧାର୍ଯ୍ୟ କରାଯାଇଛି । ସେହିଭଳି ଛୋଟ ଓ ବଡ ସହର ମଧ୍ୟରେ ହେଉଥିବା ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସୁପର ସ୍ୱଚ୍ଛ ଲିଗ ସିଟି, ସ୍ୱଚ୍ଛ ସହର ସିଟି, ସଫାଇମିତ୍ର ସୁରକ୍ଷିତ ସହର, କ୍ଲିନେଷ୍ଟ କଣ୍ଟୋନମେଣ୍ଟ ବୋର୍ଡ, କ୍ଲିନେଷ୍ଟ ଗଙ୍ଗା ଟାଉନ ଓ ପ୍ରମିଜିଂ ସ୍ୱଚ୍ଛ ସହର ଭଳି ୬ଟି ପୁରସ୍କାର ରହିଛି । ଚଳିତ ବର୍ଷ ପ୍ରତିଯୋଗିତାରେ ପୂର୍ବବର୍ଷ ତୁଳନାରେ ସାମାନ୍ୟ ପରିବର୍ତ୍ତନ କରାଯାଇ ବର୍ଷ ତମାମ ସଂଗୃହିତ ଜନମତକୁ ସାମିଲ କରାଯାଇଛି । ସେହିଭଳି ଉପକୂଳ ସହର ଗୁଡିକ ପାଇଁ ମଧ୍ୟ ଭିନ୍ନ ଉପାଦାନ ସ୍ଥିର କରାଯାଇଥିବା ଜଣାପଡିଛି ।

# ଧୁମ୍ଧାମ୍ରେ ପାଳିତ ହେଲା ଭୋଗୀ, ଆଜି ପାଣ୍ଡୁଗୁ




ବ୍ରହ୍ମପୁର,୧୪।୧(ସମିସ): ବ୍ରହ୍ମପୁର ସହରରେ ବସବାସ କରୁଥିବା ତେଲୁଗୁ ଭାଇ ଭଉଣୀଙ୍କ ମାନଙ୍କ ପକ୍ଷରୁ ମକର ପର୍ବ ବା ପୋଙ୍ଗାଲ ପାଳିତ ହୋଇଯାଇଛି । ସକାଳୁ ଆନ୍ଧ୍ର ଭାଷା ବିଭର୍ଦ୍ଧନି ମହିଳା ସମାଜମ ପକ୍ଷରୁ ପ୍ରକାଶମ ହଲ ନିକଟରେ ମିଳିତ ଭାବେ ଭୋଗି ଓ ସଂକ୍ରାନ୍ତି ପାଳିତ ହୋଇଥିଲା । ନୂଆ ଅନ୍ନରେ ସମସ୍ତେ ଭୋଗ ଖାଇଥିଲେ ।

ସାଂସ୍କୃତିକ ପ୍ରଦର୍ଶନୀ ଜରିଆରେ ସତ୍ୟ ନାରାୟଣ ସ୍ୱାମୀ ମନ୍ଦିର ନିକଟରୁ ପ୍ରକାଶମ ହଲ ପର୍ଯ୍ୟନ୍ତ ପୂର୍ଣ୍ଣ କୁମ୍ଭ ଯାତ୍ରା ହୋଇଥିଲା । ଏଥିରେ ଐତିହାସିକ ମକର ପର୍ବର ସମସ୍ତ ପାରମ୍ପରିକ ଭାଷା ଭୂଷା ମାଧ୍ୟମରେ ନୃତ୍ୟ ସହିତ ଶୋଭଯାତ୍ରାରେ ଯାଇଥିଲେ । ଏଥିରେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲି ମୋହନଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ । ସେହିଭଳି ପ୍ରକାଶମ ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ତ୍ରେଲୁଗୁ ଆସୋସିଏସନ ପକ୍ଷରୁ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ କଣ୍ଠଶିଳ୍ପୀ ସୁରେଖା ମୂର୍ତ୍ତି ଓ ପେର୍ନି ଡ୍ୟାନ୍ସ ଟିମ୍ ସାମିଲ ହୋଇଥିଲେ । ସୂଚନାପ୍ରକାରେ ଓଡ଼ିଆରେ "ମକର ସଂକ୍ରାନ୍ତି' ଓ ତେଲୁଗୁରେ ପୋଙ୍ଗଲ୍ ବୋଲି କୁହାଯାଏ । ସାରା ବର୍ଷର କଷ୍ଟକୁ ଦୂର କରିବା ପାଇଁ ମକର ସଂକ୍ରାନ୍ତି ଦିନଟିକୁ ବେଶ ଉତ୍ସାହର ସହ ପାଳନ କରିଥାନ୍ତି ତେଲୁଗୁ ସମ୍ପ୍ରଦାୟର ଜନସାଧରଣ । ଏହି ପର୍ବ କେଉଁଠି ତିନିଦିନ ତ କେଉଁଠି ଚାରିଦିନ ପାଳନ କରାଯାଏ । ଏହାର ପ୍ରଥମ ଦିନ ହେଉଛି "ଭୋଗି' । ଗୋଟିଏ ଯାଗାରେ ତେଲୁଗୁ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ଏକାଠି ହୋଇ ଏହାକୁ ପାଳନ କରିଥାନ୍ତି । ଏହାର ବିଶେଷତ୍ୱ ହେଉଛି ଭେଗି ଶବ୍ଦଟି ସଂସ୍କୃତ ଭାଷାରୁ ଆସିଛି । ଯାହାର ଅର୍ଥ ହେଉଛି ସୁଖ । ପ୍ରବଳ ଥଣ୍ଡାରୁ ମୁକ୍ତି ପାଇଁ ସର୍ବସାଧାରଣସ୍ଥଳରେ ନିଆଁ ଲଗାଇଯାଇ ଏହାକୁ ଘେରି ସମସ୍ତେ ଉପଭୋଗ କରିଥାନ୍ତି । ମହିଳା ମାନେ ମାସ ସାରା ଗାଇ ଗୋବରରେ ପେଡ଼ାକ୍କା ଘସି କରିଥାନ୍ତି ।

ଏହି ଘସିକୁ ଭୋଗୀ ଦିନ ରଙ୍ଗନାଥ ସ୍ୱାମୀ ଓ ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା କରି ନିଆଁରେ ପକାଯାଇଥାଏ । ଏହାଦ୍ୱାରା ଲୋକେ ଉଷୁମ ଅନୁଭବ କରିବା ସହ ସ୍ୱାସ୍ଥ୍ୟପାଇଁ ଏହା ଭଲ ବୋଲି କୁହାଯାଇଛି । କେତେକ ସ୍ଥାନରେ କାଠ ସାମଗ୍ରୀ ଓ ଗଣ୍ଡି ପକାଯାଇ ମଧ୍ୟ ଧୂନି କରାଯାଇଥାଏ ।

# ଜାତୀୟ ମତଦାନ ଦିବସରେ ପ୍ରତିଯୋଗିତା

ବ୍ରହ୍ମପୁର,୧୪।୧(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୧୬ତମ ଜାତୀୟ ମତଦାନ ଦିବସ ପାଳନ ଅବସରରେ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନିଷ୍ଠିତ ହୋଇଯାଇଛି । ପ୍ରତିଯୋଗିତା ଗୁଡିକରେ ରାମ ନାରାୟଣ ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ଡ. ପିନାକୀ ମହାନ୍ତି, କିଶୋର ବେହେରା, ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ପ୍ରିୟଦର୍ଶିନୀ ପଣ୍ଡା ଓ ଅଧ୍ୟାପିକା ଶୁଭଶ୍ରୀ ତ୍ରିପାଠୀ ପ୍ରମୁଖ ମୂଲ୍ୟାୟନ କରିଥିଲେ । ସେହିପରି କୁଇଜ ପ୍ରତିଯୋଗିତାରେ ବିକାଶ ସାମଲ ଓ ସୋନମ ଶତପଥି ମୂଲ୍ୟାୟନ କରିଥିଲେ । ସ୍ଲୋଗାନ ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅଧ୍ୟାପକ ବାଣୀ ପଟ୍ଟନାୟକ ବିଚାରକ ଥିବା ବେଳେ ଏଥିରେ ଭାଗ୍ୟଶ୍ରୀ ରାଉତ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବକ୍ତୃତାରେ ପ୍ରଚିତା ପର୍ଣ୍ଣିକା ପାଢ଼ୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । କୁଇଜ ପ୍ରତିଯୋଗିତାରେ କିଶୋର ନନ୍ଦ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ପ୍ରତିଯୋଗିତାରେ ଅତିରିକ୍ତ ଉପଜିଲ୍ଲାପାଳ ରୀନା ନାୟକ, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥି, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଲୋକନାଥ ଶତପଥି ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଦିନ ଗଡୁଛି, ଦ୍ୱନ୍ଦ୍ୱ ବଢୁଛି

# ଗୋପାଳପୁର ଓ ସୁନାପୁର ବେଳାଭୂମି ମହୋତ୍ସବକୁ ନେଇ ବଢ଼ିଲା ଦ୍ୱନ୍ଦ୍ୱ

● ଭିଭିଆଇପିଙ୍କ କାର୍ଯ୍ୟସୂଚୀ ଉପରେ ନିର୍ଭର କରୁଛି ଗୋପାଳପୁର ବେଳାଭୂମି ମହୋତ୍ସବର ତାରିଖ !
● ଆଗୁଆ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାରୁ ଅଡୁଆରେ ସୁନାପୁର ବେଳାଭୂମି ମହୋତ୍ସବ
● ଡିସେମ୍ବରରେ ହେଉଥିବା ମହୋତ୍ସବକୁ ଜାନୁଆରୀରେ ଆୟୋଜନ ଯୋଗୁଁ ସୃଷ୍ଟି ହୋଇଛି ସମସ୍ୟା




ବ୍ରହ୍ମପୁର,୧୪।୧(ସମିସ): ଚଳିତବର୍ଷ ହେବାକୁ ଥିବା ଗୋପାଳପୁର ବେଳାଭୂମି ମହୋତ୍ସବ ନିର୍ଦ୍ଧାରିତ ତାରିଖରେ ନହୋଇ ସାମାନ୍ୟ ବିଳମ୍ବରେ ହେବ ବୋଲି ଜଣାପଡିଛି । ଫଳରେ ଆସନ୍ତା ୩୦ତାରିଖ ଠାରୁ ହେବାକୁ ଥିବା ସୁନାପୁର ବେଳାଭୂମି ମହୋତ୍ସବ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଗତବର୍ଷ ବହୁ ଚେଷ୍ଟା ସତ୍ତ୍ୱେ ପ୍ରଶାସନ ପକ୍ଷେ ଗୋପାଳପୁର ବେଳାଭୂମି ମହୋତ୍ସବ ଆୟୋଜନ ସମ୍ଭବପର ହୋଇନଥିଲା । ଏବଂ ବାଧ ହୋଇ ଶେଷ ମୂହୂର୍ତ୍ତରେ ବନ୍ଦ କରିବାକୁ ପଡିଥିଲା । ରାଜ୍ୟ ପର୍ଯ୍ୟଟନ କ୍ୟାଲେଣ୍ଡରରେ ଗୋପାଳପୁର ବେଳାଭୂମି ମହୋତ୍ସବ ଆୟୋଜନ ପାଇଁ ଡିସେମ୍ବର ୨୪ରୁ ୨୮ତାରିଖ ପର୍ଯ୍ୟନ୍ତ ୫ଦିନ ଧାର୍ଯ୍ୟ ହୋଇଛି । ତେବେ ଏଥିରେ ବ୍ୟତିକ୍ରମ ଘଟାଇ ଚଳିତ ବର୍ଷ ଜାନୁଆରୀରେ ତରବରିଆ ଭାବେ ଗୋପାଳପୁର ବେଳାଭୂମି ମହୋତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ୨୨ତାରିଖ ଠାରୁ ୨୬ତାରିଖ ୫ଦିନ ଧାର୍ଯ୍ୟ କରାଯାଇଥିଲା । ଗୋପାଳପୁର ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କମିଟି ଗଠନ ସହିତ ଏକାଧିକ ଥର ବୈଠକ କରି ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା । ତେବେ ମହୋତ୍ସବରେ ଯୋଗ ଦେବାକୁ ଥିବା ଭିଭିଆଇପି ଅତିଥିଙ୍କ କାର୍ଯ୍ୟସୂଚୀ ପ୍ରକାରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ପରିବର୍ତ୍ତନ କରିବାକୁ ପଡୁଥିବା ଜଣାପଡିଛି । ଯଦ୍ୱାରା ପ୍ରସ୍ତାବିତ ଗୋପାଳପୁର ବେଳାଭୂମି ମହୋତ୍ସବ ଜାନୁଆରୀ ୨୨ରୁ ୨୬ ପରିବର୍ତ୍ତେ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ କରିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି । ଉଦ୍ଘାଟନୀ ଉତ୍ସବରେ ରାଜ୍ୟପାଳ ଓ ଉଦ୍ଯାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଶୁଣିବାକୁ ମିଳୁଛି । ତେବେ ମହୋତ୍ସବ ଆୟୋଜନକୁ ନେଇ ଏଭଳି ହଠାତ ନିଷ୍ପତ୍ତି ଫଳରେ କୋଭିଡ ପାଇଁ ବନ୍ଦ ଥିବା ସୁନାପୁର ବେଳାଭୂମି ମହୋତ୍ସବର ପୁନଃ ଆୟୋଜନରେ ବାଧା ଉପୁଜିଛି । ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରାଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଆସନ୍ତା ୩୦ରୁ ଫେବୃଆରୀ ୧ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଆୟୋଜନ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି । ଶେଷ ମୂହୁର୍ତ୍ତରେ ଗୋପାଳପୁର ବେଳାଭୂମି ମହୋତ୍ସବର ତାରିଖ ପରିବର୍ତ୍ତନ ହେଲେ ସୁନାପୁର ବେଳାଭୂମି ମହୋତ୍ସବ ପ୍ରଭାବିତ ହେବା ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା । ତେବେ ଏନେଇ ତାଙ୍କ ସହିତ କେହି ଯୋଗାଯୋଗ କରିନଥିବା ବେଳେ ସେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି କହିଛନ୍ତି । ଜିଲ୍ଲାରେ ମନ୍ତ୍ରୀ ଓ ବିଧାୟକମାନଙ୍କ ମଧ୍ୟରେ ଥିବା ମତାନ୍ତର ଓ ମନାନ୍ତର ସମ୍ପ୍ରତି ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଓ ହେବାକୁ ଥିବା ବିଭିନ୍ନ ମହୋତ୍ସବ ଓ କାର୍ଯ୍ୟକ୍ରମରେ ସ୍ପଷ୍ଟ ପରିଲକ୍ଷିତ ହେଉଛି । ଏଭଳି ସ୍ଥିତିରେ ଉଭୟ ଗୋପାଳପୁର ଓ ସୁନାପୁର ବେଳାଭୂମି ମହୋତ୍ସବ ଆୟୋଜନକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ବିରୋଧୀଙ୍କ ଆଲୋଚନା ପାଇଁ ଆଉ ଏକ ଖୋରାକ ଯୋଗାଇଥିବା ଆଲୋଚନା ହେଉଛି ।

# ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ପାଠଚକ୍ର

ବ୍ରହ୍ମପୁର,୧୪।୧।(ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ଏକ ସମ୍ବର୍ଦ୍ଧନା ସଭା ଓ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗ ମୁଖ୍ୟ ଡ. ବନଲତା ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ ପାଠଚକ୍ର ଓ ସଭାରେ ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗା ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ମୁଖ୍ୟ ଆଲୋଚକ ରୂପେ ଶଶିଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର୍ ଡ. ସୁରଜ କୁମାର ପାଣିଗ୍ରାହୀ ଯୋଗଦେଇ 'ସିଲେକ୍ସନ୍ ରୁଲ୍ସ ଅଫ୍ ସ୍ପେକ୍ଟ୍ରୋସ୍କୋପି' ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ଦେଇଥିଲେ । ପ୍ରାଶାସନିକ ଅଧିକାରୀ ଡ଼. ଆନନ୍ଦ ସେଠୀ ଆମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇଥିଲେ । ଛାତ୍ରୀ ଅଙ୍କିତା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗୀୟ ଅଧ୍ୟାପକ ରତ୍ନାକର ମିଶ୍ର, ଅଧ୍ୟାପିକା ରୋଜିସ୍ମିତା ପାତ୍ର, ଅଧ୍ୟାପିକା ମୈତ୍ରୀ ବରାଳ ଓ ଅଧ୍ୟାପକ ରଶ୍ମିରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।



## ଷଷ୍ଠ ଦିନରେ ମହାନଗର ମହୋତ୍ସବ

# ନିଷ୍ଟ ଛାତ୍ରଛାତ୍ରୀଙ୍କ ମ୍ୟୁଜିକ ବ୍ୟାଣ୍ଡ ମୁଖ୍ୟ ଆକର୍ଷଣ

ବ୍ରହ୍ମପୁର,୧୪।୧(ସମିସ): ମହାନଗର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ୧୩ତମ ମହାନଗର ମହୋତ୍ସବର ଷଷ୍ଠ ଦିନରେ ପହଞ୍ଚିଛି । ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଯୁବ ନେତା ସନ୍ତୋଷ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମହୋତ୍ସବର ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁରର ମହକ ସାହିତ୍ୟ ସଂସଦ ତରଫରୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା । ଆସରରେ ସମସ୍ତ କବି ଓ କବୟିତ୍ରୀ ସ୍ୱରଚିତ କବିତାପାଠ କରି ଉକ୍ତ କବିତାର ଆଲୋଚନା ଓ ସମାଲୋଚନା କରିଥିଲେ । ମହୋତ୍ସବର ଷଷ୍ଠ ରଜନୀର ନିଷ୍ଟ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ମ୍ୟୁଜିକ ବ୍ୟାଣ୍ଡ ମୁଖ୍ୟ ଆକର୍ଷଣ ଥିଲା । ଏଥିରେ ଯଶବିନ୍ଦର ସିଂ ଏବଂ ତାଙ୍କ ଟିମ ସାମିଲ ଥିଲେ । ଏଥି ସହିତ କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ସୋନାଲି ପାଣିଗ୍ରାହୀ, କାର୍ତ୍ତିକ ପାଣିଗ୍ରାହୀ ଏବଂ ଶିବାନନ୍ଦ ବାରିକ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କମିଟି ସଭାପତି ଗୋପାଳ ପଟ୍ଟନାୟକ, ସମ୍ପାଦକ ନାରାୟଣ ମହାଙ୍କୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ, ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଶଙ୍କର ଗୋସ୍ୱାମୀ, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ,ସାଂସ୍କୃତିକ ସମ୍ପାଦକ ସୁଦିପ କୁମାର ସାହୁ, ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ, ଅଭିରାମ ପାତ୍ର ଓ ପ୍ରଶାନ୍ତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ୬୧ବର୍ଷ ପୁରୁଣା କୋଠାରେ ଚାଲିଛି ଓଏସ୍ଆର୍ଟିସି କାର୍ଯ୍ୟାଳୟ

## ଯାତ୍ରୀଙ୍କ ସୁରକ୍ଷା ଚିନ୍ତାରେ ଥିବା କର୍ମଚାରୀ ଅସୁରକ୍ଷିତ

## ପୁରୁଣା କୋଠାକୁ ଦୁର୍ବଳ କରୁଛି ବରଗଛ ଚେର



କୋଠାରେ ଦୈନିକ ଘଣ୍ଟା ଘଣ୍ଟା ବସି ଯାତ୍ରୀଙ୍କ ସୁରକ୍ଷାକୁ ଚିନ୍ତା କରୁଥିବା କର୍ମଚାରୀମାନେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି । ୧୯୬୪ମସିହାରେ ନିର୍ମିତ ଅସୁରକ୍ଷିତ

**ନୂଆ କୋଠା ନିର୍ମାଣ ପାଇଁ ଚାଲିଛି ଯୋଜନା: ଡିଏମ୍**



ବ୍ରହ୍ମପୁର,୧୪।୧।(ସମିସ)

ସୁଚାରୁ ରୂପେ ଏକ ସରକାରୀ ବ୍ୟବସ୍ଥା ପରିଚାଳନା ନିମନ୍ତେ ଏକ କର୍ଯ୍ୟାଳୟର ଆବଶ୍ୟକତା ରହିଛି । ଉକ୍ତ କୋଠା ବା କାର୍ଯ୍ୟାଳୟରେ ବସି କର୍ମଚାରୀମାନେ ସରକାରଙ୍କ ବିଭିନ୍ନ ବ୍ୟବସ୍ଥା ପରିଚାଳନା କରୁଥିବା ବେଳେ ହିତାଧିକାରୀଙ୍କ ଭଲମନ୍ଦ ଚିନ୍ତା କରିଥାନ୍ତି । କିନ୍ତୁ ସହରର ଶଶି ଭୂଷଣ ରଥ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଥିବା ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସଆରଟିସି) କାର୍ଯ୍ୟାଳୟରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ବ୍ରହ୍ମପୁର ସହରର ଦେଇ ରାଜ୍ୟର ବିଭିନ୍ନ ସ୍ଥାନକୁ ବସ ଯାତାୟତ କରୁଥିବା ବେଳେ ଏଥିରେ ପ୍ରତିଦିନ ଶତାଧିକ ଯାତ୍ରୀ ଯାତ୍ରା କରୁଛନ୍ତି । ଏହି ବ୍ୟବସ୍ଥା ପରିଚାଳନା କରିବା ନିମନ୍ତେ ବ୍ରହ୍ମପୁର ସ୍ଥିତ ଓଏସଆରଟିସି କାର୍ଯ୍ୟାଳୟରେ ୧୫ରୁ ଉଦ୍ଧ୍ୱର୍ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଜର୍ଜରିତ ଓ ଅସୁରକ୍ଷିତ ପୁରୁଣା କୋଠାରେ ଉକ୍ତ କର୍ମଚାରୀମାନେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ପ୍ରାୟ ୬୧ବର୍ଷର ପୁରୁଣା ଏହି କୋଠାର ଛାତ ପଲଫର ଖସିବା ସହ ଲୁହା ରଡ଼ ଖୋଲା ଅବସ୍ଥାରେ ରହିଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବା ଆଶଙ୍କା ବଢ଼ିଛି । ବର୍ଷା ହେଲେ କୋଠା ଭିତରକୁ ଝରାଉଥିବା ସହ ବିଦ୍ୟୁତ ତାର ଖୋଲା ରହିବା ଯୋଗୁଁ କର୍ମଚାରୀମାନେ ଭୟଭୀତ ମନୋଭାବରେ କାମ କରୁଛନ୍ତି । ଏହା ସହ କୋଠା ନିକଟରେ ଏକ ବଡ଼ ବରଗଛ ରହିଥିବା ବେଳେ ଉକ୍ତ ଗଛଟିର ଚେର କୋଠାର ବିଭିନ୍ନ ଆଡ଼େ ମାଡ଼ିଥିବା ଦେଖିବାକୁ ମିଳିଛି । ଏଭଳି ସ୍ଥିତିରେ ବରଗଛ ଚେର ଉକ୍ତ ପୁରୁଣା କୋଠାକୁ ଦୁର୍ବଳ କରୁଛି ।

ଏପରି ସ୍ଥିତିରେ କେଉଁ ସମୟରେ ମଧ୍ୟ କିଛି ଅଘଟଣ ଘଟିବା ଯଥେଷ୍ଟ ସମ୍ଭାବନା ରହିଛି । ଏ ସମସ୍ୟା ବିଷୟରେ ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ । ସୁରକ୍ଷିତ କାର୍ଯ୍ୟ ପରିବେଶ ଦାବି କରି କର୍ମଚାରୀମାନଙ୍କ ସୁରକ୍ଷାକୁ ଦୃଷ୍ଟି ଦେବା ସହ କୋଠା ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଅନ୍ୟପକ୍ଷରେ କାର୍ଯ୍ୟାଳୟ ଚାଲଥିବା କୋଠା ବହୁ ପୁରୁଣା ହୋଇଥିବା ବେଳେ ଉକ୍ତ କୋଠାକୁ ଭଙ୍ଗା ଯାଇ ନୂତନ କୋଠା ନିର୍ମାଣ ନିମନ୍ତେ ଯୋଜନା ଚାଲିଥିବା ଓଏସଆରଟିସିର ଜିଲ୍ଲା ପରିଚାଳକ ଅରବିନ୍ଦ ମହାନ୍ତି କହିଛନ୍ତି ।

# ସୁରଟ ବାର୍ଷିକ ସମ୍ମିଳନୀରେ ଯୋଗଦେଲେ ଦଳପତି ମହାସଭା କେନ୍ଦ୍ରୀୟ କମିଟି



ବ୍ରହ୍ମପୁର,୧୪।୧।(ସମିସ): ଗୁଜୁରାଟ ରାଜ୍ୟ ସ୍ଥିତ ସୁରଟ ମହାନଗର ଖଟୋଦୋରା ଯୋଗୀନି ମାତା ମନ୍ଦିର କମ୍ୟୁନିଟି ହଲରେ ଅନୁଷ୍ଠିତ ବାର୍ଷିକ ସମ୍ମିଳନୀରେ କେନ୍ଦ୍ରୀୟ ଦଳପତି କମିଟିର ବହୁ କର୍ମକର୍ତ୍ତା ଯୋଗ ଦେଇଛନ୍ତି । ସୁରଟ ଶାଖା ଦଳପତି ମହାସଭା ସଭାପତି ଜୟରାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମିଟିର କାର୍ଯ୍ୟକାରୀ ସଭାପତି ପୂର୍ବତନ ବ୍ରହ୍ମପୁର ବିଧାୟକ ଶିବଶଙ୍କର ସାହାଣୀ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ପାତ୍ର ଯୋଗ ଦେଇଥିଲେ । ସେହିପରି ଅତିଥି ଭାବେ ସମ୍ପାଦକ ମିହିର କୁମାର ରାଉତ, ପବିତ୍ର କୁମାର ନାୟକ, ଦଣ୍ଡପାଣି ପାତ୍ର, ସଦାଶିବ ମହାନ୍ତି ପ୍ରମୁଖ ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ରୂପେ ଯୁବନେତା ଶ୍ରୀକାନ୍ତ ରାଉତ, ବିଶିଷ୍ଟ ଶିଳ୍ପପତି ଅଭିମନ୍ୟୁ ଜେନା ଯୋଗ ଦେଇଥିଲେ । ସୁରଟ ମହାନଗରରେ ବସବାସ କରୁଥିବା ଦଳପତି ଜାତି ସହିତ ପଛୁଆ ବର୍ଗ ଜାତିର ଉନ୍ନତି ନିମନ୍ତେ ସମସ୍ତେ ମିଳିମିଶି ସଂଗଠିତ ହେବାକୁ ଅତିଥି ମାନେ କହିଥିଲେ । ଶେଷରେ ନୂତନ ବର୍ଷ ପାଇଁ କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା ।

୧୪/୧/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୮୧,୯୩୨/- ସୁନା: ୦୦.୦୭୦ ଗ୍ରାମ୍ ରୁପା: ୫୬.୪୦୦ ଗ୍ରାମ୍





# ମହାପ୍ରଭୁଙ୍କୁ ଲାଗି ହେଲା ମକର ଚାଉଳ

ପୁରୀ,୧୪।୧(ସମିସ)



ଶ୍ରୀମନ୍ଦିରରେ ବୁଧବାର ପାଳିତ ହୋଇଛି ମକର ପର୍ବ। ରତ୍ନସିଂହାସନରେ ଦାରୁବିଗ୍ରହ ମକର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା।

ଏହି ସ୍ୱତନ୍ତ୍ର ନୀତି ପାଇଁ ଭୋର୍ ୫ଟା ୫୦ରେ ଦ୍ୱାର ଫିଟିଥିଲା। ମଙ୍ଗଳ ଆଳତି, ଅବକାଶ ବଢ଼ିବା ପରେ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇଥିଲା। ପରେ ଠାକୁରଙ୍କ ବେଶ କରାଯାଇଥିଲା। ସକାଳ ଧୂପ ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ବଢ଼ିଥିଲା। ଘଟୁଆରୀ ଘରଠାରୁ ସର୍ବାଙ୍ଗ ବିଜେ କରାଇ ସର୍ବାଙ୍ଗ ଲାଗି ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲୁଗା, ଚୂଳମାଳ, ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ଦ୍ୱିପ୍ରହର ଧୂପ ସାଙ୍ଗରେ ଯାତ୍ରାଙ୍ଗୀ ଭୋଗ ରୋଷରୁ ପଟୁଆର ହୋଇ ଛାମୁକୁ ଆସିଥିଲା। ପଣ୍ଡା ଷୋଡ଼ଶ ଉପଚାରରେ ମଣୋହୀ କରିଥିଲେ। ଟେରା ପଡ଼ିବା ପରେ ପଣ୍ଡା, ପତ୍ରିବଡୁ, ସୁଆରବଡୁ ଏବଂ ଗରାବଡୁଙ୍କୁ ସାଙ୍ଗରେ ଧରି ରୋଷ ପାଇକ ହାତେ ଏକ ଓଳି ଅନ୍ନ ଧରି ବାହାରକୁ ଆସି ମନ୍ଦିର ଚାରିପାଖେ ଦିଗ୍‌ବଳି ଦେଇଥିଲେ। ଏହାପରେ ଭିତରକୁ

## ମକର ବେଶ ଦର୍ଶନ କଲେ ଭକ୍ତ

ଯାଇ ମଣୋହି କରିଥିଲେ। ଏହି ଭୋଗ ସରି ଆଳତି ବଢ଼ିବା ପରେ ଟେରା ବନ୍ଧା ହୋଇଥିଲା। ପାଳିଆ ପଢ଼ିଆରୀ ମଙ୍ଗଳବାର ଅଧିବାସ ହୋଇଥିବା ଚାଉଳ ଭୋଗମଣ୍ଡପ ଘରକୁ ଡାକି ଯାଇଥିଲେ। ଏହାପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଧସର ଆଣିଥିଲେ। ଭୋଗ ଡାକିଯିବା ବେଳକୁ ଶୁଦ୍ଧସୁଆରମାନେ ପନ୍ତିବଡୁମାନଙ୍କଠାରୁ ରୁପା ଥାଳି ୩ଟି ନେଇ ଉକ୍ତ ଚାଉଳଙ୍କୁ ମୂର୍ତ୍ତିମୂଳ କରି ରଖିଥିଲେ। ଏଥିସହ ରୋଷରୁ ମକର ୮୪ ଭୋଗ ଆସି ପନ୍ତିରେ ବଢ଼ାଯାଇଥିଲା। ମହାଭୋଇ ସେବକମାନେ ଦୁଗ୍ଧ ଘରୁ ଦହି ଆଣି ମହାସୁଆରଙ୍କୁ ପ୍ରଦାନ କରିଥିଲେ। ହଡ଼ପ ନାୟକ ସେବକମାନେ ନଳୀପାନ, ଛାଟିପାନ ଧରି ବଡ଼ଦେଉଳକୁ ବେଢ଼ାଏ ବୁଲି ପନ୍ତିରେ ପ୍ରଦାନ କରିଥିଲେ। ମକର ଭୋଗ ଲାଗି ହେବା ପରେ ବେଢ଼ା ପରିକ୍ରମା ହୋଇଥିଲା। ମକର ଚାଉଳ ଭୋଗ ବାହାରିବା ପରେ ଭକ୍ତମାନେ ଏହାକୁ ପାଇଥିଲେ।

## ଠାକୁରଙ୍କୁ ସବୁଠୁ ବଡ଼ ପାନ ଅର୍ପଣ

ପବିତ୍ର ମକର ସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିରରେ ବିଶ୍ୱର ସବୁଠୁ ବଡ଼ ପାନ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଥାଏ। ଏହି ପାନର ଉଚ୍ଚତା ପ୍ରାୟ ଦେଢ଼ରୁ ଅଢ଼େଇ ଫୁଟ ପର୍ଯ୍ୟନ୍ତ। ହଡ଼ପ ନାୟକ ସେବାୟତ ଶ୍ରୀମନ୍ଦିର ଭିତରେ ଅତ୍ୟନ୍ତ ସତର୍କତାର ସହ ଏହି ବିରାଟକାୟ ପାନ ପ୍ରସ୍ତୁତ କରିଥା'ନ୍ତି। ଏଥିରେ ପ୍ରାୟ ସାତକଡ଼ା ପାନ ବ୍ୟବହୃତ ହୋଇଥାଏ। ପାନକୁ ପାନ ଯୋଡ଼ି ଲବଙ୍ଗ ସଂଯୋଗ କରାଯାଇ ଏହି ବିଶାଳ ପାନ ପ୍ରସ୍ତୁତ କରାଯାଏ। ଏହି ପାନରେ ଗୁଆ, ଗୁଜୁରାତି, କର୍ପୂର, ଚନ୍ଦନ, କେଶର ପ୍ରଭୃତି ସୁବାସିତ ସାମଗ୍ରୀ ମିଶାଯାଇଥାଏ। ଶ୍ରୀମନ୍ଦିରରେ ଦ୍ୱିପ୍ରହର ଧୂପ ସମୟରେ ଏହି ବିରାଟ ପାନ ଅର୍ପଣ କରାଯାଇଥାଏ। ମା' ମହାଲକ୍ଷ୍ମୀ ଧନୁ ସଂକ୍ରାନ୍ତିରୁ ନିଜ ବାପ ଘରକୁ ଯାଇଥା'ନ୍ତି। ମକର ସଂକ୍ରାନ୍ତି ପୂର୍ବ ଦିନ ମା' ମହାଲକ୍ଷ୍ମୀ ଫୁଲ ମାଳ, ମକର ଚୂଳ, ତାଡ଼ ଓ ବିରାଟ ପାନ ଧରି ଆସିଥା'ନ୍ତି। କାଳେ ମହାପ୍ରଭୁ ରାଗିଥିବେ ବା ଅଭିମାନ କରିଥିବେ ସେଥିପାଇଁ ତାଙ୍କୁ ଶାନ୍ତ ଓ ଖୁସି କରିବା ଲାଗି ମା' ମହାଲକ୍ଷ୍ମୀ ଅନେକ ପ୍ରକାର ଦ୍ରବ୍ୟ ଆଣିଥା'ନ୍ତି। ମକର ସଂକ୍ରାନ୍ତିର ଆଉ ଦୁଇଟି ପ୍ରମୁଖ ବିଶେଷତ୍ୱ ହେଉଛି ଏହିଦିନ ୮୪ ପ୍ରକାର ଭୋଗ ସହ ମକର ଚଉରାଶି ଭୋଗ ହୋଇଥାଏ।

## ମାଜଣା ହେଲା ନୀଳଚକ୍ର

ନବାଙ୍କ ଅବସରରେ ଚୁନରା ସେବକମାନେ ଦଧି ନଉତିରେ ଚୂନ ଲେପ କରିଥିଲେ। ପରମ୍ପରା ଅନୁଯାୟୀ ମକର ସଂକ୍ରାନ୍ତି ଅବସରରେ କଳସରେ ଗେରୁ ଲେପ ଦିଆଯାଇଥିଲା। ଅଁଳା ବେଢ଼ା ଉପରି ଭାଗରେ ରାମାନନ୍ଦୀ ଚିତା ଦିଆଯାଇଥିଲା। ଏହାପରେ ଚୁନରା ସେବକମାନେ ନୀଳଚକ୍ର ମାଜଣା କରିଥିଲେ।

● ବାପଘରୁ ଫେରିଲେ ପାର୍ବତୀ

## ଲୋକନାଥଙ୍କୁ ଲାଗି ହେଲା ମକର ଚୂଳ

ପୁରୀ,୧୪।୧(ସମିସ): ଶ୍ରୀଜଗନ୍ନାଥ ମନ୍ଦିର ନୀତି ସହିତ ଶ୍ରୀଲୋକନାଥ ମନ୍ଦିର ନୀତି ଜଡ଼ିତ ରହିଛି। ପ୍ରସିଦ୍ଧ ମକର ପର୍ବ ଅବସରରେ ଲୋକନାଥ ଶୈବପୀଠରେ ମକର ପର୍ବ ପାଳିତ ହୋଇଛି। ଧନୁ ସଂକ୍ରାନ୍ତି ଦିନ ପାର୍ବତୀ ବାପଘରକୁ ଯାଇଥିଲେ। ମକର ସଂକ୍ରାନ୍ତରେ ମହାଦେବଙ୍କ ପାଇଁ ଆଭୂଷଣ ଏବଂ ବ୍ୟଞ୍ଜନ ଧରି ବାପଘରୁ ଫେରିଥିଲେ। ଏହି ପରମ୍ପରା ସ୍ୱରୂପ ବାଲିସାହିସ୍ଥିତ ବରାହୀ ମନ୍ଦିରରୁ ୨ଟି ମକର ଚୂଳ ଏବଂ ମୁଆଁ ଲୋକନାଥଙ୍କ ପାଖକୁ ଯାଇଥିଲା। ମଧ୍ୟାହ୍ନ ଧୂପ ଏବଂ ବଡ଼ସିଂହାର ବେଶରେ ଠାକୁରଙ୍କୁ ମକର ଚୂଳ ଲାଗି ହୋଇଥିଲା। ସେହିପରି ବରାହୀଙ୍କ ପୀଠରୁ ଯାଇଥିବା ମକର ମୁଆଁ ଲୋକନାଥଙ୍କ ନିକଟରେ ଭୋଗ ହୋଇଥିଲା। ପଡ଼ିଯାତ୍ରା ଯୋଗାଣିଆ ଏବଂ ମନ୍ଦିର ପୂଜକ, ପାଳିଆ, ଘଣ୍ଟୁଆ, କାହାଳିଆଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।

● ଜୟ ବିଜୟ ଦ୍ୱାରରେ ରକ୍ତ ଛିଟା

## ଶ୍ରୀମନ୍ଦିରରେ ହେଲା ବଡ଼ ମହାସ୍ନାନ

ପୁରୀ,୧୪।୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଜୟ ବିଜୟ ଦ୍ୱାରରେ ରକ୍ତ ଛିଟା ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ବୁଧବାର ମକର ସଂକ୍ରାନ୍ତି। ଏଥିପାଇଁ ଭୋର୍ ୫ଟା ୫୦ରେ ଦ୍ୱାର ଫିଟି ନୀତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ୬ଟା ୪୦ରେ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି, ଅବକାଶ ପୂଜା ଶେଷ ହୋଇଥିଲା। ରୋଷହୋମ ସରିବା ପରେ ଜୟ ବିଜୟ ଦ୍ୱାର ନିକଟରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ପୂର୍ବାହ୍ଣ ୧୧ଟାରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୧୧ଟା ୧୦ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ଟୋଟୋ ଧକ୍କାରେ ଶିଶୁ ଗୁରୁତର

ପୁରୀ,୧୪।୧(ସମିସ): ପୁରୀରେ ଅଟୋ ଚାଳକଙ୍କ ଉପରେ ପ୍ରଶାସନର ଲଗାମ ନାହିଁ। ପୂର୍ବରୁ ଚାଲୁଥିବା ଅଟୋ ସହ ଏବେ ଇ-ଅଟୋ, ଟୋଟୋ ମିଶିଗଲାଣି। ଫଳରେ ସହରରେ ଅଟୋ, ଟୋଟୋ ଚାଳକମାନେ ମନଇଚ୍ଛା ଗାଡ଼ି ଚଳାଉଛନ୍ତି। ବେପାର ପାଇଁ ସେମାନେ ଦ୍ରୁତଗତିରେ ଗାଡ଼ି ଚଳାଉଥିବାବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ହେଲେ ଏହାକୁ ଅନେକ ଚାଳକଙ୍କର ଖାତିର ନାହିଁ। ଯେଉଁଥିପାଇଁ ବୁଧବାର ମଧ୍ୟ ପୁରୀ ସହରରେ ଏକ ଟୋଟୋ ଧକ୍କାରେ ଜଣେ ଶିଶୁ ଗୁରୁତର ହୋଇପଡ଼ିଛନ୍ତି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟା ୧୫ରେ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଛକ ପାର୍କିଂରୁ ମୋଚିସାହି ଆଡ଼କୁ ଦ୍ରୁତଗତିରେ ଏକ ଟୋଟୋ ଆସୁଥିଲା। ଏହାର ଚାଳକ ନିୟନ୍ତ୍ରଣ ହରାଇ ଜଣେ ଗଙ୍ଗାସାଗର ଯାତ୍ରୀଙ୍କୁ ଧକ୍କା ଦେଇଥିଲେ। ସେ ଧରିଥିବା ଶିଶୁପୁତ୍ର ତଳେ ପଡ଼ିଯିବାରୁ ଗୁରୁତର ହୋଇପଡ଼ିଛି। ତାକୁ ସ୍ଥାନୀୟ ଇ-୨୪ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଯାତ୍ରୀ ସିସିଟିଭି ଫୁଟେଜ୍ ସହ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାଲୁଖଣ୍ଡ ଅଭୟାରଣ୍ୟରେ ଅଗ୍ନିକାଣ୍ଡ

ପୁରୀ,୧୪।୧(ସମିସ): ବାଲୁଖଣ୍ଡ ଅଭୟାରଣ୍ୟରେ ଅଗ୍ନିକାଣ୍ଡ। ବୁଧବାର ସନ୍ଧ୍ୟାରେ ନିଆଁ ଲାଗିବା ଫଳରେ ଗଛପତ୍ର ପୋଡ଼ି ନଷ୍ଟ ହୋଇଛି। କିନ୍ତୁ ସ୍ଥାନୀୟ ଲୋକଙ୍କ ଉଦ୍ୟମ ଫଳରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଟଳିଯାଇଛି। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ବେଲେଶ୍ୱର ପାଟଣା ନିକଟ ରାମକୃଷ୍ଣ ମିଶନ ମଠ ସମ୍ମୁଖ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଏହା ଦେଖି



ତୁରନ୍ତ ବନ ବିଭାଗକୁ ଖବର ଦେବା ସହ ନିଆଁକୁ ଲିଭାଇବା ପାଇଁ ଲାଗିପଡ଼ିଥିଲେ। କିନ୍ତୁ ଶୁଖିଲା ଘାସପତ୍ର ଯୋଗୁଁ ନିଆଁ ବ୍ୟାପିବାକୁ ଲାଗିଥିଲା। ସ୍ଥାନୀୟ ଲୋକେ ପାଣି ଏବଂ ବାଲି ସାହାଯ୍ୟରେ ନିଆଁ ଲିଭାଇବା କାର୍ଯ୍ୟରେ ଲାଗିପଡ଼ିଥିବା ବେଳେ ସେଠାକାର ଇଡିସି ସଦସ୍ୟ ଏବଂ ବନ କର୍ମଚାରୀ ପହଞ୍ଚିଥିଲେ। ସମସ୍ତଙ୍କ ଉଦ୍ୟମରେ ନିଆଁ ଅଧିକ ବ୍ୟାପି ପାରି ନ ଥିଲା। ପ୍ରାୟ ଗୋଟିଏ ହେକ୍ଟର ଜାଗାରେ ଥିବା ଗଛପତ୍ର ଏହି ନିଆଁରେ ନଷ୍ଟ ହୋଇଯାଇଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଭୟାରଣ୍ୟରେ ନିଆଁ ଲାଗିଲା କେମିତି? ଆଗକୁ ଖରାଦିନ ଆସୁଛି। ଏବେ ଯଦି ନିଆଁ ଲାଗୁଛି ଆଗକୁ ସ୍ଥିତି ସଙ୍ଗିନ ହୋଇପାରେ। ତେଣୁ ବନ ବିଭାଗ ଏଥିପ୍ରତି ତୀକ୍ଷ୍ଣ ନଜର ଦେବାର ଆବଶ୍ୟକତା ରହିଛି। କାରଣ ପୂର୍ବରୁ ବାଲୁଖଣ୍ଡ ଅଭୟାରଣ୍ୟରେ ନିଆଁ ଲାଗି ବ୍ୟାପକ ଗଛଲତା ଜଳିଯିବାର ନଜିର ରହିଛି। ଏ ସମ୍ପର୍କରେ ବାଲୁଖଣ୍ଡ ରେଞ୍ଜ ଅଫିସରଙ୍କୁ ପଚାରିବାରେ ନିଆଁ ଲାଗିବା ଖବର ପାଇବା ପରେ ସ୍ଥାନୀୟ ଇଡିସି ସଦସ୍ୟ ପହଞ୍ଚିଥିଲେ। ସେଠାକାର ଲୋକମାନଙ୍କ ସହ ଇଡିସି ସଦସ୍ୟ ମିଶି ନିଆଁକୁ ଲିଭାଇଥିଲେ। ଫଳରେ ନିଆଁ ଅଧିକ ବ୍ୟାପି ନ ଥିଲା। କେହି ଜାଣିଶୁଣି ନିଆଁ ଲଗାଇ ଦେଇଥିବା ଅନୁମାନ କରୁଛୁ ବୋଲି ସେ କହିଥିଲେ।

## ଧାର୍ ଟଙ୍କାକୁ ନେଇ ଗଣ୍ଡଗୋଳ; ୨ ଗିରଫ

ପୁରୀ,୧୪।୧(ସମିସ): ଧାର ଟଙ୍କା ମାଗିବାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣକୁ ନେଇ ଟାଉନ ଥାନା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କରତି ସାହିର କାର୍ତ୍ତିକ ମହାରଣା ଏବଂ ଖଟୁଆସାହିର ସୋନୁ ପ୍ରଧାନ। ପୁଲିସ ସୂଚନା ଅନୁଯାୟୀ, ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟା ୧୦ରେ ଦୋଳମଣ୍ଡପ ସାହି କରତିସାହି ରାସ୍ତାରେ ଉଭୟଙ୍କ ମଧ୍ୟ ଧାର ଟଙ୍କା ମଗାକୁ ନେଇ ଯୁକ୍ତତର୍କ ଚାଲିଥିଲା। ଏହା କ୍ରମଶଃ ଉଗ୍ରରୂପ ଧାରଣ କରିବାରୁ ପରସ୍ପରକୁ ଆକ୍ରମଣ ଓ ପ୍ରତି ଆକ୍ରମଣ କରିଥିଲେ। କାର୍ତ୍ତିକ ୪ ହଜାର ଟଙ୍କା ସୋନୁଠାରୁ ଧାର ନେଇଥିଲେ। ସୋନୁ ଟଙ୍କା ମାଗିବାରୁ କାର୍ତ୍ତିକ ଏକ କାଠପଟାରେ ସୋନୁଙ୍କୁ ଆକ୍ରମଣ କରିଥିଲେ। ଜବାବରେ ସୋନୁ ଏକ ହାତୁଡ଼ିରେ କାର୍ତ୍ତିକଙ୍କୁ ଆକ୍ରମଣ କରିଥିଲେ। ଫଳରେ କାର୍ତ୍ତିକ ମୁଣ୍ଡ ଫାଟି ଯାଇଥିଲା। ଖବର ପାଇ ପୁଲିସ ପହଞ୍ଚି ଉଭୟଙ୍କୁ ଗିରଫ କରି ଡାକ୍ତରଖାନାକୁ ନେଇଥିଲା। ସେଠାରେ ଉଭୟଙ୍କ ଚିକିତ୍ସା ପରେ କାର୍ତ୍ତିକଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରତିପକ୍ଷ ଏତଲା ଦେବାରେ ବଳମ୍ବ ଯୋଗୁଁ ସୋନୁଙ୍କୁ ପୁଲିସ ଗୁରୁବାର କୋର୍ଟ ଚାଲାଣ କରିବ ବୋଲି ସୂଚନା ଦେଇଛି। ଏ ନେଇ ଥାନାରେ ପୃଥକ୍ ମାମଲା (ନଂ.୨୬/୨୬ ଓ ୨୮/୨୬) ରୁଜୁ କରାଯାଇଛି। ପୁଲିସ ଗୋଟିଏ ସ୍କୁଟି, ଗୋଟିଏ କାଠପଟା ଏବଂ ହାତୁଡ଼ି ଜବତ କରିଛି।



ମକର ସଂକ୍ରାନ୍ତି: ସୂର୍ଯ୍ୟାସ୍ତ ସମୟରେ ପିଲାମାନେ ଗୁଡ଼ି ଉଡ଼ାଉଥିବାର ଦୃଶ୍ୟ (ଫଟୋ-ଅନୀଲ)

● ମାଞ୍ଜା ସୂତା ଉପରେ କଟକଣା

## ୧୪୮ ମାଞ୍ଜା ସୂତା ବଣ୍ଡଲ, ୫୮ ନଟେଇ ଜବତ

ପୁରୀ,୧୪।୧(ସମିସ): ଗୁଡ଼ିରେ ବ୍ୟବହୃତ ମାଞ୍ଜା ସୂତା ଅନେକ ସମୟରେ ଘାତକ ସାଜୁଛି। ରାସ୍ତାଘାଟରେ ଯାଉଥିବା ଲୋକେ ଏହା ସଂସ୍ପର୍ଶରେ ଆସି ଆହତ ହେଉଛନ୍ତି। ଏପରିକି ବେଳେବେଳେ ଜୀବନ ନେଉଛି ଏହି ମାଞ୍ଜା ସୂତା। ସାଧାରଣତଃ ମକର ସଂକ୍ରାନ୍ତିର କିଛିଦିନ ପୂର୍ବରୁ ସମଗ୍ର ରାଜ୍ୟରେ ଗୁଡ଼ିଉଡ଼ାର ମାହୋଲ ଜମିଥାଏ। ମକର ସଂକ୍ରାନ୍ତିର ଢେର୍ ଦିନ ପର୍ଯ୍ୟନ୍ତ ଗୁଡ଼ି ଉଡ଼ାଯାଏ। ତେଣୁ ଗୁଡ଼ିରେ ବ୍ୟବହୃତ ମାଞ୍ଜା ସୂତା ଯେପରି କାହା ପାଇଁ ଘାତକ ନ ହେବ ସେଥିଲାଗି ଏହା ଉପରେ କଡ଼ା ନଜର ରଖିଛି ପୁରୀ ପୁଲିସ।

ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶରେ ମାଞ୍ଜା ସୂତା ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିଛି ପୁଲିସ। କୌଣସି ସ୍ଥାନରେ ଏହାର ବ୍ୟତିକ୍ରମ ହେଉଥିଲେ ତୁରନ୍ତ ପୁଲିସକୁ ଖବର ଦେବା ପାଇଁ ଏସ୍‌ପି କହିଛନ୍ତି। ତେବେ ପୁରୀ ପୁଲିସର କଟକଣାକୁ ଫୁ କରି ଅନେକ ବଡ଼ଦାଣ୍ଡ ସମେତ ଶ୍ରୀମନ୍ଦିର ନିକଟରେ ମାଞ୍ଜା ସୂତାରେ ଗୁଡ଼ି ଉଡ଼ାଉଛନ୍ତି। ଯୁବକମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି କିଏ କାହା ଗୁଡ଼ି କାଟିପାରୁଛି ଚେଷ୍ଟା କରୁଛନ୍ତି। ଗୁଡ଼ିଗୁଡ଼ିକ କଟିଯିବା ପରେ ତଳେ ପଡୁଛି। ଫଳରେ ମାଞ୍ଜା ସୂତାରେ ଅନେକ ଛନ୍ଦି ହେବା ସହ କିଛି ଯୁବକ ସୂତାକୁ ଭିଡୁଥିବା ଦେଖିବାକୁ ମିଳୁଛି। ତେଣୁ ଏହା ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଏହି ସ୍ୱତନ୍ତ୍ର ଅଭିଯାନ ଚଳାଇଛି। ଏପରିକି କେତେଜଣଙ୍କ ବିରୋଧରେ ନିଜ ଆଡୁ ମାମଲା ରୁଜୁ କରିଛି ପୁଲିସ। ବୁଧବାର ସୁଦ୍ଧା ପୁଲିସ ୨୨ ଦୋକାନରେ ଚଢ଼ଉ କରିଥିବାବେଳେ ୫୮ଟି ନଟେଇ, ୧୪୮ଟି ମାଞ୍ଜା ସୂତା ବଣ୍ଡଲ ଓ ୨୪ଟି ଗୁଡ଼ିକୁ ଜବତ କରିଥିବା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

## ଶ୍ରୀପର୍ଣ୍ଣାର ମକର ମିଳନ, କବିତା ଆସର



ପୁରୀ,୧୪।୧(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ବୁଧବାର ଶ୍ରୀପର୍ଣ୍ଣାର ୩୯ତମ ମକର ମିଳନ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଖ୍ୟାତ ପ୍ରାବନ୍ଧିକ ସମାଲୋଚକ ପ୍ରଫେସର ଡ. ହରପ୍ରସାଦ ମିଶ୍ର, ଶିଶୁ କିଶୋର ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସୁସାହିତ୍ୟିକା ବିଜୟଲକ୍ଷ୍ମୀ ଦାଶ ମିଶ୍ର ଓ ମଞ୍ଜୁଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇଂରାଜୀ ଶିଶୁ କିଶୋର ଗଳ୍ପ ପୁସ୍ତକ "ଆରବୀୟ ରଜନୀ'ର ଓଡ଼ିଆ ଅନୁବାଦ "ଆରବୀୟ ରଜନୀ କାହାଣୀ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହାକୁ ସୁଜାତା ସିହ୍ନା ଅନୁବାଦ କରିଥିଲେ।

ପ୍ରଥମ ଅଧିବେଶନରେ ମୁଖ୍ୟବକ୍ତା ଡ. ହରପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ବିଜୟଲକ୍ଷ୍ମୀ ଦାଶ ମିଶ୍ର ଫକୀର ମୋହନ ସ୍ମରଣୀୟେଷୁ ନିଜ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସୁଜାତା ସିହ୍ନା ଅନୁବାଦ ପୁସ୍ତକ 'ଆରବୀୟ ରଜନୀ କାହାଣୀ'ର ପ୍ରଶଂସା କରି ଏହା ଶିଶୁ କିଶୋରମାନଙ୍କ ପାଇଁ ଏକ ଯଥାର୍ଥ କୃତି ବୋଲି କହିଥିଲେ। ମଞ୍ଜୁଶ୍ରୀ ମିଶ୍ର ସଭା ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ବରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ କବି ସୌଭାଗ୍ୟ ପଟ୍ଟନାୟକ। ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ କବି ଯୋଗେଶ ପ୍ରସାଦ ହୋତା। କବିତା ଆସରକୁ ସଂଯୋଜନା କରିଥିଲେ ମମତା ଦାସ ଓ ସୁଜାତା ସିହ୍ନା। ଉପସ୍ଥିତ ସମସ୍ତ କବି ଓ ଅତିଥିଙ୍କୁ ଶ୍ରୀପର୍ଣ୍ଣା ତରଫରୁ ଉପହାର ପ୍ରଦାନ କରାଯାଇଥିଲା। ଶେଷରେ ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ଯ୍ୟରେ ଯୋଗଦେଲେ ନୂଆ ସିଟି ଡିଏସ୍‌ପି



ପୁରୀ,୧୪।୧(ସମିସ): ପୁରୀର ନୂଆ ସିଟି ଡିଏସ୍‌ପି ଭାବେ ବୁଧବାର ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିଛନ୍ତି ରଶ୍ମିରଞ୍ଜନ ମହାପାତ୍ର। ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି ବିଦାୟୀ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ। ନିକଟରେ ଶ୍ରୀ ସାହୁଙ୍କ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିଲା। ବୁଧବାର ଶ୍ରୀ ମହାପାତ୍ର କାର୍ଯ୍ୟରେ ଯୋଗଦେଇଛନ୍ତି।

## ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା

ପୁରୀ,୧୪।୧(ସମିସ): ସ୍ଥାନୀୟ ଏଲ୍‌ଆଇସି କଲୋନୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଦୁଇଦିନିଆ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଅନୁପମା ମହାପାତ୍ରଙ୍କ ସଭାପତିତ୍ୱରେ ସମାରୋହରେ ଅନୁଷ୍ଠିତ ଏହି ଉତ୍ସବକୁ ଜିଲ୍ଲା କ୍ରୀଡ଼ା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସଂଯୋଜକ ବରଦା ପ୍ରଶନ୍ନ ରାଉତ ଯୋଗଦେଇଥିଲେ। ଅତିଥିମାନେ ଶିଶୁମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶରେ କ୍ରୀଡ଼ା କିପରି ପ୍ରମୁଖ ଧାରା ପାଲଟିଛି ସେ ବିଷୟରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସମଗ୍ର ଶିକ୍ଷାର ପେଡାଗୋଜି କୋଅର୍ଡିନେଟର ମୁଖ୍ୟଅତିଥି, ଆଞ୍ଚଳିକ କେନ୍ଦ୍ର ସଂଯୋଜକ ସସ୍ମିତା ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। କ୍ରୀଡ଼ା ଶିକ୍ଷକଙ୍କ ସମେତ ସୁଜାତା ମହାନ୍ତି, ସୁରେଶ ବେହେରା, ଦିପ୍ତୀ ଗିରି, ଋତୁଶ୍ରୀ ମିଶ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଆଲୋକ କୁମାର ପ୍ରଧାନ ସଂଯୋଜନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୨ ଗିରଫ

ପୁରୀ,୧୪।୧(ସମିସ): ପୁରୀରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଚାଲିଛି। ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ନିଶାଦ୍ରବ୍ୟ ଜବତ କରିବା ସହ ଅଭିଯୁକ୍ତଙ୍କୁ ବାନ୍ଧୁଛି। ଏହାସତ୍ତ୍ୱେ ଏହି ବେଆଇନ କାରବାର ଉପରେ ରୋକ୍ ଲାଗିପାରୁ ନାହିଁ। ବୁଧବାର ଟାଉନ ଥାନା ପୁଲିସ ୨୦.୫୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିବା ସହ ଯୋଗାଣକାରୀ ଓ ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ବ୍ରାଉନ୍‌ସୁଗର ଯୋଗାଉଥିବା କୁମ୍ଭାରପଡ଼ା ଥାନା ବିଶେଶ୍ୱରୀ ଲେନ୍‌ର ଟିକୁ ଭୋଇ ଏବଂ ବେପାରୀ ଟାଉନ ଥାନା ବଳଭଦ୍ର ଲେନ୍‌ର ଜ୍ଞାନରଞ୍ଜନ ଦାସ। ପୁଲିସ ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ଣ ପ୍ରାୟ ୧୦ଟା ୧୫ରେ ଟିକୁ ଜ୍ଞାନରଞ୍ଜନକୁ ବ୍ରାଉନ୍‌ସୁଗର ଦେଉଥିବା ପୁଲିସ ପାଖରେ ବିଶେଷ ସୂତ୍ରରୁ ଖବର ପହଞ୍ଚିଥିଲା। ସଙ୍ଗେ ସଙ୍ଗେ ପୁଲିସ ଘଟଣାସ୍ଥଳରେ ଚଢ଼ଉ କରି ଉଭୟଙ୍କୁ କାବୁ କରିବା ସହ ସେମାନଙ୍କଠାରୁ ୨୦.୫୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଥିଲା। ଏଥିସହ ୬,୫୨୦ ଟଙ୍କା ଏବଂ ୩ଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ ହୋଇଥିଲା। ଏ ନେଇ ଟାଉନ୍ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୨୭/୨୬) ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତେବେ ଅନୁସନ୍ଧାନ ବେଳେ ଉଭୟ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ କୁମ୍ଭାରପଡ଼ା, ବାସେଳିସାହି, ସତ୍ୟବାଦୀ ଏବଂ ଟାଉନ ଥାନାରେ ଚୋରି, ରାହାଜାନି, ଆକ୍ରମଣ ମାମଲା ରହିଥିବା ପୁଲିସ କହିଛି।

ତେଲୁଗୁ କମ୍ୟୁନିଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ତେଲୁଗୁ ୱାରିୟର୍ସଙ୍କୁ ହରାଇ ୭ ଷ୍ଟାର୍ ଚାମ୍ପିଅନ

ପୁରୀ,୧୪।୧(ସମିସ): ମକର ସଂକ୍ରାନ୍ତି ଉପଲକ୍ଷେ ତେଲୁଗୁ କମ୍ୟୁନିଟି ପକ୍ଷରୁ ବୁଧବାର ଜଗନ୍ନାଥ ଷ୍ଟାଡିୟମରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଡ. ସମ୍ବିତ୍ ପାତ୍ର



ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୧୨ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍ ତେଲୁଗୁ ୱାରିୟର୍ସ ଓ ନୂଆସାହିର ୭ ଷ୍ଟାର୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେଲୁଗୁ ୱାରିୟର୍ସ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ନୂଆସାହି ୭ ଷ୍ଟାର୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୪୭ ରନ୍ କରିଥିଲା। ଏହି ରନ୍‌କୁ ପିଛା କରି ତେଲୁଗୁ ୱାରିୟର୍ସ ୧୦୩ ରନରେ ଅଲ ଆଉଟ୍ ହୋଇଯାଇଥିଲା। ନାଗେଶ ରାଓ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ୧୦ଟି ବଲରୁ ୩୮ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିବାବେଳେ ଶିବପ୍ରସାଦ ଦାସ ତିନିଟି ମ୍ୟାଚ୍‌ରେ ବୋଲିଂ ଓ ବ୍ୟାଟିଂରେ ଭଲ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ସିରିଜ୍ ହୋଇଥିଲେ। ବିଜେତା ଟିମ୍‌କୁ ୧୦ ହଜାର ଟଙ୍କା ଓ ରନର୍ସଅପ୍ ଟିମ୍‌କୁ ୫ ହଜାର ଟଙ୍କା ଅର୍ଥରାଶି ବ୍ରହ୍ମଗିରିର ପୂର୍ବତନ ବିଧାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ସମେତ ତେଲୁଗୁ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ମାସକରେ ୧୫ ଅସହାୟ ଉଦ୍ଧାର



ପୁରୀ,୧୪।୧(ସମିସ): ଅନେକ ଅସହାୟ ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜ ପେଟପାଟଣା ପାଇଁ ପୁରୀ ସହରରେ ବୁଲି ଭିକ୍ଷା ବୃତ୍ତି କରିଥା'ନ୍ତି। ରାତି ହେଲେ ସେମାନଙ୍କୁ ଚିନ୍ତା ମାଡ଼ିବସେ କେଉଁଠି ମୁଣ୍ଡ ଗୁଞ୍ଜିବେ? ତେଣୁ ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଏପରିକି କାହା ଦୋକାନ ବାରଣ୍ଡାରେ ରାତି କାଟିଦିଅନ୍ତି। ପୁଣି ସକାଳ ହେଲେ ଭିକ୍ଷାବୃତ୍ତିରେ ବାହାରି ଯାଆନ୍ତି। ଶ୍ରୀମନ୍ଦିର ଚତୁଃପାଶ୍ୱର୍, ବଡ଼ଦାଣ୍ଡ ସମେତ ବିଭିନ୍ନ ଗଳିକନ୍ଦିରେ ଏମିତି ଅନେକ ଅସହାୟ ଲୋକଙ୍କୁ ଦେଖିବାକୁ ମିଳିଥାଏ। ସବୁଠୁ ବଡ଼ କଥା ହେଉଛି ଏବେ ବର୍ତ୍ତମାନ ପ୍ରବଳ ଶୀତ ପଡୁଛି। କିନ୍ତୁ ଅନେକ ଅସହାୟ ବ୍ୟକ୍ତି ଖୋଲା ଆକାଶ ତଳେ ରାତି କାଟୁଥିବା ଦେଖିବାକୁ ମିଳୁଛି। ତେଣୁ ଏହିପରି ନିରାଶ୍ରୟ, ଅସହାୟ ଓ ଭିକ୍ଷୁକମାନଙ୍କର କଲ୍ୟାଣ, ସୁରକ୍ଷା, ଉଦ୍ଧାର ଏବଂ ପୁନର୍ବାସ ସମ୍ପର୍କିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏସ୍‌ପି ପ୍ରତୀକ୍ ସିଂ। ବିଭିନ୍ନ ଥାନାଧିକାରୀ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏମାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଇତ୍ୟବସରରେ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିସେମ୍ବର ୧୫ରୁ ଜାନୁଆରୀ ୧୫ ମାସକ ମଧ୍ୟରେ ଭିକ୍ଷାବୃତ୍ତି କରୁଥିବା ୧୫ ଜଣ ଅସହାୟଙ୍କୁ ଉଦ୍ଧାର କରାଯାଇଛି। ଓଡ଼ିଶା ପତିତ ଉଦ୍ଧାର ସମିତି (ଓପିୟୁଏସ୍) ସହାୟତାରେ ଏମାନଙ୍କୁ ଉଦ୍ଧାର କରାଯାଇ ସର୍ବୋଦୟନଗରସ୍ଥିତ ଆଶ୍ରୟସ୍ଥଳରେ ରଖାଯାଇଛି। ତେବେ ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

# ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ଶୀତବସ୍ତ୍ର ବଣ୍ଟନ



କଣିହାଁ,୧୪ ।୧(ସମିସ): ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ତଥା ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ପ୍ରତିଷ୍ଠାତା ଅବନୀକାନ୍ତ ସାହୁ କଣିହାଁ ବ୍ଲକ ବାଲିପଶି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗରିବ, ଅସହାୟ, ନିରାଶ୍ରୟ, ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରିଛନ୍ତି । ଏଥିସହ ଲୋକଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଛନ୍ତି । ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ବେହେରା, ପୂର୍ବତନ ସରପଞ୍ଚ ନିଶାକର ପ୍ରଧାନଙ୍କ ଧର୍ମପତ୍ନୀ ଜ୍ୟୋସ୍ନାରାଣୀ ପ୍ରଧାନ, ଯୁବ ସମାଜସେବୀ କୁମର ବିଶ୍ୱାଳ, ରମେଶ ସାହୁ, ଚକ୍ରଧର ସାହୁ, କ୍ଷୀରୋଦ ସାହୁ, ନବୀନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

କିଶୋରନଗର,୧୪ ।୧(ସମିସ): କିଶୋରନଗର ବରପଡ଼ିଆରେ ବ୍ଲକ୍ ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବ୍ଲକ୍ ସଭାଗୃହରେ ବିଡିଓ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବିଏସଏସଓ ଝସକେତନ ସାହୁ ପୂର୍ବବର୍ଷ ସାଧାରଣତନ୍ତ ଦିବସ ପଳନର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ଆଗାମୀ ସାଧାରଣତନ୍ତ୍ରେ ଦିବସ ପାଳନ ଉପଲକ୍ଷେ ଆସନ୍ତା ୨୧ ତାରିଖ କିଶୋରନଗର ଡିଗ୍ରୀ କଲେଜରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବ । ୨୪ ତାରିଖେ ବରପଡ଼ିଆରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ବୈଠକରେ ବ୍ଲକ୍ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ସିଡିପିଓ ଭାଗ୍ୟଲତା ସେଠୀ, ରମଣୀ ରଞ୍ଜନ ସାହୁ, କମିଟି ସଦସ୍ୟ ଡାକ୍ତର ଅଲେଖ କୁମାର ପ୍ରଧାନ, ଖେଳଶିକ୍ଷକ ନବୀନ ବିଶ୍ୱାଳ, ବସନ୍ତ କୁମାର ପ୍ରଧାନ, ଝରାବେରଣୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ହରିବନ୍ଧୁ ପ୍ରଧାନ, ଦେବରାଜ ପ୍ରଧାନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିନିଧି ଉପସ୍ଥିତ ଥିଲେ ।

# ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ



ବଅଁରପାଳ,୧୪ ।୧(ସମିସ): ବଅଁରପାଳ ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ପିଏସ୍ଏସ୍‌ଜେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ହୋଇଛି । ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଛାତ୍ର ସଭାପତି ଦିବ୍ୟରଞ୍ଜନ ସାମଲ, ମୁଖ୍ୟବକ୍ତା ଭାବେ ଏବିଭିପି ରାଜ୍ୟ ସହ- ସମ୍ପାଦକ ଆଶିଷ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଅର୍ଥନୀତି ବିଭାଗ ଅଧ୍ୟାପକ କମଳଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# କୋର୍ଟ ପରିସରରେ ଜାତୀୟ ଯୁବ ଦିବସ




ଆଠମଲ୍ଲିକ,୧୪ ।୧(ସମିସ): ଆଠମଲ୍ଲିକ ସିଭିଲ କୋର୍ଟ ପରିସରରେ ତାଲୁକ ଆଇନସେବା କମିଟି ପକ୍ଷରୁ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଛି । ତାଲୁକ ଆଇନସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ରଞ୍ଜନ କୁମାର ସୁତାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବିବେକାନନ୍ଦଙ୍କ ବାର୍ତ୍ତା ଯୁବକ ଯୁବତୀଙ୍କ ମନରେ ଉଦ୍ରେକ ହେଲେ ସମାଜ ଶୃଙ୍ଖଳିତ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ସମ୍ମାନିତ ଅତିଥିଭାବେ ଏସଡିଜେଏମ୍ ସିଙ୍କୁନ ରାୟ, ଆଠମଲ୍ଲିକ ଓକିଲ ସଂଘ ସମ୍ପାଦକ, ବରିଷ୍ଠ ଆଇନଜୀବୀ, କ୍ରିମିନାଲ କୋର୍ଟ ବାର ସଭାପତି ପ୍ରମୁଖ ଯୋଗଦେଇଥିଲେ । ତାଲୁକ ଆଇନସେବା କମିଟି ସମ୍ପାଦକ ଅମିତ କୁମାର ନାୟକ, ସହାୟକ ସିଦ୍ଧାର୍ଥ ମହାନ୍ତି ଓ ଗୋବିନ୍ଦ ମାର୍ଣ୍ଡି ଉପସ୍ଥିତ ଥିଲେ ।

# ନାଲ୍‌କୋର ଉତ୍କଳ କୋଇଲା ଖଣି କାର୍ଯ୍ୟକୁ ବିରୋଧ

## କମ୍ପାନୀ କର୍ମଚାରୀଙ୍କୁ ମାଡ଼ ଅଭିଯୋଗରେ ୧୦ ଗିରଫ

ଛେଣ୍ଡିପଦା,୧୪ ।୧(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତ ଗୋପିବଲ୍ଲଭପୁରରେ ନାଲକୋର ପ୍ରସ୍ତାବିତ ଉତ୍କଳ ଡିଓଇ କୋଇଲା ଖଣି ଅଞ୍ଚଳରେ ଖଣି କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଫଳରେ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା । କିଛି ଗ୍ରାମବାସୀ କମ୍ପାନୀ କର୍ମଚାରୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଲିସ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ନାଲକୋ ପକ୍ଷରୁ ନାଣ୍ଡିଛୋଡ଼, ଗୋପିବଲ୍ଲଭପୁର ଗାଁରେ ଯାଉଥିବା ଉତ୍କଳ କୋଲ୍ ବ୍ଲକର ଡିଓଇରେ ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ଓ ଥଇଥାନ ବ୍ୟବସ୍ଥା ନ କରି କମ୍ପାନୀ କର୍ତ୍ତୃପକ୍ଷ ଦ୍ୱିତୀୟ ପର୍ଯ୍ୟାୟ ଖନନ କାର୍ଯ୍ୟ ପାଇଁ ସର୍ଭେ କରୁଥିବା ବେଳେ କ୍ଷତିଗ୍ରସ୍ତ ପ୍ରଜାମାନେ ବିରୋଧ କରିଥିଲେ । ଗ୍ରାମବାସୀ ଏନେଇ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୋଣସି ସୁଫଳ ମିଳି ନ ଥିଲା । କ୍ଷତିଗ୍ରସ୍ତ ପ୍ରଜାଙ୍କ କହିବାନୁଯାୟୀ ବର୍ତ୍ତମାନ ସୁଦ୍ଧା ଜମିହରା ପ୍ରଜା କ୍ଷତିପୂରଣ ରାଶି ଓ ଅନ୍ୟାନ୍ୟ ସୁବିଧା ପାଇନାହାନ୍ତି । ଏପରିକି ନାଲକୋ ଏପର୍ଯ୍ୟନ୍ତ କୌଣସି କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ପ୍ରଦାନ କରିନାହିଁ । ଗ୍ରାମବାସୀଙ୍କ ସହ ନାଲକୋ ପକ୍ଷରୁ କରାଯାଇଥିବା ଚୁକ୍ତି ପୂରଣ କଲେ କ୍ଷତିଗ୍ରସ୍ତ ପ୍ରଜା ସେମାନଙ୍କ ଜମି ଛାଡ଼ିବା ପାଇଁ ରାଜି । କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତଙ୍କ ଅଭିଯୋଗ ନ ଶୁଣି ପ୍ରଶାସନକୁ ଧରି ଜୋରଜବରଦସ୍ତ କାର୍ଯ୍ୟ ଚଳାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା ।

ଏହି ସମୟରେ ଉତ୍କଳ କୋଇଲା ଖଣିର ଡେପୁଟି ମ୍ୟାନେଜର ଭବାନୀ ଶଙ୍କର ନାୟକଙ୍କ ସମେତ ୪ରୁ ଊର୍ଦ୍ଧ୍ୱ କମ୍ପାନୀ କର୍ମଚାରୀଙ୍କୁ ମାଡ଼ ମାରି ସେମାନଙ୍କ ନିକଟରୁ ମୋବାଇଲ ପର୍ସ, ଚେନ ଆଦି ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି । ବେନିୟମ ଭାବେ କମ୍ପାନୀ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟିକରି କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ନେଇ ଭବାନୀ ଶଙ୍କର ନାୟକ ନିଶା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ନାଣ୍ଡିଛୋଡ଼ ଗ୍ରାମର ସନାତନ ଗଡ଼ନାୟକ, ବାବୁଲି ଗଡ଼ନାୟକ, ନରେଶ ଚନ୍ଦ୍ର ଗଡ଼ନାୟକ, କମ୍ମୁ ଗଡ଼ନାୟକ, ଚିତ୍ତରଞ୍ଜନ ବେହେରା, ଗଣେଶ୍ୱର ଗଡ଼ନାୟକ, ଟୁକୁନା ଗଡ଼ନାୟକ, ପଞ୍ଚାନନ ଗଡ଼ନାୟକ, ଯଶୋମତି ଗଡ଼ନାୟକ, ବିନି ଗଡ଼ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ବିଜେଡିର ୩୦ ଜଣିଆ କମିଟି ଗଠିତ

କଣିହାଁ,୧୪ ।୧(ସମିସ): ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ବ୍ରଜକିଶୋର ପ୍ରଧାନଙ୍କ ପରାମର୍ଶ ଏବଂ ପୂର୍ବତନ ପାଲଲହଡ଼ା ବିଧାୟକ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳଙ୍କ ଅନୁମୋଦନ କ୍ରମେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ ୩୦ଜଣିଆ ବ୍ଲକ କମିଟି ଗଠନ କରିଛନ୍ତି । କମିଟିରେ ୪ଜଣ ଉପସଭାପତି, ୩ଜଣ ସମ୍ପାଦକ, ଜଣେ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଓ ୨୧ଜଣ ସଭ୍ୟ ରହିଛନ୍ତି । ଉପସଭାପତି ଭାବେ ରାମଚନ୍ଦ୍ର ପ୍ରଧାନ, ଇନ୍ଦ୍ରଜିତ ସାହୁ, ମହେଶ୍ୱର ସାମଲ, ନିର୍ମଳ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସୁଶାନ୍ତ ସାହୁ, ସମ୍ପାଦକ ଜୟନ୍ତ ପ୍ରଧାନ, ପ୍ରଭାକର ମହାନ୍ତି, ବାପୁଜୀ ସାହୁ ରହିଛନ୍ତି । ନୂତନ କର୍ମକର୍ତ୍ତାଙ୍କୁ ନେଇ ଆଗାମୀ ଦିନରେ ଦଳକୁ ଶକ୍ତିଶାଳୀ କରାଯିବ ବୋଲି ବ୍ଲକ ସଭାପତି ସାହୁ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

# ମହିଳାଙ୍କୁ ମାଡ଼ ଅଭିଯୋଗରେ ୨ ଗିରଫ

ଛେଣ୍ଡିପଦା,୧୪ ।୧(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ବାଗଡ଼ିଆ ଗାଁରେ ମହିଳାଙ୍କୁ ମାରପିଟ ଅଭିଯୋଗରେ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବାଗଡ଼ିଆ ରଥସାହିର ସ୍ୱାଧୀନ ବେହେରା ଓ ତାଙ୍କର ମା' ଅହଲ୍ୟା ବେହେରା । ରଥସାହିର ରୋଜାଲିନ ବେହେରା ଓ ଅହଲ୍ୟା ବେହେରାଙ୍କ ପରିବା ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା । ମଙ୍ଗଳବାର ରୋଜାଲିନ ଗାଁ ଦାଣ୍ଡରେ ଶାଗ କିଣୁଥିବା ବେଳେ ଶାଗ ବିକାଳି ସହ ଥଟାମଜା ହେଉଥିଲେ । ଏହି ସମୟରେ ପଡ଼ିଶା ଘରର ଅହଲ୍ୟା ବେହେରା ତାଙ୍କୁ ଦେଖାଇ ଶିଖେଇ କୁହାଯାଉଥିବା କହି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏହି ବଚସା ଉଗ୍ର ହେବା ସହ ଅହଲ୍ୟା ଓ ତାଙ୍କ ପୁଅ ମିଶି ରୋଜାଲିନଙ୍କୁ ଗାଳିଗୁଲଜ କରିବା ସହିତ ମାରପିଟ କରିଥିଲେ । ଏନେଇ ରୋଜାଲିନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ମା' ଓ ପୁଅଙ୍କୁ ଗିରଫ କରିଛି ।

# ଘରୁ ଲକ୍ଷାଧିକ ଟଙ୍କାର ସୁନାରୁପା ଗହଣା ଚୋରି

କିଶୋରନଗର,୧୪ ।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଥାନା ତେନ୍ତୁଳିପଥର ଗ୍ରାମ ସୁଭଦ୍ରା ସାହୁଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଗହଣା ସହ ମୂଲ୍ୟବାନ ସାମଗ୍ରୀ ଓ କିଛି ନଗଦ ଟଙ୍କା ଚୋରି ହୋଇଥିବା ମଙ୍ଗଳବାର ସୁଭଦ୍ରା ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୁଭଦ୍ରା ତାଙ୍କ ବନ୍ଧୁଙ୍କ ଘରକୁ ଯାଇଥିବା ସମୟରେ ସେହି ଗ୍ରାମର ଜଣେ ଯୁବକ ଘରେ ପଶି ଆଲମାରିରେ ଥିବା ସମସ୍ତ ସୁନାରୁପା ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି । ତଦନ୍ତ ଚାଲିଛି ଏବଂ କିଛି ସୁରାକ ମିଳିଛି । ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୁଲିସ କହିଛି ।

# ହାଣ୍ଡିଧୁଆ ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ



ତାଳଚେର,୧୪ ।୧(ସମିସ): ତାଳଚେର ପୌରାଞ୍ଚଳସ୍ଥିତ ହାଣ୍ଡିଧୁଆ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଅନୁଗୋଳ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଉପଖଣ୍ଡ ସହକାରୀ ଜିଲ୍ଲାପାଳ ଦୀପକ ମିଶ୍ର, ଏୟୁସିସି ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ଏମ୍‌ସିଏଲ୍ ତାଳଚେର ଏରିଆ ପ୍ରକଳ୍ପ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, କାଉନସିଲର ଲୀନା ସାହୁ, ପରିଚାଳନା କମିଟି ସଭାପତି ସର୍ବେଶ୍ୱର ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ବିଜ୍ଞାନ ପ୍ରକଳ୍ପ ଏବଂ ପିଏମଶ୍ରୀ ମେଳା ଉଦଘାଟନ କରିଥିଲେ । ଜିଲ୍ଲା ବିଜେପି ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଶଙ୍କରାଚାର୍ଯ୍ୟଙ୍କ ସେବା ସଚିବ ବରୁଣ କୁମାର ସାହୁ, ପ୍ରାକ୍ତନ କାଉନସିଲର ଶଙ୍କର୍ଷଣ ବେହେରା, ସନ୍ଥପଡ଼ା ସରପଞ୍ଚ ସହଦେବ ସାହୁ, ପରିଚାଳନା କମିଟି ସଭ୍ୟ ଆଇନଜୀବୀ ଜ୍ଞାନେଶ୍ୱର ସାହୁ, ପ୍ରଫୁଲ୍ଲ ପଟ୍ଟନାୟକ, ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ ।

# ପଢ଼ିବା ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ବଇଣ୍ଡା,୧୪ ।୧(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ସାନହୁଲା ପିଏମଶ୍ରୀ ବିଦ୍ୟାଳୟ ପରିସରରେ ଚାଲିଥିବା ପଢ଼ିବା ଗଢ଼ିବା ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଛି । ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ଶିଶୁବାଟିକାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ବିଶ୍ୱନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସସ୍ମିତା ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ସାହୁ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ଏବିଇଓ କୈବଲ୍ୟ କଅଁର, ଶିକ୍ଷାବିତ୍ ସୁଧାକର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ ବେହେରା, ପଞ୍ଚସଖା ଶିକ୍ଷାସେତୁ ସଭାପତି ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଯୋଗଦେଇଥିଲେ । ତ୍ରିଲୋଚନ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜଗଦୀଶ ନନ୍ଦ ଓ ଧନ୍ୟବାଦ ଅର୍ପଣ କରିଥିଲେ

# ବନବିଭାଗ ପକ୍ଷରୁ ତାଲିମ ଶିବିର ଓ ସାମଗ୍ରୀ ବିତରଣ



କଣିହାଁ,୧୪ ।୧(ସମିସ): କଣିହାଁ ବନାଞ୍ଚଳ ତରଫରୁ ସୋମବାର ଏକ ତାଲିମ ଶିବିର ଓ ସାମଗ୍ରୀ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ, ଆରସିସିଏଫ ସଞ୍ଜୟ କୁମାର ସ୍ୱାଇଁ, ଡିଏଫଓ ନୀତୀଶ କୁମାର, ଏସିଏଫ ସିଦ୍ଧାର୍ଥ ଜୈନ, ମନୋଜ କୁମାର ମହାପାତ୍ର, ସରପଞ୍ଚ ରଞ୍ଜିତା ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବନସଂରକ୍ଷଣ ସମିତି ଅଧୀନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଶକ୍ତୀକରଣ ନେଇ ଜୀବିକା ପ୍ରୋତ୍ସାହନ ନିମନ୍ତେ ହାତଯନ୍ତ୍ର ଓ ବୈଦ୍ୟୁତିକ ଯନ୍ତ୍ର ବିତରଣ କରାଯିବା ସହ ଧନ୍ଦାମୂଳକ ଓ ବୃତ୍ତିଗତ ପ୍ରଶିକ୍ଷଣ ଦିଆଯାଇଥିଲା ।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ବଅଁରପାଳ,୧୪ ।୧(ସମିସ): ବଅଁରପାଳ ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ମନ୍ଦିର ସଭାପତି ରଜନୀକାନ୍ତ ସିଂହଙ୍କ ପୌରୋହିତରେ ଅନୁଷ୍ଠିତ ଏହି ବୈଠକରେ ମନ୍ଦିର ମୁଖ୍ୟ ଉପଦେଷ୍ଟା ନରେଶ ଚନ୍ଦ୍ର ସାହୁ, ଉପଦେଷ୍ଟା ସତ୍ୟବାନ ବରାହ, ଉପସଭାପତି ପୀତାମ୍ବର ସାହୁ, ସୁଧୀର ବରାହ, ସଦସ୍ୟ ପ୍ରଦୀପ କୁମାର ମାଝି, ବିପ୍ରଚରଣ ଜେନା, ନିର୍ମଳ କୁମାର ଗଡ଼ନାୟକ, ନିମାଇଁ ସାମଲ, ରବିନାରାୟଣ ବେହେରା, ଗଗନ ମହାଲିକ, ନିର୍ମଳ ବରାହ, ଅଭୟ ଭୂତିଆ, ସୁଧାକର ସାହୁ, ଶିବଚରଣ ସେଠୀ, ଗୋତମରା ସରପଞ୍ଚ ମଣ୍ଟୁ ବରାହ, ଚେମୁଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବସମ୍ମତି କ୍ରମେ ଶୁଭେନ୍ଦୁ କୁମାର ବେଉରା ଓ ପ୍ରେମାନନ୍ଦ ପ୍ରଧାନଙ୍କୁ ଜାନୁଆରୀ ୨୬ରେ ହେବାକୁ ଥିବା ଏହି ୨ୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞର ସମ୍ପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରାଯାଇଛି । ମନ୍ଦିର କମିଟିର ସମସ୍ତ ସଦସ୍ୟ ନାମଯଜ୍ଞ ପୂର୍ବଦିନଠାରୁ ପରଦିନ ପର୍ଯ୍ୟନ୍ତ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ମନ୍ଦିର ସଦସ୍ୟ ଶୁଭେନ୍ଦୁ ବେଉରା ବୈଠକ ଆରମ୍ଭ ଓ ଶେଷରେ ଭଜନ ଗାନ କରିଥିଲେ ।



# ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସାତକୋଶିଆ,୧୪ ।୧(ସମିସ): ଅନୁଗୋଳ ବ୍ଲକ କୋଠଭୂଇଁ ପଞ୍ଚାୟତ ବାଘମୁଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ରାଜେନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ିବା ସହ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । କମ୍ବରୀ ବିଟ୍ ବନପାଳ ଅନ୍ନପୂର୍ଣ୍ଣା ସାହୁ ମୁଖ୍ୟବ୍ୟକ୍ତା ଭାବେ ଯୋଗଦେଇଥିଲେ । ଶିକ୍ଷକ ବୃନ୍ଦାବନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ନରୋତ୍ତମ ବେହେରା, ସୁଜିତ ପ୍ରଧାନ, ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ, କୁନି ନାୟକ ସହଯୋଗ କରିଥିଲେ ।

# ଟାଇଁସି ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ



ସାତକୋଶିଆ,୧୪ ।୧(ସମିସ): ଅନୁଗୋଳ ବ୍ଲକ ଟାଇଁସି ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଛି । ପୂଜାର୍ଚ୍ଚନା ପରେ ଶାଖା ପରିଚାଳକ ଜୀବନାନନ୍ଦ ହୋତା, ସମିତି ସଭାପତି ଗଦାଧର ମହାରଥି ଫିତାକାଟି ମଣ୍ଡି ଉଦଘାଟନ କରିଥିଲେ । ସମିତି ସମ୍ପାଦକ ଗୁଣନିଧି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

# ସମଲ ପ୍ୟାକ୍ସରେ ଧାନମଣ୍ଡି ଉଦଘାଟିତ



କଣିହାଁ,୧୪ ।୧(ସମିସ): କଣିହାଁ ବ୍ଲକ ସମଲ ସମବାୟ ସମିତିରେ ହରିହରପୁର ଓ କୁଲେଇ ପଞ୍ଚାୟତର ଚାଷୀଙ୍କ ପାଇଁ ଧାନମଣ୍ଡି ଉଦଘାଟିତ ହୋଇଛି । ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଅନୁଗୋଳ ସମବାୟ ସମିତି ସମୂହ ଉପନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ, ତାଳଚେର ସହକାରୀ ନିବନ୍ଧକ ନିରଞ୍ଜନ ସେଠ, ଡାନିଏଲ ଏକା, ସମଲ ସରପଞ୍ଚ ଜିତେନ୍ଦ୍ର ବେହେରା, କୋଅପରେଟିଭ୍ ବ୍ୟାଙ୍କ ଅଧ୍ୟକ୍ଷ ସନ୍ତୋଷ ପ୍ରଧାନ, ହରିହରପୁର ସମିତି ସଭ୍ୟା ପୁଷ୍ପଲତା ସାହୁ, ସମଲ ଗ୍ରାମ ସଭାପତି ତୋଷମଣି ସାହୁ, ସମଲ ସମବାୟ ସମିତି ସଭପତି ଗଣେଶ୍ୱର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମଲ ସମବାୟ ସମିତି ସମ୍ପାଦକ ସତ୍ୟନାରାୟଣ ପୃଷ୍ଟି ଅତିଥିଙ୍କୁ ସ୍ୱାଗତ କରିଥିଲେ । ମଣ୍ଡିରେ ସଂଗୃହୀତ ସମସ୍ତ ଧାନ ମିରାନିଆ ରାଇସ୍ ମିଲ ନେଢ୍ୱୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ସମଲ ସମବାୟ ସମିତିର ସୁମତି ସାମଲ, ଧଡ଼ିଆ ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ପଣ୍ଡିଚରଣ ପ୍ରଧାନ, ସୁଦର୍ଶନ ପ୍ରଧାନ, ମଞ୍ଜରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ବ୍ୟସ୍ତବହୁଳ ରାସ୍ତାରେ ଟାଟାର ଦଦରା ବିଦ୍ୟୁତ୍ ଖୁଣ୍ଟ

ଅନୁଗୋଳ,୧୪ ।୧(ସମିସ)



ବିଦ୍ୟୁତ ସେବାରେ ସଂସ୍କାର ଆଣିବା ନାଁରେ ଅର୍ଥ ଶୋଷଣ ନୀତି ଆପଣେଇଛି ବିଦ୍ୟୁତ ବିତରଣକାରୀ କମ୍ପାନୀୟ ଟିପିସିଓଡିଏଲ୍ । ମରାମତି ବାହାନାରେ ସହରଠାରୁ ଗ୍ରାମାଞ୍ଚଳ ଯାଏଁ ଘନ ଘନ ଅଘୋଷିତ ବିଦ୍ୟୁତ କାଟ, ଚାଇନା ମିଟର ପୁଣି ବିଦ୍ୟୁତ ଦର ବୃଦ୍ଧି ଲୋକଙ୍କ ଉପରେ ବୋଝ ହେଉଛି । ତେବେ କେଉଁଠି ଦୀର୍ଘଦିନର ପୁରୁଣା ବିଦ୍ୟୁତ ତାର ତଳକୁ ଝୁଲି ରହିଛି ତ ଆଉ କେଉଁଠି ଲୁହା ଖୁଣ୍ଟରେ କଳଙ୍କି ଲାଗି ଟଳିପଡ଼ିବା ଅବସ୍ଥାକୁ ଆସିଲାଣି । ବିପଦସଙ୍କୁଳ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁ ଘଟଣା ନଜରକୁ ଆସୁଥିବା ବେଳେ ୫/୬ମାସ ପୂର୍ବେ ବନ୍ତଳା ଥାନା ଅନ୍ତର୍ଗତ ଜୋକୁବ ଗାଁରେ ଘର ଛାତର ଅଳ୍ପ ଉଚ୍ଚରେ ଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ଏଭଳି ଭାବେ ଟାଟା କମ୍ପାନୀର ଶୋଷଣରେ ବିଦ୍ୟୁତ ଉପଭୋକ୍ତା ଅତିଷ୍ଠ ହୋଇ ପଡ଼ିଲେଣି । ଅତ୍ୟଧିକ ସିକ୍ୟୁରିଟି ଡିପୋଜିଟ ନେଇ ସାରା ରାଜ୍ୟରେ ହଟଚମଟ ଚାଲିଛି । ଉପଭୋକ୍ତାମାନେ ଟାଟା କମ୍ପାନୀର ନୀତି ବିରୋଧରେ ପ୍ରତିବାଦ କରୁଛନ୍ତି । ଅନୁଗୋଳରେ ସ୍ମାର୍ଟ ମିଟର, ଡିଜିଟାଲ ମିଟର ଲଗାଇ ଉଚ୍ଚ ଦରରେ ବିଦ୍ୟୁତ ବିଲ୍

## ବିପଦ ଆଶଙ୍କାରେ ପଥଚାରୀ

ଆଦାୟ କରୁଛି । ବିଲ୍ ପୈଠରେ ସାମାନ୍ୟ ସହନଶୀଳତା ରଖୁନାହିଁ । ବିଲ୍ ନାହିଁ ତ ବିଦ୍ୟୁତ ନାହିଁ । ଗ୍ରାହକଙ୍କୁ ହଇରାଣ ହରକତ କରୁଛି ଟାଟା କମ୍ପାନୀ ।

ମାତ୍ର ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ପ୍ରଦାନରେ ବିଫଳ ହୋଇଛି କମ୍ପାନୀ । ବିଦ୍ୟୁତ ସେବା ଯୋଗାଣରେ ଭିତ୍ତିଭୂମିକୁ ମଧ୍ୟ ସୁଧାରି ପାରିନି । ୫୦ବର୍ଷର ଲୁହା ବିଦ୍ୟୁତ ଖୁଣ୍ଟ ଆଜିବି କେତେକ ସ୍ଥାନରେ ପରିବର୍ତ୍ତନ ହୋଇପାରିନାହିଁ । ସେତେବେଳର ରାସ୍ତା ପାଶ୍ୱର୍ ବିଦ୍ୟୁତ ଖୁଣ୍ଟ ଆଜି ରାସ୍ତା ଚଉଡ଼ା ହେବା ପରେ ରାସ୍ତା ଉପରେ ରହିଛି । ଦୀର୍ଘ ଦିନର ଲୁହା ଖୁଣ୍ଟର ମୂଳ କଳଙ୍କି ଲାଗି ଭାଙ୍ଗିବାକୁ ବସିଲାଣି । ଏଭଳି ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ ଖୁଣ୍ଟ ଅନୁଗୋଳ ସହରର ଏକ ଜନଗହଳିପୂର୍ଣ୍ଣ ତଥା ବ୍ୟସ୍ତବହୁଳ ରାସ୍ତା ଲିଙ୍ଗରଯୋଡ଼ି ଛକରୁ ବଣିଆବାହାଳ-ହୁଲୁରସିଂଘା ରାସ୍ତାରେ ଦେଖିବାକୁ ମିଳିଛି । ଯାହା ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଯାତାୟାତ ବେଳେ ଦୁର୍ଘଟଣା ଆଶଙ୍କା ରହିଛି । ଖୁଣ୍ଟର ମୂଳ କଳଙ୍କି ଲାଗି ଝଡ଼ିଯାଇଛି । କେତେବେଳେ ଯେ ଖସିପଡ଼ି ଧନଜୀବନ ନଷ୍ଟ କରିବ, ତାହା ସମୟ ହିଁ କହିବ । ଉକ୍ତ ବିପଦସଙ୍କୁଳ ବିଦ୍ୟୁତ ଖୁଣ୍ଟ ଅପସାରଣ କରିବାକୁ ସ୍ଥାନୀୟ ଲୋକେ ବିଦ୍ୟୁତ ବିଭାଗକୁ ଲିଖିତ ଭାବେ ଅଭିଯୋଗ କରି ପ୍ରାୟ ବର୍ଷେ ବିତିଗଲାଣି । ବିଭାଗୀୟ ଅଧିକାରୀ ତାରିଖ ପରେ ତାରିଖ ଗଡ଼ାଇ ଚାଲିଛନ୍ତି । ତୁରନ୍ତ ଏହି ଖୁଣ୍ଟ ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜଳଭଣ୍ଡାରରୁ ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କୋରାପୁଟ,୧୪।୧(ସମିସ): କୋରାପୁଟ ଟାଉନ ଥାନା ସୁନାପୁର ନିକଟ କୋଲାବ ଜଳ ଭଣ୍ଡାରରୁ ଜଣେ ବୃଦ୍ଧାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବୃଦ୍ଧା ଜଣକ ସୁନାପୁର ଗ୍ରାମର ସଇତା ଖିଲ (୬୦) ବୋଲି ଜଣାପଡିଛି। ବୁଧବାର ସକାଳୁ ଗାଁ ନିକଟସ୍ଥ କୋଲାବ ଜଳଭଣ୍ଡାରରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସ୍ଥାନୀୟ କାଉନସିଲର ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଦେଖି ୩ ଦିନ ପୂର୍ବରୁ ନିଖୋଜ ଥିବା ସଇତା ଖିଲ ବୋଲି ଜାଣିବାକୁ ପାଇଥିଲେ। କାଉନସିଲର ଲେହା ପ୍ରଧାନ ତୁରନ୍ତ ୧୧୨ କୁ ଯୋଗାଯୋଗ କରିବା ପରେ କୋରାପୁଟ ଟାଉନ୍ ପୁଲିସ ଏକ ଟିମ୍ ଏବଂ ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ କୋଲାବ ଜଳଭଣ୍ଡାରରୁ ଉଦ୍ଧାର କରିଥିଲେ। ମୃତ ବୃଦ୍ଧାଙ୍କ ସମ୍ପର୍କୀୟ ନିକଟସ୍ଥ ଗ୍ରାମ ଝାଟିଗୁଡାରେ ରହୁଥିବାରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଜଳଭଣ୍ଡାରକୁ ଶୌଚ ହେବାକୁ ଯାଇଥିବା ସମୟରେ ପାଣିରେ ଖସି ପଡ଼ି ଥିବା ଆଶଙ୍କା କରିଛନ୍ତି ସମ୍ପର୍କୀୟ। ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଦାବି କରିଛନ୍ତି ସମ୍ପର୍କୀୟ। ପୁଲିସ ମୃତଦେହ ଜବତ କରି କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

# ଭୋଗୀ ପର୍ବ ପାଳିତ



ପାପଡାହାଣ୍ଡି,୧୪।୧ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଅଞ୍ଚଳରେ ଧୁମଧାମ୍‌ରେ 'ଭୋଗୀ ପର୍ବ' ପାଳିତ ହୋଇଯାଇଛି। ଏହି ଅବସରରେ ତେଲୁଗୁ ସମାଜ ସହ ଅନ୍ୟ ସମାଜର ଭାଇଭଉଣୀ ଏକାଠି ହୋଇ ନୂଆ ସାହି ଠାରେ ପିଏଲଭି ସଭ୍ୟ ରାଜ କିଶୋର ରାଓ ସମସ୍ତଙ୍କୁ ଏକାଠି କରି ସାମୂହିକ ଭାବରେ ନାଚ,ଗୀତ ସହିତ ପରସ୍ପରକୁ ଶୁଭ କାମନା ଜଣାଇଥିଲେ । ଏହି ଅବସରରେ ଭୋଗିରେ ନିଆଁ ଲଗାଇ ସମସ୍ତଙ୍କ ପାଇଁ ଶୁଭ କାମନା କରାଯାଇଥିଲା। ଏହି ଅବସରରେ ପାପଡ଼ାହାଣ୍ଡି ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଆଇଆଇସି ଦୀପକ୍ କୁମାର ଜେନା, ବିଡିଓ କପିଲ ଦେବ୍ ସାହୁ, ବାବଲୁ ଖାଁ, ରାଜା ଜୟେଲ, ରାଜେଶ ପିଲାଇଙ୍କ ସମେତ ବହୁ ଲୋକ ଏକାଠି ହୋଇ ବିଭିନ୍ନ ସମାଜର ଲୋକଙ୍କୁ ଏକାଠି କରି ଭୋଗୀ କାର୍ଯ୍ୟକ୍ରମ ଉତ୍ସାହ ସହିତ ପାଳନ କରିଥିଲେ। ଏହି ପର୍ବ ଅବସରରେ ସାମୂହିକ ଭାବେ ଭୋଗୀ ନିଆଁ ଲଗାଇବା ଠାରୁ ଆରମ୍ଭ କରି ନୂତନ ଚାଉଳରେ କ୍ଷୀରି ପ୍ରସ୍ତୁତ କରିବା ସହ ଏହି ସମୟରେ ସହରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ଏବଂ ସମସ୍ତଙ୍କୁ ଶୁଭକାମନା ମଧ୍ୟ ଜଣାଇଥିଲେ।।

ଏକ ପ୍ରତିଭାସମ୍ପନ୍ନ ଉଦ୍ୟମୀଙ୍କ ସ୍ମୃତିରେ



୰ ଶୁଭଜ୍ୟୋତି ହୋତା
ଆବିର୍ଭାବ: ୨୫.୦୨.୧୯୯୩
ତିରୋଧାନ: ୦୯.୦୧.୨୦୨୬
ଶ୍ରୀ ଶୁଭଜ୍ୟୋତି ହୋତା, ପ୍ରୋପାଇଟର - Mamata Foods and Beverages ଏବଂ ଡାଇରେକ୍ଟର - Intravenous Healthcare Pvt. Ltd., Mechanical Engineer ଏବଂ MBA
Plot no - 778/1351, Mamata, Lane 2, Durgamadhabnagar

# ୧୬ ଘଣ୍ଟା ପରେ ହଟିଲା ରାସ୍ତାରୋକ



ଅମ୍ବାଦଲା,୧୪।୧(ସମିସ): ଆଲୁମିନିୟମ ପାଉଡର ଟ୍ୟାଙ୍କର ଚପାରେ ଗତକାଲି ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟଣାରେ କ୍ଷତିପୁରଣ ଦାବି କରି ଦୀର୍ଘ ୧୬ ଘଣ୍ଟା ରାସ୍ତା ଅବରୋଧ କରାଯାଇଥିଲା। ଗତ କାଲି ସଂଧ୍ୟାରେ ହୋଇଥିବା ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକ କ୍ଷତିପୂରଣ ଦାବିରେ ଗତକାଲି ରାତି ତମାମ ରାଜରାସ୍ତାରେ ଗୋଟିଏ ବି ଗାଡିକୁ ଛାଡିନଥିଲେ। ଫଳରେ ରାୟଗଡା ଓ କଳାହାଣ୍ଡି ରାସ୍ତାରେ ହଜାର ହଜାର ଗାଡି ରହିଯାଇଥିଲା। ରାସ୍ତା ଅବରୋଧ ଫଳରେ ସେହି ରାସ୍ତାରେ ଯାତ୍ରା କରୁଥିବା ଯାନବାହାନର ଯାତ୍ରୀ, ଡ୍ରାଇଭର ଓ ଅନ୍ୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଆଜି ସକାଳୁ ଅମ୍ବାଦଲା ଆଇଆଇସି କଳ୍ପନା ବେହେରା, ଏସଡିପିଓ ସନ୍ତୋଷିନୀ ଓରାମ, ବିଶ୍ୱନାଥପୁର ଆଇଆଇସି ତୁଳସିରାମ ଶବର ,ଏଏସଆଇ ପ୍ରଶାନ୍ତ ପାଢୀ, ଓ କୋରାପୁଟ ଏମପିଙ୍କ ମୁନିଗୁଡା ବ୍ଲକ ପ୍ରତିନିଧି ରଜନୀକାନ୍ତ ପୋଡାଲ, ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ରଞ୍ଜନ ସ୍ୱାଇଁ ଦକ୍ଷ ଭାତ୍ରା ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ରାସ୍ତା ଅବରୋଧ ହଟାଇଥିଲେ। ଗତକାଲି ରାସ୍ତା ଦୁର୍ଘଟଣାରେ କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ସିତାପୁର୍ ଗ୍ରାମର ଈଶ୍ୱର ବେହେରା ମୃତ୍ୟବରଣ କରିଥିଲେ । ପ୍ରଶାସନ ତରଫରୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ କ୍ଷତିପୁରଣ ଦେବା ପାଇଁ ପ୍ରତିଶୃତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

● ବିଜୟ ଶୋଭାଯାତ୍ରାରେ ବାଣ ଫୁଟାଇବା ବେଳେ ଅଘଟଣ

# ହାତ ଜଳିଯାଇ କନେଷ୍ଟବଳ ଗୁରୁତର

ରାୟଗଡ଼ା,୧୪।୧(ସମିସ): ରାୟଗଡ଼ା ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘ ନିର୍ବାଚନ ଗତ ଦୁଇ ଦିନ ତଳେ ଶେଷ ହୋଇଥଲା। ଆଜି ସନ୍ଧ୍ୟାରେ ଏ ନେଇ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ହୋଇଥିବା ପ୍ରାର୍ଥୀମାନେ ମା ମଝିଘରିଆଣୀ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ସମୟରେ ବାଣ ଫୁଟାଇବା ବେଳେ ଜଣେ କନେଷ୍ଟବଳ ଗୁରୁତର ଆହତ ହୋଇଛନ୍ତି। ଆହତ କନେଷ୍ଟବଳ ଜଣକ ହେଲେ କୃଷ୍ଣଚନ୍ଦ୍ର ବାଗ । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ହେଲେ କୃଷ୍ଣ ଚନ୍ଦ୍ରଙ୍କ ହାତରେ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ତେନ୍ତୁଳିଗୁମ୍ମାରେ ମଣ୍ଡି ଖୋଲିବା ପାଇଁ ଦାବି



ବୈପାରୀଗୁଡ଼ା,୧୪।୧(ସମିସ): ବୈପାରୀଗୁଡା ବ୍ଲକ ତେନ୍ତୁଳିଗୁମ୍ମା ପଞ୍ଚାୟତବାସୀ ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।ଦାବି ଅନୁଯାୟୀ ତେନ୍ତୁଳିଗୁମ୍ମାରେ ମଣ୍ଡି ବ୍ୟବସ୍ଥା ନାହିଁ । ଏଣୁ ଚାଷୀର ଧାନ ବିକ୍ରି ପାଇଁ ରାମଗିରି ମଣ୍ଡି ଆଣିବାକୁ ପଡୁଛି। ଏଥିପାଇଁ ସେମାନଙ୍କୁ ନବେ କିଲୋମିଟର ଦୁର ଅତିକ୍ରମ କରୁଛନ୍ତି । ରାମଗିରି ମଣ୍ଡିକୁ ଆଣି ଧାନ ବିକ୍ରି କରିବା ପାଇଁ ଅଧିକ ଖର୍ଚ୍ଚ ସହ କଷ୍ଟ ମଧ୍ୟ ହେଉଛି । ଏବେ ଦୂରରୁ ଆସି ଶୀତ କାକରରେ ମଣ୍ଡିକୁ ଯିବା ମୁସ୍କିଲ। ଏଥିରେ ହନ୍ତସନ୍ତ ହେଉଛନ୍ତି ତେନ୍ତୁଳିଗୁମ୍ମା ପଞ୍ଚାୟତର ସମସ୍ତ ଚାଷୀ। ଏଣୁ ତେନ୍ତୁଳିଗୁମ୍ମାରେ ଧାନ ମଣ୍ଡି ଆରମ୍ଭ ପାଇଁ ଦାବି ହୋଇଛି । ସରପଞ୍ଚ ମମିତା ନାୟକଙ୍କ ସମେତ ଅଞ୍ଚଳବାସୀ ତହସିଲଦାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସେପଟେ ସ୍ଥାନୀୟ ତହସିଲଦାର ସିଗ୍ମା ଚୌଧୁରୀ କହିଛନ୍ତି, ଏ ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର କରିବେ। ଚଳିତ ବର୍ଷ ବୈପାରୀଗୁଡା ମଣ୍ଡିରୁ ସେମାନଙ୍କ ଧାନ ଉଠାଇବା ପାଇଁ ଚେଷ୍ଟା କରିବେ ଏବଂ ଆଗାମୀ ଦିନରେ ତେନ୍ତୁଳିଗୁମ୍ମା ଠାରେ ମଣ୍ଡି ଖୋଲିବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ ।

# ଚୋରା କାଠ ବୋଝେଇ ଟ୍ରକ୍ ଜବତ

ପାପଡାହାଣ୍ଡି ,୧୪।୧ (ସମିସ): ପୁଣି ଥରେ ଆଜି ମୈଦଲପୁର ବନବିଭାଗକୁ ମିଳିଛି ବଡ ସଫଳତା। ଦୁଇ ଦିନ ପୂର୍ବରୁ ଏକ ୧୨ ଚକିଆ ଚୋରା କାଠ ଭର୍ତି ଟ୍ରକକୁ ଧରି ଚାଳକକୁ ଗିରଫ କରି କାଠ ସହିତ ଟ୍ରକକୁ ଜବତ କରିଥିବା ବେଳେ ଆଜି ପୁଣି ଥରେ ଆମପାଣି ନିକଟରୁ ମାଲକାନଗିରି ଜିଲ୍ଲାକୁ ଏକ ୧୨ ଚକିଆ ଟ୍ରକ ଜବତ କରାଯାଇଛି। ଏହାର ନଂ ଓଡି ୩୦ ଏ ୫୮୩୬। ଚୋରା କାଠ ଚାଲାଣ ସମୟରେ ମୈଦଲପୁର ବନବିଭାଗ କୌଣସି ସୂତ୍ରରୁ ଖବର ପାଇ କାର୍ଯ୍ୟଳୟ ନିକଟରେ ମାଡ଼ିବସିଲା । ଗାଡି ଚାଳକ ମାଲକାନଗିରି ଜିଲ୍ଲାର ରାମଦାସ ସରକାରଙ୍କୁ ଅଟକ ରଖିଛି ବନବିଭାଗ ଏବଂ ଏହି ଚାଲାଣ ରେ ସମ୍ପୃକ୍ତ ରାକେଟ ବିଷୟରେ ଅଧିକ ଅନୁସନ୍ଧାନ ଚଳାଇଛ । ଚଢ଼ାଉ ସମୟରେ ଡାବୁଗାଁ ରେଞ୍ଜର ରାମଚନ୍ଦ୍ର ଭତରା, ମୈଦେଲପୁର ବନପାଳ ମଧୁସୂଦନ ପାତ୍ର, ବସନ୍ତ କୁମାର ନାୟକ, ଉମାଶଙ୍କର ମିଶ୍ର, ସରସ୍ୱତୀ ମେହେର, ମସୁସ୍ମିତା ତ୍ରିପାଠୀ, ବୈଦ୍ୟନାଥ ମାଝୀ, ଝଡେଶ୍ୱର ହରିଜନ ପ୍ରମୁଖ ସାମିଲ ଥିଲେ।

# ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ନନ୍ଦପୁର, ୧୪।୧ (ସମିସ): ନନ୍ଦପୁର ବ୍ଲକ୍ ଅଧୀନସ୍ଥ ପାଡୁଆ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଏମ୍ ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରି ଗୌରୀ ମଣି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ବୁଲି ଦେଖିଥିଲେ। ସମ୍ମାନିତ ଅତିଥି ଭାବେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ବିଧାୟକ ପ୍ରତିନିଧି କାମେଶ କାମୁଡି, ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ବିଓ ଭବାନୀ ନନ୍ଦନ ପଟ୍ଟନାୟକ, ବିଇଓ ମମତାଜ ଗୋମାଙ୍ଗ ପ୍ରମୁଖ ଯୋଗ ଦେଇଥିବା ବେଳେ କୁଲା ବିର ଗ୍ରାମ ପଞ୍ଚାୟତ ସରପଞ୍ଚ ସଇତା ସମେଲଙ୍କ ସମେତ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ । ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

# ଫେରାର ଦୁଇ ଅଭିଯୁକ୍ତ ଗିରଫ

ଜୟପୁର,୧୪।୧(ସମିସ): ଜୟପୁର ସଦରଥାନା ପୁଲିସ ପକ୍ଷରୁ ଦୁଇଟି ପୁରୁଣା ଅବକାରୀ ମାମଲାରେ ଫେରାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛନ୍ତି। ଗିରଫ ୨ ଅଭିଯୁକ୍ତ ହେଲେ ସ୍ଥାନୀୟ ପଲକାପୁଟ ଗ୍ରାମ ନୂଆଗୁଡାର ଜଗନ୍ନାଥ ହରିଜନ (୪୦) ଏବଂ ତୁଳା ହରିଜନ (୪୦)। ଆଜି ସଦରଥାନା ପୁଲିସ କୋର୍ଟ ପକ୍ଷରୁ ଜାରି ହୋଇଥିବା ଜାମିନ ବିହୀନ ପରୱାନା (ଏନବିଡବ୍ଲୁ) ମାଧ୍ୟମରେ ଗିରଫ କରିଥିଲେ। ଅଭିଯୁକ୍ତ ଜଗନ୍ନାଥ ବିରୋଧରେ ଗତ ୨୦୨୪ ମସିହାରେ ଏବଂ ଅଭିଯୁକ୍ତ ତୁଳା ବିରୋଧରେ ୨୦୨୨ ମସିହାରେ ବେଆଇନ ମଦ ଚାଲଣ ଏବଂ ବିକ୍ରି କରୁଥିବା ନେଇ ଏକ ମାମଲା ରୁଜୁ ହୋଇଥିଲା। ଏହିପରି କୋର୍ଟ ପକ୍ଷରୁ ବାରମ୍ବାର ନୋଟିସ ସତ୍ତ୍ୱେ ଉଭୟ କୋର୍ଟରେ ଉପସ୍ଥିତ ରହୁନଥିବା ଯୋଗୁଁ ଶେଷରେ କୋର୍ଟ ପକ୍ଷରୁ ଏନବିଡବ୍ଲୁ ଜାରୀ କରାଯାଇଥିଲା ଏବଂ ଆଜି ସଦରଥାନା ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

# ୧୦ ଜୁଆଡ଼ି ଗିରଫ

ଜୟପୁର, ୧୪।୧(ସମିସ): ଜୟପୁର ଟାଉନଥାନା ପାକ୍ଷରୁ ଆଜି ସନ୍ଧ୍ୟା ସାଢ଼େ ୮ଟା ସମୟରେ ପାରବେଡ଼ା ସ୍ଥାନୀୟ ଛକ ଠାରେ ଏକ ଗୃହରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ୧୦ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇ ସେମାନଙ୍କ ନିକଟରୁ ୩୮ ହଜାର ୫ଶହ ଟଙ୍କା ଜବତ କରାଯାଇଛି। ପୋଙ୍ଗଲ ଉତ୍ସବ ପାଳନ ଅବସରରେ ଏକ ନିର୍ଦ୍ଧିଷ୍ଟ ସମ୍ପ୍ରଦାୟର ଲୋକମାନେ ଜୁଆ ଖେଳୁଥିବା ବେଳେ ସୂଚନା ଅନୁଯାୟୀ ଟାଉନ ପୁଲିସ ଖବର ପାଇ ଚଢଉ କରିଥିବା ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ସର୍ଟସର୍କିଟରୁ ଗ୍ୟାରେଜ୍‌ରେ ଲାଗିଲା ନିଆଁ

ଜୟପୁର,୧୪।୧(ସମିସ): ଜୟପୁର ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥସ୍ଥ ବାଇପାସ ରୋଡ କୁମ୍ଭାରସାହି ଛକ ନିକଟରେ ଏକ ଗ୍ୟାରେଜରେ ସର୍ଟ ସର୍କିଟରେ ନିଆଁ ଲାଗି ମୂଲ୍ୟବାନ ମରମତି ଯନ୍ତ୍ରାପତି ପୋଡିଯାଇଛି। ଗତକାଲି ରାତିରେ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ପ୍ରକାଶ ଯେ, ଗତକାଲି ରାତି ପ୍ରାୟ ସାଢେ ୧୦ଟା ସମୟରେ ଉକ୍ତ ଗ୍ୟାରେଜରେ ନିଆଁ ଲାଗିଥିବା ଲାଗିଥିଲା। ସେଠାରେ ଉପସ୍ଥିତ ଥିବା ଲୋକ ମାନେ ଅଗ୍ନିଶମ ବିଭାଗ ଏବଂ ଟାଉନଥାନା ପୁଲିସକୁ ଫୋନ ମାଧ୍ୟମରେ ସୂଚନା ଦେଇଥିଲେ। କିନ୍ତୁ ଗ୍ୟାରେଜ ବନ୍ଦ ରହିଥିବା ଯୋଗୁଁ ମରାମତି ନିମନ୍ତେ କିଛି ଯନ୍ତ୍ରପାତୀ ଏବଂ ପୁରୁଣା ଇଞ୍ଜିନ ଅଏଲ ଗୁଡିକ ନିଆଁରେ ପୋଡିଯାଇଥିବା ନେଇ ସହକାରୀ ଅଗ୍ନିଶମ ଅଧିକାରୀ ସୁରେଶ ଚନ୍ଦ୍ର ବାରିକ ପ୍ରକାଶ କରିଛନ୍ତି।

# ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ

ବିଷମ କଟକ, ୧୪।୧(ସମୀସ) ସ୍ୱ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଏକ ସ୍ୱଦେଶୀ ସଂକଳ୍ପ ଯାତ୍ରା ଶାବର ଶ୍ରୀକ୍ଷେତ୍ର, କୋରାପୁଟରୁ ବାହାରି ଆଜି ବିଷମ କଟକ ଠାରେ ପହଞ୍ଚିଛି । ବିଷମକଟକ ଠାରେ ରଥକୁ ସ୍ୱାଗତ କରି ପାଛୋଟି ଆଣି ସ୍ଥାନୀୟ ବସ୍ ଷ୍ଟାଣ୍ଡ ଠାରେ ଏକ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କଳାହାଣ୍ଡି ବିଭାଗ କର୍ଯ୍ୟବାହ ମୂରଲୀଧର ବେହେରା ମୁଖ୍ୟ ଅତିଥି, ବିଷମ କଟକ ଖଣ୍ଡ ଚାଳକ ନେତ୍ରାନନ୍ଦ ଶତପଥୀ ,ଶିବ ସାହୁ, ଲକ୍ଷ୍ମୀକାନ୍ତ ପଣ୍ଡା,ଅନିଲ ସାହୁ , ମୁଖ୍ୟବକ୍ତା ମଞ୍ଚର ପ୍ରାନ୍ତ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ, ପ୍ରାନ୍ତ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଅଭୟ ପ୍ରସାଦ ଜେନା, ପ୍ରାନ୍ତ ବିଚାର ପ୍ରମୁଖ ଡ. ରବି ନାରାୟଣ ମିଶ୍ର, ସୁବଧ୍ ପ୍ରଧାନୀ ଯୋଗ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ସାଇରାମ ପଟ୍ଟନାୟକ, କାଳୀଚରଣ ତ୍ରିପାଠୀ ବିବି ପଲକା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସଂକଳ୍ପ ରଥକୁ ସ୍ୱାଗତ କରିଥିଲେ।

# ଯାଦବ ମାଝୀ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଚନ୍ଦାହାଣ୍ଡି,୧୪।୧(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିଅମ ଠାରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ୨୬ତମ ଯାଦବ ମାଝୀ ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ,ବରିଷ୍ଠ ନେତା ପ୍ରମୋଦ କୁମାର ପାଢ଼ୀ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ, ବ୍ଲକ ଉପାଧ୍ୟକ୍ଷ ବାସୁଦେବ ଗୌଡ଼,ଜିଲ୍ଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ, କେତକୀମଲ୍ଲୀ ଗୌଡ଼,ଗୌରହରି ନାୟକ, ପୁରୁଷୋତ୍ତମ ପାରି,ନରେନ୍ଦ୍ର ମାଝୀ, ନଳିନୀ ମାଝୀ, କଦମ ପୂଜାରୀ,କିଶୋର ଖମାରୀ, ହର ପୂଜାରୀ,ଯୁବରାଜ ଜଗତ, ଭୋଜରାମ ସିହ୍ନା ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ନୂଆପଡା ବନାମ ଝରୀଗାଁ ମଧ୍ୟରେ ଖେଳାଯାଇଥିଲା। ଝରୀଗାଁ ଦଳ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭରରେ ତଲିବ ଖାନଙ୍କ ବିସ୍ଫୋରକ ୬୨ ରନ ସହାୟତାରେ ୨୫୫ ରନର ବିଶାଳ ସ୍କୋର ସଂଗ୍ରହ କରିଥିଲା। ଏହାର ଜବାବରେ ନୂଆପଡା ଦଳର ବ୍ୟାଟିଙ୍ଗ ବ୍ୟପର୍ଯ୍ୟୟ ହୋଇ କେବଳ ୧୪୪ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ଯାହାଫଳରେ ଝରୀଗାଁ ଦଳ ୧୧୧ ରନରେ ବିଜୟୀ ହୋଇ କ୍ୟାଟରଫାଇନାଲରେ ପହଁଚିଛି। ମ୍ୟାଚରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ଝରୀଗାଁ ଦଳର ତଲିବ ଖାନଙ୍କୁ ଅତିଥିଭାବେ ଯୋଗଦେଇଥିବା ସରପଞ୍ଚ ଦୁଲ୍ଲ? ପୂଜାରୀ, କୃଷ୍ଣ ଜାନି, ପୂର୍ବତନ ସମିତିସଭ୍ୟ ତ୍ରିନାଥ ଦାସ, ସାମ୍ବାଦିକ ବାସୁଦେବ ସୁନା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚରେ ଅମ୍ପୟାର ଭାବେ ପ୍ରକାଶ ମାଝୀ,ଧନଞ୍ଜୟ ମେହେର, ଭାଷ୍ୟକାର ଭାବେ ନରେନ୍ଦ୍ର ନାୟକ, ଗୋସିଙ୍ଗ ପ୍ରଧାନ, ସ୍କୋରର ରାକେଶ ପଟ୍ଟନାୟକ,ମାନସ ନାୟକ, ଗୁପ୍ତେଶ୍ୱର ମାଝୀ, ପପୁ ବେଶ୍ରା ଦାୟିତ୍ୱ ତୁଲାଇଥିଲେ। ମାୟାଧର ମାଝୀ, ପରମେଶ୍ୱର ମାଝୀ, ଶିଶିର ମାଝୀ,ବଳରାମ ପଟ୍ଟନାୟକ, ସଂଗ୍ରାମ କେଶରୀ ସାହୁ, ବସନ୍ତ ବିଶୋଇ, ସୌରୀରଞ୍ଜନ ସାହୁ, ରତ୍ନାକର ସାହୁ,ଲୋଚନ ନାୟକ,ପ୍ରତାପ ଗୌଡ଼, ଧନେଶ୍ୱର ସେଠି, ହୃଷିକେଶ ମହାନ୍ତି, ଧବଳେଶ୍ୱର ପଟ୍ଟନାୟକ,ସରୋଜ ମାଝୀ,ରତ୍ନାକର, କନ୍ଦର୍ପ, କାଳିଆ, ବିକାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମାଲୁସାନ୍ତା ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ

ଦାମନଯୋଡି, ୧୪।୧ (ସମିସ): କୋରାପୁଟ ବ୍ଲକ ଅନ୍ତର୍ଗତ ପିଏମ ଶ୍ରୀ ମାଲୁସାନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦାମନଯୋଡିରେ ପିଏମ ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଢେମସା ନାଚି ଅତିଥିଙ୍କୁ ପାଛୋଟି ଆଣିଥିଲେ। ଏହି ଉତ୍ସବରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ†ାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରଶ୍ମି ରଞ୍ଜନ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଡୁମୁରିପଦର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ଲଏ ସମ୍ପର୍କରେ କହିଥିଲେ। କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ, ସାଂସଦ ପ୍ରତିନିଧି ବାବୁଲା ବେନ୍ୟା, ଜିଲ୍ଲା ପରିଷଦ ସଭ୍ୟ ମିହିର କୁଲଦୀପ, ସରପଞ୍ଚ ରଞ୍ଜିତା ଗୁରୁନା, ଅତ୍ରୁ ଜାନୀ, ସମିତି ସଭ୍ୟ ଦୈତାରି ରାଜୁ, ଚନ୍ଦ୍ରିକା ବିଷୋୟୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ପୂର୍ଣ୍ଣିମା ପତି ମଞ୍ଚ ସଂଯୋଜନା କରିଥିଲେ। ଅତିଥିମାନେ ବିଦ୍ୟାଳୟର ପତ୍ରିକା "ପୁଲକ" ଓ ପାରମ୍ପରିକ ବ୍ୟବହାର ପୁସ୍ତକ ଉନ୍ମୋଚନ କରିଥିଲେ। ତା'ପରେ ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ, ଜିଜ୍ଞାସା, କୌଶଳୀ, ଭିଜିୟନ ଓଡ଼ିଶା ୨୦୩୬ ଷ୍ଟଲ ଉଦ†ାଟନ କରିଥିଲେ। ପିଲାମାନେ ବିଜିନେସ ଶିଖିବା ପାଇଁ ନିଜେ ପ୍ରସ୍ତୁତ କରି ବିକୁଥିବା ମାଣ୍ଡିଆ ଲଡୁ, ପାଣିପୁରି, ଚାଉମିନ, କଫି ଓ ମେହେନ୍ଦି ଡିଜାଇନ୍ ଷ୍ଟଲ ମାନ ବୁଲି ଦେଖିଥିଲେ। ଶ୍ରୀ ବିଜୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଛକ୍ଷତ୍ରୀ ଏବଂ ଜନସାଧାରଣ ଙ୍କୁ ମାର୍ଗ ଦର୍ଶନ କରିଥିଲେ ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାସୁଦେବ ନାୟକ
ଆବିର୍ଭାବ: ୦୭.୦୮.୧୯୫୩
ତିରୋଧାନ: ୦୫.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ତୁମ ପରି ଜଣେ ଜୁଏଲକୁ ହରାଇ ମର୍ମାହତ
ଶୋକ ସନ୍ତପ୍ତ : ପତ୍ନୀ କୌଶଲ୍ୟା, ସାନଭଉଣୀ ଲକ୍ଷ୍ମୀ, ସାନଭାଇ କାଳିଆ, ...

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ରନ୍ ଫର୍ ସ୍ୱଦେଶୀ' କାର୍ଯ୍ୟକ୍ରମ

କୋରାପୁଟ,୧୪।୧(ସମିସ): ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରନ୍ ଫର୍ ସ୍ୱଦେଶୀ ଆୟୋଜିତ ହୋଇଥିଲା। ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ସ୍ୱାମୀ ବିବେକାନନ୍ଦଙ୍କ ଫୋଟୋରେ ପୁଷ୍ପାଞ୍ଜଳି ଅର୍ପଣ କରି ରନ୍ ଫର୍ ସ୍ୱଦେଶୀର ଉଦ୍‌ଘାଟନ କରି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶକୁ ଦୈନନ୍ଦିନ ଜୀବନରେ ଅନୁସରଣ ଓ ପ୍ରୟୋଗ କରିବାକୁ ଆହ୍ୱାନ କରିଥିଲେ। ସେ ସ୍ୱାମୀଜୀଙ୍କ କିଛି ପ୍ରସିଦ୍ଧ ଉଦ୍ଧୃତି ମଧ୍ୟ ପାଠ କରିଥିଲେ। କୁଳପତିଙ୍କ ନେତୃତ୍ୱରେ ନୂତନ ଏକାଡେମିକ୍ ବ୍ଲକ୍ ଠାରୁ ଏହି ଦୌଡ଼ ଆରମ୍ଭ ହୋଇଥିଲା। ଏହି ଅବସରରେ ଭାରପ୍ରାପ୍ତ କୁଳସଚିବ ଡା. ରାକେଶ କୁମାର ଲେଙ୍କା, ଅର୍ଥ ଅଧିକାରୀ ଦୁର୍ଯ୍ୟୋଧନ ସେଠୀ, ଅର୍ଥନୀତି ବିଭାଗର ମୁଖ୍ୟ ପ୍ରୋ. ରଥିକାନ୍ତ କୁମ୍ଭାର ସହିତ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟିର ସମନ୍ୱୟ ଛାତ୍ର କଲ୍ୟାଣ ଡିନ୍ ଡା. ରମେନ୍ଦ୍ର କୁମାର ପାଢ଼ୀ ଓ ଡା. ଅଞ୍ଜନେୟୁଲୁ ଥୋଟାପଲ୍ଲୀ କରିଥିଲେ। ଲୋକସମ୍ପର୍କ ଅଧିକାରୀ ଡା. ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# କୋରାପୁଟ ପୌର ପରିଷଦରେ ସାଂସଦଙ୍କ ସମୀକ୍ଷା ବୈଠକ



କୋରାପୁଟ,୧୪।୧ (ସମିସ): ସାଂସଦ ସପ୍ତଗିରି ଉଲାକା କୋରାପୁଟ ପୌର ପରିଷଦର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକର ସମୀକ୍ଷା କରିବା ସହ ବାକିଥିବା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୌର ପରିଷଦର ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସହରର ପରିମଳ ବ୍ୟବସ୍ଥା ,ଡମ୍ପିଙ୍ଗ ୟାର୍ଡ , ଟ୍ରାଫିକ ସମସ୍ୟା , ବାଇପାସ୍ ନିର୍ମାଣ, ନୂତନ ବସଷ୍ଟାଣ୍ଡ ନିର୍ମାଣ ଉପରେ ଆଲୋଚନା କରିଥିଲେ। ଦୀର୍ଘବର୍ଷ ହେବ ସାଂସଦ ପାଣ୍ଠିରୁ ୮୦ ଲକ୍ଷରୁ ଉର୍ଦ୍ଧ୍ୱରୁ ଟଙ୍କା ପ୍ରଦାନ କରିଥିବା ବେଳେ ତାହା ଖର୍ଚ୍ଚ କରାଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ପୌର ପରିଷଦର ସମସ୍ତ କାଉନସିଲର ନିଜ ନିଜ ୱାର୍ଡରେ ଥିବା ବିଭିନ୍ନ ସମସ୍ୟା ଉପରେ କହିବା ସହ ସାଂସଦ ପାଣ୍ଠିରୁ ଟଙ୍କା ଆସିଥିବା ପୌର ପ୍ରଶାସନ ପକ୍ଷରୁ କାହିଁକି ଜନପ୍ରତିନିଧି ମାନଙ୍କୁ ଅବଗତି କରା ଯାଇନାହିଁ ବୋଲି ପ୍ରଶ୍ନ କରିଥିଲେ। ଆସନ୍ତା ତିନି ମାସ ମଧ୍ୟରେ ସାଂସଦ ପାଣ୍ଠିରୁ ବକେୟା ଟଙ୍କା ଖର୍ଚ୍ଚ କରି ଉନ୍ନୟନ ମୂଳକ କାର୍ଯ୍ୟ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି ନିର୍ବାହୀ ଅଧିକାରୀ ଜ୍ଞାନଜୀତ ତ୍ରିପାଠୀ। ସହରର ବିଭିନ୍ନ ସମସ୍ୟା ଯେପରି ପରିମଳ,ଆଲୋକିକରଣ ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ। ସହର ମଧ୍ୟରେ ଲୋକେ ସମସ୍ୟା ଭିତରେ ରହିବା ଅଧିକାରୀ ମାନଙ୍କ ଅପାରଗତା ସହ କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନ କହିଛନ୍ତି ସାଂସଦ। ସମସ୍ତ ଲାଇନ୍ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବା ପାଇଁ କହିଥିଲେ। ଆଲୋଚନାକୁ ନେଇ ମୁନସିପାଲଟି ଚେୟାରମେନ ଲଲାଟ ରଞ୍ଜନ ସେଠୀ କହିଛନ୍ତି ସାଂସଦ ପାଣ୍ଠିରୁ ଆସିଥିବା ଅନୁଦାନ ବ୍ୟବସ୍ଥିତ ସହିତ ସହରର ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରାଯିବ। ବାଇପାସ୍ ନିର୍ମାଣ ହେଲେ ସହରର ଟ୍ରାଫିକ ସମସ୍ୟା ଦୁର ହେବ। ସମସ୍ତ ଅଟକି ଯିବା ପ୍ରକଳ୍ପ କିଭଳି ଯଥାଶୀଘ୍ର କାର୍ଯ୍ୟକାରୀ ହେବ ସେନେଇ ଆଲୋଚନା ହୋଇଥିବା ପ୍ରକାଶ କରିଛନ୍ତି। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବିଭାଗୀୟ ଅଧିକାରୀ, ମୁନସିପାଲଟି କର୍ମଚାରୀ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୋତି ସେନାପତି
ତେନ୍ତୁଳି ପାଟଣା, ଦଶପଲ୍ଲା
ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସବୁବେଳେ ଆମକୁ ଆଶୀର୍ବାଦ କରୁଥାଆନ୍ତୁ।
ଶୋକସନ୍ତପ୍ତ: ମାମା ଗିଫ୍ଟ ହାଉସ ଓ ସେନାପତି ପରିବାର

## ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ପୂଜାପର୍ବ

# ଗଣପର୍ବରେ ମକରବୁଡ଼ ପକାଇଲେ ଶ୍ରଦ୍ଧାଳୁ





କେନ୍ଦୁଝର, ୧୪।୧(ସମିସ): ଗଣପର୍ବ ଭାବେ ଜଣାଶୁଣା ମକର ପର୍ବକୁ ନେଇ ସାରା ଜିଲା ଚଳଚଞ୍ଚଳ ହୋଇ ଉଠିଥିବାବେଳେ ବୁଧବାର ମକର ସଂକ୍ରାନ୍ତି ଅବସରରେ ବିଭିନ୍ନ ସ୍ଥାନରେ ଲକ୍ଷାଧିକ ଶ୍ରଦ୍ଧାଳୁ ମକରବୁଡ଼ ଦେଇଥିବା ଜଣାପଡିଛି। ଜିଲ୍ଲା ସୀମାନ୍ତରେ ଥିବା ବୈତରଣୀ କୂଳରେ କେଶରୀକୁଣ୍ଡ, ଭୀମକୁଣ୍ଡ, ରାମତୀର୍ଥ ସାଙ୍ଗକୁ ବୈତରଣୀ ନଦୀ ଅବବାହିକାରେ ମକରବୁଡ଼ ଦେଇଥିବା ଜଣାପଡିଛି। ସେହିପରି ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଗହଣରେ ଦେବାଦେବୀ ପୀଠ ସାଙ୍ଗକୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଗୁଡିକରେ ଭିଡ଼ ପରିଲକ୍ଷିତ ହୋଇଛି। କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ମକର ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। କେନ୍ଦୁଝର-ମୟୂରଭଞ୍ଜ ସୀମାନ୍ତ ଯଯାତିକେଶରୀ ରାଜାଙ୍କ ଅମଳର ଶୈବପୀଠ କେଶରୀକୁଣ୍ଡଠାରେ ମକର ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଥିବା ମକରମେଳାରେ ୫୦ ହଜାରରୁ ଅଧିକ ଜନସାଧାରଣ ମେଳାରେ ଯୋଗ ଦେଇଥିବାବେଳେ ଅନେକ ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ଜଣାପଡିଛି। ଘଟଗାଁ ବ୍ଲକ ଅନ୍ତର୍ଗତ ବାରାହାଟିପୁରାଠାରେ ଥିବା ନୀଳକଣ୍ଠେଶ୍ୱର ମହେଶଙ୍କର ମକର ମେଳା ଆରମ୍ଭ ହୋଇଛି। ଏଠାରେ ପ୍ରାୟ ୧୫ ଦିନ ବ୍ୟାପୀ ମେଳା ଅନୁଷ୍ଠିତ ହେଉଥିବାବେଳେ ୧୫୨ ପାହାଚ ଚଢି ଭକ୍ତମାନେ ଭଗବାନ ଶିବଙ୍କୁ ଦର୍ଶନ କରିଥାନ୍ତି। ପ୍ରତ୍ୟେକ ଦିନ ଧାର୍ମିକ କାର୍ଯ୍ୟକ୍ରମ ହେଉଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି। ବାଂଶପାଳ ବ୍ଲକର ଗୋନାସିକାଠାରେ ଥିବା ବ୍ରହ୍ମକୁଣ୍ଡ, ପାଟଣା ଓ ଠାକୁରମୁଣ୍ଡା ବ୍ଲକ ସୀମାନ୍ତରେ ଥିବା ଭୀମକୁଣ୍ଡଠାରେ ମକର ବୁଡ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ମକରମେଳା ସ୍ଥଳ, ବୁଡ଼ ପକାଇବା ସ୍ଥାନରେ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ହରିଚନ୍ଦନପୁର ବ୍ଲକର ଧାନବେଣୀ ଶିବ ମନ୍ଦିର, ଭାଲୁଘର ମଠ, ମଥୁରାମଣ୍ଡଳୀ, ଚିଲିଦା, ଟାଙ୍ଗରବନ୍ତଲା, ରାମତୀର୍ଥ, ଚକ୍ରତୀର୍ଥ, ରାଇକଳା ଶୈବପୀଠ, ବିସ୍ତାପାଳ, କାଦଗଡ, ଧୂପଦା, ମିରିଗିସିଙ୍ଗା ଆଦି ସ୍ଥାନରେ ମକର ମେଳା ଆରମ୍ଭ ହୋଇଛି। ଗଡଜାତ ଅଞ୍ଚଳ ଭାବେ ସୁପରିଚିତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ପ୍ରଧାନ ପର୍ବ ଭାବେ ମକର ପର୍ବ ପରିଗଣିତ ହୋଇଥାଏ। ଏହି ପର୍ବରେ ମହାନ୍ତ ସଂପ୍ରଦାୟର ମହିଳାମାନେ ଟୁସୁଦେବୀଙ୍କୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥାନ୍ତି। ମକର ପର୍ବ ଅବସରରେ ପରସ୍ପରକୁ ଶୁଭମନାସି ଚାଉଳର ଆଦାନ ପ୍ରଦାନ କରାଯାଇଥାଏ ଯାହାକୁ ମକର ଚାଉଳ କୁହାଯାଇଥାଏ। ଏହି ଚାଉଳକୁ ଆଦିବାସୀମାନେ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରି ସଇ, ସଙ୍ଗାତ ବସିଥାନ୍ତି। ଏହା ଆଦିବାସୀମାନଙ୍କର ଏକ ମୁଖ୍ୟ ପର୍ବ ଅଟେ। ଏହି ପର୍ବରେ ଦୈନନ୍ଦିନ କାର୍ଯ୍ୟରୁ ସାଧାରଣ ଲୋକଟିଏ କ୍ଷାନ୍ତ ହୋଇ ବଣପାହାଡର ଏକ ନିର୍ଦ୍ଦିଷ୍ଟ ପୂଜାସ୍ଥଳୀରେ ଏକଜୁଟ ହୋଇ ଭୋଜିଭାତ, ନାଚଗୀତ କରି ଉତ୍ସବ ପାଳନ କରିଥାନ୍ତି। ଏହି ଦିନ ସୂର୍ଯ୍ୟ ମକର ରାଶିକୁ ଆସି ବିଷୁବ ରେଖା ଆଡକୁ ସଂକ୍ରମଣ ବା ଗତି କରୁଥିବାରୁ ଏହାର ନାମ ମକର ସଂକ୍ରାନ୍ତି ବୋଲି କୁହାଯାଏ।

**ଆନନ୍ଦପୁର:** ଘସିପୁରା ବ୍ଲକ ଭଣ୍ଡାରୀଡିହା ପଞ୍ଚାୟତ ପଦନପୁର ଗ୍ରାମରେ ମକର ସଂକ୍ରାନ୍ତି ନିଆଁରା ଭାବେ ପାଳନ କରାଯାଇଛି। ଗ୍ରାମବାସୀ ସମସ୍ତେ ଏକତ୍ରିତ ହୋଇ ନିକଟସ୍ଥ ଜଙ୍ଗଲରୁ ଡାଳ ପୂଜା କରି ଗ୍ରାମ ପରିକ୍ରମା କରି ଗ୍ରାମର ମଙ୍ଗଳା ମନ୍ଦିରକୁ ଆଣି ରୀତିନୀତି ଅନୁସାରେ ଶଙ୍ଖ, ଘଣ୍ଟ, ସଂକୀର୍ତ୍ତନ କରି ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ମକର ସଂକ୍ରାନ୍ତି ଅବସରରେ ପଦନପୁର ଗ୍ରାମବାସୀଙ୍କ ସହଯୋଗରେ ଡାଳ ପୂଜା ବହୁ ଆଡମ୍ବରରେ ପାଳନ କରାଯାଉଛି।

**ହାଟଡ଼ିହୀ:** ମକର ସଂକ୍ରାନ୍ତି ଉପଲକ୍ଷେ ହାଟଡ଼ିହୀ ବ୍ଲକର ବିଭିନ୍ନ ସ୍ଥାନରେ ମକର ପୂଜା ଅନୁଷ୍ଠିତ ହୋଇଯାଇଛି। ଶାଳଣିଆଁ ଗେଡ଼ମା ପଞ୍ଚାୟତ ମଧ୍ୟସ୍ଥଳରେ ଥିବା ମା' ଭାଟିଆଶୁଣୀଙ୍କଠାରେ ପୂଜାର୍ଚ୍ଚନା ହୋଇଥିଲା ବେଳେ ଭୋର ୪ଟା ସମୟରୁ ପଣ୍ଡିତ ଶଶିକାନ୍ତ ମିଶ୍ର, ଗୋପୀରଞ୍ଜନ ପାଣିଗ୍ରାହୀ, ନାରାୟଣ ପଣ୍ଡା, ଚନ୍ଦ୍ରମଣି ପଣ୍ଡାଙ୍କ ଦ୍ୱାରା ଘଟଉତ୍ତୋଳନ କରାଯାଇ ମା'ଙ୍କଠାରେ ମାଜଣ ସେବା ପରେ ପହିଲି ପୂଜା, ହୋମଯଜ୍ଞାଦି ହୋଇଥିଲା। ଅଜୟ ନାୟକ, ପ୍ରଦୀପ ଜେନା, ନିତ୍ୟାନନ୍ଦ ନାୟକ, ଅର୍ଜୁନ ନାୟକ, ଭବିଷ୍ୟତ ଧଳ, ଅନିରୁଦ୍ଧ ଜେନା, ପ୍ରକାଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସୁନ୍ଦରାପାଳଠାରେ ଆଦ୍ୟଶକ୍ତି ମା' ଗଡ଼ଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇଥିଲା ବେଳେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଆମ୍ରୋସ୍ଥିତ ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ବିରାଜମାନ କରିଥିବା ମା' ବଣବାଉତିଙ୍କ ନିକଟରେ ସଂକ୍ରାନ୍ତି ପୂଜା ହୋଇଥିବା ବେଳେ ରଙ୍ଗୀନ୍ ଆଲୋକମାଳାରେ ବିଭିନ୍ନ ଦୋକାନ ବଜାର, ଦୋଳି ସାଙ୍ଗକୁ ଦୋକାନ ଆକର୍ଷିତ କରିଥିଲା। ସେହିପରି ଛେନାପଦିଠାରେ ପୂଜକ ହଳଧର ଦେହୁରୀଙ୍କ ଦ୍ୱାରା ଆରାଧ୍ୟ ଦେବୀ ମା' ବିଶ୍ୱତାରିଣୀଙ୍କ ପୂଜା ହୋଇଥିବା ବେଳେ ହଦଗଡ଼ଠାରେ ମା'ରାଇମୁଣ୍ଡି, ଭୂଇଁପୁରଠାରେ ମା' ମଙ୍ଗଳା, ହାଟଡ଼ିହୀରେ ମା' ଜାଗୁଲାଇ, ଗହମାୟୀ, ଅଁରାରେ ଗୋଠ ନାହାକାଣୀ, ଆବୁଲପୁରାଠାରେ ମା' ମଙ୍ଗଳା ଓ କୁଣ୍ଡୁଳାଇଙ୍କ ପୂଜାକାର୍ଯ୍ୟ ସମ୍ପୂର୍ଣ୍ଣ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ବଉଳା ପାହାଡ଼ ଶୀର୍ଷରେ ବାବା ବନେଶ୍ୱର ଓ କାଠକଟାସ୍ଥିତ ଚକ୍ରତୀର୍ଥରେ ବାବା ଭୋଳାଶଙ୍କର, ହାଟଡ଼ିହୀର ବାବା ହଟକେଶ୍ୱର ଏବଂ ସଢ଼ାସ୍ଥିତ ବାବା ବୈଦ୍ୟନାଥ ପୂଜା ପାଇଥିଲା ବେଳେ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ମନ୍ଦିର ଏବଂ ଦେବୀ ପୀଠରେ ମକର ଚାଉଳ ବଣ୍ଟନ ହୋଇଥିବା ବେଳେ ବ୍ରାହ୍ମଣ ପୂଜକମାନେ ମଧ୍ୟ ଘରକୁ ଘର ବୁଲି ମକର ଚାଉଳ ଦେଇଛନ୍ତି।

**ତେଲକୋଇ:** ତେଲକୋଇ ବ୍ଲକର ବିଭିନ୍ନ ଶୈବପୀଠରେ ଆଜିଠାରୁ ମକର ମେଳା ଆରମ୍ଭ ହୋଇଛି। ଖୁଣ୍ଟାପଡ଼ାସ୍ଥିତ ବ୍ରହ୍ମେଶ୍ୱର ପୀଠ, ଡିମିରିଆସ୍ଥିତ ଶୈବପୀଠ, ବିମଳାସ୍ଥିତ ଶୈବପୀଠ ଓ ଝାରବେଡାସ୍ଥିତ ଶୈବପୀଠରେ ମକର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମେଶ୍ୱର ପୀଠରେ ୧୪ରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ୮ ଦିନ ବ୍ୟାପି ମେଳା ଅନୁଷ୍ଠିତ ହେବ। ୫ ଶହରୁ ଅଧିକ ବିଭିନ୍ନ ପ୍ରକାର ଦୋକାନ, ଛୋଟ ପିଲାଙ୍କ ଦୋଳି ଓ ଖାଇବା ଷ୍ଟଲ ମିନାବଜାର ଦେଖିବାକୁ ମିଳିଛି। ଅଞ୍ଚଳର ଲୋକେ ମେଳା ବୁଲିବା ସହିତ ବାବା ବ୍ରହ୍ମେଶ୍ୱରଙ୍କୁ ଦର୍ଶନ କରି କୃପା ଲାଭ କରୁଛନ୍ତି। ନୋରଞ୍ଜନ ପାଇଁ ଦୁଇଟି ଯାତ୍ରା ଅନୁଷ୍ଠାନ ଯାତ୍ରା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଡିମିରିଆ ଓ ବିମଳାସ୍ଥିତ ଶୈବପୀଠରେ ଦୋକାନ ବଜାରର ମେଳା ପଡ଼ିଥିବା ସହିତ ଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ତେଲକୋଇ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଖୁଣ୍ଟାପଡା ମକର ମେଳାରେ ଅସ୍ଥାୟୀ ଫାଣ୍ଡି ଖୋଲାଯାଇ ବ୍ୟାପକ ପୁଲିସ ମୁତୟନ ହୋଇଛି। ଖୁଣ୍ଟାପଡା ଯାତ୍ରା କମିଟି ପକ୍ଷରୁ ଲୋକଙ୍କ ପାଇଁ ବ୍ୟାପକ ସୁବିଧା କରାଯାଇଛି।

## 'ମକର ଜୁହାର' ଓ ଶୀତବସ୍ତ୍ର ଦାନ

କେନ୍ଦୁଝର/ଆନନ୍ଦପୁର, ୧୪।୧(ସମିସ): ଯୁବବିଜେପିନେତାଯଜ୍ଞପ୍ରସାଦସାହୁଙ୍କନେତୃତ୍ୱରେ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିଛି। ମକର ସଂକ୍ରାନ୍ତି ଅବସରରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ୫ ନମ୍ବର ୱାର୍ଡର ୫୨ ଜଣ ଅସହାୟ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାଙ୍କୁ ଶ୍ରୀ ସାହୁ କମ୍ବଳ ପ୍ରଦାନ କରିଥିଲେ। ଏହି ୱାର୍ଡର କଞ୍ଚ ସାହି, ବଢେଇ ସାହି, ବଣିଆ ସାହି, ବଜାର ସାହି, କାଚରା ସାହି ଓ ବଡ଼ଦାଣ୍ଡର ଗରିବ ଲୋକଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ବିଜେପି କାଉନସିଲର ପ୍ରାର୍ଥୀ ତଥା ବରିଷ୍ଠ ସାମ୍ବାଦିକ ହରେକୃଷ୍ଣ ପାତ୍ରଙ୍କ ସଂଯୋଜନାରେ ଅସହାୟଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥିଲା। ପଦ୍ମନାଭ ପାତ୍ର, ବୃନ୍ଦାବନ ବେହେରା, ଶ୍ରୀଧର ବେହେରା, ସୁଦାମଚନ୍ଦ୍ର ମଙ୍ଗଳ ରଘୁନାଥ ନାହାକ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ୩୫ ଶହ କମ୍ବଳ ବଣ୍ଟନ କରାଯାଇଛି। ସେବା ଦିବସ ଭାବେ ପାଳନ ପରିପ୍ରେକ୍ଷୀରେ ବିଜେପି ରାଇସୁଆଁ ମଣ୍ଡଳ ପକ୍ଷରୁ ବିପ୍ଳବୀ ଧରଣୀଧର ଭୂୟାଁଙ୍କ ଜନ୍ମମାଟି ବରଦାପାଳ ପଞ୍ଚାୟତ କୁସୁମିତା ଗାଁରେ କମ୍ବଳ ବଣ୍ଟନ ଅଭିଯାନର ଶୁଭାରମ୍ଭ କରିଛନ୍ତି ମଣ୍ଡଳ ସଭାପତି ସମୀର ସାହୁ। କାର୍ଯ୍ୟକର୍ତ୍ତା ବାବୁ ସେଠୀ, ପ୍ରଶାନ୍ତ ସାହୁ, ଗିରିଜା ପଣ୍ଡା, ବାପୁନ ବାରିକ, ରାଜୁ ସେଠୀ, ବ୍ରହ୍ମାନନ୍ଦ ବେହେରା, ପ୍ରଭୁଶଙ୍କର ସାହୁ, ପ୍ରବୀଣ ସାହୁ, ଜନ୍ମଜୟ ମହାନ୍ତ, ରଜତ ବେହେରା, ପଦ୍ମିନୀ ନାୟକ ଓ ମହାଦେଇଯୋଡା ସରପଞ୍ଚ ରମେଶ ମୁଣ୍ଡା ପ୍ରମୁଖ ମିଳିତ ଭାବେ ରକ୍ତଦାନ କରିଛନ୍ତି। ପଦ୍ମପୁର, ନୂଆଗାଁ, ମହାଦେଇଯୋଡା, ରାଇସୁଆଁ, ଗୋପୀନାଥପୁର, ନେଲୁଙ୍ଗ, ବାଉରୀପଦା, ଶଙ୍କିରୀ, ବଦାପଳସା ଆଦି ୧୦ଟି ପଞ୍ଚାୟତ ରେ ୩୫ ଶହରୁ ଅଧିକ କମ୍ବଳ ବଣ୍ଟନ କରାଯାଇଛି।

## ବ୍ଲକ୍‌ସ୍ତରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ନାମଲେଖା କାର୍ଯ୍ୟକ୍ରମ



ଆନନ୍ଦପୁର, ୧୪।୧ (ସମିସ): ତାରିଣୀ ବିଦ୍ୟାପୀଠରେ ବ୍ଲକସ୍ତରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ନାମଲେଖା କାର୍ଯ୍ୟକ୍ରମର ସଚେତନତା ଶିବିର ତାରିଣୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ କେଶବଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ଡେପୁଟି ଡାଇରେକ୍ଟର ୟୁନିସେଫ ଓସେପାର ଜୟା ଜ୍ୟୋତି ଯୋଗ ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ହରେକୃଷ୍ଣ ନାୟକ ଡ୍ରପଆଉଟ ହାର କମେଇବା ପାଇଁ ଉଦ୍ୟମ ହେବା ଜରୁରୀ ବୋଲି ମତ ବ୍ୟକ୍ତ କରିଥିଲେ। ରାଧାକୃଷ୍ଣ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମହାନ୍ତ, ବଡ଼ମସିଣାବିଲ୍ଲା ମୋହନ ଚରଣ ମାହାନ୍ତ, ଝାରବେଡା ହାଇସ୍କୁଲ ଶୁଚିସ୍ମିତା ସମେତ ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡା, ମମିତାମଣି ନାୟକ, ପୁଷ୍ପିତା ବିଶ୍ୱାଳ, କବିତା ମଞ୍ଜରୀ ସାହୁ, ସୁନିତା ଜେନା, ସସ୍ମିତା ରଥ, ଶିକ୍ଷକ ରଘୁନାଥ ମହାନ୍ତ, ଅଫିସ ସହକାରୀ ପ୍ରଜ୍ଞା ପାରମିତା ପାତ୍ରୀ, ଅଫିସ କର୍ମଚାରୀ ସାଗରିକା ସାହୁ, ଫକିର ମୋହନ ରାଉତ୍, ଅଜୟ ବଳ, ପ୍ରମିଳା ନାଏକ, ଗୀତାଞ୍ଜଳୀ ନାଏକ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୮୦ ଜଣ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ।



ଆନନ୍ଦପୁର: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓରମାସ ପକ୍ଷରୁ ଇଡକୋ ପ୍ରଦର୍ଶନୀ ପଡ଼ିଆ ଶିଶିର ସରସ ସାଂସ୍କୃତିକ ମଞ୍ଚରେ କଳା ନିକେତନର ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

## ତେଲକୋଇରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍‌ସେବା ଦାବି

ତେଲକୋଇ, ୧୪।୧(ସମିସ): କେନ୍ଦୁଝର ଜିଲ୍ଲାର ଉପାନ୍ତ ଅଞ୍ଚଳ ତେଲକୋଇ ବ୍ଲକକୁ ମୁଖ୍ୟମନ୍ତ୍ରୀ ବସ ସେବା ଯୋଗାଇବାକୁ ଦାବି ହେଉଛି। ଦିନ ଦୁଇଟା ପରଠାରୁ ତେଲକୋଇରୁ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟକୁ କୌଣସି ଯାତ୍ରୀବାହୀ ବସ ଚଳାଚଳ କରୁ ନଥିବା ବେଳେ କେନ୍ଦୁଝରେ ଜିଲ୍ଲା ମୁଖ୍ୟାଳୟରୁ ଅପରାହ୍ନ ୪.୩୦ ମି ପରଠାରୁ ତେଲକୋଇ ବ୍ଲକ ମୁଖ୍ୟାଳୟକୁ ବସ ଚଳାଚଳ କରୁ ନଥିବାରୁ ଲୋକେ ଗମନାଗମନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଜିଲ୍ଲାପାଳ ତେଲକୋଇବାସୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଅପରାହ୍ନ ସମୟରେ ତେଲକୋଇରୁ କେନ୍ଦୁଝର ଓ କେନ୍ଦୁଝରରୁ ତେଲକୋଇ ବସ ସେବା ଯୋଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପଟେ ତେଲକୋଇରୁ କେନ୍ଦୁଝର ଯାଉଥିବା ଘରୋଇ ବସ ସବୁ ଯାତ୍ରୀଙ୍କୁ ଜୁଲମ କରୁଥିବା ଓ ତେଲକୋଇ ଆସୁଥିବା ଯାତ୍ରୀଙ୍କୁ ବହୁ ସମୟରେ ବସରେ ଜାଣି ଶୁଣି ସିଟ ଦେଉ ନଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ଜିଲ୍ଲା ପ୍ରଶାସନ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## ତୃତୀୟ ଶ୍ରେଣୀ ମେଧା ପରୀକ୍ଷାରେ ସଫଳତା



କେନ୍ଦୁଝର, ୧୪।୧(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଲିବନ୍ଧର ଛାତ୍ର ସାଇସମର୍ଥ ମହାନ୍ତ ଚଳିତ ବର୍ଷ ଝୁମ୍ପୁରା ବ୍ଲକର ତୃତୀୟ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ୯୭ ନମ୍ବର ରଖି ସଫଳତାର ସହିତ ମେଧା ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ଶିଶୁ ବିଦ୍ୟା ମନ୍ଦିର ପରିବାର ତରଫରୁ ଗୁରୁଜୀ, ଗୁରୁମା, ଅଭିଭାବକ, ଅଭିଭାବିକାମାନେ ତଥା ସ୍ଥାନୀୟ ଅଞ୍ଚଳବାସୀ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଶାଳବଣି ବାଳିକା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଆନନ୍ଦପୁର, ୧୪।୧ (ସମିସ): ଶାଳବଣୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରାବନ୍ଧିକ ତଥା ଶିକ୍ଷାବିତ ରମାକାନ୍ତ ନାୟକ ଓ ମୁଖ୍ୟଅତିଥି ଭାବେ ଶାଳବଣି ସରପଞ୍ଚ ସୁବାସିନୀ ମିଶ୍ର ଯୋଗ ଦେଇଥିଲେ। ପ୍ରଥମ ଦିବସର ସକାଳୁ ସକାଳୁ ଗାଁ ସିଦ୍ଧେଶ୍ୱର ମନ୍ଦିରରୁ ମଶାଲ ବାହାରି ବଜାର ଦେଇ ପୁଣି ଜଗନ୍ନାଥଙ୍କ ମନ୍ଦିରରୁ ଆଶୀର୍ବାଦ ଗ୍ରହଣ କରି ସ୍କୁଲରେ ପହଞ୍ଚିଥିଲେ। ପରେ ବିଦ୍ୟାଳୟ ପଡ଼ିଆରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଆନନ୍ଦପୁର ଶିକ୍ଷା ସହକାରୀ ଅଧିକାରୀ ହେମେନ୍ଦ୍ରନାଥ ମହାନ୍ତି, ମୁଖ୍ୟବକ୍ତା ଭାବେ ଆନନ୍ଦପୁର କଲେଜର ଅଧ୍ୟାପକ ରଘୁଦୀପ୍ତି ନାୟକ, ସମ୍ମାନିତ ଅତିଥି ଶାଳବଣି ସରପଞ୍ଚ ସୁବାସିନୀ ମିଶ୍ର, ଶାଳବଣି ସିଆରସିସି ଶରତଚନ୍ଦ୍ର ମାଝୀ, କୋଡ଼ପଡା ସିଆରସିସି ପ୍ରକାଶ ଖୁଣ୍ଟିଆ, ବିଦ୍ୟାଳୟ କମିଟି ଅଧ୍ୟକ୍ଷ ଶରତଚନ୍ଦ୍ର ଓଝା, ସଦସ୍ୟ ବ୍ରହ୍ମାନନ୍ଦ ଦାସ ଯୋଗ ଦେଇଥିଲେ। କ୍ରୀଡ଼ା ମଶାଲକୁ ନିର୍ବାପିତ କରିଥିଲେ ପ୍ରଧାନଶିକ୍ଷକ ରାଜୀବ ନାୟକ। କ୍ରୀଡ଼ା ଶିକ୍ଷକ ଦୀପକ ମଲିକ ଓ ଶିକ୍ଷକ ନାରାୟଣ ସାହୁଙ୍କ ସଂଯୋଜନାରେ ଶିକ୍ଷକ ହିମାଂଶୁ ଶେଖର ପୃଷ୍ଟି, ଚଗୁଲୁ ନାୟକ, ଶିକ୍ଷୟିତ୍ରୀ ସୁଚିତ୍ରା ସାହୁ, ଦେବସ୍ମିତା ଚୌଧୁରୀ, ଅନ୍ନପୂର୍ଣ୍ଣା ସେଠୀ, ସସ୍ମିତା ଦାସ, ଅଭିଲିପ୍ସା ସ୍ୱାଇଁ ଓ ସହକାରୀ ବିଷ୍ଣୁ ରାଉଳ, ଗୋବର୍ଦ୍ଧନ ସାହୁ, ସୁଷମା ସାହୁ, ସସ୍ମିତା ଦାସ ସହଯୋଗ କରିଥିଲେ। ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ସରୋଜ ସାହୁ।

## ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କେନ୍ଦୁଝର, ୧୪।୧(ସମିସ): ପିଏମ୍‌ଶ୍ରୀ ଧନୁର୍ଜୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ୯୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଚଳିତ ବର୍ଷ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସୋମବାର କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଏହାକୁ ମୁଖ୍ୟଅତିଥି ଭାବରେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଶିକ୍ଷା ଜିଲ୍ଲା କ୍ରୀଡା ଅଧିକାରୀ ରାମକୃଷ୍ଣ ବେହେରା, ସଂକୁଳସ୍ତରୀୟ ସଂଯୋଜିକା ମୋନାଲିସା ଶତପଥୀ, ମୋଚିବନ୍ଧ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ୩୮୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି ସଭା ପରିଚାଳନା କରିଥିବା ବେଳେ, ସହକାରୀ ଶିକ୍ଷୟିତ୍ରୀ ତରୁଶୋଭାମୟୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତଙ୍କ ମୁଖ୍ୟଅତିଥି ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ସ୍କୁଲ ପରିଚାଳନା ପରିଷଦ ଅଧ୍ୟକ୍ଷ ନିରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଯୋଗ ଦେଇଥିଲେ। କନିଷ୍ଠ ବାଳକ ବିଭାଗରେ ବନସିଂ ମୁଣ୍ଡା ଓ କନିଷ୍ଠ ବାଳିକା ବିଭାଗରେ ଅଞ୍ଜନା ନାଏକ ତଥା ବରିଷ୍ଠ ବାଳକ ବିଭାଗରେ ବାଦଲ କୁମାର ନାଏକ ଓ ବରିଷ୍ଠ ବାଳିକା ବିଭାଗରେ ବର୍ଷାରାଣୀ ନାୟକ ଏ ବର୍ଷର ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ।

## ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ



ଆନନ୍ଦପୁର, ୧୪।୧ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ୩୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା ସମିତିରି ସଭାପତି ଉଷାରାଣୀ ଜେନାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ମୁଖ୍ୟବକ୍ତା ଭାବେ କେନ୍ଦୁଝର ଜିଲ୍ଲା ସଂଘଘ ଚାଳକ ଭାଗୀରଥି ପୃଷ୍ଟି, ସଙ୍କୁଳ ପ୍ରମୁଖ ନିରାକର ସାହୁ, ଆନନ୍ଦପୁର ପୌରାଧ୍ୟକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରଥିଲେ। ପ୍ରଧାନ ଆଚାର୍ଯ୍ୟ ତୃପ୍ତିରାଣୀ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଗୁରୁଜୀ ପଙ୍କଜ ମହାନ୍ତି ସହଯୋଗ କରିଥିଲେ। ଚଳିତ ଶିକ୍ଷା ବର୍ଷରର ବାର୍ଷିକ କ୍ରୀଡ଼ାରେ ସର୍ବଶ୍ରେଷ୍ଠ ଖେଳାଳି, ୨୦୨୪-୨୫ର ୧ମ ରୁ ୮ମ ଶ୍ରେଣୀ ସର୍ବୋଚ୍ଚ ଅଙ୍କ ପ୍ରାପ୍ତ କରିଥିବା ଶିଶୁଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କୁନିକୁନି ଭାଇଭଉଣୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୋଚି ସେନାପତି
ତେନ୍ତୁଳି ପାଟଣା, ଦଶପଲ୍ଲା

ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।

ଶୋକସନ୍ତପ୍ତ:
ମାମା ଗିଫ୍ଟ ହାଉସ ଓ ସେନାପତି ପରିବାର

## ସ୍ୱର୍ଣ୍ଣ ଧନୁଷ ରଥକୁ ବିପୁଳ ସ୍ୱାଗତ




ଆନନ୍ଦପୁର, ୧୪।୧ (ସମିସ): ଅଯୋଧ୍ୟା ଶ୍ରୀରାମ ମନ୍ଦିର ପରିସରରେ ସ୍ଥାପନ ହେବାକୁ ଥିବା ସୁବର୍ଣ୍ଣ ଧନୁଷ ରଥକୁ କେନ୍ଦୁଝର ଜିଲ୍ଲାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜି ଖାଇପାରଖାଇ ହନୁମାନ ଛକଠାରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅର୍ଜୁନି ଚରଣ ମହାନ୍ତି ହଳଧର ସାହୁ ସମ୍ବର୍ଦ୍ଧନା ଜଣାଇଥିଲେ। ଘଷିପୁରା ଲକ୍ଷ୍ମୀବଜାରରେ ରଥ ପହଞ୍ଚିବା ପରେ ଆଦର୍ଶ ସେବା ସଂଘ ସଭାପତି ତଥା ଯୁବନେତା ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଶହ ଶହ ଶ୍ରଦ୍ଧାଳୁ ଦିବ୍ୟ ଧନୁଷର ଦର୍ଶନ କରିଥିଲେ। ସେହିପରି ମହିଳାମାନେ ଧନୁଷ ରଥର ବନ୍ଦାପନା କରିଥିଲେ। ବିଜେପି କାର୍ଯ୍ୟକର୍ତ୍ତା ଲକ୍ଷ୍ମୀଧର ସାହୁ, ରୂପରଞ୍ଜନ ମହାରଣା, ଭରତ ମିଶ୍ର, ଧନେଶ୍ୱର ସାହୁ, ରାଜେନ୍ଦ୍ର ସାହୁ, ଦିଲ୍ଲୀପ ବେହେରା, ନୀଳମଣି ସାହୁ, ଆଶିଷ ବେହେରା, ରଘୁନାଥ ନାହାକ, ସୌମ୍ୟରଞ୍ଜନ ସାହୁ, ଚିତ୍ତରଂଜନ ମହାରଣା, ଦାମୋଦର ସାହୁ, ଦେବେନ୍ଦ୍ର ରାଉଳ, କରୁଣାମୟ ସାହୁ, ପଞ୍ଚାନନ ସାହୁ, ଏଲ୍‌ଆଇସି ଅଧିକାରୀ କୁନା ରାଉଳ, ସାମ୍ବାଦିକ ରତିକାନ୍ତ ସାହୁ, ଲୋକନାଥ ସିଂ, ଅଭିନାଶ ଶତପଥୀ, ଦୀପକ ମହାରଣା, ବ୍ୟବସାୟୀ ରଶ୍ମିରଂଜନ ନନ୍ଦ, ଶିକ୍ଷାବିତ୍ ଶ୍ରୀଧର ମହାରଣା, ଲିଜୁ ରାୟ, ପଙ୍କଜ ସାହୁ, ଦୀପକ ସାହୁ, ହଗୁରୁ ସାହୁ, ମନୋଜ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଘଷିପୁରା ବସଷ୍ଟାଣ୍ଡ, କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନଠାରେ ରଥକୁ ସ୍ୱାଗତ କରାଯାଇଥିଲା। ଘଷିପୁରା ବଜାର ପରିକ୍ରମା କରି ଝଡେଶ୍ୱର ଶୈବପୀଠରେ ରଥର ପୂଜାର୍ଚ୍ଚନା ହେବା ପରେ ଏହା ଘଟଗାଁ ଦେଇ କେନ୍ଦୁଝର ଅଭିମୁଖେ ଯାତ୍ରା କରିଥିଲା।

ଏକ ପ୍ରତିଭାସମ୍ପନ୍ନ ଉଦ୍ୟମୀଙ୍କ ସ୍ମୃତିରେ



୰ ଶୁଭଜ୍ୟୋତି ହୋତା
ଆବିର୍ଭାବ: ୨୫.୦୬.୧୯୯୩
ତିରୋଧାନ: ୦୧.୦୧.୨୦୨୬

ଶ୍ରୀ ଶୁଭଜ୍ୟୋତି ହୋତା, ପ୍ରୋପାଇଟର - Mamata Foods and Beverages ଏବଂ ଡାଏରେକ୍ଟର - Intravenous Healthcare Pvt. Ltd., ଙ୍କର ଦୁଃଖଦ ଦେହାନ୍ତ ୧ ଜାନୁଆରୀ ୨୦୨୬ ରେ ଘଟିଛି। ଏକ Mechanical Engineer ଏବଂ MBA ହୋଇ, ସେ ତାଙ୍କ ଜୀବନର ପ୍ରାରମ୍ଭିକ ଅବସ୍ଥାରେ କିଛି ପ୍ରସିଦ୍ଧ MNC ରେ କାର୍ଯ୍ୟରତ ଥିଲେ। ମାତ୍ର ୨୮ ବର୍ଷ ବୟସରେ ସେ ଉଦ୍ୟମୀତାର ଯାତ୍ରା ଆରମ୍ଭ କରି, ନିଜ ଦକ୍ଷତା, ଦୃଢ଼ ସଙ୍କଳ୍ପ ଏବଂ ପରିଶ୍ରମରେ ନିଜ ବ୍ୟବସାୟକୁ ସ୍ଥାପନ କରିଥିଲେ। ପିତା Retd. DFO ଶ୍ରୀ ସୁରେଶ ଚନ୍ଦ୍ର ହୋତା ଏବଂ ପ୍ରିୟଜନମାନେ ତାଙ୍କ ଅପରାହ୍ନକୁ ଅପୂରଣୀୟ ହାନି ବୋଲି ମନୁଅଛନ୍ତି। ଅତ୍ୟନ୍ତ ଅଳ୍ପ ବୟସରେ ଅକାଳ ବିୟୋଗ କରିଥିଲେ ସେ, କିନ୍ତୁ ତାଙ୍କ ସଫଳତା ଓ ପାରମ୍ପରିକତା ସବୁବେଳେ ପ୍ରେରଣା ଦେବ। ତାଙ୍କ ପବିତ୍ର ଆତ୍ମା ଶାନ୍ତିଲାଭ କରୁ।

Plot no - 778/1351, Mamata, Lane 2, Durgamadhabnagar

## ମା' ନାଗପାଟ ଭଲିବଲ ଟୁର୍ଣ୍ଣାମେଣ୍ଟ: ମର୍ଦ୍ଦଙ୍ଗ ଚାମ୍ପିଅନ



ତେଲକୋଇ, ୧୪।୧(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟର ହାଲପୋଡ଼ି ଗ୍ରାମ ଖେଳପଡ଼ିଆଠାରେ ମା' ନାଗପାଟ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମର୍ଦ୍ଦଙ୍ଗ ଟିମ ଓ ଜଟ ମଧ୍ୟରେ ପ୍ରତିପକ୍ଷ ଦଳ ଜଟକୁ ୨-୦ ସେଟରେ ପରାସ୍ତ କରି ମର୍ଦ୍ଦଙ୍ଗ ଚାମ୍ପିଅନ ହୋଇଥଲା। ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ଚାରିଗଡ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପ୍ରଧାନ, ବାସବ ରାଜ ପ୍ରଧାନ, ଗ୍ରାମର ବରିଷ୍ଠ ବ୍ୟକ୍ତି ଅରକ୍ଷିତ ପ୍ରଧାନ, ହୃଷୀକେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରେଫରୀ ବାବୁଲାଲ ପ୍ରଧାନ, ସଂଜୟ ପ୍ରଧାନ, ସଂଜୟ ବେହେରା, ଡମ୍ବରୁଧର ପ୍ରଧାନ ପରିଚାଳନା କରିଥିଲେ। ଏହି ଖେଳର ଧାରା ବିବରଣୀ ଦେବାନନ୍ଦ ସାହୁ ଓ ସଜି ସାହୁ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କ୍ଲବର ସଦସ୍ୟ ଜୟନ୍ତ ବେହେରା, ଯଯାତି କେଶରୀ ସାହୁ, ସରୋଜ ମହାନ୍ତି, ରଜତ ପ୍ରଧାନ, ତ୍ରିଲୋଚନ ମହାନ୍ତ, ସିକନ ପ୍ରଧାନ, ଶ୍ରୀତମ ମହାକୁଡ଼, ପାପୁନ ପ୍ରଧାନ, ଗଣେଶ୍ୱର ସାହୁ, ପ୍ରଭାତ ପଟ୍ଟନାୟକ, ଦିପୁ ସାହୁ, ବିଭୂପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବାସୁଦେବ ନାୟକ
ଆବିର୍ଭାବ: ୦୭.୦୮.୧୯୫୩
ତିରୋଧାନ: ୦୫.୦୧.୨୦୨୬

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ତୁମ ପରି ଜଣେ ଜୁଏଲକୁ ହରାଇ ମର୍ମାହତ

ଶୋକ ସନ୍ତପ୍ତ : ପତ୍ନୀ କୌଶଲ୍ୟା, ସାନଭଉଣୀ ଲକ୍ଷ୍ମୀ, ସାନଭାଇ କାଳିଆ, ସାନବୋହୂ ପ୍ରତିମା, ପୁଅ ଚନ୍ଦନ, ପବନ, ଝିଅ ମୁନି, ବୋହୂ ରୀତା, ବିଷ୍ଣୁପ୍ରିୟା, ବାଇଁ ଜଗୃକୃଷ୍ଣ, ବାଇଁ -ସୁନୀଲ ପୁତୁରା ଶେଷଦେବ ପ୍ରମେଶ, ବୁଲୁ, ଝିଆରୀ ରୀତା, ଭଣଜା ଟୁନା ବୀର, ମଦନ, ମୋହନ, ଭାଣେଜି ରମା, ନାତି ବିପିନ, ବୁଟି ଓ ବନ୍ଧୁବାନ୍ଧବ ବର୍ଗ